ISSN-0971-8397

# ଯୋଜନା

ଜାନୁଆରୀ ୨୦୨୦ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

# ପରିବେଶ

## ମୁଖ୍ୟ ପ୍ରସଙ୍ଗ

ୟୁଏନ୍ ଏଫ୍‌ସିସିସି କୋପ୍ ୨୫ରେ ଭାରତ

## ବିଶେଷ ପ୍ରସଙ୍ଗ

କାୟାକଳ୍ପ: ଜନସ୍ୱାସ୍ଥ୍ୟ ସୁବିଧାର ନବକଳେବର
ପ୍ରୀତି ସୁଦନ

ନଗରୀ ସମୂହର ନିରନ୍ତର ପରିଛନ୍ନତା ରକ୍ଷା
ଦୁର୍ଗାଶଙ୍କର ମିଶ୍ର

## ସାକ୍ଷାତକାର

ପ୍ରଫେସର ଏମ୍‌ଏସ୍ ସ୍ୱାମୀନାଥନଙ୍କ ସହ ସାକ୍ଷାତକାର

## ଫୋକସ୍

ପରିବେଶ ଓ ଜଳ: ଏକ ସ୍ଥିତିସ୍ଥାପକ
ରାଷ୍ଟ୍ର ଗଠନରେ ଜନତା ଓ ନୀତିର ଭୂମିକା
ୟୁନିସେଫ୍ ୱାସ୍ ଟିମ୍



# ମିଳିତ ଜାତିସଂଘ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ



୧୩୦ କୋଟି ଭାରତୀୟଙ୍କ ତରଫରୁ ମିଳିତ ଜାତିସଂଘର ୭୪ତମ ଅଧିବେଶକୁ ସମ୍ବୋଧିତ କରିବା ମୋ ପାଇଁ ଅତ୍ୟନ୍ତ ସମ୍ମାନର ବିଷୟ।

ଯେତେବେଳେ ଗୋଟିଏ ବିକାଶଶୀଳ ଦେଶ ବିଶ୍ୱର ସର୍ବବୃହତ୍ ସ୍ୱଚ୍ଛତା ଅଭିଯାନକୁ ସଫଳତାର ସହ କ୍ରିୟାନ୍ୱିତ କରେ- ମାତ୍ର ୫ ବର୍ଷରେ ୧୧ କୋଟିରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରେ- ସେତେବେଳେ ଏହାର ସଫଳତା ଓ ପରିଣାମ ସମଗ୍ର ବିଶ୍ୱ ପାଇଁ ପ୍ରେରଣାର ଏକ ବାର୍ତ୍ତା ପାଲଟିଯାଏ।

ଯେତେବେଳେ ଗୋଟିଏ ବିକାଶନ୍ମୋଖୀ ଦେଶ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରେ- ୫୦ କୋଟି ଜନସାଧାରଣଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ନିଃଶୁଳ୍କ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରେ- ସେତେବେଳେ ଏହାର ସଫଳତା ଓ ସମ୍ବେଦନଶୀଳତା ସମଗ୍ର ବିଶ୍ୱ ପାଇଁ ଏକ ପଥପ୍ରଦର୍ଶକ ସାଜିଥାଏ।

ମୁଁ ଯେତେବେଳେ ଏଠାକୁ ଆସୁଥିଲି ପ୍ରବେଶ ପଥ ପାର୍ଶ୍ୱ କାନ୍ଥରେ ଲେଖାଥିଲା- "ଏକକ ବ୍ୟବହାର ପ୍ଲାଷ୍ଟିକ୍ ଆଉ ନୁହଁ"। ମୁଁ ଖୁସିର ସହ ଏହି ସଭାକୁ କହିବାକୁ ଚାହେଁ ଯେ ମୁଁ ବର୍ତ୍ତମାନ ଯେତେବେଳେ ଆପଣମାନଙ୍କୁ ସମ୍ବୋଧନ କରୁଛି ସେତେବେଳେ ହିଁ ଭାରତକୁ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଏକ ବିରାଟ ଅଭିଯାନ ଆରମ୍ଭ ହୋଇସାରିଛି।

ଆଗାମୀ ୫ ବର୍ଷ ମଧ୍ୟରେ ଜଳ ସଂରକ୍ଷଣ ସୁନିଶ୍ଚିତ କରିବା ସହିତ ଆମେ ୧୫ କୋଟି ଘରକୁ ଜଳ ଯୋଗାଣ ମଧ୍ୟ ସୁନିଶ୍ଚିତ କରିବୁ। ୧୨୫୦୦୦ କିଲୋମିଟର ଲମ୍ବର ନୂଆ ସଡ଼କ ନିର୍ମାଣ ହେବ। ୨୦୨୨ ମସିହା ସୁଦ୍ଧା ଯେତେବେଳେ ଭାରତ ତା'ର ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ କରିବ ଆମେ ଗରିବଙ୍କ ପାଇଁ ୨୦ ନିୟୁତ ଘର ନିର୍ମାଣ କରିବାକୁ ଯୋଜନା କରିଛୁ। ସମଗ୍ର ବିଶ୍ୱ ସ୍ଥିର କରିଛି ୨୦୩୦ ସୁଦ୍ଧା ଯକ୍ଷ୍ମା ରୋଗ ନିର୍ମୂଳ କରିବା ପାଇଁ, ଆମେ କିନ୍ତୁ କାର୍ଯ୍ୟ କରୁଛୁ ୨୦୨୫ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ସକାଶେ।

୩ ହଜାର ବର୍ଷ ତଳେ ଭାରତର ଜଣେ ବିଶିଷ୍ଟ କବି କରିୟାନ୍ ପୁଙ୍ଗୁନ୍-ଦ୍ରାନାର୍, ବିଶ୍ୱର ସର୍ବପୁରାତନ ତାମିଲ୍ ଭାଷାରେ ଲେଖିଥିଲେ- "ୟାଦମ୍, ଉ-ରେ, ୟାଭ୍-ରମ୍ କେ-ରିର୍"। ଏହାର ଅର୍ଥ ହେଉଛି- "ଆମେ ପ୍ରତ୍ୟେକ ସ୍ଥାନର, ପ୍ରତ୍ୟେକ ବ୍ୟକ୍ତିଙ୍କର"। ଏହି ସୀମାରହିତ ଅସ୍ତିତ୍ୱର ଦୃଷ୍ଟିଭଙ୍ଗୀ ହେଉଛି ଭାରତୀୟତାର ଏକ ଅନନ୍ୟ ଦୃଷ୍ଟିଭଙ୍ଗୀ।

ଗତ ୫ ବର୍ଷ ମଧ୍ୟରେ ଦେଶ ଦେଶ ଭିତରେ ଭ୍ରାତୃତ୍ୱ ଭାବ ଆଣିବାର ପ୍ରୟାସ ହେଉଛି ଭାରତର ଏକ ଅତି ପୁରୁଣା ପରମ୍ପରା, ଯାହାକୁ ସେ ଆହୁରି ମଜବୁତ୍ କରିଛି। ଭାରତ ସବୁବେଳେ ବିଶ୍ୱ ମଙ୍ଗଳ ପାଇଁ ପ୍ରୟାସ କରିଆସିଛି। ଏହା ମିଳିତ ଜାତିସଂଘର ଅନ୍ୟତମ ମୁଖ୍ୟ ଆଭିମୁଖ୍ୟ ଅନୁରୂପ। ବିଶ୍ୱସ୍ତରରେ ପ୍ରତ୍ୟେକ ବଡ଼ ବଡ଼ ଆହ୍ୱାନ ଓ ବିଷୟ ସମ୍ପର୍କରେ ଭାରତ ସବୁବେଳେ ସାମୂହିକ ପ୍ରୟାସର ପକ୍ଷଧର ରହିଛି।

ମୁଣ୍ଡପିଛା ବାଷ୍ପ ନିର୍ଗମନ ଦୃଷ୍ଟିରୁ ବିଶ୍ୱ ତାପନ ସୃଷ୍ଟିରେ ଭାରତର ଭୂମିକା ଅତି ଅଳ୍ପ। ତଥାପି ଏହାର ମୁକାବିଲା ପାଇଁ ଭାରତ ସବୁବେଳେ ତତ୍ପର। ଗୋଟିଏ ପଟେ ଆମେ ୪୫୦ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ କାମ କରୁଛୁ ତ ଅନ୍ୟପଟେ ଆନ୍ତର୍ଜାତିକ ସୌର ସଂଗଠନ ପ୍ରତିଷ୍ଠା ଦିଗରେ କାମ କରିଛୁ। ବିଶ୍ୱତାପନର ଅନ୍ୟତମ କୁପରିଣାମ ହେଉଛି ପ୍ରାକୃତିକ ବିପର୍ଯ୍ୟୟର ସାଂଘାତିକ ରୂପ ଓ ସେଗୁଡ଼ିକର ବାରମ୍ବାର ଘଟିବା ଏବଂ ନୂଆ ଅଞ୍ଚଳରେ ଘଟିବା। ଏହି ଦୃଷ୍ଟିରୁ କୋଆଲିସନ୍ ଫର ଡିଜାଷ୍ଟର ରିସିଲିଏଣ୍ଟ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରତିଷ୍ଠା ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବକୁ ପ୍ରତିହତ କରିପାରୁଥିବା ଭିତ୍ତିଭୂମି ନିର୍ମାଣରେ ଏହା ସାହାଯ୍ୟ କରିବ।

ବିଶ୍ୱର ସ୍ୱରୂପ ପରିବର୍ତ୍ତିତ ହେଉଛି। ସାମାଜିକ, ବ୍ୟକ୍ତିଗତ, ଆର୍ଥିକ, ସୁରକ୍ଷାଗତ, ଯୋଗାଯୋଗ ଓ ଆନ୍ତର୍ଜାତିକ ସମ୍ପର୍କ ଆଦି କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟାପକ ପରିବର୍ତ୍ତନ ଆଣିଛି। ନିଜ ନିଜ ପରିଧି ମଧ୍ୟରେ ଆମେ ନିଜକୁ ସଂକୁଚିତ କରି ରଖିବା ମଧ୍ୟ ଅନୁଚିତ୍। ଏଭଳି ସମୟରେ ଆମେ ଆମର ଶକ୍ତି ଉପଯୋଗ କରି ମିଳିତ ଜାତିସଂଘ ଓ ବହୁବିଧତାକୁ ସଶକ୍ତ କରିବା ଉଚିତ୍। ୧୨୫ ବର୍ଷ ତଳେ ପ୍ରଖ୍ୟାତ ଧାର୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦ ଚିକାଗୋ ଠାରେ ବିଶ୍ୱ ଧର୍ମ ସଂସଦ ମାଧ୍ୟମରେ ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇଥିଲେ- "ସମନ୍ୱୟ ଓ ଶାନ୍ତି... ମନାନ୍ତର ନୁହଁ"। ଆଜି ଆନ୍ତର୍ଜାତିକ ସମୁଦାୟ ପାଇଁ ବିଶ୍ୱର ବୃହତ୍ତମ ଗଣତନ୍ତ୍ର ପକ୍ଷରୁ ସେହି ସମାନ ବାର୍ତ୍ତା- "ସମନ୍ୱୟ ଓ ଶାନ୍ତି"।

ଜାନୁଆରୀ ୨୦୨୦

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା

ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ରାଜେନ୍ଦ୍ର ଭଟ୍ଟ

ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ସପ୍ତବିଂଶ ବର୍ଷ / ଚତୁର୍ଥ ସଂଖ୍ୟା


## ଏ ସଂଖ୍ୟାରେ...


| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ମୁଖ୍ୟ ପ୍ରସଙ୍ଗ<br>ୟୁଏନ୍ ଏଫ୍‌ସିସିସି କୋପ୍ ୨୫ରେ ଭାରତ | ୫ |
| ବିଶେଷ ପ୍ରସଙ୍ଗ<br>କାୟାକଳ୍ପ: ଜନସ୍ୱାସ୍ଥ୍ୟ ସୁବିଧାର ନବକଳେବର<br>*ପ୍ରୀତି ସୁଦନ* | ୮ |
| ନଗରୀ ସମୂହର ନିରନ୍ତର ପରିଚ୍ଛନ୍ନତା ରକ୍ଷା<br>*ଦୁର୍ଗାଶଙ୍କର ମିଶ୍ର* | ୧୦ |
| ସାକ୍ଷାତକାର<br>ପ୍ରଫେସର ଏମ୍‌ଏସ୍ ସ୍ୱାମୀନାଥନଙ୍କ ସହ ସାକ୍ଷାତକାର | ୧୬ |
| ଫୋକସ୍<br>ପରିବେଶ ଓ ଜଳ: ଏକ ସ୍ଥିତିସ୍ଥାପକ<br>ରାଷ୍ଟ୍ର ଗଠନରେ ଜନତା ଓ ନୀତିର ଭୂମିକା<br>*ୟୁନିସେଫ୍ ୱାସ୍ ଟିମ୍* | ୨୧ |
| ବିପର୍ଯ୍ୟୟ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ<br>ଯୋଗାଯୋଗ କ୍ଷେତ୍ରରେ କମ୍ୟୁନିଟି ରେଡିଓର ଭୂମିକା<br>*ନୁତି ନମିତା* | ୨୯ |
| କାର୍ବନ ଫୁଟ୍ ପ୍ରିଣ୍ଟର ପ୍ରଶମନ<br>*ଡ. ଟି.ଭି. ରାମଚନ୍ଦ୍ର, ଭରତ ସେଟ୍ଟୁର ଓ ଭରତ ଅଇଠାଳ* | ୩୩ |
| ବିକାଶ ଓ ପରିବେଶ: ଉତ୍ତମ ସମନ୍ୱୟ ରକ୍ଷା<br>*ଡ. ଏସ.ସି. ଲାହିରୀ* | ୩୮ |
| କୃଷିକ୍ଷେତ୍ରରେ ନାଗରିକ ସମାଜର ଉନ୍ନତ ପଦକ୍ଷେପ<br>*ଚନ୍ଦ୍ରଶେଖର ରାଓ ନୁଥାଲାପତି* | ୪୩ |
| ଇଲେକ୍‌ଟ୍ରୋନିକ୍ ବର୍ଜ୍ୟ ପରିଚାଳନା<br>*ମଞ୍ଜୁଳା ୱାଧ୍ୱା* | ୪୭ |
| କୋଠା ଓ ସଡ଼କ ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକ୍<br>*ଡକ୍ଟର ଅଶୋକ ଜୀ ମାଟାନି* | ୫୧ |
| ସାମ୍ପ୍ରତିକୀ | ୫୩ |
| ଆପଣ ଜାଣନ୍ତି କି ? | ୫୪ |



**Editor**
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207



ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...




# କାର୍ଯ୍ୟ କରିବାର ସମୟ

ଲଗାତାର ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣର ବିପଦଜ୍ଜନକ ସ୍ତର, ଭୂଜଳ ପ୍ରଦୂଷଣ, ନିମ୍ନଗାମୀ ଭୂଜଳସ୍ତର, ସମୁଦ୍ର ଜଳପତନ ବୃଦ୍ଧି ଓ ପ୍ଲାଷ୍ଟିକ ପ୍ରଦୂଷଣ ଆଦି ସମସ୍ୟା ଆମ ପରିବେଶକୁ ଅତ୍ୟନ୍ତ ଭାବେ ଚାପଗ୍ରସ୍ତ କରିଛି । ଏସବୁ ସମସ୍ୟା ଆମ ସହରୀ ଜୀବନର ନିଷ୍ଠୁର ସତ୍ୟଭାବେ ଉଭା ହୋଇଛି ।

ଏହା ଦ୍ୱାରା ଆମ ମଧ୍ୟରୁ ପ୍ରତ୍ୟେକ କୌଣସି ନା କୌଣସିଭାବେ ପ୍ରଭାବିତ । ବନ୍ୟା, ମରୁଡ଼ି, ଜଳଚକ୍ରରେ ଅକସ୍ମାତ ପରିବର୍ତ୍ତନ, ଫସଲଚକ୍ର ପରିବର୍ତ୍ତନ ଓ ଉପକୂଳ ଅଞ୍ଚଳ ସଙ୍କୁଚନ ଭଳି ଘଟଣାଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ବିପଦ ସଙ୍କେତ ।

ଦଶନ୍ଧି ଦଶନ୍ଧି ଧରି ଯେଉଁ ପରିବେଶ ପ୍ରଦୂଷଣ ଘଟି ଚାଲିଛି, ଏହା ଦ୍ୱାରା ଆମ ଜୀବନଜୀବିକା, ସ୍ୱାସ୍ଥ୍ୟ, ଏପରିକି ପ୍ରଗତି ଓ ବିକାଶର ସମସାମୟିକ ଚିନ୍ତାଧାରା ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲାଗିସାରିଛି । ଧାରଣ କ୍ଷମତା ଓ ବିକାଶ ପରସ୍ପରର ପରିପୂରକ । ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ଅଭାବରେ ପରିବେଶ ଚାପ ଯୁକ୍ତ ହେଉଛି । ଏକକ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଏହାର ଏକ ଜ୍ୱଳନ୍ତ ଉଦାହରଣ । ପରିବେଶ ପ୍ରଦୂଷଣର ସିଧାସଳଖ ପ୍ରଭାବ ରହିଛି ଅର୍ଥନୀତି ଉପରେ ଏହି ପରିସ୍ଥିତି ଉଭୟ ଏକ ସମସ୍ୟା ଓ ଆହ୍ୱାନ ମଧ୍ୟ ।

ବର୍ତ୍ତମାନର ପରିବେଶ ପ୍ରଦୂଷଣ ପରିପ୍ରେକ୍ଷୀରେ କୁହାଯାଇପାରେ– ଆପଣା ହସ୍ତେ ଜିହ୍ୱା ଛେଦି । ଆମର ସମସାମୟିକ କାର୍ଯ୍ୟ ଦ୍ୱାରା ପରିବେଶ ପ୍ରଦୂଷିତ ହୁଏ– ଧନୀ ଗରିବ ମଧ୍ୟରେ ଏହା ବାଛବିଚାର କରେ ନାହିଁ । ଏହି ସମସ୍ୟାର ସମାଧାନ ପାଇଁ ସ୍ପେନ୍‌ର ମାଦ୍ରିଦ୍‌ରେ ନିକଟ ଅତୀତରେ ଅନୁଷ୍ଠିତ ମିଳିତ ଜାତିସଂଘ 'ଫ୍ରେମ୍‌ୱାର୍କ କନଭେନ୍‌ସନ୍ ଅନ୍ କ୍ଲାଇମେଟ ଚେଞ୍ଜ' ଅଧିନସ୍ଥ କନ୍‌ଫରେନ୍ସ ଅଫ୍ ପାର୍ଟିସ୍ ବା CoP-25 ଥିଲା ଏକ ବିରାଟ ସମ୍ଭାବନା । ସମଗ୍ର ବିଶ୍ୱ ଏବେ ଏହି ସମସ୍ୟାର ସମାଧାନ ପାଇଁ ସହମତି ଆଡକୁ ଅଗ୍ରସର ହେଉଛି ।

ପରିବେଶ ବିଷୟକୁ ନେଇ ଭାରତ ନିଜର ନେତୃତ୍ୱ ଓ ପ୍ରତିବଦ୍ଧତା ପ୍ରମାଣିତ କରିଆସୁଛି । ପ୍ୟାରିସ୍ ବୁଝାମଣା ଅନୁଯାୟୀ ନବୀକରଣୀୟ ଶକ୍ତି ଉତ୍ପାଦନର ଲକ୍ଷ୍ୟପୂରଣ, ଯାନବାହନର ଧୂଆଁ ନିର୍ଗମନ ନିୟମ ପାଳନ, ଇଲେକ୍‌ଟ୍ରିକ୍ ଯାନବାହନ, କୋଆଲିସନ୍ ଫର ଡିଜାଷ୍ଟର ରିସିଲିଏଣ୍ଟ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଓ ଆର୍ନ୍ତଜାତିକ ସୌର ଗୋଷ୍ଠୀ ହେଉଛି ଏହାର ଗୋଟିଏ ଗୋଟିଏ ଉଦାହରଣ ।

ପରିବେଶ ସମ୍ବନ୍ଧୀୟ ଅନେକ ବିଷୟ ଉପରେ ଯୋଜନାର ଏହି ସଂସ୍କରଣରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଆମର ସୌଭାଗ୍ୟ ଯେ, ଏହି ସଂସ୍କରଣରେ ଆମେ ଏମ୍.ଏସ. ସ୍ୱାମୀନାଥନ୍‌ଙ୍କ ଦୃଷ୍ଟିଭଙ୍ଗୀକୁ ମଧ୍ୟ ସ୍ଥାନ ଦେଇଛୁ । ପ୍ରଫେସର ସ୍ୱାମୀନାଥନ୍ ୧୯୬୦ ଦଶକରୁ 'ଯୋଜନା' ପାଇଁ ତାଙ୍କ ଲେଖା ପଠାଇ ଆସୁଛନ୍ତି । ଏଥିରେ ପ୍ରକାଶିତ ସାକ୍ଷାତକାରରେ ସେ ଧାରଣକ୍ଷମ କୃଷି ଓ ପରିବେଶ ପରବର୍ତ୍ତନ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଦେଇଛନ୍ତି ।

ପରିବେଶ ଆଜି ଚାପଗ୍ରସ୍ତ ହେବା ସହ ଏହାର ସୀମା ଛୁଇଁଲାଣି । ଭବିଷ୍ୟତ ପିଢୀ ପାଇଁ ଏକ ଉଜ୍ଜଳ ଭବିଷ୍ୟତ ସୁନିଶ୍ଚିତ କରିବା ସକାଶେ ଆମକୁ ମିଳିତ ଭାବେ କାମ କରିବାକୁ ପଡିବ । ଆମକୁ ଏଭଳି ଏକ ଜୀବନଚର୍ଯ୍ୟା ସୁନିଶ୍ଚିତ କରିବାକୁ ପଡିବ, ଯାହା ଧାରଣକ୍ଷମ ହୋଇଥିବ, ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ସମ୍ବଳ ଥିବ, ପରିବେଶ ଅନୁକୂଳ ବିକାଶ ହେଉଥିବ, ଜୀବଜନ୍ତୁ ବୃକ୍ଷଲତା ସୁରକ୍ଷିତ ଥିବେ ଓ ଜଳବାୟୁ ମଣିଷ ସମେତ ସମସ୍ତ ଜୀବଜନ୍ତୁଙ୍କ ପାଇଁ ବ୍ୟବହାର ଉପଯୋଗୀ ହୋଇଥିବ ।

ଗାନ୍ଧିଜୀ ଥରେ କହିଥିଲେ ଯେ, ମନୁଷ୍ୟର ଲୋଭ ସନ୍ତୁଷ୍ଟି ପାଇଁ ନୁହେଁ ବରଂ ତା'ର ଆବଶ୍ୟକତା ପୂରଣ ପାଇଁ ପୃଥିବୀ ପାଖରେ ଯଥେଷ୍ଟ କିଛି ରହିଛି । ଯୋଜନାର ଏହି ସଂସ୍କରଣ ଗାନ୍ଧୀଜୀଙ୍କ ସେହି କଥାଟିକୁ ସ୍ମରଣ ପକାଇ ଦେଉଛି । ଏହା ହେଉଛି କାର୍ଯ୍ୟ କରିବାର ସମୟ ।

### ମୁଖ୍ୟ ପ୍ରସଙ୍ଗ

# ୟୁଏନ୍ ଏଫ୍‌ସିସିସି କୋପ୍ ୨୫ରେ ଭାରତ

ଜାତିସଂଘ ଆନୁକୂଲ୍ୟରେ ସ୍ପେନ୍‌ର ମାଦ୍ରିଦ୍‌ଠାରେ ୨୦୧୯ ଡିସେମ୍ବର ୨୫ ତାରିଖରେ ଅନୁଷ୍ଠିତ ବିଶ୍ୱ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ୟୁଏନ୍ ଏଫ୍‌ସିସିସି କୋପ୍ ୨୫)ରେ ଭାରତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଓ୍ୱଡ଼େକର ଭାରତର ଦୃଷ୍ଟିକୋଣ ଉପସ୍ଥାପିତ କରିଥିଲେ। ତାହାର ମୁଖ୍ୟାଂଶ ନିମ୍ନରେ ପ୍ରଦାନ କରାଯାଇଛି।

"ଅଧ୍ୟକ୍ଷା ମହୋଦୟା ଓ ଉପସ୍ଥିତ ଭଦ୍ରମଣ୍ଡଳୀ। ପ୍ରାରମ୍ଭରେ ମୁଁ ମହାତ୍ମା ଗାନ୍ଧୀଙ୍କ ଏକ ଉକ୍ତି ଉଦ୍ଧାର କରିବାକୁ ଚାହୁଁଛି। ସେ କହିଥିଲେ, "ଆମର ବର୍ତ୍ତମାନର କାର୍ଯ୍ୟ ଉପରେ ଭବିଷ୍ୟତ ନିର୍ଭର କରୁଛି।" ଖୁବ୍ କମ୍ ସମୟ ମଧ୍ୟରେ କୋପ୍ ୨୫ ସମ୍ମିଳନୀ ଚମତ୍କାର ଭାବେ ଆୟୋଜିତ ହୋଇଥିବାରୁ ମୁଁ ସ୍ପେନ୍ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରୁଛି। ଆଉ ମଧ୍ୟ 'କୋପ୍'ର ଏକ ସଫଳ ସମାବେଶ ଭବିଷ୍ୟତରେ ଆୟୋଜନ ପାଇଁ ଚିଲି ସରକାରଙ୍କୁ ସବୁମନ୍ତେ ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଉଛି।

ଜଳବାୟୁ ପରିବର୍ତ୍ତନ ବାସ୍ତବ ରୂପ ନେଇଛି। ଏହାର ମୁକାବିଲା ପାଇଁ ପ୍ୟାରିସ୍‌ରେ ଅନୁଷ୍ଠିତ ଏକ ଆନ୍ତର୍ଜାତିକ ସମ୍ମିଳନୀରେ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି। ତେଣୁ ପ୍ୟାରିସ୍ ଚୁକ୍ତିକୁ ଆସନ୍ତୁ ସର୍ବାନ୍ତକରଣରେ ପାଳନ କରିବା ଏବଂ ଏଥିରେ ଯେପରି କୌଣସି ଅବହେଳା ନ'ହୁଏ ସେଥିପ୍ରତି ଦୃଷ୍ଟି




ଦେବା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଯେଉଁ ଅସୁବିଧା ଦେଖାଦେଇଛି ତାହାକୁ ଦୂର କରିବା ଆମର କାମ। ଅସୁବିଧାକୁ ସୁବିଧାରେ ପରିଣତ କରିବାକୁ ଆସନ୍ତୁ ପୂର୍ଣ୍ଣ ପ୍ରାଣରେ ଲାଗି ପଡ଼ିବା।

ପ୍ୟାରିସ୍ ରାଜିନାମା ଅନୁସାରେ ଭାରତ ତାହାର ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ହ୍ରାସ କରୁଛି। ୨୦୨୫ ସୁଦ୍ଧା ଏହାକୁ ଜିଡିପିର ୩୫% ସ୍ତରକୁ ହ୍ରାସ କରିବାର ଯେଉଁ ଲକ୍ଷ୍ୟ ଭାରତ ରଖିଥିଲା ଏବେ ସେଥିରେ ୨୧ ଶତାଂଶ ସଫଳତା ହାସଲ କରିପାରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ ସମ୍ମିଳନୀରେ ୧୭୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ଘୋଷଣା କରିଥିଲେ। ସେଥିମଧ୍ୟରୁ ଭାରତ ଏଯାବତ ୮୩ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ସମର୍ଥ ହୋଇଛି। ଅକ୍ଷୟ ଶକ୍ତି ପ୍ରଦୂଷଣମୁକ୍ତ ଓ ପରିବେଶ ଅନୁକୂଳ ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏହି ଲକ୍ଷ୍ୟକୁ ୪୫୦ ଗିଗାୱାଟ୍‌କୁ ବୃଦ୍ଧି କରିଥିଲେ। ତାହାକୁ ପୂରଣ କରିବା ପାଇଁ ଆମେ ସୌର, ଜୈବ ଗ୍ୟାସ ଓ ପବନ ଶକ୍ତିରୁ ଉର୍ଜା ଉତ୍ପାଦନ ପାଇଁ ଉଦ୍ୟମ ଜାରି ରଖିଛୁ। ଆମେ କୋଇଲା ଉତ୍ପାଦନ ଉପରେ ଟନ୍ ପିଛା ୬ ଡଲାର ହିସାବରେ ଅଙ୍ଗାର (କାର୍ବନ) ଟିକସ ଲାଗୁ କରିଛୁ। ଭାରତର ସଂସଦରେ ୩୬ଟି ଦଳର ପ୍ରତିନିଧିତ୍ୱ ଥିବା ସତ୍ତ୍ୱେ

## 'ବେସିକ୍' ମନ୍ତ୍ରୀସ୍ତରୀୟ ମିଳିତ ବିବୃତିର ମୁଖ୍ୟାଂଶ

ବ୍ରାଜିଲ, ଭାରତ, ଦକ୍ଷିଣ ଆଫ୍ରିକା ଓ ଚୀନକୁ ନେଇ ଗଠିତ ସଂଗଠନ 'ବେସିକ୍' ପକ୍ଷରୁ ମାଦ୍ରିଦ କୋପ୍ ୨୫ ଶିଖର ସମ୍ମିଳନୀରେ ଯେଉଁ ମିଳିତ ବିବୃତି ଜାରି କରାଯାଇଥିଲା ତାହାର ମୁଖ୍ୟାଂଶ ତଳେ ପ୍ରଦାନ କରାଯାଉଛି।

୧) ମାଦ୍ରିଦ୍ କୋପ୍-୨୫ ଅବସରରେ 'ବେସିକ୍'ର ଏକ ବୈଠକ ଚୀନର ପରିବେଶ ମନ୍ତ୍ରୀ ଝାଓ ଇଙ୍ଗ୍ ମିନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ପରିବେଶମନ୍ତ୍ରୀ ପ୍ରକାଶ ଜାଓ୍ୱଡ଼େକରଙ୍କ ସମେତ ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାର ପରିବେଶ ମନ୍ତ୍ରୀ ଦ୍ୱୟ ମଧ ଭାଗ ନେଇଥିଲେ।

୨) 'ବେସିକ୍' ମନ୍ତ୍ରୀଗଣ ପ୍ୟାରିସ ଜଳବାୟୁ ଚୁକ୍ତିର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସହ ୨୦୨୦ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ପାଇଁ ଏକ ପରିବେଶ କ୍ରିୟାନୁଷ୍ଠାନ ରାଜିନାମା ଉପରେ ଗୁରୁତ୍ୱ ଦେଇଥିଲେ। ୨୦୨୦ ପୂର୍ବବର୍ତ୍ତୀ ଜଳବାୟୁ ପରିବର୍ତ୍ତନ ମୁକାବିଲା କାର୍ଯ୍ୟକ୍ରମକୁ ଏକ ମାନଦଣ୍ଡ ଭାବେ ଗ୍ରହଣ କରି ନୂଆ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ବେସିକ୍ ମନ୍ତ୍ରୀମାନେ ପ୍ରସ୍ତାବ ଦେଇଥିଲେ। ଏ କ୍ଷେତ୍ରରେ ମିଳିତ ସହଯୋଗ, ବହୁପାକ୍ଷିକ ସଂପୃକ୍ତି, ନୂତନ ପ୍ରଯୁକ୍ତିର ବିକାଶ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା।

୩) ଏହି ବୈଠକରେ ପାଞ୍ଚଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇ ତାହାକୁ ହାସଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେଗୁଡ଼ିକ ହେଲା-

- ପ୍ୟାରିସ୍ ଚୁକ୍ତିର ଧାରା-୬ ଉପରେ ଆଲୋଚନା ଶେଷ କରି ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା।

- ଜାତିସଂଘର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଥିବା ସଂଗଠନ ଏସ୍‌ବିଆଏକୁ ୨୦୨୦ ପ୍ରାକ୍ କାର୍ଯ୍ୟକ୍ରମର ସମୀକ୍ଷା କରି ରିପୋର୍ଟ ପ୍ରଦାନ ସହ ଏ କ୍ଷେତ୍ରରେ ଥିବା ବ୍ୟବଧାନକୁ ଦୂର କରିବାକୁ ଦୁଇ ବର୍ଷ ସମୟ ପ୍ରଦାନ।

- ଅର୍ଥ, ସାଧନ ଓ ଟେକ୍‌ନୋଲୋଜି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ବିକଶିତ ରାଷ୍ଟ୍ରଙ୍କୁ ସେମାନଙ୍କର ଅଙ୍ଗୀକାର ରକ୍ଷା ପାଇଁ ପ୍ରବର୍ତ୍ତାଇବା ସହ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଦକ୍ଷତା ବୃଦ୍ଧି ଓ ସାମର୍ଥ୍ୟ ନିର୍ମାଣ ନିମନ୍ତେ ସାହାଯ୍ୟ ସହଯୋଗ କରିବା।

- ପ୍ୟାରିସ୍ ରାଜିନାମାକୁ ଯଥାର୍ଥ ଭାବେ ତର୍ଜମା କରି ଏହାକୁ ସର୍ବାନ୍ତକରଣରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବା।

୪) ଜଳବାୟୁ ପରିବର୍ତ୍ତନ ଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ୟାରିସ୍ ରାଜିନାମାର ଯେଉଁସବୁ ସର୍ତ୍ତ ରହିଛି ସେଥିରେ ଯେପରି ବ୍ୟତିକ୍ରମ ନ'ହୁଏ ସେଥିପାଇଁ ମନ୍ତ୍ରୀଗଣ ବିଭିନ୍ନ ଧାରାର ଆଲୋଚନା କରିଥିଲେ। ଏଥିରେ ଘରୋଇ ଉଦ୍ୟୋଗକୁ ସାମିଲ କରିବା ସହ ଚୁକ୍ତି ପରିପାଳନରେ କୌଣସି ପାତର ଅନ୍ତର ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀମାନେ ଏକମତ ହୋଇଥିଲେ।

୫) ଟେକ୍‌ନୋଲୋଜି ଟ୍ରାନ୍ସଫର କ୍ଷେତ୍ରରେ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ଯେପରି ତାଳମେଳ ଓ ଭାରସାମ୍ୟ ରହେ ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କ୍ଲାଇମେଟ୍ ଫାଇନାନ୍ସ ଟେକ୍‌ନୋଲୋଜି ଟ୍ରାନ୍ସଫର ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ସଂକ୍ରାନ୍ତ କାର୍ଯ୍ୟକ୍ରମର ରୂପାୟନ ଏଥିରେ ଗୁରୁତ୍ୱ ପାଇଥିଲା।

୬) କାର୍ଯ୍ୟକ୍ରମ ରୂପାୟନର ସମୟଭିତ୍ତିକ ସମୀକ୍ଷା କରିବା ସହ ଏ କ୍ଷେତ୍ରରେ ବିକାଶଶୀଳ ରାଷ୍ଟ୍ରଙ୍କ ଉପରେ କୌଣସି ଅବାସ୍ତବ ବୋଝ ବା ଚାପ ପ୍ରୟୋଗ ନ'କରିବାକୁ ମନ୍ତ୍ରୀଗଣ ଏକମତ ହୋଇଛନ୍ତି। ଏ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାବଳୀର ସମାଧାନ ପାଇଁ ଆଲୋଚନା ପୂର୍ବକ ବିକଶିତ ରାଷ୍ଟ୍ରମାନେ ଏଥିରେ ସହଯୋଗ କରିବାକୁ ଏହି ବୈଠକରେ ପ୍ରସ୍ତାବଗୃହୀତ ହୋଇଛି।

୭) ଜାତିସଂଘର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ସଂସ୍ଥା ଦ୍ୱାରା ବିଭିନ୍ନ ଦେଶର ଏ କ୍ଷେତ୍ରର ପଦକ୍ଷେପର ସମୀକ୍ଷା, ମଡେଲ ନିର୍ଦ୍ଧାରଣ, ଗୋଟିଏ ଦେଶର ସଫଳତାର ସୂତ୍ର ଅନ୍ୟତ୍ର ପ୍ରୟୋଗ ଏବଂ ଏ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

୮) ବେସିକ୍ ରାଷ୍ଟ୍ରସମୂହ ଜଳବାୟୁ ସଂକ୍ରାନ୍ତ ମହଦାକାଂକ୍ଷୀ ଯୋଜନାମାନ କାର୍ଯ୍ୟକାରୀ କରୁଥିବାରୁ ବିଭିନ୍ନ ଘରୋଇ ସମସ୍ୟାର ସମ୍ମୁଖୀନ। ଏହା ସତ୍ତ୍ୱେ ଏ କ୍ଷେତ୍ରରେ ସେମାନଙ୍କର ଅବଦାନ ଆନ୍ତର୍ଜାତିକ କ୍ଷେତ୍ରକୁ ଉଲ୍ଲେଖନୀୟ ରହିଛି। ଏଭଳି ସ୍ଥିତିରେ ସେମାନଙ୍କ ଉପରେ ଚାପ ପକାଇବା ଅଥବା ବାଧ୍ୟ କରିବାକୁ ବୈଠକରେ ବିରୋଧ କରାଯାଇଛି। ଏହି ରାଷ୍ଟ୍ର ସମୂହ ଇତିମଧ୍ୟରେ ସେମାନଙ୍କର କ୍ଲାଇମେଟ୍ ପଲିସି ଚୂଡ଼ାନ୍ତ କରି ତାହାକୁ କାର୍ଯ୍ୟକାରୀ କରୁଥିବାରୁ ଆନ୍ତର୍ଜାତିକ ସହଯୋଗର ଆବଶ୍ୟକତା ରହିଛି। ବିକଶିତ ରାଷ୍ଟ୍ର ଓ ଆନ୍ତର୍ଜାତିକ ସଂଗଠନ ସମୂହ ଏ କ୍ଷେତ୍ରରେ ଆବଶ୍ୟକ ସାହାଯ୍ୟ ସହଯୋଗ କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି।

*ତଥ୍ୟ - ପିଆଇବି*

ଆମେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରିବାରେ ସଫଳ ହୋଇଛୁ।

ଶତପ୍ରତିଶତ ଜୈବ ଇନ୍ଧନରେ ଏକ ଯାତ୍ରୀବିମାନ ଉଡ଼ାଣ କରିବା ଭାରତର ଏକ ପ୍ରମୁଖ ଖବର ପାଲଟିଥିଲା। ୨୦୩୦ସୁଦ୍ଧା ପେଟ୍ରୋଲରେ ୨୦ ଶତାଂଶ ଏଥନଲ ମିଶ୍ରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଆମେ ଭାରତ ଷ୍ଟାଣ୍ଡାର୍ଡ-୪ ରୁ ଷ୍ଟାଣ୍ଡାର୍ଡ-୬କୁ ଲମ୍ଫ ପ୍ରଦାନ କରି ମୋଟରଗାଡ଼ିଗୁଡ଼ିକ ପାଇଁ ନୂଆ ଅଙ୍ଗାରକାମ୍ଳ ନିର୍ଗମନ ନୀତି ଧାର୍ଯ୍ୟ କରିଛୁ। ଏହା ୨୦୨୦ ଏପ୍ରିଲ ପହିଲାରୁ କର୍ଯ୍ୟକାରୀ ହେବ। ସବୁ ଯାନ ଭାରତରେ ବିଏସ୍-୬ ନୀତି ପାଳନ କରିବେ।

ଭାରତର ଘରେ ଘରେ ଇତିମଧ୍ୟରେ ୩୬କୋଟି ଏଲ୍ଇଡି ବଲ୍ ଲଗାଯାଇ ସାରିଛି। ଏକ କୋଟି ଷ୍ଟ୍ରୀଟ୍ ଲାଇଟ୍‌କୁ ବଦଳାଯାଇ ଏଲଇଡି ଲାଇଟ୍ ଲଗାଯାଇଛି। ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାରକୁ ଲୋକପ୍ରିୟ କରିବା ପାଇଁ ବିଭିନ୍ନ ପ୍ରକାର ପ୍ରୟାସ ଆରମ୍ଭ ହୋଇଛି। ପ୍ରଦୂଷଣକାରୀ କାଠଚୁଲା ପରିବର୍ତ୍ତେ ଗ୍ୟାସ୍ ଚୁଲା ବ୍ୟବହାର କରିବାକୁ ଭାରତ ସରକାର ଇତିମଧ୍ୟରେ ଆଠକୋଟି ପରିବାରକୁ ଏଲ୍‌ପିଜି ସଂଯୋଗ ଦେଇଛନ୍ତି। ଆମ କୁଲିଙ୍ଗ୍ ଆକ୍ସନ ପ୍ଲାନ (ଶୀତଳିକରଣ କାର୍ଯ୍ୟକ୍ରମ) ଓ ନୂଆ ଟେକ୍‌ନୋଲୋଜିର ବ୍ୟବହାର ଯୋଜନା ନିର୍ଦ୍ଧାରିତ ମାର୍ଗରେ ଉଲ୍ଲେଖନୀୟ ଭାବେ ଆଗେଇ ଚାଲିଛି। ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ଠିକ୍ ସମୟରେ ପୂରଣ କରିବା ନେଇ ଆମେ ଆଶାବାଦୀ।

ସବୁଜ କ୍ଷେତ୍ର ଓ ବନାନୀ ସୃଷ୍ଟି କରି ଆମେ ଅତିରିକ୍ତ ୨.୫ ରୁ ୩ ବିଲିୟନ ଟନ୍ କ୍ଷମତା ବିଶିଷ୍ଟ କାର୍ବନ ସିଙ୍କ୍ (ଅଙ୍ଗାରକାମ୍ଳ ଶୋଷଣ ବ୍ୟବସ୍ଥା) ତିଆରି କରିବାର ଯେଉଁ ଲକ୍ଷ୍ୟ ରଖିଥିଲୁ ତାହା ମଧ୍ୟ ସନ୍ତୋଷଜନକ ଭାବେ ଆଗେଇ ଚାଲିଛି। ଗତ ପାଞ୍ଚବର୍ଷ ମଧ୍ୟରେ ଭାରତର ସବୁଜିମା ଆୟତନ ୧୫ହଜାର ବର୍ଗ କି.ମି. ବଢ଼ିଛି। ଏହି ବନାନୀ ଓ ସବୁଜିମା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷିବାରେ ବିଶେଷ ସହାୟକ ହେବ। ସହରାଞ୍ଚଳ ଜଙ୍ଗଲ, ସ୍କୁଲ ନର୍ସରୀ, କୃଷି ଜଙ୍ଗଲ ମାନ ସୃଷ୍ଟି କରିବା ସହ ଆମେ ଜଙ୍ଗଲାଞ୍ଚଳରେ ଜଳ ସଂରକ୍ଷଣ ଓ ପଶୁଖାଦ୍ୟ ଉତ୍ପାଦନ ପାଇଁ ନୂଆ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରୁଛୁ।

ଜଳବାୟୁ ପରିବର୍ତ୍ତନର ମୁକାବିଲାକୁ ଭାରତ ଅଗ୍ରାଧିକାର ଦେଇ ଏହାକୁ ନିଜର ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କରିଛି। ସେଥିପାଇଁ ଜଳ ସଂରକ୍ଷଣ କ୍ଷେତ୍ରରେ ଭାରତ ୫୦ ନିୟୁତ ଡଲାର ବିନିଯୋଗ କରୁଛି। ୨୦୩୦ ସୁଦ୍ଧା ୨୬ ନିୟୁତ ହେକ୍ଟର ଜମିରେ ବନୀକରଣ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି ଓ ସେ ଦିଗରେ କାମ ଆଗେଇ ଚାଲିଛି। ଦିଲ୍ଲୀରେ ଅନୁଷ୍ଠିତ ଚତୁର୍ଦ୍ଦଶ କୋପ୍ ସମ୍ମିଳନୀ ଅବସରରେ ଭାରତ ଏହି ଲକ୍ଷ୍ୟ ଘୋଷଣା କରିଥିଲା। ମରୁଭୂମିର ସମ୍ପ୍ରସାରଣ ରୋକିବାକୁ ଭରତର ଏହା ଏକ ଅଭିଳାଷୀ ପ୍ରକଳ୍ପ। ଏହା ବିଶ୍ୱର ସବୁଠୁ ବଡ଼ଧରଣର ଏ ପ୍ରକାର କାର୍ଯ୍ୟକ୍ରମ। ସେଇଭଳି ୟୁରିଆ ସାରକୁ ୧୦୦ ପ୍ରତିଶତ ନିମ ଆବରଣ (କୋଟିଂ) କରାଯାଉଛି। ଫଳରେ ଏହାର ରାସାୟନିକ କ୍ରିୟାରୁ ଆଉ ଅଙ୍ଗାରକାମ୍ଳ ନିର୍ଗତ ହେବ ନାହିଁ ଏବଂ ଜମିର ଉର୍ବରତା ବଢ଼ିବ।

ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ପାଇଁ ଟେକ୍‌ନୋଲୋଜିର ବିକାଶ ଓ ସୁଲଭ ମୂଲ୍ୟରେ ଏହାର ଯୋଗାଣ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହା ଫଳରେ ଏସବୁର ଅଧିକରୁ ଅଧିକ ଉପଯୋଗ ହେବା ସହିତ ପ୍ରଦୂଷଣକୁ ନିୟନ୍ତ୍ରିତ କରିହେବ। ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପୃଥିବୀ ଗଠନ ସମ୍ଭବ ହୋଇପରିବ। ଆମେ ଯେତେବେଳେ ବିପତ୍ତି ସହିତ ଲଢ଼େଇ କରୁଛେ ତାହାର ସୁଯୋଗ ନେଇ କେହି ଏଥିରୁ ଲାଭ ଉଠାଇବା ଅନୁଚିତ। ତେଣୁ ମୋର ପ୍ରସ୍ତାବ ହେଲା ପରିବେଶ ଅନୁକୂଳ ଟେକ୍‌ନୋଲୋଜିର ବିକାଶ ପାଇଁ ମିଳିତ ଗବେଷଣା ଓ ସହଯୋଗର ବାତାବରଣ ସୃଷ୍ଟି ହେଉ। ଏଥିପାଇଁ ଧନୀ ଓ ବିକଶିତ ଦେଶମାନେ ଉଦାରଭାବେ ଅର୍ଥ ସହାୟତା ଯୋଗାଇଦିଅନ୍ତୁ। ତେବେ ଯାଇ ଆମ ପୃଥିବୀ ନିରାପଦ ଓ ବାସ ଉପଯୋଗୀ ହୋଇପାରିବ।

ପ୍ରଦୂଷଣର ମୁକାବିଲା ଓ ବିଶ୍ୱର ସୁରକ୍ଷା ଦିଗରେ କୋପ୍ ୨୫ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିରେ ବଜାର ଓ ଅଣବଜାର ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଆମର ଆଶା କ୍ୟୋଟୋ ଚୁକ୍ତିର ଧାରା-୬କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ପାଇଁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ପ୍ରଯୁକ୍ତି ନିର୍ମାଣ ସକାଶେ ଆବଶ୍ୟକ ସାଧନ ସଂଗ୍ରହ ପାଇଁ ଏଭଳି ଆନ୍ତର୍ଜାତିକ ସମ୍ମିଳନୀ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବ। ନୂଆ ଟେକ୍‌ନୋଲୋଜି ବାହାର କରିବାକୁ ଘରୋଇ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ସେଇଭଳି ଜଳବାୟୁ ପରିବର୍ତ୍ତନ ଜନିତ ବିପତ୍ତିରେ କ୍ଷତିଗ୍ରସ୍ତ ହେଉଥିବା ଦୁର୍ବଳ ଓ ଗରିବ ବର୍ଗର ଲୋକମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ଓ୍ୱାରସ୍ ଚୁକ୍ତି ଢାଞ୍ଚାରେ ଏକ ନୂଆ ବ୍ୟବସ୍ଥା ଆରମ୍ଭ କରାଯିବା ଆବଶ୍ୟକ।

ଜଳବାୟୁ ପରିବର୍ତ୍ତନ ଜନିତ ପରିସ୍ଥିତିରେ ଏବେ ଦାୟିତ୍ୱ ବହନ କରିବା ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମୟ ଆସିଛି। ଏହି ଦାୟିତ୍ୱ କିଏ କାହାକୁ ଦେବାର ନାହିଁ, ନିଜେ ନିଜେ ଏହାକୁ ଗ୍ରହଣ କରି ନିର୍ବାହ କରିବାକୁ ପଡ଼ିବ। ଭାରତ ଏ କ୍ଷେତ୍ରରେ ଯାହା କରିବା କଥା ତାହା କରୁଛି ଏବଂ ବିଶ୍ୱ ସମୁଦାୟକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି। ତେବେ ବିଶ୍ୱର ଉନ୍ନତ ଓ ବିକଶିତ ଦେଶମାନେ ଏ କ୍ଷେତ୍ରରେ ନେତୃତ୍ୱ ନେବା ଉଚିତ।

ଥେରୋଙ୍କ ଉକ୍ତି ଉଦ୍ଧାର କରି ମୁଁ ମୋର ବକ୍ତବ୍ୟ ଶେଷ କରିବି, ସେ କହିଥିଲେ, "ଘର ତିଆରି କରିବାକୁ ଯଦି ପୃଥିବୀ ରୂପି ଗ୍ରହ ଅସମର୍ଥ, ସେଠାରେ ଘର କରିବାର କି ଲାଭ ଅଛି ?"

●●●

বিশেষ প্রসঙ্গ

# କାୟାକଳ୍ପ: ଜନସ୍ୱାସ୍ଥ୍ୟ ସୁବିଧାର ନବକଳେବର

ପ୍ରୀତି ସୁଦନ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନରେ 'କାୟାକଳ୍ପ' ପଦକ୍ଷେପ ୨୦୧୫ ମସିହାରେ ଆରମ୍ଭ ହୋଇଥିଲା। ଉଦ୍ଦେଶ୍ୟ ଥିଲା କେନ୍ଦ୍ର ସରକାରଙ୍କ ସଂସ୍ଥା, ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଜନସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ଓ ପରିମଳ ବ୍ୟବସ୍ଥା ପରିଚାଳନା ତଥା ସଂକ୍ରମଣ ପ୍ରତିହତକାରୀ ବ୍ୟବସ୍ଥାରେ ଉନ୍ନତି।

**ମହାତ୍ମା ଗାନ୍ଧୀ ଓ ପରିଚ୍ଛନ୍ନତା**

ଜାତିର ଜନକ ମହାତ୍ମା ଗାନ୍ଧୀ ସାର୍ବଜନୀନ ଏବଂ ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଥିଲେ। ଦକ୍ଷିଣ ଆଫ୍ରିକାରେ ରହିବା ବେଳୁ ହିଁ ତାଙ୍କର ସତ୍ୟାଗ୍ରହ ଆନ୍ଦୋଳନର ଏକ ମୁଖ୍ୟ ଅଂଶ ଥିଲା ପରିଚ୍ଛନ୍ନତା। ତାଙ୍କ ମତରେ ଜାତି ବିହୀନ ଓ ମୁକ୍ତ ସମାଜ ଗଠନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ସ୍ୱଚ୍ଛତା। 'ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ମେହେନ୍ତର' ବୋଲି ସେ କହୁଥିଲେ। ଏହାର ଅର୍ଥ ହେଉଛି ସ୍ୱଚ୍ଛତା ପ୍ରତ୍ୟେକ ବ୍ୟକ୍ତିର ଦାୟିତ୍ୱ ଏବଂ ଅସ୍ପୃଶ୍ୟତା ନିବାରଣର ଚାବିକାଠି। ଦକ୍ଷିଣ ଆଫ୍ରିକାରେ ହିଁ ଗାନ୍ଧିଜୀ ନିଜେ ନିଜ ଶୌଚାଳୟ ସଫା କରିବାର କାମ କରୁଥିଲେ ଓ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ପ୍ରେରିତ କରୁଥିଲେ। ଭାରତ ଫେରିବା ପରେ ସ୍ୱଚ୍ଛତା ପ୍ରତି ତାଙ୍କ ଅନୁରକ୍ତି ଆହୁରି ପ୍ରଗାଢ଼ ହୋଇଥିଲା। ସେ ସ୍ୱଚ୍ଛତା ସମ୍ପର୍କିତ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ। ସ୍ୱଚ୍ଛ ଜଳ ଓ ବାୟୁର ଆବଶ୍ୟକତାକୁ ରେଖାଙ୍କିତ କରିବା ସହ ସେ କହୁଥିଲେ ଯେ ଆମ ସଡ଼କ ଓ ଗଳିରୁ ହିଁ ସ୍ୱରାଜ ଆରମ୍ଭ ହେବା ଉଚିତ୍।

ଗାନ୍ଧିଜୀ କହିଥିଲେ- "ସ୍ୱାଧୀନତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ପରିଚ୍ଛନ୍ନତା।" ଗାନ୍ଧିଜୀଙ୍କ ଠାରୁ ପ୍ରେରଣା ପାଇ ଆମ ପ୍ରଧାନମନ୍ତ୍ରୀ ଗାନ୍ଧିଜୀଙ୍କ ୧୪୫ତମ ଜନ୍ମ ଦିବସରେ ଆରମ୍ଭ କରିଥିଲେ 'ସ୍ୱଚ୍ଛ ଭାରତ ଅଭିଯାନ'। ଏହାର ଉଦ୍ଦେଶ୍ୟ ଥିଲା ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ୪୦୪୧ ବୈଧାନିକ ସହର ଓ ନଗରରେ ୧.୯୬ ଲକ୍ଷ କୋଟି ଟଙ୍କାର ଆନୁମାନିକ ଖର୍ଚ୍ଚରେ ଗ୍ରାମୀଣ ଭାରତରେ ୯ କୋଟି ଶୌଚାଳୟ ନିର୍ମାଣ କରି ଦେଶକୁ ଖୋଲାରେ ମଳତ୍ୟାଗ ଅଭ୍ୟାସମୁକ୍ତ କରିବା। ଏହି ଅଭିଯାନର ଦୁଇଟି ପର୍ଯ୍ୟାୟ ଅଛି। ଗୋଟିଏ ହେଉଛି ସ୍ୱଚ୍ଛ ଭାରତ ଅଭିଯାନ 'ସହରୀ' ଯାହା ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟକରେ। ଦ୍ୱିତୀୟଟି ହେଉଛି ଜଳଶକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ସ୍ୱଚ୍ଛ ଭାରତ ଅଭିଯାନ 'ଗ୍ରାମୀଣ'। ଏହି ଅଭିଯାନକୁ ଜାତୀୟ ଅଗ୍ରାଧିକାର ପ୍ରଦାନ କରାଗଲା ଓ ଏଥିରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଭାରତୀୟଙ୍କୁ ଆହ୍ୱାନ ଦେଲେ।

ଗତ ଅକ୍ଟୋବରରେ ଆମେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଓ ସ୍ୱଚ୍ଛ ଭାରତ ଅଭିଯାନର ଜନ୍ମବାର୍ଷିକୀ ପାଳନ ଅବସରରେ ଗାନ୍ଧିଜୀଙ୍କ ସ୍ୱପ୍ନର ସ୍ୱଚ୍ଛ ଭାରତ ଲକ୍ଷ୍ୟ ହାସଲ ପାଇଁ ୧୨୫ କୋଟି ଭାରତୀୟଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ରେଖାଙ୍କିତ କରିଥିଲେ। ଦେଶର ଆର୍ଥିକ ସ୍ୱାସ୍ଥ୍ୟ ସହ ଏହି ଅଭିଯାନଟି ସିଧାସଳଖ ସମ୍ପୃକ୍ତ। ଦେଶର ସକଳ ଘରୋଇ ଉତ୍ପାଦନକୁ ଅବଦାନ ଦେବା ବ୍ୟତିରେକ ଏହି ଅଭିଯାନ ସ୍ୱାସ୍ଥ୍ୟଜନିତ ଖର୍ଚ୍ଚ ହ୍ରାସ ମଧ୍ୟ କରିପାରିବ। ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ ସ୍ୱଚ୍ଛ ଭାରତ ଅଭିଯାନ ହେଉଛି ଦେଶର ପ୍ରତ୍ୟେକ ସହର ଓ ଗ୍ରାମର ପ୍ରତ୍ୟେକ ପରିବାର ମଧ୍ୟରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିବା।

ଏହି ଜାତୀୟ ଆନ୍ଦୋଳନକୁ ଅଧିକ ବଳ ଦେବା ପାଇଁ ଓ ଦେଶର ପରିମଳ, ପରିଚ୍ଛନ୍ନତାଜନିତ ଆହ୍ୱାନର ମୁକାବିଲା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ବହୁବିଧ ପଦକ୍ଷେପ ସାମଗ୍ରୀକ ଦୃଷ୍ଟିଭଙ୍ଗୀ ସହ ନିଆଯାଇଛି। ୨୦୧୫ ମସିହାରୁ ସ୍ୱଚ୍ଛତାକୁ ଏହା କେନ୍ଦ୍ରରେ ରଖିଛି। ଯଦ୍ୱାରା ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ



କରାଯାଇପାରିବ। ଏଥିପାଇଁ ଅନ୍ୟାନ୍ୟ ମନ୍ତ୍ରଣାଳୟର ସହଯୋଗ ମଧ୍ୟ ନିଆଯାଉଛି।

୨୦୧୫ ମସିହାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆରମ୍ଭ ହୋଇଥିଲା 'କାୟାକଳ୍ପ' କାର୍ଯ୍ୟକ୍ରମ। ଏହାର ଉଦ୍ଦେଶ୍ୟ ହେଉଛି ସରକାରୀ ଅନୁଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା। ଏହି ଯୋଜନା ଅଧୀନରେ ସେହି ଅନୁଷ୍ଠାନଗୁଡ଼ିକରେ ଥିବା ସର୍ବୋତ୍ତମ ସ୍ୱଚ୍ଛତା ବ୍ୟବସ୍ଥାକୁ ପୁରସ୍କୃତ କରାଯାଇଥାଏ। ଏହାଦ୍ୱାରା ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ତ୍ୱରାନ୍ୱିତ ହୋଇ ସେହିସବୁ ଅନୁଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ପ୍ରତି ଏକ ସକାରାତ୍ମକ ଆଭିମୁଖ୍ୟ ସୃଷ୍ଟି ହୋଇପାରିଛି। ଜନସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛତାର ନିରପେକ୍ଷ ମୂଲ୍ୟାୟନ ପାଇଁ ୬ଟି ବିଷୟକୁ ଚିହ୍ନିତ କରାଯାଇଛି। ଏଥିପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। କାୟାକଳ୍ପ କାର୍ଯ୍ୟକ୍ରମ ଦ୍ୱାରା ଏହି ଅନୁଷ୍ଠାନଗୁଡ଼ିକର ପରିଚ୍ଛନ୍ନତାରେ ଉନ୍ନତି ପରିଲକ୍ଷିତ ହେବା ସହ ଜନସାଧାରଣଙ୍କ ବ୍ୟବହାରିକ ପରିବର୍ତ୍ତନ ମଧ୍ୟ ସୁନିଶ୍ଚିତ ହୋଇପାରୁଛି। ଏହାର ପ୍ରମାଣ ହେଉଛି ସୂଚନା ପ୍ରଯୁକ୍ତିବିଦ୍ୟା ଆଧାରିତ 'ମେରା ଆସ୍‌ପାତାଲ୍' ଆପ୍ ମାଧ୍ୟମରେ ରୋଗୀମାନଙ୍କର ସନ୍ତୋଷଜନକ ପ୍ରତିକ୍ରିୟା।

କାୟାକଳ୍ପ କାର୍ଯ୍ୟକ୍ରମରେ ପ୍ରଥମ ବର୍ଷ କେବଳ ଜିଲ୍ଲା ହସ୍ପିଟାଲଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ତେବେ ପରବର୍ତ୍ତୀ ୩ ବର୍ଷ ମଧ୍ୟରେ ସମସ୍ତ ଉପଜିଲ୍ଲା ଚିକିତ୍ସାଳୟ ଏବଂ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଏଥିରେ ସାମିଲ୍ କରାଗଲା। କାୟାକଳ୍ପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନଗୁଡ଼ିକର ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଗତବର୍ଷ ୭୦୦ ଜିଲ୍ଲା ଓ ୨୬ ହଜାର ଅନ୍ୟାନ୍ୟ ଚିକିତ୍ସାଳୟ ଏଥିରେ ଅଂଶଗ୍ରହଣ କରିଥିଲେ। ଗତ କେଇବର୍ଷ ମଧ୍ୟରେ କେବଳ ଯେ ଅଂଶଗ୍ରହଣକାରୀ ଚିକିତ୍ସାଳୟଙ୍କ ସଂଖ୍ୟା ବଢ଼ିଛି ଏକଥା ନୁହଁ, ବରଂ ସେହି ଚିକିତ୍ସାଳୟଗୁଡ଼ିକର ମୂଲ୍ୟାୟନ ମଧ୍ୟ ୭୦%ରୁ ଊର୍ଦ୍ଧ୍ୱ ରହିଛି। ଏତଦ୍‌ବ୍ୟତୀତ ପ୍ରାଥମିକ ଓ ମାଧ୍ୟମିକ ଚିକିତ୍ସା ଅନୁଷ୍ଠାନ ସହିତ ତୃତୀୟସ୍ତରର ଚିକିତ୍ସା ସଂସ୍ଥା ମଧ୍ୟ ଏଥିରେ ଅଂଶ ନେଉଛନ୍ତି। ଏଗୁଡ଼ିକ ମଧ୍ୟରୁ ୨୦୧୫-୧୬ରେ ୧୦ଟି ସଂସ୍ଥା ଅଂଶଗ୍ରହଣ କରିଥିବା ବେଳେ ୨୦୧୮-୧୯ରେ ସେହି ସଂଖ୍ୟା ୨୪କୁ ବୃଦ୍ଧିପାଇଛି। ୨୦୧୯-୨୦ ଆର୍ଥିକ ବର୍ଷରୁ କାୟାକଳ୍ପ କାର୍ଯ୍ୟକ୍ରମରେ ଆୟୁଷ୍ମାନ ଭାରତ- ସ୍ୱାସ୍ଥ୍ୟ ଓ ୱେଲନେସ୍ କେନ୍ଦ୍ର ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ଏହାଛଡ଼ା ସ୍ୱାସ୍ଥ୍ୟ ଉପଭୋକ୍ତାଙ୍କ ମତାମତ ଜାଣିବା ପାଇଁ 'ମେରା ଆସ୍‌ପାତାଲ୍' ଆପ୍ ମଧ୍ୟ ଆରମ୍ଭ କରାଯାଇଛି। ଚଳିତ ବର୍ଷ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଏଥିରେ ସାମିଲ୍ ହୋଇଛନ୍ତି। ଏଗୁଡ଼ିକର 'କାୟାକଳ୍ପ' ମୂଲ୍ୟାୟନ ଭାରତୀୟ ଗୁଣବତ୍ତା ପରିଷଦ ଅଧୀନସ୍ଥ ନ୍ୟାସ୍‌ନାଲ୍ ଆକ୍ରେଡିଟେସନ୍ ବୋର୍ଡ ଫର୍ ହସ୍ପିଟାଲ ଦ୍ୱାରା କରାଯାଇଥିଲା। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ କାୟାକଳ୍ପ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ମୂଲ୍ୟାୟନ କରାଯାଇଥିଲା। ଏଥିରେ ବିଭିନ୍ନ ମାନକ ଯଥା ସ୍ୱାସ୍ଥ୍ୟ ସୁବିଧା ପରିଚାଳନା, ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା, ରୋଗ ସଂକ୍ରମଣ ନିୟନ୍ତ୍ରଣ ଓ ସ୍ୱାସ୍ଥ୍ୟ ସହଯୋଗ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ଉପରୋକ୍ତ ସଂସ୍ଥା ଦ୍ୱାରା ୬୫୩ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ଏଗୁଡ଼ିକ ମଧ୍ୟରୁ ୬୩୫ଟି ଅନୁଷ୍ଠାନ କାୟାକଳ୍ପ ମାନକ ଅନୁଯାୟୀ କାର୍ଯ୍ୟ କରିଥିବା ଜଣାପଡ଼ିଥିଲା।

ସହରବାସୀଙ୍କ ମଧ୍ୟରେ ପରିଚ୍ଛନ୍ନତାର ବାର୍ତ୍ତା ବିସ୍ତାରିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନସ୍ଥ 'ଭିଲେଜ୍ ହେଲ୍‌ଥ ସାନିଟେସନ୍ ଆଣ୍ଡ୍ ନ୍ୟୁଟ୍ରେସନ୍ କମିଟି' ଓ ଜାତୀୟ ସହରୀ ସ୍ୱାସ୍ଥ୍ୟ ମିଶନ ଅଧୀନସ୍ଥ 'ମହିଳା ଆରୋଗ୍ୟ ସମିତି'(ମାସ୍)କୁ ସାମିଲ୍ କରାଯାଇଛି। ଏଗୁଡ଼ିକ ସହିତ ମିଶି ଆଶାକର୍ମୀମାନେ ମଧ୍ୟ କାମ କରୁଛନ୍ତି। ୧୨ରୁ ୨୦ ସଦସ୍ୟାବିଶିଷ୍ଟ ଅନେକ ମହିଳା ଆରୋଗ୍ୟ ସମିତି ପରିମଳ ଓ ପରିଚ୍ଛନ୍ନତାକୁ ନେଇ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଏହି ସବୁ କାର୍ଯ୍ୟରେ ଅନ୍ୟାନ୍ୟ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟ ସହଯୋଗ କରୁଛନ୍ତି। କାୟାକଳ୍ପର ସଫଳତାକୁ ଆଧାର କରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଜଳଶକ୍ତି ମନ୍ତ୍ରଣାଳୟ ମିଳିତ ଭାବେ ଡିସେମ୍ବର ୨୦୧୬ରେ 'ସ୍ୱଚ୍ଛ ସ୍ୱାସ୍ଥ୍ୟ ସର୍ବତ୍ର' ଯୋଜନା ଆରମ୍ଭ କରିଛନ୍ତି। ଏହା ଅଧୀନରେ ଖୋଲା ମଳମୁକ୍ତ ବ୍ଲକ୍‌ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ସମ୍ବଳ ଯୋଗାଇ ଦିଆଯାଇଛି ଯଦ୍ୱାରା ସେଗୁଡ଼ିକ କାୟାକଳ୍ପର ମାନଦଣ୍ଡ ହାସଲ କରିପାରିବେ। ୨୦୧୯ ମସିହାରେ କାୟାକଳ୍ପ ଅଧୀନରେ ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଓ କର୍ଣ୍ଣାଟକର ସର୍ବଭାରତୀୟସ୍ତରରେ ପ୍ରଥମ ହୋଇଥିବା ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି।

କାୟାକଳ୍ପ ଓ ସ୍ୱଚ୍ଛ ଭାରତ ଅଭିଯାନରେ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସଫଳତାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ସ୍ୱୀକୃତି ଦେଇଛି। ଏହି ସଂଗଠନ କହିଛି ଯେ ପ୍ରାୟ ସମସ୍ତ (୯୭%) ଜିଲ୍ଲା ଚିକିତ୍ସାଳୟଗୁଡ଼ିକରେ ଉପଯୁକ୍ତ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ହୋଇଛି। ଏହି ଦୁଇଟି କାର୍ଯ୍ୟକ୍ରମ ଦ୍ୱାରା ଧାରଣକ୍ଷମ ବିକାଶ ଲକ୍ଷ୍ୟ-୩ (ସୁସ୍ୱାସ୍ଥ୍ୟ ଓ ମଙ୍ଗଳ) ଏବଂ ଲକ୍ଷ୍ୟ-୬ (ସ୍ୱଚ୍ଛ ଜଳ ଓ ପରିମଳ) ହାସଲ କରିବା ତ୍ୱରାନ୍ୱିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ୨୦୧୪ରୁ ଅକ୍ଟୋବର ୨୦୧୯ ମଧ୍ୟରେ ଝାଡ଼ାବାନ୍ତି ଓ ପୁଷ୍ଟିହୀନତାଜନିତ ୩ ଲକ୍ଷରୁ ଊର୍ଦ୍ଧ୍ୱ ମୃତ୍ୟୁକୁ ରୋକାଯାଇପାରିଛି। ଏଥିସହିତ ଏହି ସମୟ ମଧ୍ୟରେ ୧୪ ନିୟୁତ ଡିଜାବିଲିଟି ଆଡ୍‌ଜଷ୍ଟେଡ୍ ଲାଇଫ୍ ଇୟର୍ସକୁ ମଧ୍ୟ ଏଡ଼ାଇ ଦିଆଯାଇପାରିଛି।

ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ହାସଲ କରାଯାଇଥିବା ସଫଳତା ବେଶ୍ ପ୍ରଶଂସନୀୟ। ୨୦୧୪ରେ ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରାୟ ୧ କୋଟି ଘରୋଇ ଶୌଚାଳୟ ନିର୍ମାଣ କରାଯାଇଛି। ୬ ଲକ୍ଷ ଗ୍ରାମକୁ ଖୋଲା ମଳମୁକ୍ତ କରାଯାଇ ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମଧ୍ୟ ଖୋଲା ମଳମୁକ୍ତ ଘୋଷିତ କରାଯାଇଛି। ଏହାଦ୍ୱାରା ଜନସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଉନ୍ନତି ହୋଇଛି। ଜନସାଧାରଣ ମଧ୍ୟ ସେମାନଙ୍କ ସ୍ୱଚ୍ଛତା ସମ୍ପର୍କିତ ବ୍ୟବହାର ପରିବର୍ତ୍ତନକୁ ବଳବତ୍ତର ରଖିବାକୁ ଚେଷ୍ଟା କରୁଛନ୍ତି। ଫଳରେ କେବଳ ସ୍ୱାସ୍ଥ୍ୟକେନ୍ଦ୍ର ନୁହଁ, ବରଂ ପରିବାର ଓ ବ୍ୟକ୍ତି ସ୍ତରରେ ମଧ୍ୟ ସ୍ୱଚ୍ଛତାକୁ ବଳ ମିଳିଛି। ଏହାଦ୍ୱାରା ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତର ସ୍ୱପ୍ନ ସାକାର ହେଉଛି।

**ପ୍ରୀତି ସୂଦନ ହେଉଛନ୍ତି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଚିବ**

**Email ID: secyhfw@nic.in**

বিশেষ প্রসঙ্গ

# ନଗରୀ ସମୂହର ନିରନ୍ତର ପରିଚ୍ଛନ୍ନତା ରକ୍ଷା

ଦୁର୍ଗାଶଙ୍କର ମିଶ୍ର

ଭାରତ ସରକାର ସହରାଞ୍ଚଳରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ରକ୍ଷା ଉଦ୍ଦେଶ୍ୟରେ ଗତ ପାଞ୍ଚ ବର୍ଷ ମଧ୍ୟରେ ଦୀର୍ଘସ୍ଥାୟୀ ଭିତ୍ତିଭୂମି, ବ୍ୟବସ୍ଥା ଓ ପ୍ରକ୍ରିୟା ନିର୍ମାଣ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିଆସିଛନ୍ତି । ଏ କ୍ଷେତ୍ରରେ ଏଇ ସମୟ ମଧ୍ୟରେ ଯାହାସବୁ ତିଆରି ହୋଇଛି ତାହାକୁ ସ୍ୱଚ୍ଛତାର ଆନୁଷ୍ଠାନୀକରଣର ମାପଦଣ୍ଡ ଭାବେ ଗ୍ରହଣ କରାଯାଇପାରିବ । ଯେକୌଣସି ଯୋଜନାର ସଫଳତା ଉତ୍ତମ ନୀତି, ସଂସ୍କାରବାଦୀ ପଦକ୍ଷେପ, ଯୁଗୋପଯୋଗୀ ଟେକ୍ନୋଲୋଜି, ଉପଯୁକ୍ତ ବାତାବରଣ ଓ ସରକାରୀ ପ୍ରୋତ୍ସାହନ ଉପରେ ନିର୍ଭର କରିଥାଏ । ସମୟୋଚିତ ଭାବେ ଓ ଆବଶ୍ୟକତା ମୁତାବକ ତଥ୍ୟାବଳୀର ଉପଲବ୍ଧତା, ଉତ୍ତମ କର୍ମଚାରୀ, ଦକ୍ଷତା ବିକାଶ ଉପରେ ଗୁରୁତ୍ୱ, ଡାଟାଭିତ୍ତିକ ତଦାରଖ ବ୍ୟବସ୍ଥା ତୃତୀୟ ପକ୍ଷ ଦ୍ୱାରା କାର୍ଯ୍ୟର ଆକଳନ ଯୋଜନାର କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିଥାଏ । ଭାରତରେ ଏହି ପ୍ରକ୍ରିୟାରେ ଯୋଜନାମାନ ଏବେ କାର୍ଯ୍ୟକାରୀ ହେଉଛି । ଘରୋଇ ଓ ବିଭିନ୍ନ ବେସରକାରୀ ସଂଗଠନ / ସଂସ୍ଥାଙ୍କୁ ମଧ୍ୟ ଯୋଜନା ଓ ରୂପାୟନ ପ୍ରକ୍ରିୟାରେ ସାମିଲ କରାଯାଇ ସମଗ୍ର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନରେ ଏହି ସଫଳତା ମିଳିବା ପରେ ତାହାକୁ ଅନ୍ୟାନ୍ୟ ଯୋଜନା / ମିଶନରେ ଉପଯୋଗ କରିବାର ପ୍ରୟାସ ଚାଲିଛି । ସହରାଞ୍ଚଳ ପରିଚ୍ଛନ୍ନତା ରକ୍ଷା ଏକ ଆହ୍ୱାନମୂଳକ କାର୍ଯ୍ୟ । ଏ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ ପାଇଁ ଯୋଜନାବଦ୍ଧ ଉପାୟରେ କାମ ଚାଲିଛି ।

**ଭାରତୀୟ ଦୃଶ୍ୟପଟ୍ଟ:**

୨୦୧୧ ଜନଗଣନା ଅନୁସାରେ ଭାରତର ସହରାଞ୍ଚଳରେ ୧୨.୬ ଶତାଂଶ ଲୋକ ବାହାରେ ମଳମୂତ୍ର ତ୍ୟାଗ କରନ୍ତି । ଗ୍ରାମାଞ୍ଚଳରେ ଏହି ହାର ୬୮ ଶତାଂଶ । ତୁଳନାତ୍ମକ ଭାବେ ଦେଖିଲେ ଏ କ୍ଷେତ୍ରରେ ସହରର ସ୍ଥିତି ଯଥେଷ୍ଟ ଭଲ । ତଥାପି ସହରର ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏହି ଖୋଲା ମଳତ୍ୟାଗ ପ୍ରଭାବ ପକାଉଛି । ଅଧିକନ୍ତୁ ଦେଶର ସହରାଞ୍ଚଳଗୁଡ଼ିକରେ ସେପ୍ଟିକ୍ ଟ୍ୟାଙ୍କର ହାର ୩୮ ଶତାଂଶ ଥିବାବେଳେ ସିୱେରେଜ ସଂଯୋଗ ବ୍ୟବସ୍ଥା ୩୩ ଭାଗରୁ କମ୍ । ଏହାର ଅର୍ଥ ସହରାଞ୍ଚଳର ଘରୋଇ, ସରକାରୀ, ଗୋଷ୍ଠୀ, ବସ୍ତି ଓ ଅନ୍ୟାନ୍ୟ ସ୍ଥାନରେ ଥିବା ଶୌଚାଳୟଗୁଡ଼ିକରୁ ଯେଉଁ ସବୁ ମଳ / ଆବର୍ଜନା ନିଷ୍କାସିତ ହେଉଛି ତାହା ନିରାପଦ ଭାବରେ ଅପସାରିତ ନ ହୋଇ ଏଠି ସେଠି ଜମା ହେଉଛି । ଏହା ଫଳରେ ପରିବେଶ ଉପରେ ଗୁରୁତର କୁ-ପ୍ରଭାବ ପଡୁଛି । ଆହୁରି ଏକ ବଡ଼ ଚିନ୍ତାର ବିଷୟ ହେଲା ଏହି ମଇଳା / ଆବର୍ଜନା ଦ୍ୱାରା ପାନୀୟ ଜଳ ପାଇଁ ବ୍ୟବହୃତ ହେଉଥିବା ୭୫ ଶତାଂଶ ମଧୁର ଜଳଉତ୍ସ ସଂକ୍ରମିତ ହେଉଛି । ୨୦୦୯ ର ଏକ ସରକାରୀ ରିପୋର୍ଟ ଅନୁସାରେ ସହରାଞ୍ଚଳରେ ନିରାପଦ ସିଓରେଜ ବ୍ୟବସ୍ଥାର ଅଭାବ ମୋଟ ପ୍ରଦୂଷଣର ୬୦ ଭାଗ ପାଇଁ ଦାୟୀ ।

**ଖରାପ ପରିଚ୍ଛନ୍ନତା ବ୍ୟବସ୍ଥାର ପରିଣାମ:**

ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ.ଡି.ଜି) ପରିଚ୍ଛନ୍ନତା, ପରିମଳ, ନିରାପଦ ଶୌଚ ସୁବିଧା, ଶୁଚିତା ଓ ସ୍ୱାସ୍ଥ୍ୟ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଏ। ଏହାର କାରଣ ହେଲା ପରିଷ୍କାର ପରିଚ୍ଛନ୍ନତା ଓ ନିରାପଦ ମଇଳା / ଆବର୍ଜନା ପରିଚାଳନା ଦ୍ୱାରା ବିଭିନ୍ନ ଜୀବାଣୁ ଓ ଜଳବାହିତ ରୋଗକୁ ନିୟନ୍ତ୍ରଣ କରିହେବ ଏବଂ ଲୋକେ ବିଭିନ୍ନ ସଂକ୍ରମଣରୁ ସୁରକ୍ଷିତ ରହିଲେ ଜନସ୍ୱାସ୍ଥ୍ୟ ଭଲ ରହିବ । ଏହା ମଧ୍ୟ ପୋଷଣଗତ ଅଭାବକୁ ଦୂର କରିବ ।

ବିଭିନ୍ନ ଗବେଷଣାରୁ ଏହା ସ୍ପଷ୍ଟ ହୋଇଛି ଯେ, ଶୁଚିତା ଓ ପରିଚ୍ଛନ୍ନତା ଦ୍ୱାରା ଡାଇରିଆ ଏବଂ ନାନାଦି ପେଟ ରୋଗକୁ ଯଥେଷ୍ଟ ହ୍ରାସ କରାଯାଇପାରିବ । ଏହା ମଧ୍ୟ ବିବିଧ ମନସ୍ତାତ୍ତ୍ୱିକ ଓ ଆଲର୍ଜିଜନିତ ବ୍ୟାଧିକୁ କମାଇବାରେ ସହାୟକ ହେବ । ୨୦୧୧ ରେ ୟୁନିସେଫ ରିପୋର୍ଟ ଅନୁସାରେ ପିଲାମାନଙ୍କର ଝାଡ଼ା, ବାନ୍ତି ଓ ବିଭିନ୍ନ ଜଳବାହିତ ସଂକ୍ରମଣ ଜନିତ ବ୍ୟାଧି ପାଇଁ ଶୁଚିତା ଓ ପରିଚ୍ଛନ୍ନତା ଅଭାବ ମୁଖ୍ୟତଃ ଦାୟୀ । ଆହୁରି ମଧ୍ୟ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଦ୍ୱାରା ସ୍ୱଳ୍ପ ଓଜନର ଶିଶୁ ଜନ୍ମ, ସ୍ୱତଃପ୍ରବୃତ୍ତ ଗର୍ଭପାତ ଏବଂ ଶିଶୁଙ୍କ ଜନ୍ମଗତ ତ୍ରୁଟିକୁ ଅନେକାଂଶରେ କମାଯାଇପାରିବ । ସଂକ୍ଷେପରେ କହିଲେ ଏକ ଅନୁକୂଳ ପରିବେଶ ଓ ପରିଚ୍ଛନ୍ନତାର ସ୍ୱାସ୍ଥ୍ୟଗତ ଲାଭ ଅନେକ।

୨୦୧୫ ରେ ପ୍ରକାଶିତ ଭାରତର ପୋଷଣ ନିରାପତ୍ତା ଜନିତ ସ୍ୱାସ୍ଥ୍ୟ ରିପୋର୍ଟ ଅନୁସାରେ ଉତ୍ତମ




ଚିତ୍ର – ୧ ସହରାଞ୍ଚଳ ସ୍ୱଚ୍ଛତାରେ ପ୍ରଗତି




ଚିତ୍ର – ୨: ସ୍ୱଚ୍ଛଭାରତ ମିଶନରେ ନିର୍ମିତ (ସର୍ବସାଧାରଣ ଶୌଚାଳୟ) ଗୁଗୁଲ୍ ମ୍ୟାପ୍‌ରେ




ଚିତ୍ର – ୩: ଓଡ଼ିଏଫ୍ ସହରଗୁଡ଼ିକର ପ୍ରଗତି

ପରିବେଶ ଓ ଶୁଚିତା କାରଣରୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମିଜୋରାମ୍‌ରେ ଶିଶୁଙ୍କର ସ୍ୱାଭାବିକ ଶାରୀରିକ ବିକାଶ ପ୍ରକ୍ରିୟାରେ ୧୩ ଶତାଂଶ ଉନ୍ନତି ଆସିଛି । ଯେଉଁ ପିଲାମାନଙ୍କର ସ୍ୱାଭାବିକ ଶାରୀରିକ ବିକାଶ ଘଟୁନଥିଲା ଉତ୍ତମ ସ୍ୱଚ୍ଛ ନିୟମାବଳୀ ପରିଚାଳନା ଦ୍ୱାରା ସେଥିରେ ସଫଳତା ମିଳିଛି । ଏବେ ଏଭଳି ଶିଶୁଙ୍କ ସଂଖ୍ୟା କମୁଛି । ସେହିଭଳି ବୟସ ତୁଳନାରେ କମ୍ ଓଜନ ଥିବା ପିଲାଙ୍କ ସଂଖ୍ୟା ମଧ୍ୟ ପାଞ୍ଚ ଶତାଂଶ ହ୍ରାସ ପାଇଛି । ୨୦୦୬ ରୁ ୨୦୧୪ ମଧ୍ୟରେ ଏହି ତଥ୍ୟ ସଂଗ୍ରହ କରାଯାଇଥିଲା । ଉନ୍ନତ ଶୌଚ ପରିଚ୍ଛନ୍ନତା ନୀତିର ସୁପ୍ରଭାବ ମଧ୍ୟ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ଉଦାହରଣସ୍ୱରୂପ ୟୁନିସେଫ ଦ୍ୱାରା ୨୦୧୭ ଅଗଷ୍ଟରେ କରାଯାଇଥିବା ସ୍ୱାଧୀନ ଅନୁଧ୍ୟାନ ଅନୁସାରେ ଭାରତରେ ଯଦି ବାହାରେ ମଳ ତ୍ୟାଗ ବ୍ୟବସ୍ଥାର ଅବସାନ ଘଟେ ତେବେ ପ୍ରତ୍ୟେକ ପରିବାର ବାର୍ଷିକ ୫୦ ହଜାର ଟଙ୍କା ସଞ୍ଚୟ କରିପାରିବେ । ରୋଗ ବ୍ୟାଧି ଜନିତ ଚିକିତ୍ସାରୁ ଏହି ଅର୍ଥ ବଞ୍ଚାଇ ହେବ ।

**ସହରାଞ୍ଚଳରେ ନିରନ୍ତର ପରିଚ୍ଛନ୍ନତା ପ୍ରୟାସ:**

୨୦୧୯ ଅକ୍ଟୋବର ୨ ତାରିଖରେ ଭାରତର ସହରାଞ୍ଚଳ ବାହ୍ୟ ମଳତ୍ୟାଗ ମୁକ୍ତ (ଓଡିଏଫ୍) ଘୋଷିତ ହୋଇଥିଲା । ଶୁଚିତା ଓ ପରିଚ୍ଛନ୍ନତାକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏହା ତାଙ୍କ ପ୍ରତି ଏକ କୃତଜ୍ଞ ରାଷ୍ଟ୍ରର ଯଥାର୍ଥ ଶ୍ରଦ୍ଧାଞ୍ଜଳି । ମାତ୍ର ପାଞ୍ଚବର୍ଷର ଏକ ସ୍ୱଳ୍ପ ସମୟ ଅବଧି ମଧ୍ୟରେ ଭାରତ ଏହି ଐତିହାସିକ ସଫଳତା ହାସଲ କରିବାରେ ସମର୍ଥ ହୋଇଛି । ଏହା ନିଶ୍ଚିତ ଏକ ଉଲ୍ଲେଖନୀୟ ଉପଲବ୍ଧି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏଯାଏ ଦେଶରେ କୌଣସି ସରକାର ସହରାଞ୍ଚଳ ପରିଚ୍ଛନ୍ନତା ଓ ଶୁଚିତା ଉପରେ ଏମିତି ଗୁରୁତ୍ୱ ଦେଇ ନଥିଲେ କି ଏଭଳି ସଫଳତା ପାଇନଥିଲେ । ଏହି ପାଞ୍ଚ ବର୍ଷ ମଧ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ ସଫଳ ହେବା ସହିତ ଲକ୍ଷ ଲକ୍ଷ ନାଗରିକ, ବିଶେଷକରି ମହିଳାଙ୍କୁ ମର୍ଯ୍ୟାଦା ଓ ନିରାପତ୍ତା ଯୋଗାଇ ଦିଆଯାଇପାରିଛି । ଏହାଦ୍ୱାରା

ଜୀବାଣୁ ଜନିତ ସଂକ୍ରମଣ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ଓ ସ୍ୱାସ୍ଥ୍ୟଗତ ମାନଦଣ୍ଡରେ ଉନ୍ନତି ଆସିଛି । ସର୍ବୋପରି ସମଗ୍ର ସହରାଞ୍ଚଳରେ ଏକ ସ୍ୱଚ୍ଛ, ଶୁଚିମନ୍ତ ଅଧ୍ୟାୟର ଅୟମାରମ୍ଭ ହୋଇଛି ।

କେନ୍ଦ୍ର ସହରାଞ୍ଚଳ ବ୍ୟାପାର ଓ ଆବାସ ମନ୍ତ୍ରଣାଳୟ ଭାରତ ସରକାରଙ୍କ ବିଭିନ୍ନ ମିଶନ, କାର୍ଯ୍ୟକ୍ରମ ଓ ଅଭିଯାନକୁ କାର୍ଯ୍ୟକାରୁ କରୁଛି । ସେସବୁ ମଧ୍ୟରେ ସହରାଞ୍ଚଳ ସ୍ୱଚ୍ଛ ଭାରତ ମିଶନ, ଅମୃତ, ସ୍ମାର୍ଟ ସିଟି ମିଶନ ଓ ଏନଇଆର ୟୁଡ଼ିପି ଅନ୍ୟତମ । ଏସବୁ କାର୍ଯ୍ୟକ୍ରମଗୁଡ଼ିକ ସହରାଞ୍ଚଳ ସ୍ୱଚ୍ଛତା ରକ୍ଷା ସହ ସଂପୃକ୍ତ । ଗତ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳ ଶୁଚିତା ଓ ପରିଛନ୍ନତା ଖୁବ୍ ଭଲ ସଫଳତା ହାସଲ କରିଛି । ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ରେ ଦେଶର ୩୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୯ ଶତାଂଶରୁ ଅଧିକ ସହରର ପରିଛନ୍ନତାରେ ଉନ୍ନତି ଘଟିଛି ଓ ସେସବୁ ନିଜକୁ ଓଡ଼ିଏଫ୍ ଘୋଷଣା କରିଛନ୍ତି । ଏହି ମନ୍ତ୍ରଣାଳୟ ମଧ୍ୟ ଗୁଗୁଲ୍ ସହ ଅଂଶୀଦାରୀ ଭିତ୍ତିରେ ଦେଶର ବିଭିନ୍ନ ସହରରେ ଥିବା ସର୍ବସାଧାରଣ ଶୌଚାଳୟଗୁଡ଼ିକର ମାନଚିତ୍ର ପ୍ରଦର୍ଶନର ବ୍ୟବସ୍ଥା କରିଛି । ଏହାଦ୍ୱାରା ବାହାରୁ ସହରକୁ ଆସିଥିବା ଲୋକେ ସହଜରେ ଶୌଚାଳୟ ବ୍ୟବହାର କରିବାର ସୁବିଧା ପାଉଛନ୍ତି । ଏବେ ଦେଶର ୨୫୦୦ ସହରରେ ଥିବା ସର୍ବ ସାଧାରଣ ଶୌଚାଳୟର ମାନଚିତ୍ର ଉପଲବ୍ଧ । ସେଥିରେ ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀର କେବଳ ୫୦୦ ଶୌଚାଳୟ ଅନ୍ତର୍ଭୁକ୍ତ ।

**ସହରାଞ୍ଚଳ ସ୍ୱଚ୍ଛତା ପାଇଁ ଶ୍ରେଣୀବଦ୍ଧ ପଦକ୍ଷେପ:**

ସ୍ୱଚ୍ଛତା ପ୍ରସଙ୍ଗରେ ମନରେ ସ୍ୱାଭାବିକ ଏକ ପ୍ରଶ୍ନ ଉଙ୍କିମାରେ ଯେ ଆମ ସହରଗୁଡ଼ିକରେ ପରିଛନ୍ନତା ଏବଂ ଓଡ଼ିଏଫ୍ ମାନ୍ୟତା ନିରନ୍ତର ରହିପାରିବ ତ ? ଏଥିରେ କୌଣସି ତ୍ରୁଟି ବିଚ୍ୟୁତି ଘଟି ପୁଣି ଯଥାପୂର୍ବଂ ତଥାପରଂ ଅବସ୍ଥା ସୃଷ୍ଟି ହେବନି ତ ? ସେଥିପାଇଁ ମୂଳରୁ ଏହାର ଏକ ତଦାରଖ ବ୍ୟବସ୍ଥା କରାଯାଇଛି ଓଡ଼ିଏଫ୍ - ପ୍ରୋଟୋକଲ ଅନୁସାରେ ଏକ ତୃତୀୟ




ବକ୍ସ-୧: ଏସ୍.ବି.ଏମ୍ ଓଡ଼ିଏଫ୍ ପାଇଁ ସର୍ତ୍ତାବଳୀ




ବକ୍ସ-୨: ଓଡ଼ିଏଫ୍ + ପାଇଁ ଆବଶ୍ୟକ ସର୍ତ୍ତାବଳୀ




ବକ୍ସ –୩: ଓଡ଼ିଏଫ୍ ++ ପାଇଁ ଆବଶ୍ୟକ ସର୍ତ୍ତ

ପକ୍ଷ ଏହାର ନିରପେକ୍ଷ ମୂଲ୍ୟାୟନ କରି ସ୍ୱାଧୀନ ଭାବେ ରିପୋର୍ଟ ଦେବ । ତେଣୁ ଯଦି କୌଣସି ବ୍ୟତିକ୍ରମ ଥାଏ ତାହା ସହଜରେ ଧରା ପଡ଼ିଯିବ । ପ୍ରୋଟୋକଲର ସର୍ତ୍ତାବଳୀ ବକ୍ସ-୧ ରେ ଦିଆଯାଇଛି ।

ଓଡ଼ିଏଫ୍ ମାନ୍ୟତା ହାନିକୁ ରୋକିବା ପାଇଁ କେତେକ ବ୍ୟବସ୍ଥା ରହିଛି । ଓଡିଏଫ୍ ସାର୍ଟିଫିକେଟ (ପ୍ରମାଣପତ୍ର) ମାତ୍ର ଛ ମାସ ପାଇଁ ବୈଧ । ଛ ମାସ ପରେ ତୃତୀୟ ପକ୍ଷ ତଦାରଖ ରିପୋର୍ଟ ଭିତ୍ତିରେ ଏହି




**ବକ୍ସ – ୪: ୱାଟର ପ୍ଲସ୍ ପାଇଁ ଆବଶ୍ୟକ ସର୍ତ୍ତାବଳୀ**




**ଚିତ୍ର– ୪: ସାନିଟେସନ ପ୍ରୋଟୋକଲ**




**ଚିତ୍ର-୫: ସ୍ୱଚ୍ଛ ସର୍ବେକ୍ଷଣ**

ପ୍ରମାଣପତ୍ରର ନବୀକରଣ କରାଯିବାର ବ୍ୟବସ୍ଥା ରହିଛି ।

ଏହା ସତ ଯେ, ସହରଗୁଡ଼ିକର ଯେଉଁସବୁ ପରିଚ୍ଛନ୍ନତା ସମସ୍ୟା ରହିଛି ସେସବୁ ସ୍ଥାୟୀ ଭାବେ ଦୂର କରିବା ସମ୍ଭବ ନୁହେଁ । ଏହା ଏକ ଧୀର ନିରନ୍ତର ପ୍ରକ୍ରିୟା । ସେଇଭଳି ଓଡ଼ିଏଫ୍ ଘୋଷିତ ହୋଇଗଲେ ଗୋଟିଏ ସହରର ପରିମଳ ଓ ପରିଚ୍ଛନ୍ନତା ସମୂଳେ ବଦଳି ଯିବ ନାହିଁ କିମ୍ବା ଯାହା ବଦଳିଛି ତାହା ଚିରସ୍ଥାୟୀ ହେବ ନାହିଁ । ସହରର ବସ୍ତି ଓ ଜନାକୀର୍ଣ୍ଣ ଅଞ୍ଚଳ, ରାସ୍ତାଘାଟ ଓ ସାଧାରଣ ସ୍ଥାନ ଯେଉଁଠି ଲୋକସଂଖ୍ୟା ଅନୁପାତରେ ସ୍ଥାନାଭାବ ରହିଛି ଓ ଶୌଚାଳୟ ସୁବିଧା ଯଥେଷ୍ଟ ନାହିଁ ସେଠି ଲୋକେ ରାସ୍ତାଘାଟ ବା ଖୋଲାରେ ମଳତ୍ୟାଗ କରିବାକୁ ବାଧ ହେବେ । ସେହିଭଳି ସହରକୁ ଆସିଥିବା ନୂଆଲୋକ ବା ଅସ୍ଥାୟୀ ଜନସଂଖ୍ୟା ଶୌଚ କର୍ମ ପାଇଁ ଅଗତ୍ୟା ଖୋଲା ସ୍ଥାନକୁ ବ୍ୟବହାର କରିପାରନ୍ତି । ସେମାନଙ୍କୁ ନିରାପଦ ଶୌଚ ସୁବିଧା ତା'ହେଲେ କେଉଁଠି ମିଳିବ ଓ କିଏ ଯୋଗାଇବ ? ସେଥିପାଇଁ ସହରାଞ୍ଚଳର ଗୋଷ୍ଠୀ / ସର୍ବସାଧାରଣ ଶୌଚାଳୟମାନ ତିଆରି କରାଯାଇଛି ।

ବିଡ଼ମ୍ବନା ହେଉଛି ଏସବୁ ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥାଏ । ତେଣୁ ଏହାକୁ ବ୍ୟବହାର ନ କରି ଲୋକେ ବାଧ ହୋଇ ବାହାରେ ମଳମୂତ୍ର ତ୍ୟାଗ କରନ୍ତି । ସେଥିପାଇଁ ଏକ ଷ୍ଟାଣ୍ଡାର୍ଡ଼ ଓଡ଼ିଏଫ୍ ପ୍ରୋଟୋକଲ ପ୍ରସ୍ତୁତ କରାଯାଇଛି । ତଦନୁସାରେ ସହରର ସବୁ ସାଧାରଣ ଶୌଚାଳୟକୁ ଏକ ସର୍ବନିମ୍ନ ବ୍ୟବହାର ସ୍ତରରେ ରଖିବାର ବ୍ୟବସ୍ଥା ହୋଇଛି । ଏସବୁ ଶୌଚାଳୟ ବ୍ୟବହାର ଉପଯୁକ୍ତ କି ନୁହେଁ, ତାହା ମଧ୍ୟ ତୃତୀୟ ପକ୍ଷ ତଦାରଖ ରିପୋର୍ଟ ଭିତ୍ତିରେ ନିର୍ଣ୍ଣିତ ହୋଇଥାଏ ।

ଶୌଚାଳୟ ବ୍ୟବହାର ପରବର୍ତ୍ତୀ ସ୍ତରରେ ଆହ୍ୱାନ ଥିଲା ଶୌଚାଳୟର ମଳ ଓ ଅପରିଷ୍କାର ପାଣିର ପରିଚାଳନା କିପରି କରାଯିବ । ଏହାକୁ କିପରି ଓ କେଉଁଠି ପକାଇଲେ ପରିବେଶ ପ୍ରଦୂଷିତ ହେବ ନାହିଁ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଅଭିଜ୍ଞତାରୁ ଜଣାପଡୁଛି ଯେ, ଶୌଚାଳୟର ମଳ ଓ ତରଳ ଆବର୍ଜନା ମୁଖ୍ୟତଃ

ଖୋଲାପଡ଼ିଆ, ପରିତ୍ୟକ୍ତ ପୋଖରୀ ବା ସ୍ଥାନରେ ପକାଇ ଦିଆଯାଏ । ଯାହା ବିଭିନ୍ନ ଉପାୟରେ ଜଳରେ ମିଶି ତାହାକୁ ପ୍ରଦୂଷିତ କରିଥାଏ । ଗୋଟିଏ ଟ୍ରକ ଶୌଚାଳୟ ମଇଳା ଯଦି କୌଣସି ସ୍ଥାନରେ ପକାଇ ଦିଆଯାଏ, ଏହାର ଅର୍ଥ ୩୦୦୦ ଲୋକ ବାହାରେ ମଳତ୍ୟାଗ କରିବା ସହ ସମାନ । ତେଣୁ ଓଡ଼ିଏଫ୍‌ର ନୀତି ହେଲା ଶୌଚାଳୟ ମଳର ନିରାପଦ ପରିଚାଳନା ଓ ବ୍ୟବସ୍ଥିତ ବିନାଶ । ଏହି ପ୍ରକ୍ରିୟାରେ ସେପ୍ଟିକ୍ ଟ୍ୟାଙ୍କର ମଇଳା ସଫେଇ, ତାହାର ପରିବହନ, ବିଶୋଧନ ଏବଂ ଅବଶେଷକୁ ନିରାପଦ ସ୍ଥାନରେ ପୋତିବା ବା ପକାଇ କାର୍ଯ୍ୟ ଏପରି କରିବାକୁ ହେବ ଯାହା ଦ୍ୱାରା ସଂକ୍ରମଣ ବା ପ୍ରଦୂଷଣର ସମ୍ଭାବନା ଆଦୌ ରହିବ ନାହିଁ । ଏଥିପାଇଁ ସୁଲଭ ମୂଲ୍ୟର ଏସ୍‌ଟିପି, ଏଫ୍‌ଏସ୍‌.ଟିପି., ଡିଆର୍‌ଇ ପଦ୍ଧତି ଅବଲମ୍ବନ କରିବାକୁ ସହରର ପ୍ରଶାସନଗୁଡ଼ିକୁ ପ୍ରୋତ୍ସାହିତ କରାଯାଉଛି ।

ଏହି ପ୍ରସ୍ତାବ ପ୍ରତି ରାଜ୍ୟ ସରକାରମାନେ ବିଶେଷ ଆଗ୍ରହ ଦେଖାଉଛନ୍ତି । ତଦନୁସାରେ କାର୍ଯ୍ୟ ମଧ ଠିକ୍ ଚାଲିଛି । ଏ ପର୍ଯ୍ୟନ୍ତ ଦେଶରେ ୭୩୯ ସହରକୁ ଓଡ଼ିଏଫ୍ ମାନ୍ୟତା ଓ ୨୯୨ ଟି ସହରକୁ ଓଡ଼ିଏଫ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଅମୃତ ମିଶନରେ ମଧ୍ୟ ମଳ ପରିଚାଳନା କାର୍ଯ୍ୟରେ ବିଶେଷ ଉନ୍ନତି ଘଟିଛି । ସ୍ୱିଓରେଜ ଓ ସେପ୍ଟେଜ୍ ପରିଚାଳନା କ୍ଷେତ୍ରରେ ଏ ଯାଏଁ ୬୩୭ ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଏହା ସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି କିଛି କାମ ବାକି ରହିଯାଇଛି । ଏବେ ଶୌଚାଳୟର କଠିଣବର୍ଜ୍ୟ ପରିଚାଳନା ଆଶାନୁରୂପ ହୋଇନାହିଁ । ଏହା ସିଧାସଳଖ ଖୋଲା ଡ୍ରେନରେ ମିଶି ଜଳ ପ୍ରଦୂଷିତ କରୁଛି । ଏବେ ଦେଶର ଜଳ ସମସ୍ୟା ଦୃଷ୍ଟିରୁ ଜଳ ଉତ୍ସ ଓ ଜଳ ସଂପଦର ଦୁରୁପଯୋଗ କରାଯାଇନପାରେ । ଏଥିପାଇଁ ଏକ ୱାଟର ପ୍ଲସ୍ ପ୍ରୋଟୋକଲ (ନୀତି) ପ୍ରସ୍ତୁତ କରାଯାଇଛି । ଏଥିରେ ବିନା ବିଶୋଧନରେ କୌଣସି ବର୍ଜ୍ୟ ଜଳକୁ ପ୍ରାକୃତିକ ଜଳ ଉତ୍ସକୁ ନଛାଡ଼ିବାର ବ୍ୟବସ୍ଥା ରହିଛି ।

ଆମ ନଗର ପ୍ରଶାସନଗୁଡ଼ିକର ସାମର୍ଥ୍ୟ ଓ ବିବିଧ ସମସ୍ୟା ପରିପ୍ରେକ୍ଷୀରେ ଆମେ ନିରନ୍ତର ସ୍ୱଚ୍ଛତା ରକ୍ଷା ପାଇଁ କେତେକ ପର୍ଯ୍ୟାୟ କ୍ରମିକ ବ୍ୟବସ୍ଥା କରିଛୁ । ଏଥିରେ କ୍ରମଶଃ ନଗର ପ୍ରଶାସନଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି । ଆସ୍ତେ ଆସ୍ତେ ସମସ୍ୟାବଳୀର ସମାଧାନ କରି ସଫଳତା ହାସଲ କରିବାକୁ ଅବଶ୍ୟ ସମୟ ଲାଗିବ ।

**ସ୍ୱଚ୍ଛ ସର୍ବେକ୍ଷଣ :** ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ସ୍ୱଚ୍ଛ ସର୍ବେକ୍ଷଣ ନାମରେ ଏକ ଅଭିନବ ସର୍ଭେ କାର୍ଯ୍ୟ ସହରାଞ୍ଚଳ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାର୍ଯ୍ୟକାରୀ କରିଥିଲା । ଏହା ମାଧ୍ୟମରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଦୃଷ୍ଟିରୁ ନଗରଗୁଡ଼ିକର ମାନ୍ୟତା ନିର୍ଦ୍ଧାରଣ ବ୍ୟବସ୍ଥା କରାଯାଇଥିଲା ।

ଏହି ସର୍ଭେ ସହରଗୁଡ଼ିକ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତାର ବାତାବରଣ ସୃଷ୍ଟିରେ ସହାୟକ ହୋଇଛି । ସ୍ୱଚ୍ଛତା ପ୍ରତି ନଗର ପ୍ରଶାସନ ବିଶେଷ ଧ୍ୟାନ ଦେବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ୨୦୧୬ ରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ସ୍ୱଚ୍ଛତା ସର୍ଭେରେ ୧୦ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୭୩ ଟି ସହର ସ୍ଥାନ ପାଇଥିଲା । ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜଧାନୀକୁ ମଧ୍ୟ ସାମିଲ କରାଯାଇଥିଲା । ୨୦୧୭ ରେ ୪୩୪ ଓ ୨୦୧୮ ରେ ୪୨୦୩ ଟି ସହରରେ ଏହି ସର୍ଭେ ହୋଇଥିଲା । ଏହି ସର୍ଭେରେ ମଧ୍ୟପ୍ରଦେଶର ଇନ୍ଦୋର ସହର ଦେଶର ସବୁଠୁ ପରିଷ୍କାର ସହରର ମାନ୍ୟତା ପାଇଥିଲା । ଏହି ସର୍ବଭାରତୀୟ ସ୍ୱଚ୍ଛତା ସର୍ଭେ ଦେଶର ପ୍ରଥମ ଏବଂ ଏଥିରେ ମୋଟ ୪୦ କୋଟି ଲୋକଙ୍କ ସ୍ୱଚ୍ଛତା ସଂକ୍ରାନ୍ତ ତଥ୍ୟାବଳୀ ସ୍ଥାନ ପାଇଛି । ବୋଧହୁଏ ସମଗ୍ର ବିଶ୍ୱରେ ଏହା ଏ ଧରଣର ସର୍ବବୃହତ୍ ସ୍ୱଚ୍ଛତା ସର୍ବେକ୍ଷଣ । ୨୦୧୯ ସ୍ୱଚ୍ଛତା ସର୍ବେକ୍ଷଣ ବିଭିନ୍ନ ଦୃଷ୍ଟିରୁ ଅଦ୍ୱିତୀୟ । ଏଥିରେ ସେବା ଯୋଗାଣ ସ୍ତରୀୟ ଆକଳନ ସଂପୂର୍ଣ୍ଣ ଭାବେ ଅନ୍‌ଲାଇନ୍‌ରେ ପେପର ଲେସ୍ ପଦ୍ଧତିରେ କରାଯାଇଛି । ଏଥିରେ ମଳ ଓ ଆବର୍ଜନା ପରିଚାଳନା ଗୁରୁତ୍ୱ ପାଇଛି । ଏହାକୁ ଭିତ୍ତିକରି ସହରଗୁଡ଼ିକୁ ଓଡ଼ିଏଫ୍ ++ ମାନ୍ୟତା ମିଳିଛି । ୨୦୨୦ ସ୍ୱଚ୍ଛ ସର୍ବେକ୍ଷଣ ନୀତିରେ ନିରନ୍ତର ସର୍ବେକ୍ଷଣ ଗୁରୁତ୍ୱ ପାଇଛି । ଏହାର ଉଦ୍ଦେଶ୍ୟ ହେଲା ମିଶନର ଉପଲବ୍ଧି ଓ ସଫଳତାକୁ ନିୟମିତ ଭାବେ ତଦାରଖ କରି ସ୍ୱଚ୍ଛ ଭାରତ ପରବର୍ତ୍ତୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ।

ମଣିଷ ଦ୍ୱାରା ମଳ ସଫେଇ ବ୍ୟବସ୍ଥାର ଅବସାନ: ମଣିଷଙ୍କ ଦ୍ୱାରା ମଇଳା ସଫଳ କରିବାର ପୁରୁଣାକାଳିଆ କଳଙ୍କିତ ପ୍ରଥାର ସଂପୂର୍ଣ୍ଣ ନିରାକରଣ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ଆଇନ ପ୍ରଣୟନ କରାଯାଇ ଏହାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ତେବେ ଅତି ଅସାଧାରଣ ପରିସ୍ଥିତିରେ ସେପ୍ଟିକ୍ ଟ୍ୟାଙ୍କ୍ ଓ ସିୱ୍ୱେର ମଧ୍ୟକୁ ମଣିଷ ପ୍ରବେଶ କରି ମଇଳା ସଫା କରିବାର ଆବଶ୍ୟକତା ପଡ଼ିଥାଏ । ସେଥିପାଇଁ ସଂପୃକ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ଓ ପୋଷାକ ଯୋଗାଇବାର ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଏବେ ମଧ୍ୟ ସହରାଞ୍ଚଳରେ ସଫେଇ କର୍ମଚାରୀମାନଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାନଯାଇ ମଳ ଟାଙ୍କି ଓ ଭୂତଳ ନାଳ ସଫା କାମରେ ନିର୍ବିଚାରରେ ବ୍ୟାପକ ଭାବେ ନିୟୋଜିତ କରାଯାଉଛି । ଆଇନର ଉଚିତ ପରିପାଳନରେ ଜନିତ ତ୍ରୁଟି ଓ ଭିତ୍ତିଭୂମି ତଥା ସାଧନର ଅଭାବରୁ ଏହା ହେଉଛି । ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ସେପ୍ଟିକ୍ ଟ୍ୟାଙ୍କ ଓ ସିୱ୍ୱରେଜ୍ ବିପଦଜନକ ତଥା ବେଆଇନ ସଫେଇ କାମକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଉଦ୍ୟମରତ । ଯଦି ବିଶେଷ ପରିସ୍ଥିତିରେ ଏପରି କିଛି କରିବାକୁ ପଡ଼େ ତେବେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବାକୁ ପ୍ରୟାସ କରାଯାଉଛି । ବେଳେବେଳେ ସିୱ୍ୱରେଜ୍ ଲାଇନ ଓ ସେପ୍ଟିକ୍ ଟ୍ୟାଙ୍କ ସଫେଇ ବେଳେ ସଫେଇ କର୍ମଚାରୀ ନିରାପତ୍ତା ବ୍ୟବସ୍ଥାର ଅଭାବରୁ ମୃତ୍ୟୁ ମୁଖରେ ପଡୁଛନ୍ତି । ଏଭଳି ଦୁଃଖଦ ଘଟଣା ଆମ ବିବେକ ଓ ସମାଜକୁ ଚହଲାଇ ଦେଉଛି । ଏ ଦିଗରେ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ କେତେକ ସ୍ଥାୟୀ ନିରନ୍ତର ସଫେଇ ବ୍ୟବସ୍ଥା ପ୍ରବର୍ତ୍ତନ କରିଛି । ଏଥିପାଇଁ ପ୍ରମୁଖ ସହରଗୁଡ଼ିକରେ ଜରୁରୀକାଳୀନ ସଫେଇ ୟୁନିଟ (ଇଆର୍‌.ଏସ୍‌ୟୁ)

ଗଠନ କରାଯାଇଛି । ଏସବୁ ୟୁନିଟରେ ଆବଶ୍ୟକ ସୁରକ୍ଷା ଉପକରଣ, ଉଦ୍ଧାର ଓ ସହାୟତା ବ୍ୟବସ୍ଥା ତଥା ଅଭିନବ ପ୍ରଯୁକ୍ତିର ଉପଯୋଗ କରାଯାଇ ସେଥିରେ ପେସାଦାର ସଫେଇକର୍ମୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ପୂର୍ବକ କାମରେ ଲଗାଯାଉଛି ।

**ଟେକ୍‌ନୋଲୋଜି, ଅଭ୍ୟାସ ପରିବର୍ତ୍ତନ ଓ ସାମର୍ଥ୍ୟ ନିର୍ମାଣ:** ସହରାଞ୍ଚଳଗୁଡ଼ିକର ଆବର୍ଜନା ବିଶେଷକରି ଶୌଚାଳୟ ମଇଳା ସଫେଇ ପାଇଁ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରାଯାଇଛି ।

ସର୍ବସାଧାରଣ ଶୌଚାଳୟରେ ଉତ୍ତୋଳନ ଜ୍ଞାନ କୌଶଳ ଓ ସ୍ମାର୍ଟ ଟେକ୍‌ନୋଲୋଜିକୁ କାମରେ ଲଗାଇବାର ବ୍ୟବସ୍ଥା କରାଯାଇଛି । ବ୍ୟବହାରକାରୀ ଓ ନାଗରିକଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ସ୍ୱଚ୍ଛତା ଆପ୍‌ର ବ୍ୟବସ୍ଥା କରାଯିବା ତାହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ।

ସମୟୋଚିତ ତଥ୍ୟ ସଂଗ୍ରହ ପାଇଁ ବଡଧରଣର ଅନ୍‌ଲାଇନ୍ ପରିଚାଳିତ ସୂଚନା ବ୍ୟବସ୍ଥା (ଏମ୍‌ଆର୍‌ଏସ) ଓ ପୋର୍ଟାଲ ଆରମ୍ଭ କରାଯାଇଛି ।

ନାଗରିକମାନଙ୍କୁ ବହୁସଂଖ୍ୟାରେ ସଂପୃକ୍ତ କରିବାକୁ ସ୍ୱଚ୍ଛ ମଞ୍ଚର ବ୍ୟବସ୍ଥା ହୋଇଛି ।

ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ପାଇଁ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ସେଲିବ୍ରିଟି, ଗଣମାଧ୍ୟମ, ଶୁଭେଚ୍ଛାଦୂତ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହାୟତା ନିଆଯାଉଛି । ଦୃଶ୍ୟ / ଶ୍ରାବ୍ୟ ଅଭିଯାନ, ସ୍ୱଚ୍ଛତା, ସେଲ୍‌ଫି, ନାଗରିକଙ୍କ ମତାମତ ଆଦିକୁ ପ୍ରଚାର କରି ଲୋକଙ୍କୁ ସଚେତନ କରାଯାଉଛି ।

ପୌର ପରିଷଦ / ନିଗମଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ଓ ଦକ୍ଷତା ବିକାଶ ପାଇଁ ଧାରାବାହିକ ଭାବେ କାମ ଚାଲିଛି । ବୈଷୟିକ ପରାମର୍ଶ, ସାହାଯ୍ୟ ସହଯୋଗ, ଦିଗ୍‌ଦର୍ଶନ, କ୍ଷେତ୍ର ପ୍ରଦର୍ଶନ, କର୍ମଶାଳା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପୌରସଂସ୍ଥା ଓ ଏହାର କର୍ମଚାରୀଙ୍କୁ ଦକ୍ଷତା ବୃଦ୍ଧି ବ୍ୟବସ୍ଥା କରାଯାଇଛି ।

**ଭବିଷ୍ୟତ କର୍ମପନ୍ଥା:**

ସହରୀ ଭାରତ ଏବେ ଏକ ସନ୍ଧିକ୍ଷଣରେ ଉପନୀତ । ସହରାଞ୍ଚଳର ପରିଷ୍କାର ପରିଚ୍ଛନ୍ନତାରେ ନିଶ୍ଚିତ କିଛି ଉନ୍ନତି ପରିଲକ୍ଷିତ ହୋଇଛି । ଏହା ସତ୍ତ୍ୱେ ଏ ଦିଗରେ ଆହୁରି ଅନେକ କିଛି କରିବାର ଅଛି । ଏହାହେଲେ ସବୁ ସହର ବାସ୍ତବରେ ଯଥାର୍ଥ ବାସ ଉପଯୋଗୀ ଓ ସ୍ମାର୍ଟ ହୋଇପାରିବ । ପ୍ରତ୍ୟେକ ପରିବାର ଗୋଷ୍ଠୀ / ସର୍ବସାଧାରଣଙ୍କ ପାଇଁ ଶୌଚାଳୟମାନ ଆବଶ୍ୟକତା ଅନୁସାରେ ତିଆରି ହୋଇଛି । ଲୋକେ ମଧ୍ୟ ସେସବୁ ବ୍ୟବହାର କରୁଛନ୍ତି ଏବଂ ଆଉ ମଳତ୍ୟାଗ ପାଇଁ ବାହାରକୁ ପ୍ରାୟତଃ ଯାଉ ନାହାନ୍ତି । ଏ କ୍ଷେତ୍ରରେ ସବୁଠୁ ବଡ଼ କାମଟି ହେଲା ସର୍ବସାଧାରଣ / ଗୋଷ୍ଠୀଗତ ଶୌଚାଳୟର ରକ୍ଷଣାବେକ୍ଷଣ ଏବଂ ଉପଯୁକ୍ତ ପରିଚାଳନା । ଏ ବ୍ୟବସ୍ଥାଟି ଠିକ୍ ଭାବେ ନ ହେଲେ ସ୍ୱଚ୍ଛତା ଅଭିଯାନ ବିଫଳ ହେବ । ଏସବୁ ଶୌଚାଳୟକୁ କାର୍ଯ୍ୟକ୍ଷମ ରଖିବାକୁ ପଡ଼ିବ ଏବଂ ବ୍ୟବହାର ଉପଯୋଗୀ କରିବାକୁ ହେବ । ତେବେ ଯାଇ ଏହାର ଉଦ୍ଦେଶ୍ୟପୂରଣ ହୋଇପାରିବ । ସେଇଭଳି ଶୌଚାଳୟ ଆବର୍ଜନା / ମଳ ଏବଂ ବର୍ଜ୍ୟଜଳର ନିରାପଦ ପରିଚାଳନା; ଏହାର ସଂଗ୍ରହ, ପରିବହନ, ବିଶୋଧନ ଏବଂ ବିଲୋପନ କାମ ଠିକ୍ ଭାବେ ନ'ହେଲେ ଜୀବାଣୁ ବ୍ୟାପିବେ ତଥା ପରିବେଶ ପ୍ରଦୂଷିତ ହେବ । ଘରର ଗାଧୁଆ ଓ ରୋଷେଇ ଘରୁ ନିଷ୍କାସିତ ଜଳକୁ ମଧ୍ୟ ସ୍ୱତନ୍ତ୍ର ସିଓ୍ୱରେଜ୍ ଲାଇନରେ ନେଇ ବିଶୋଧନ କରି ଛାଡ଼ିବାକୁ ପଡ଼ିବ । ତେବେ ଯାଇ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସୁଫଳ ଜନସ୍ୱାସ୍ଥ୍ୟ ଉପରେ ପଡ଼ିବ । ଛୋଟ ଛୋଟ ସହରର ଗୁଡ଼ିକର ଶୌଚାଳୟ ଓ ପରିବାରର ତରଳ ଏବଂ କଠିଣ ବର୍ଜ୍ୟ ପରିଚାଳନା ଭଲ ନୁହେଁ । ମଇଳା ଓ ଆବର୍ଜନାକୁ ଅସୁରକ୍ଷିତ ଉପାୟରେ ସଂଗ୍ରହ କରି ତାହାକୁ ବିନା ବିଶୋଧନରେ ଏଣେତେଣେ ପକାଇ ଦିଆଯାଏ । ଏହା ଦ୍ୱାରା ପରିବେଶ ଓ ଜଳ ପ୍ରଦୂଷିତ ହୋଇଥାଏ । ସହରର ୬୦ ଭାଗ ଲୋକ ଏହି ଅସୁରକ୍ଷିତ ବର୍ଜ୍ୟ ପରିଚାଳନା ସହ ଅଭ୍ୟସ୍ତ । ସେପ୍ଟିକ ଟ୍ୟାଙ୍କ, ସିଓରେଜ, ସୋକ୍‌ପିଟ ଆଦି

> ୨୦୧୧ ଜନଗଣନା ଅନୁସାରେ ଭାରତର ସହରାଞ୍ଚଳରେ ୧୨.୬ ଶତାଂଶ ଲୋକ ବାହାରେ ମଳମୂତ୍ର ତ୍ୟାଗ କରନ୍ତି । ଗ୍ରାମାଞ୍ଚଳରେ ଏହି ହାର ୬୮ ଶତାଂଶ । ତୁଳନାତ୍ମକ ଭାବେ ଦେଖିଲେ ଏ କ୍ଷେତ୍ରରେ ସହରର ସ୍ଥିତି ଯଥେଷ୍ଟ ଭଲ । ତଥାପି ସହରର ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏହି ଖୋଲା ମଳତ୍ୟାଗ ପ୍ରଭାବ ପକାଉଛି । ଅଧିକନ୍ତୁ ଦେଶର ସହରାଞ୍ଚଳଗୁଡ଼ିକରେ ସେପ୍ଟିକ୍ ଟ୍ୟାଙ୍କର ହାର ୩୮ ଶତାଂଶ ଥିବାବେଳେ ସିଓ୍ୱରେଜ ସଂଯୋଗ ବ୍ୟବସ୍ଥା ୩୩ ଭାଗରୁ କମ୍ । ଏହାର ଅର୍ଥ ସହରାଞ୍ଚଳର ଘରୋଇ, ସରକାରୀ, ଗୋଷ୍ଠୀ, ବସ୍ତି ଓ ଅନ୍ୟାନ୍ୟ ସ୍ଥାନରେ ଥିବା ଶୌଚାଳୟଗୁଡ଼ିକରୁ ଯେଉଁ ସବୁ ମଳ / ଆବର୍ଜନା ନିଷ୍କାସିତ ହେଉଛି ତାହା ନିରାପଦ ଭାବରେ ଅପସାରିତ ନ ହୋଇ ଏଠି ସେଠି ଜମା ହେଉଛି । ଏହା ଫଳରେ ପରିବେଶ ଉପରେ ଗୁରୁତର କୁ-ପ୍ରଭାବ ପଡୁଛି । ଆହୁରି ଏକ ବଡ଼ ଚିନ୍ତାର ବିଷୟ ହେଲା ଏହି ମଇଳା / ଆବର୍ଜନା ଦ୍ୱାରା ପାନୀୟ ଜଳ ପାଇଁ ବ୍ୟବହୃତ ହେଉଥିବା ୭୫ ଶତାଂଶ ମଧୁର ଜଳଉତ୍ସ ସଂକ୍ରମିତ ହେଉଛି । ୨୦୦୯ ର ଏକ ସରକାରୀ ରିପୋର୍ଟ ଅନୁସାରେ ସହରାଞ୍ଚଳରେ ନିରାପଦ ସିଓରେଜ ବ୍ୟବସ୍ଥାର ଅଭାବ ମୋଟ ପ୍ରଦୂଷଣର ୬୦ ଭାଗ ପାଇଁ ଦାୟୀ ।

| ସ୍ୱଚ୍ଛତାରେ ସମ୍ପନ୍ନତା | | |
|---|---|---|
| ନିରନ୍ତର ପରିଚ୍ଛନ୍ନତା | ମଣିଷ ମଳର ପୂର୍ଣ୍ଣାଙ୍ଗ ପରିଚାଳନା | ମଇଳା ଓ ଅନ୍ୟାନ୍ୟ ସମସ୍ତ ଆବର୍ଜନାର ନିରାପଦ ସଂଗ୍ରହ ଓ ପରିଚାଳନା । ଆବଶ୍ୟକ ଡିସ୍ଲଜିଂ ଯାନ (ଓ.ଡ଼ି.ଏଫ୍ +++ ନଗରୀ ପାଇଁ) ସିୱେର ଓ ସେପ୍ଟିକ୍ ଟ୍ୟାଙ୍କରେ ଜରୁରୀ ଆବଶ୍ୟକତା ସମୟରେ ନର୍ଦ୍ଦମା ଟାଙ୍କି ଓ ଭୂତଳ |
| | ବଡ଼ ବଡ଼ ସହରରେ ଜରୁରୀକାଳୀନ ସଫେଇ ୟୁନିଟ୍ ଗଠନ | ବିପଜ୍ଜନକ ଭାବେ ମଣିଷର ନାଳ ସଫା ପାଇଁ କର୍ମଚାରୀଙ୍କୁ ସୁରକ୍ଷା ଉପକରଣ ଯୋଗାଣ ପ୍ରବେଶକୁ ନିଷେଧ କରିବା । |
| ବର୍ଜ୍ୟ ଜଳର ବିଶୋଧନ | ସହରରେ ବର୍ଜ୍ୟଜଳର ବିଶୋଧନ ଓ ପୁନଃ ବ୍ୟବହାର | ବ୍ୟବହୃତ ତଥା ବର୍ଜ୍ୟ ଜଳକୁ କୌଣସି ଜଳ ଭଣ୍ଡାରକୁ ଛାଡ଼ିବା ପୂର୍ବରୁ ତାହାର ସଂପୂର୍ଣ୍ଣ ବିଶୋଧନ ଏବଂ ଆବଶ୍ୟକ ସ୍ଥଳେ ପୁନଃବ୍ୟବହାର । |

***ଫିଗର– ୬: ସ୍ୱଚ୍ଛତାରେ ସମ୍ପନ୍ନତା***

ତ୍ରୁଟିପୂର୍ଣ୍ଣ ଢ଼ଙ୍ଗରେ ତିଆରି ହୋଇଥିବାରୁ ଏବଂ ତାହାର ସଫେଇ ନିୟମିତ ହେଉନଥିବାରୁ ସମସ୍ୟା ଦେଖାଦେଉଛି। ସେଥିପ୍ରତି ସଚେତନ ରହି ଯୋଜନା ମୁତାବକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ । କେବଳ ବାହାରେ ମଳତ୍ୟାଗ କରିବା ବନ୍ଦ ହୋଇଗଲେ ସ୍ୱଚ୍ଛ ଭାରତ ମିଶନର ଲକ୍ଷ୍ୟ ସଫଳ ହେବ ନାହିଁ । ସେଥିପାଇଁ ଏହାର ଅନ୍ୟାନ୍ୟ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ହେବ ।

ସହରାଞ୍ଚଳରେ ସ୍ୱଚ୍ଛତା କ୍ଷେତ୍ରରେ ଯେଉଁ ସଫଳତା ହାସଲ କରାଯାଇଛି ତାହା ଚିରସ୍ଥାୟୀ ନୁହେଁ। ତ୍ରୁଟି ବିଚ୍ୟୁତି ଘଟିଲେ ତାହା ପୁନର୍ବାର ବିଗିଡ଼ି ଯିବାର ସମ୍ଭାବନା ଅଧିକ। ସ୍ୱଚ୍ଛତା ଘେନି ଲୋକଙ୍କର ଆଶା ଆକାଙ୍କ୍ଷା ବଢ଼ିଛି ଏବଂ ଏହା ଏକ ଭଲ ଲକ୍ଷଣ। ତେବେ ଏ କ୍ଷେତ୍ରରେ ଅଧିକ କିଛି ପାଇବାକୁ ହେଲେ ହାସଲ ହୋଇଥିବା କାମଗୁଡ଼ିକୁ ସ୍ଥାୟୀ ଓ ନିରନ୍ତର କରିବାକୁ ପଡ଼ିବ।

ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ନଗରାଞ୍ଚଳ ପରିଚ୍ଛନ୍ନତା ସଂପର୍କରେ ବିଭିନ୍ନ ଆଦର୍ଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛି । ଏ ଦିଗରେ ଲକ୍ଷ୍ୟ ହେଲା ସ୍ୱଚ୍ଛତାକୁ ଆନୁଷ୍ଠାନିକ ରୂପ ପ୍ରଦାନ କରିବା । ତେବେ ଯାଇ ଭାରତ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିପାରିବ । ଅତଏବ ଆମର ପରବର୍ତ୍ତୀ ଲକ୍ଷ୍ୟ ହେଲା ସହରୀ ଭାରତକୁ ସ୍ୱଚ୍ଛତାର ପରବର୍ତ୍ତୀ ସ୍ତରକୁ ଉନ୍ନୀତ କରିବା । ଏଥିପାଇଁ ଏକ ଉପଯୁକ୍ତ ପରିବେଶ ନିର୍ମାଣ ବିଶେଷ ଗୁରୁତ୍ୱ ବହନ କରେ । ସେଥିପାଇଁ ଆମକୁ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ନିରନ୍ତର ସ୍ୱଚ୍ଛତା (ସବୁ ସହରକୁ ଓଡ଼ିଏଫ୍ ++ ସ୍ତରକୁ ଉନ୍ନୀତ କରିବା) ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟର ନୀତି ଅନୁସାରେ ବର୍ଜ୍ୟ ଜଳର ବିଶୋଧନ । ଏସବୁକୁ ସ୍ୱଚ୍ଛତାରୁ ସମ୍ପନ୍ନତା ନୀତିରେ ଯୋଜନା ବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଆହୁରି ମଧ୍ୟ ନୀତିଗତ ସମର୍ଥନ ଓ ସଂସ୍କାର ଦ୍ୱାରା ଏଥିପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେବ। ସେଥିରେ ନୂଆ ଟେକ୍ନୋଲୋଜିର ଉପଯୋଗ, ନିରୀକ୍ଷଣ, ବ୍ୟବସ୍ଥାଗତ, ପରିଚାଳନା ଓ ରୂପାୟନ, ଆଧୁନିକ ସର୍ବେକ୍ଷଣ, ତୃତୀୟ ପକ୍ଷଙ୍କ ଦ୍ୱାରା କାର୍ଯ୍ୟର ମାନ ତଦାରଖ, ପୌରସଂସ୍ଥାଗୁଡ଼ିକର ଦକ୍ଷତା ବୃଦ୍ଧି ଏବଂ ଘରୋଇ ଉଦ୍ୟୋଗ ସମୂହର ସହଯୋଗ ଏଥିରେ ବିଶେଷ ଗୁରୁତ୍ୱ ରଖେ । ସ୍ୱଚ୍ଛତା ସଂପର୍କରେ ଅଭିନବ ବିଚାର ଓ ରୂପାୟଣ ଶୈଳୀ ସଂପର୍କରେ ମଧ୍ୟ ଆମକୁ ଆଗ୍ରହୀ ହେବାକୁ ପଡ଼ିବ । ତା'ହେଲେ ସମୁଦାୟ ସ୍ୱଚ୍ଛତା ପ୍ରସଙ୍ଗରେ ବିଭିନ୍ନ ଦିଗଗୁଡ଼ିକ ପ୍ରତି ଯଥାର୍ଥ ଧ୍ୟାନ ଦେଇହେବ ।

**ଉପସଂହାର:**

ଏବେ ସ୍ୱଚ୍ଛତାର ବିଚାର ସଶକ୍ତୀକରଣ ଓ ଜୀବନର ମାନ ଉପରେ ପ୍ରତିଫଳିତ ହେବାକୁ ଲାଗିଲାଣି । ସହରୀ ଭାରତର ବିକାଶ ଆମ ଜୀବନରେ ମଧ୍ୟ ଅନୁଭୂତ ହେଲାଣି । ଅତଏବ ସ୍ୱଚ୍ଛତା ଓ ପରିଚ୍ଛନ୍ନତା କ୍ଷେତ୍ରରେ ଆମର ଉଦ୍ୟମ ଅନବରତ ଲାଗି ରହିଲେ ଏହା ଆମକୁ ସ୍ୱଚ୍ଛ, ସୁସ୍ଥ, ସମର୍ଥ ଓ ସଶକ୍ତ ନୂଆ ଭାରତ ଆଡ଼କୁ ଅବଶ୍ୟ ବାଟ କଢ଼େଇ ନେବ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଗୃହ ନିର୍ମାଣ ଏବଂ ସହରୀ ବ୍ୟାପାର ମନ୍ତ୍ରଣାଳୟର ସଚିବ**
**Email ID: secyurban@nic.in**

## ସାକ୍ଷାତକାର

# ପ୍ରଫେସର ଏମ୍‌ଏସ୍ ସ୍ୱାମୀନାଥନଙ୍କ ସହ ସାକ୍ଷାତକାର

ମନକୋମ୍ବୁ ସମ୍ବାଶିବନ ସ୍ୱାମୀନାଥନ ବା ଏମ୍‌ଏସ୍ ସ୍ୱାମୀନାଥନ- ସବୁଜ ବିପ୍ଳବର ଜନକଙ୍କୁ ୨୦୧୯ ଡିସେମ୍ବର ୧୧ ତାରିଖ ଦିନ ଆମେ ଯେତେବେଳେ ତାଙ୍କ କାର୍ଯ୍ୟାଳୟରେ ଭେଟିଲୁ ସେ ଆମକୁ ହସ ହସ ହୋଇ ସ୍ୱାଗତ କଲେ। ୧୯୬୦ ଦଶକରେ ଯେତେବେଳେ ସାରଦା ପ୍ରସାଦ 'ଯୋଜନା'ର ସମ୍ପାଦକ ଥିଲେ ସେତେବେଳୁ ହିଁ 'ଯୋଜନା' ସହ ତାଙ୍କ ସମ୍ପର୍କକୁ ସେ ମନେ ପକାଇଥିଲେ। "ସେ ସମୟରେ 'ଯୋଜନା'ର ଏମିତି ଅଳ୍ପ କେତେ ସଂସ୍କରଣ ଥିବ, ଯେଉଁଥିରେ ମୋ ଲେଖା ପ୍ରକାଶିତ ହୋଇନଥିବ"- ଗର୍ବର ସହ କହିଥିଲେ ସେ। ଏମ୍ ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତାଙ୍କୁ ଏବେ ୯୪ ବର୍ଷ ବୟସ ଓ ହ୍ୱିଲ୍‌ଚେୟାରରେ ବନ୍ଧା। ତଥାପି ତାଙ୍କ ମସ୍ତିଷ୍କ ପୂର୍ବଭଳି କ୍ଷିପ୍ର ଓ ସେ ଏବେ ମଧ୍ୟ ଧାରଣକ୍ଷମ କୃଷି, ସାଧାରଣ କୃଷକଙ୍କ ଜୀବନଯାପନ ଓ ଜଳବାୟୁ ପରିବର୍ତ୍ତନ ବିଷୟ ସହ ଆବେଗିକ ଭାବେ ସଂଶ୍ଳିଷ୍ଟ।

ପ୍ରଫେସର ସ୍ୱାମୀନାଥନଙ୍କୁ ଚେନ୍ନାଇ ଠାରେ ସାକ୍ଷାତ କରିଥିଲେ ସଞ୍ଜୟ ଘୋଷ। ସେହି ସାକ୍ଷାତକାରର କିୟଦଂଶ ଏଠାରେ ଉପସ୍ଥାପନ କରାଯାଇଛି...

**ପ୍ରଶ୍ନ: ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ଶୀର୍ଷ ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ବ୍ୟବହାର ପରିବର୍ତ୍ତନ। ଏହା କିପରି ସମ୍ଭବ ହେବ ?**

**ଉତ୍ତର:** ତିନୋଟି ସ୍ତରରେ ବ୍ୟବହାର ପରିବର୍ତ୍ତନ ହୋଇଥାଏ। ପ୍ରଥମଟି ହେଉଛି ଘର, ଯେଉଁଠାରେ ମାଆଙ୍କର ବିଶେଷ ଭୂମିକା ଥାଏ। ଦ୍ୱିତୀୟଟି ହେଉଛି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ତୃତୀୟଟି ହେଉଛି ସମାଜ। ସମାଜ ଯଦି ଏଥିପ୍ରତି ନିଜର ପ୍ରତିବଦ୍ଧତା ନ ଦେଖାଇଛି ତେବେ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ତେଣୁ ଏହି ତିନୋଟିଯାକ ସ୍ତରରେ ବ୍ୟବହାର ପରିବର୍ତ୍ତନ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଘରେ, ସ୍କୁଲ୍ ଓ କଲେଜରେ ଯେଉଁଠି ଶିକ୍ଷାର ଏକ ପ୍ରମୁଖ ଭୂମିକା ଥାଏ ଓ ଶେଷରେ ନିଜର ଜୀବନ ଓ ସର୍ବସାଧାରଣ ଜୀବନ ପ୍ରତି ନିଜର ଆଭିମୁଖ୍ୟ। ଦୁର୍ଭାଗ୍ୟବଶତଃ ଆମ ଦେଶରେ ଏଯାଏଁ ଜନଶିକ୍ଷାକୁ ନେଇ କୌଣସି ସଂଗଠିତ କାର୍ଯ୍ୟକ୍ରମ ନାହିଁ।

ପ୍ରଚେଷ୍ଟା ଚାଲିଛି। ସ୍ୱୟଂ ପ୍ରଧାନମନ୍ତ୍ରୀ ଜଳବାୟୁ ପରିବର୍ତ୍ତନରେ ଥିବା ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି କରିଛନ୍ତି। ତେବେ ଏହା ଏପର୍ଯ୍ୟନ୍ତ ଆମ ବିଦ୍ୟାଳୟ, ମହାବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ୍ ହୋଇନାହିଁ। ପରିବାର ସ୍ତରରେ ମଧ୍ୟ ଏ ସମ୍ପର୍କରେ ଆଲୋଚନା, ପର୍ଯ୍ୟାଲୋଚନା ନାହିଁ। ଆମ ଘରେ





ଗରମ ନହେଲେ ମଧ୍ୟ ଆମେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଟିକୁ ଚଲାଇଥାଉ। ଆମକୁ ମନେରଖିବାକୁ ହେବ ଯେ ଆମେ ଉପଯୋଗ କରୁଥିବା ପ୍ରତ୍ୟେକ ୟୁନିଟ୍ ଶକ୍ତି ହେଉଛି ଅଣନବୀକରଣୀୟ ଶକ୍ତି। ଅନ୍ୟ ଭାଷାରେ କହିଲେ ଘର ହେଉ ବା ଅନୁଷ୍ଠାନ ବା ସହର ନଗରରେ ଶକ୍ତି ପରିଚାଳନାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଅଧିକ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅଛି। ମୁଁ ବିଶ୍ୱାସ କରେ ଯେ ପ୍ରତ୍ୟେକ ପଞ୍ଚାୟତରେ ଜଳବାୟୁ ପରିଚାଳନା ସୋସାଇଟି ରହିବା ଉଚିତ୍। ପଞ୍ଚାୟତ ସଦସ୍ୟଙ୍କୁ ମଧ୍ୟ ଆମେ ଏ ସମ୍ପର୍କରେ ସଚେତନ କରାଇବା ଉଚିତ୍।

**ପ୍ରଶ୍ନ: ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ପାଇଁ ସରକାରଙ୍କ ତରଫରୁ ଅନେକ ନୀତି ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଉ ଅଧିକ କ'ଣ କରାଯିବା ଉଚିତ୍ ?**

**ଉତ୍ତର:** ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିରୁ ଆମେ ଅନନ୍ୟ। ଆମେ ଏକ ଗଣତାନ୍ତ୍ରିକ ଦେଶ- ଧର୍ମନିରପେକ୍ଷ ରାଷ୍ଟ୍ର- ତୃଣମୂଳ ସ୍ତର, ପଞ୍ଚାୟତ ସଂସ୍ଥା ଓ ରାଜ୍ୟସ୍ତରୀୟ ବୈଧାନିକ କମିଟି- ଏସବୁ ସ୍ତରରେ ଆମ ଗଣତନ୍ତ୍ର ଖୁବ୍ ଭଲ ଭାବେ କାର୍ଯ୍ୟ କରୁଛି। ଜୀବନ ଓ ଜନଶିକ୍ଷା କ୍ଷେତ୍ରରେ ମଧ୍ୟ ଆମ ଦେଶରେ ଅନେକ ଶିକ୍ଷାନୁଷ୍ଠାନ, ବୈଜ୍ଞାନିକ ଅନୁଷ୍ଠାନ ଓ ଅନ୍ୟାନ୍ୟ ଅନେକ ବିଶ୍ୱବିଦ୍ୟାଳୟ ଅଛି। ରାଜନୈତିକ ସ୍ତରରେ ମଧ୍ୟ ଆମ ପାଖରେ ଅଛି ଗ୍ରାମସଭା ଠାରୁ ସଂସଦ ପର୍ଯ୍ୟନ୍ତ ଅନେକ ସଂସ୍ଥା। ଏଥିପାଇଁ ମୁଁ କହେ ଯେ ଜନଶିକ୍ଷା ପ୍ରତି ସମସ୍ତେ ସଚେତନ ହେବା ଉଚିତ୍। ଆମେ ସମସ୍ତେ ଜାଣିବା ଉଚିତ୍ ଯେ ଜଳବାୟୁ ପରିବର୍ତ୍ତନ ଧନୀ ଓ ଦରିଦ୍ର ମଧ୍ୟରେ ଭେଦଭାବ କରେନାହିଁ। ଅବଶ୍ୟ ଧନୀ ବ୍ୟକ୍ତିଜଣକ ଜଳବାୟୁ ପ୍ରଭାବରୁ ରକ୍ଷାପାଇବା ପାଇଁ ନିଜ ଘରେ ବିଜୁଳି ଶକ୍ତି ଉପଯୋଗ କରିପାରେ। ମୁଁ ଭାବୁଛି ଯେ ସମୟ ଆସିଯାଇଛି ଆମେ ମିଳିତ ଭାବେ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଉଚିତ୍। ଆମେ ଜଳବାୟୁ ସମ୍ପର୍କିତ ଗବେଷଣା ୧୯୮୯ ମସିହାରୁ ଆରମ୍ଭ କରିସାରିଛୁ ଓ ଦୀର୍ଘ ୩୦ ବର୍ଷ ଭିତରେ ଅନେକ ପଦକ୍ଷେପ ମଧ୍ୟ ନେଇଛୁ। ଆରମ୍ଭରେ ଏଥିପାଇଁ ଲୋକେ ଅନିଚ୍ଛୁକ ଥିଲେ କିନ୍ତୁ ସମୟ ବଦଳୁଛି। ଆମର କାର୍ବନ ପଦଚିହ୍ନ କମିବାରେ ଲାଗିଛି। ଏଭଳି ପରିବର୍ତ୍ତନକୁ ଆମେ ଦେଶ ମଙ୍ଗଳ ଉଦ୍ଦେଶ୍ୟରେ ନିୟୋଜିତ କରିବା ଉଚିତ୍।

**ପ୍ରଶ୍ନ: ଏହି ପରିବର୍ତ୍ତନର ପର୍ଯ୍ୟାୟ ବେଶୀ ସମୟ ନେଉଛି କି ?**

**ଉତ୍ତର:** ଏହା ସତ। ମୁଁ ପୂର୍ବରୁ ସେଇଆ ହିଁ କହିଛି। ଏମିତିରେ ଲୋକେ ଜଳବାୟୁଜନିତ ସମସ୍ୟା ବାବଦରେ ଜାଣିଛନ୍ତି। ଆମେ ବୋଧହୁଏ ପ୍ରଥମ ଦେଶ ଯେଉଁଠି ଜଳବାୟୁ ମାପିବା ପାଇଁ ଭାରତୀୟ ପାଣିପାଗ ବିଭାଗକୁ ନିୟୋଜିତ କରିଛୁ। କାରଣ ଆମେ ହେଉଛୁ ଏକ କୃଷିପ୍ରଧାନ ଦେଶ। ଆଲୋକ ସଂଶ୍ଳେଷଣ ଯୋଗୁଁ କୃଷି ହେଉଛି ନବୀକରଣୀୟ ଶକ୍ତିର ପ୍ରମୁଖ ଉତ୍ସ। ଆମେ ଜାଣୁ ଯେ ଦକ୍ଷିଣ ଭାରତରେ ପୋଙ୍ଗାଲ ସମୟରେ ସୂର୍ଯ୍ୟ ଓ ବୃକ୍ଷକୁ ପୂଜା କରାଯାଏ। ସୂର୍ଯ୍ୟ ପୂଜା ପଛର କାରଣ ହେଉଛି ବୃକ୍ଷଗୁଡ଼ିକ ସୂର୍ଯ୍ୟକିରଣ ଟାଣିନେଇ ତାକୁ ଶକ୍ତିରେ ରୂପାନ୍ତରିତ କରନ୍ତି। ଏହା ହେଉଛି ପ୍ରଗତିଶୀଳ ଜ୍ଞାନ। ମୁଁ ଯେତେବେଳେ ଲୋକଙ୍କୁ ପଚାରେ ଯେ ପୋଙ୍ଗାଲର ଅର୍ଥ କ'ଣ କିମ୍ବା ସେମାନେ କାହିଁକି ଆଖୁର ଏକ ନିର୍ଦ୍ଦିଷ୍ଟ କିସମକୁ ବାଛିଥାନ୍ତି, ସେତେବେଳେ ସେମାନେ କିଛି କହିପାରନ୍ତି ନାହିଁ। ଆଖୁ ହେଉଛି ସର୍ବୋତ୍କୃଷ୍ଟ ସୌରଶକ୍ତି ଶୋଷକ।

ତେଣୁ ମୁଁ ଭାବେ ଯେ ପରିବର୍ତ୍ତନ ଆସୁଛି। ବର୍ତ୍ତମାନର ସରକାର ମଧ୍ୟ ଏ ଦିଗରେ ଯଥେଷ୍ଟ ପ୍ରଯତ୍ନ କରୁଛନ୍ତି। ମୁଁ ଆଶା କରେ ଯେ ବର୍ତ୍ତମାନ ଚାଲିଥିବା

## ପ୍ରଫେସର ଏମ୍‌ଏସ୍ ସ୍ୱାମୀନାଥନଙ୍କ ସମ୍ପର୍କରେ...

ଭାରତର କୃଷି ନବଜାଗରଣ ପଛରେ ପ୍ରଫେସର ସ୍ୱାମୀନାଥନଙ୍କ ଅବଦାନ ଯଥେଷ୍ଟ। ଏଥିପାଇଁ ତାଙ୍କୁ ସବୁଜ ବିପ୍ଳବର ବୈଜ୍ଞାନିକ ନେତା ମଧ୍ୟ କୁହାଯାଏ। ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମଙ୍କ ଭାଷାରେ ପ୍ରଫେସର ସ୍ୱାମୀନାଥନ ହେଉଛନ୍ତି 'ଆର୍ଥିକ ପରିବେଶର ଜନକ'। ଉଦ୍ଭିଦ ଗୁଣସୂତ୍ର ବିଶେଷଜ୍ଞ ପ୍ରଫେସର ସ୍ୱାମୀନାଥନ ଭାରତୀୟ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ (୧୯୬୧-୧୯୭୨), ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ, ଭାରତ ସରକାରଙ୍କ ସଚିବ, କୃଷି ଗବେଷଣା ଓ ଶିକ୍ଷା ବିଭାଗ (୧୯୭୨-୧୯୭୯), କୃଷି ମନ୍ତ୍ରଣାଳୟର ପ୍ରଧାନ ସଚିବ (୧୯୭୯-୧୯୮୦), ଯୋଜନା ଆୟୋଗର କାର୍ଯ୍ୟକାରୀ ଅଧ୍ୟକ୍ଷ ଓ ପରେ ସଦସ୍ୟ (ବିଜ୍ଞାନ ଓ କୃଷି) (୧୯୮୦-୧୯୮୨) ଓ ଫିଲିପାଇନ୍‌ସ୍ଥିତ ଆନ୍ତର୍ଜାତିକ ଧାନ ଗବେଷଣା ପ୍ରତିଷ୍ଠାନର ମହାନିର୍ଦ୍ଦେଶକ (୧୯୮୨-୧୯୮୮) ଭାବେ ଦାୟିତ୍ୱ ନିର୍ବାହନ କରିଛନ୍ତି।

ପ୍ରଫେସର ସ୍ୱାମୀନାଥନଙ୍କୁ ଅନେକ ପୁରସ୍କାର ମିଳିସାରିଛି। ସେଗୁଡ଼ିକ ହେଉଛି ଗୋଷ୍ଠୀ ନେତୃତ୍ୱ ପାଇଁ ରମଣ ମାଗାସେସ୍ (୧୯୭୧), ଆଲବର୍ଟ ଆଇନ୍‌ଷ୍ଟାଇନ୍ ବିଶ୍ୱ ବିଜ୍ଞାନ ପୁରସ୍କାର (୧୯୮୬), ପ୍ରଥମ ବିଶ୍ୱ ଖାଦ୍ୟ ପୁରସ୍କାର (୧୯୮୭), ପରିବେଶ ପାଇଁ 'ଭୋଲ୍‌ଭୋ, ଟାଇଲର ଏବଂ ସାସାକାୱା ପୁରସ୍କାର, ଇନ୍ଦିରା ଗାନ୍ଧୀ ଶାନ୍ତି ନିରସ୍ତ୍ରୀକରଣ ଓ ବିକାଶ ପୁରସ୍କାର (୨୦୦୦) ଓ ୟୁନେସ୍କୋର ମହାତ୍ମା ଗାନ୍ଧୀ ପୁରସ୍କାର (୨୦୦୦), ଫ୍ରାଙ୍କ୍‌ଲିନ୍ ଡି. ରୁଜ୍‌ଭେଲ୍ଟ ଫୋର ଫ୍ରିଡମ୍ ପୁରସ୍କାର, ଲାଲ୍‌ବାହାଦୂର ଶାସ୍ତ୍ରୀ ଜାତୀୟ ପୁରସ୍କାର (୨୦୦୭), ପଦ୍ମଶ୍ରୀ (୧୯୬୭), ପଦ୍ମଭୂଷଣ (୧୯୭୨) ଓ ପଦ୍ମ ବିଭୂଷଣ (୧୯୮୯)।

ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ମାଦ୍ରିଦ୍ ଠାରେ)ରେ ସମସ୍ତ ଦେଶ କୌଣସି ସହମତିରେ ପହଞ୍ଚିବେ। କେବଳ ଭାରତୀୟ ବା ୟୁରାସିଆ ବା ଆମେରିକାର ନୁହଁ, ବରଂ ପ୍ରତ୍ୟେକ ନାଗରିକର ଏଭଳି ଭାବନା ରହିବା ଉଚିତ୍ ଯେ ପୃଥିବୀ ହେଉଛି ତାଙ୍କ ନିଜର। ସେମାନେ ଭାବିବା ଉଚିତ୍ ଯେ ପୃଥିବୀ ହେଉଛି ଏକମାତ୍ର ଗ୍ରହ ଯାହା ତାଙ୍କ ନିଜର ଓ ସେଥିପାଇଁ ଏହାକୁ ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରିବାକୁ ପଡ଼ିବ।

ମୁଁ ଭାବୁଛି ଯେ ଏହା ଘଟୁଛି। ଯଦିଓ ଏହାର ବେଗକୁ ନେଇ ମୁଁ ସନ୍ତୁଷ୍ଟ ନୁହଁ। ଜଳବାୟୁ ପରିବର୍ତ୍ତନର ବିରାଟ ପ୍ରଭାବ ଆମ ଭବିଷ୍ୟତ ଜୀବନ ଓ ପୃଥିବୀ ଉପରେ ପଡ଼ିବ ବୋଲି ଲୋକ ଧୀରେ ଧୀରେ ସଚେତନ ହେଉଛନ୍ତି। ତେବେ ଏହା ଧୀମା ଗତିରେ ଚାଲିଛି କାରଣ ସବୁ ଜିନିଷ ପାଇଁ ଶକ୍ତି ଦରକାର। ଆଲୋକ ପାଇଁ, ରୋଷେଇ ପାଇଁ ଆମକୁ ଶକ୍ତି ଦରକାର। ତେଣୁ ଏହାର ଗତି ବଢ଼ାଯାଇପାରିବ ଯଦି ଆମ ପାଖରେ ଧୂମ୍ରବିହୀନ ଚୂଲି ଭଳି ସ୍ୱଚ୍ଛ କାର୍ବନ ସୃଷ୍ଟି କରୁଥିବା ବିକଳ୍ପ ଥିବ। ଏହା ଛୋଟ ହୋଇପାରେ, ତେବେ ଏହାର ମଧ୍ୟ ଯୋଗଦାନ ଅଛି। ଆମକୁ ଏହିଭଳି ଛୋଟ ଛୋଟ ଯୋଗଦାନ ଦେବାକୁ ପଡ଼ିବ। ତେବେ ଆସନ୍ତା ୧୦ ବର୍ଷ ଭିତରେ ସେମିତି ବିଶେଷ କିଛି ହେବନାହିଁ। ସେ ସମୟ ଭିତରେ ଆମ ପିଲାମାନେ ବଡ଼ହୋଇ ସାରିଥିବେ ଓ ସେଥିପାଇଁ ଆମେ ଏଥିରେ ଅବହେଳା କଲେ ଚଳିବ ନାହିଁ।

**ପ୍ରଶ୍ନ: ଗତ କେତେ ମାସରେ ଦିଲ୍ଲୀର ପ୍ରଦୂଷଣର ଏକ ପ୍ରମୁଖ କାରଣ ହେଉଛି ନଡ଼ାପୋଡ଼ି। ସରକାର ଏହାକୁ ପ୍ରତିହତ କରିବା ପାଇଁ କ'ଣ କରିବା ଉଚିତ୍?**

**ଉତ୍ତର:** ପଞ୍ଜାବରେ ଯେତେବେଳେ ଧାନ ଓ ଗହମର ବୃତ୍ତାକାର ଚାଷ ହେଲା ସେହିଦିନଠୁ ନଡ଼ାପୋଡ଼ି ଘଟଣା ଆରମ୍ଭ ହେଲା। ମୁଁ ଏହାର ସାକ୍ଷୀ। ସାଧାରଣତଃ ଧାନ ପାଇଁ ଅଧିକ ସମୟ ଦରକାର। ସେପ୍ଟେମ୍ବର, ଅକ୍ଟୋବର ସୁଦ୍ଧା ଧାନ ଅମଳ ହୋଇଯିବା ଉଚିତ୍ କାରଣ ସଠିକ୍ ସମୟରେ ଗହମ ଚାଷ ଆରମ୍ଭ କରାଯାଇପାରିବ। ଅନ୍ୟଥା ଗହମ ଫସଲ ଅମଳ କମିଯିବ। ତେଣୁ ମୁଁ ପ୍ରସ୍ତାବ ଦେଇଛି ଯେ ସେଠାରେ ସଅଳ କିସମ ଧାନଚାଷ ହେବା ଉଚିତ୍। ଅଧିକ ସମୟ ନେଉଥିବାରୁ ଧାନ ଅମଳ ମଧ୍ୟ ବେଶୀହୁଏ। ତେବେ ସେଠାରେ ତ କେବଳ ଗୋଟିଏ ଫସଲ ହେଉନାହିଁ। ଧାନ ଓ ଗହମ ଉଭୟ ଚାଷ ହେଉଛି।

ସେ ଯାହାହେଉ ପଞ୍ଜାବରେ ବର୍ତ୍ତମାନ ଏକ ନୂଆଧରଣର ବୃତ୍ତାକାର ଫସଲ ଚାଷ ହେଉଛି। ତେଣୁ ଯେଉଁଠାରେ ବି ଏଭଳି ଚାଷ ହେଉଛି ସେଠାରେ ଆମକୁ ଏକ ଧାନ ଜୈବ ପାର୍କ ପ୍ରତିଷ୍ଠା କରିବାକୁ ହେବ। ଏଭଳି ପାର୍କ ପ୍ରତିଷ୍ଠା କରିବା ପଛର କାରଣ ହେଉଛି, ଧାନଗଛର ପ୍ରତ୍ୟେକ ଅଂଶ- ଧାନଗଛ, କେଣ୍ଡା ଓ କୁଣ୍ଡା- ସବୁ ଅଂଶକୁ ଉପଯୋଗ କରାଯାଇପାରିବ। ମୋ କହିବା କଥା ହେଉଛି ଏସବୁ ଜିନିଷରୁ ଯେପର୍ଯ୍ୟନ୍ତ ଆର୍ଥିକ ଲାଭ ନମିଳିବ ସେ ପର୍ଯ୍ୟନ୍ତ କୃଷକ ଏଗୁଡ଼ିକର ମହତ୍ୱ ବୁଝିବେ ନାହିଁ। ଦକ୍ଷିଣ ଭାରତରେ ଲୋକେ ନଡ଼ା ନଷ୍ଟ କରନ୍ତି ନାହିଁ। ଏହା ହେଉଛି ଗୋରୁଗାଈଙ୍କ ଖାଦ୍ୟ। କୃଷକ ସେତେବେଳେ ନଡ଼ା ପୋଡ଼େ, ଯେତେବେଳେ ସେଥିରୁ ତାଙ୍କୁ କୌଣସି ଆର୍ଥିକ ଲାଭ ମିଳେନାହିଁ। ନଡ଼ାର ମୂଲ୍ୟ ବହୁତ। ମୁଁ ରାଜସ୍ଥାନ ସରକାରଙ୍କୁ ପତ୍ର ଲେଖି ପ୍ରସ୍ତାବ ଦେଇଛି ଯେ ସେମାନଙ୍କ ପାଖରେ ଏତେ ସଂଖ୍ୟାରେ ଗୋରୁଗାଈ ଅଛନ୍ତି। ତେଣୁ ସେମାନେ ପଡ଼ୋଶୀ ପଞ୍ଜାବରୁ ନଡ଼ା କିଣିବା କଥା। ଅବଶ୍ୟ ଏହା ମୋର ବ୍ୟକ୍ତିଗତ ମତ। ବେଳେବେଳେ ଭଲ ପ୍ରସ୍ତାବ ମଧ୍ୟ କାଗଜ ଭିତରେ ପଡ଼ିରହେ। ଅବଶ୍ୟ ମୋର କେତେକ ମତାମତ ଉପରେ ପୂର୍ବରୁ ତ୍ୱରିତ ଭାବେ କାର୍ଯ୍ୟ କରାଯାଇଛି। ତେଣୁ ଏଭଳି ପରିସ୍ଥିତିରେ କୃଷକମାନଙ୍କୁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ସାହାଯ୍ୟ ନେବାକୁ ପଡ଼ିବ। ଯଦ୍ୱାରା ସେମାନେ ଧାନ, ନଡ଼ାର ସଦୁପଯୋଗ କରିପାରିବେ।

ପୁରାତନ କାଳରେ ତାମିଲନାଡୁରେ ୫ ପ୍ରକାରର ଚାଷ ପଦ୍ଧତି ଥିଲା- କୁରିଞ୍ଜି, ମିଲାଙ୍ଗ, ମୁରୁଥନ, ନୈଥାଲ୍ ଓ ପାଲାଇ । ପାହାଡ଼ିଆ, ଜଙ୍ଗଲୀ, ଓଦାଳିଆ ଉପକୂଳ ଓ ମରୁଭୂମି ଅଞ୍ଚଳରେ ଚାଷର ପଦ୍ଧତି ଅଲଗା ଅଲଗା । ସାଧାରଣତଃ କୃଷକମାନଙ୍କୁ ଦୋଷ ଦିଆଯାଏ । ସେମାନେ ହେଉଛନ୍ତି ଉତ୍ପାଦକ । ସମଗ୍ର ବିଶ୍ୱରେ ଆମେ ହେଉଛୁ ଧାନ ଉତ୍ପାଦନରେ ପ୍ରଥମ । ଏଠାରେ ବିଷୟ ହେଉଛି ଧାନ ନଡ଼ା । ଏଥିରେ ଭିଟାମିନ୍ ଅଛି ଓ ଏହା ପଶୁ ଖାଦ୍ୟ ଭାବରେ ଭଲ କ୍ୟାଲୋରୀ ଯୋଗାଏ । ତେବେ ଏହାକୁ କୃଷକମାନେ କେମିତି ଉପଯୋଗ କରିବେ ? ସେତେବେଳେ ମୁଁ ଫିଲିପାଇନ୍ସସ୍ଥିତ ଆନ୍ତର୍ଜାତିକ ଧାନ ସଂସ୍ଥାରେ କାମ କରୁଥାଏ । ଶ୍ରୀମତି କୋରୀ ଏକ୍ୱିନୋ ଥାଆନ୍ତି ସେ ଦେଶର ରାଷ୍ଟ୍ରପତି । ସେ ଆମ ସଂସ୍ଥାନକୁ ଥରେ ଆସିଥିଲେ ଓ ଧାନ ଜୈବ ପାର୍କ ବୁଲି ଦେଖିବା ବେଳେ ନଡ଼ାରୁ ତିଆରି ଗୋଟିଏ ସୁନ୍ଦର କାଗଜ ଦେଖିଲେ । ସେ ଏହାର ମୂଲ୍ୟ ପଚାରିଲେ ଓ ନଡ଼ାରୁ ତିଆରି ଏଭଳି ୧ ହଜାର ବଡ଼ଦିନ କାର୍ଡ ତିଆରି କରିବାକୁ ଆମକୁ ବରାଦ କଲେ ।

ଉଦାହରଣସ୍ୱରୂପ, ନଡ଼ା ଟନ୍ ପିଛା ଯଦି ମୋତେ ୧ ହଜାର ଟଙ୍କା ମିଳିବ ତେବେ ମୁଁ ନଡ଼ା ପୋଡ଼ିବି ନାହିଁ । ରାଜସ୍ଥାନକୁ ସେହି ନଡ଼ା ଦେଲେ ଏହା ଗୋରୁଗାଈଙ୍କ ଖାଦ୍ୟ ପାଲଟିବ । ଏହା ପୁଣି କାଗଜ, ବୁଢ଼ାପଟା ତିଆରି ପାଇଁ ଏବଂ ମାଟିର ଉର୍ବରତା ବଢ଼ାଇବା ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ । ଏହାଦ୍ୱାରା ନଡ଼ାପୋଡ଼ି ଘଟଣା ହେବନାହିଁ । ତେଣୁ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ଉଚିତ୍ ।

**ପ୍ରଶ୍ନ: ନଡ଼ାପୋଡ଼ି ଘଟଣା ରୋକିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ନେଇ ସରକାର କି କି ପଦକ୍ଷେପ ନେବା ଉଚିତ୍ ?**

**ଉତ୍ତର:** ଦୁର୍ଭାଗ୍ୟବଶତଃ ଆମ ଦେଶରେ ପ୍ରଯୁକ୍ତିବିଦ୍ୟା ଉପଯୋଗର ଗତି ଅତି ଧିମା । କାରଣ ଆମ ଦେଶରେ କୃଷି ହେଉଛି ରାଜ୍ୟ ତାଲିକାଭୁକ୍ତ । କିନ୍ତୁ କେନ୍ଦ୍ର ସରକାର ବୃହତ୍ତର ନୀତି ନିର୍ଦ୍ଧାରଣ କାର୍ଯ୍ୟ କରିଥାନ୍ତି । ଗ୍ରାମ୍ୟସ୍ତରରେ ମଧ୍ୟ ସମ୍ପ୍ରସାରଣ ସଂସ୍ଥା ନାହିଁ । ଏଥିପାଇଁ ମୁଁ ୧୯୭୨ ମସିହାରେ କୃଷି ବିକାଶ କେନ୍ଦ୍ର ଆରମ୍ଭ କରିଥିଲି । ଏହା କୃଷି ବିଜ୍ଞାନ କେନ୍ଦ୍ର ଭଳି ଥିଲା । ଏହି ଚିନ୍ତାଧାରାକୁ ଅବଶ୍ୟ ସମର୍ଥନ ମିଳିଛି । ତଥାପି ପଞ୍ଚାୟତସ୍ତରରେ ନଡ଼ାପୋଡ଼ି ସମେତ ଜଳବାୟୁ ପରିବର୍ତ୍ତନ ପରିଚାଳନା ୟୁନିଟ୍ ସ୍ଥାପିତ ହେବା ଦରକାର ।

> ଏବେ ଖାଦ୍ୟ ସୁରକ୍ଷା ଅପେକ୍ଷା ଗୁଣାତ୍ମକ ଖାଦ୍ୟ ଓ ଏହାର ପୋଷକ ନିରାପତ୍ତା ପ୍ରତି ଅଧିକ ଦୃଷ୍ଟି ଦିଆଯାଉଛି । ତାହାକୁ ଦୃଷ୍ଟିରେ ରଖି କୃଷିବିତ୍ ଓ ନୀତି ନିର୍ଦ୍ଧାରକମାନେ ଅଧିକ ପୋଷକ ତତ୍ତ୍ୱ ଥିବା ବାଜରା, ଚଣା ଭଳି ମୋଟା ଶସ୍ୟ ଓ ଡାଲିଜାତୀୟ 'ଅର୍ଫାନ୍ କ୍ରପ୍ସ' ଉତ୍ପାଦନକୁ ଗୁରୁତ୍ୱ ଦେଉଛନ୍ତି । ଏହାର ଚାଷ, ଅଧିକ ଅମଳ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ୨୦୧୮ ବର୍ଷକୁ 'ଜାତୀୟ ମିଲେଟ୍ ବର୍ଷ' ଭାବେ ଘୋଷଣା କରିଥିଲେ । ସର୍ଗୁମ୍, ପର୍ଲ ମିଲେଟ୍, ଫିଙ୍ଗର ମିଲେଟ୍ ଓ ମାଇନର ମିଲେଟ୍ ଭଳି ବହୁମୁଖୀ ଶସ୍ୟ ଗୁଣ ଥିବା ଫସଲ ଉତ୍ପାଦନ ବଢ଼ିଛି । ୨୦୧୬-୨୫ ଦଶକ ଲାଗି ଜାତିସଂଘ ପକ୍ଷରୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଅଧିନରେ 'ଡିକେଡ୍ ଅଫ୍ ଆକ୍ସନ୍ ଅନ୍ ନ୍ୟୁଟ୍ରିସନ୍'କୁ ଗୁରୁତ୍ୱ ଦିଆଯାଇଛି ।

**ପ୍ରଶ୍ନ: କୃତ୍ରିମ ବୁଦ୍ଧିମତ୍ତା ଓ ଇଣ୍ଟରନେଟ୍ ଅଫ୍ ଥିଙ୍ଗସର ଆଜିକାଲି ବହୁଳ କ୍ଷେତ୍ରରେ ବ୍ୟବହାର ହେଉଛି । ଆମେ ଏହାକୁ କେମିତି କୃଷି କ୍ଷେତ୍ରରେ ଉପଯୋଗ କରିପାରିବା ?**

**ଉତ୍ତର:** ତିନୋଟି ସ୍ତରରେ ଏହାକୁ କରାଯିବା ଉଚିତ୍ । ପ୍ରଥମ ଭାରତୀୟ ବିଜ୍ଞାନ ଏକାଡ଼େମୀ ଭଳି ଜାତୀୟସ୍ତରରେ ଗୋଟିଏ ଜାତୀୟ ଏକାଡ଼େମୀ ପ୍ରତିଷ୍ଠା ହେବା ଉଚିତ୍ । ସମଗ୍ର ଦେଶରେ ଏହାର ଶାଖା ରହିବା ଦରକାର । ଦ୍ୱିତିୟରେ ପ୍ରତ୍ୟେକ ପଞ୍ଚାୟସ୍ତରରେ ଏହାକୁ ଲାଗୁ କରାଯିବା ଉଚିତ୍ । ତୃତୀୟରେ ଭାରତ ସରକାର ରାଜ୍ୟ ସରକାରଙ୍କ ସହ ବାର୍ଷିକ ବୈଠକ କରୁଛନ୍ତି । ଏହି ବୈଠକରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଏ ସମ୍ପର୍କରେ ପ୍ରୋତ୍ସାହିତ କରିବା ଉଚିତ୍ ।

**ପ୍ରଶ୍ନ: ଆଜିକାଲିର ଖାଦ୍ୟ ବ୍ୟବସ୍ଥା ଜଙ୍ଗଲ ନଷ୍ଟ ଓ ଜୈବ ବିବିଧତା ଧ୍ୱଂସ ହେବାର ଏକ କାରଣ ହୋଇପାରେ । ଏହାର ମୁକାବିଲା କିପରି କରାଯିବା ଉଚିତ୍ ?**

ଉତ୍ତର: ଖାଦ୍ୟ ବ୍ୟବସ୍ଥା ପାଇଁ ଆମକୁ ଅଧିକ ଜମି ଦରକାର । ଆଦର୍ଶ ଭାବେ ଆମ ଦେଶକୁ ଅଳ୍ପ ଜମିରୁ ଅଧିକରୁ ଅଧିକ ଫସଲ ଅମଳ କରିବାକୁ ପଡ଼ିବ । କାରଣ ଆମର ଉତ୍ପାଦନ କ୍ଷମତା ହେଉଛି ହେକ୍ଟର ପିଛା ୧ରୁ ୧.୫ ଟନ୍ । ଜାପାନ ଭଳି ଦେଶରେ ଏହା ୫ରୁ ୬ ଟନ୍ । ଏଥିସହିତ ଆମକୁ ରପ୍ତାନୀଯୋଗ୍ୟ ଫସଲ କିସମ ଚାଷ କରିବାର ଦରକାର । ଏଭଳି କଲେ ଆମେ ଆଉ ଅଧିକ ଧାନ ଉତ୍ପାଦନ କରିପାରିବା । ଆମ ପାଖରେ ବିଶ୍ୱର ସବୁଠାରୁ ଅଧିକ ୪୦ ନିୟୁତ ହେକ୍ଟର ଧାନଚାଷ ଯୋଗ୍ୟ ଜମି ଅଛି । ତେଣୁ ଅଧିକ ଧାନ ଓ ଗହମ ଉତ୍ପାଦନ ସକାଶେ ଆମ ପାଖରେ ଯଥେଷ୍ଟ ସୁଯୋଗ ଅଛି ।

ଆମେ ଏକ କୃଷି ପ୍ରଧାନ ଦେଶ । ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ । ଆଧୁନିକ ଉଦ୍ୟୋଗ ହେଉଛି ଶ୍ରମବିରୋଧୀ । ଅଥଚ କୃଷି ହେଉଛି ଶ୍ରମ ନିୟୋଜନକାରୀ । ଆମକୁ ଲୋଡ଼ା ନିଯୁକ୍ତି ଆଧାରିତ ପ୍ରଗତି, ନିଯୁକ୍ତିରହିତ ପ୍ରଗତି ନୁହଁ ଏବଂ କୃଷି ଏହା ସୁନିଶ୍ଚିତ କରିଥାଏ ।

● ● ●

ଫୋକସ୍

# ପରିବେଶ ଓ ଜଳ: ଏକ ସ୍ଥିତିସ୍ଥାପକ ରାଷ୍ଟ୍ର ଗଠନରେ ଜନତା ଓ ନୀତିର ଭୂମିକା

ୟୁନିସେଫ୍ ୱାସ୍ ଟିମ୍

ଏଇ ବିଶ୍ୱରେ ଜୀବନ ବିବିଧ ଓ ଅନୁପମ। ଆମ ଭିତରେ ଥିବା ସାଧାରଣ ସାମଞ୍ଜସ୍ୟଟି ହେଉଛି ଆମେ ସଭିଏଁ ଏକାଠି ଏଇ ପୃଥିବୀରେ ବାସ କରୁଛୁ ଏବଂ ଏହାର ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରୁଛୁ। ଅତଏବ ଆମର ସାମୁହିକ କାର୍ଯ୍ୟ ଆମ ସମସ୍ତଙ୍କର କାମରେ ଲାଗୁଥିବା ପରିବେଶ ଉପରେ ପଡୁଛି। ଫଳରେ ଏହାର କୁପରିଣାମ ପରିବେଶକୁ ପ୍ରଦୂଷିତ କରିବା ସହ ଜଳବାୟୁ ପରିବର୍ତ୍ତନ, ବିଶ୍ୱର ତାପମାତ୍ରା ବୃଦ୍ଧି ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସୃଷ୍ଟି କରୁଛି। ଫଳରେ ମାନବ ସମାଜ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଉଛି। ୨୦୧୭ର ୟୁକେଏଡ୍‌ର ଆକଳନ ଅନୁସାରେ ଭାରତ ୧୦ବର୍ଷ ମଧ୍ୟରେ ପରିବେଶଗତ ପ୍ରସଙ୍ଗ କାରଣରୁ ହାରାହାରି ବାର୍ଷିକ ୧୭୦ ବିଲିୟନ ଡଲାର କ୍ଷତି ସହିଛି।

ପରିବେଶଗତ ଧ୍ୱଂସସାଧନ ପ୍ରକ୍ରିୟା ଯୋଗୁଁ ଭାରତର କେତେକ ଅଞ୍ଚଳରେ କ୍ରମାଗତ ମରୁଡ଼ି ଦେଖାଦେଇଛି। ସେଠାରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ପାଇଛି। ସେସବୁ ଅଞ୍ଚଳ କ୍ରମଶଃ ମରୁଡ଼ି ପ୍ରବଣ ହୋଇଯାଉଛି। ଏବେ ଭାରତର ପ୍ରାୟ ଏକତୃତୀୟାଂଶ ଭୂଭାଗ ମରୁଡ଼ି ପ୍ରବଣ କିମ୍ବା ମରୁଭୂମି ପାଲଟିଛି। ଏହା ଫଳରେ ଏଇସବୁ ଅଞ୍ଚଳରେ ଚାଷବାସ ଉପରେ ନିର୍ଭର କରୁଥିବା ଲୋକଙ୍କ ଅବସ୍ଥା ଦୁର୍ବିସହ ହୋଇଛି। ଆହୁରି ମଧ୍ୟ ଏସବୁ ଇଲାକାରେ ଜଳଉତ୍ସମାନ ଶୁଖିଯିବା ଫଳରେ ପାନୀୟଜଳ ସଂକଟ ସମେତ ସମ୍ବଳ ପରିଚାଳନାରେ ବିଭ୍ରାଟ ଦେଖାଦେଇଛି। ଜଳାଭାବ ଏକ ଭୂ-ବୈଜ୍ଞାନିକ ସଂକଟ ସୃଷ୍ଟି କରିଛି। ପ୍ରାକୃତିକ ଜଳଉତ୍ସ ନଷ୍ଟ, ମାତ୍ରାଧିକ ଜଳ ଉତ୍ତୋଳନ ଓ ବ୍ୟବହାର ଫଳରେ ଜଳ ସଂକ୍ରମିତ ହୋଇ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ଆଣିଛି। ଆହୁରି ମଧ୍ୟ ଜନସମୁଦାୟ ଯେତେବେଳେ ଜଳ ସଂରକ୍ଷଣ, ପରିଚାଳନା, ନିରାପତ୍ତା, ପରିବେଶ ସୁରକ୍ଷା ଜନିତ ଜ୍ଞାନ, ଭିତ୍ତିଭୂମି ଓ ସେବା ବିଷୟରେ ଅନଭିଜ୍ଞ ହୁଅନ୍ତି ଅବସ୍ଥା ଆହୁରି ବିପଜ୍ଜନକ ହୋଇଥାଏ।

ଜଳ ଓ ପରିମଳ କାର୍ଯ୍ୟକ୍ରମରେ ୟୁନିସେଫ୍ ଭାରତ ସରକାରଙ୍କର ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛି। ୨୦୩୦ସୁଦ୍ଧା ସମସ୍ତଙ୍କ ନିରାପଦ ପାନୀୟ ଜଳ ଓ ପରିମଳ ସୁବିଧା ଯୋଗାଣ ସଂକ୍ରାନ୍ତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡି ଗୋଲ-୬) ପୂରଣ ଦିଗରେ ଏହା ଭାରତ ସରକାରଙ୍କୁ ନାନା ଭାବେ ସହାୟତା ଯୋଗାଉଛି। ୟୁନିସେଫ୍ କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ, ଗୋଷ୍ଠୀ, ଜନସମୁଦାୟ ପ୍ରତ୍ୟେକ ସ୍ତରରେ ମିଶି ବିଭିନ୍ନ ସମସ୍ୟାର ସମାଧାନ ପୂର୍ବକ ଏସ୍‌ଡିଜି-୬ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରୁଛି।







# ପରିବେଶ ଓ ସମୁଦାୟ: ମହାରାଷ୍ଟ୍ରର ଜଳକ୍ଲିଷ୍ଟ ଅଞ୍ଚଳରେ ମହିଳା ନେତୃତ୍ୱର ସଫଳ କାହାଣୀ

ବିଗତ ପାଞ୍ଚ ବର୍ଷ ମଧ୍ୟରୁ ତିନିବର୍ଷ ମହାରାଷ୍ଟ୍ରରେ ମରୁଡ଼ି ପଡ଼ିଥିଲା ଏବଂ ସରକାରୀ ଭାବେ ଏହା ଘୋଷଣା କରାଯାଇଥିଲା। ରାଜ୍ୟର ଭୌଗୋଳିକ ଇଲାକାର ପ୍ରାୟ ୭୦ ଭାଗ ଅର୍ଦ୍ଧଶୁଷ୍କାଞ୍ଚଳ। ଏସବୁ ଇଲାକାରେ ଜଳାଭାବ ସମସ୍ୟା ଅଧିକ। ଅତଏବ ଏହି ସମଗ୍ର ଭୂଭାଗ ମରୁଡ଼ି ପ୍ରବଣ। ବର୍ଷାଭାବ ଓ ମାଟିର ବତରହୀନତା ଯୋଗୁଁ ଏସବୁ ଅଞ୍ଚଳରେ ପ୍ରତିବର୍ଷ ଚାଷ କାମ ପ୍ରଭାବିତ ହୋଇଥାଏ। ତେଣୁ ପ୍ରତିବର୍ଷ ଫସଲ ଉତ୍ପାଦନରେ ତାରତମ୍ୟ ପରିଲକ୍ଷିତ ହୁଏ। ଚାଷୀଙ୍କର ଉତ୍ପାଦନ କମିଲେ ସେମାନଙ୍କର ରୋଜଗାର ପ୍ରଭାବିତ ହେବା ସ୍ୱାଭାବିକ। ଏହି ଅଞ୍ଚଳ ମରୁଡ଼ି କ୍ଲିଷ୍ଟ ହୋଇଥିବାରୁ ଏଠାରେ ଦାରିଦ୍ର୍ୟ ହାର ମଧ୍ୟ ଅତି ଅଧିକ। ତେଣୁ ଲୋକେ ଅଭାବ ଅସୁବିଧା ଓ ଦୁଃଖରେ କାଳାତିପାତ କରିବାକୁ ବାଧ୍ୟ ହୋଇଥାନ୍ତି।

ୟୁନିସେଫ୍ ମହାରାଷ୍ଟ୍ର, ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଓ ରିଲିଫ ଏବଂ ଥଇଥାନ ବିଭାଗ ସହାୟତାରେ ୨୦୧୫-୧୬ରେ ମରୁଡ଼ିର ପ୍ରଭାବ ଓ ତତ୍‌ସଂକ୍ରାନ୍ତ ସ୍ଥିତି ସମ୍ପର୍କରେ ଏକ ତ୍ୱରିତ ଆକଳନ କରିଥିଲା। ଏଥିରେ ମରାଠାୱାଡ଼ା ଅଞ୍ଚଳର ଜନସମୁଦାୟ ବିଶେଷ କରି ମହିଳା ଓ ଶିଶୁ ଏହି ମରୁଡ଼ିକୁ ସହ୍ୟ କରିବାର ତନ୍ତ୍ର ବିଷୟରେ ଏଥିରେ ଅଧ୍ୟୟନ କରାଯାଇଥିଲା। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଗୋଟିଏ ଗୋଟିଏ ଗାଁର ପ୍ରାୟ ଅଧା ଲୋକ ଗୋଟିଏ ଜଳ ଉତ୍ସ ଉପରେ ପାନୀୟ ଓ ଅନ୍ୟାନ୍ୟ ଘରୋଇ ଆବଶ୍ୟକତା ପାଇଁ ନିର୍ଭର କରନ୍ତି। ୨୭ ଶତାଂଶ ଚାଷୀଙ୍କ ପାଖରେ କୌଣସି ଜଳପରିଚାଳନା କୌଶଳ ନାହିଁ। ବର୍ଷର ତିରୋଟ ସମୟରେ ଗ୍ରାମର ୮୪ ଶତାଂଶ ପରିବାର ଚାଷବାସ ଓ ଘରୋଇ ବ୍ୟବହାର ପାଇଁ ଜଳାଭାବର ସମ୍ମୁଖୀନ ହୋଇଥାନ୍ତି। ଜଳକଷ୍ଟ ସମୟରେ ମହିଳାମାନେ ଅଧିକ ପ୍ରଭାବିତ ହୋଇଥାନ୍ତି। ପରିବାରର ଯାବତୀୟ ଜଞ୍ଜାଳ ସମ୍ଭାଳିବା ସହ ମହିଳାମାନେ ଏବଂ ଘରର ଝିଅମାନେ ଦୂରଦୂରାନ୍ତକୁ ଚାଲିଚାଲି ଯାଇ ପିଇବା ପାଣି ସଂଗ୍ରହ କରିଥାନ୍ତି। ସେଥିପାଇଁ ସେମାନଙ୍କୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ। ଆହୁରି ମଧ୍ୟ ଘରର ଝିଅବୋହୂମାନେ ଜାଳେଣି, ପାଳିତ ଗୋମେଷାଦିଙ୍କ ପାଇଁ ଘାସକୁଟା ସଂଗ୍ରହ କରିବାକୁ ଦୂରକୁ ଯାଉଥିବାବେଳେ ଆଉ କେତେକ ସାମୟିକ ରୋଜଗାର ଆଶାରେ ଘରୁ ଗୋଡ଼ କାଢ଼ିବାକୁ ବାଧ୍ୟ ହୋଇଥାନ୍ତି। ଏହା ଫଳରେ ମହିଳା ଓ କନ୍ୟାମାନଙ୍କର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ପ୍ରକ୍ରିୟା ଗୁରୁତର ଭାବେ ପ୍ରଭାବିତ ହୋଇଥାଏ। ଏହାର କୁପ୍ରଭାବ ମଧ୍ୟ ପରବର୍ତ୍ତୀ ବଂଶଧର ଓ ସମାଜ ଉପରେ ପଡ଼େ।

ମୋଟାମୋଟି, ସାମୁଦାୟିକ-ସ୍ତରୀୟ ପରିଚାଳନାର ଅଭାବ ସେଇ ଅଞ୍ଚଳର ଶୋଷଣ ଓ କୁଶାସନକୁ ରୋକିବାରେ ଏକ ବଡ଼ ଆହ୍ୱାନ ରୂପେ ଛିଡ଼ା ହୋଇଥିଲା। ତେଣୁ ୟୁନିସେଫ୍ ଏହାର ରୂପାୟନକାରୀ ଅଂଶୀଦାରଙ୍କ ସହିତ ମହାରାଷ୍ଟ୍ର ସରକାରଙ୍କ ସହ ମିଶି ଏକ ପାଇଲଟ ପ୍ରକଳ୍ପ କାର୍ଯ୍ୟକାରୀ କଲା। ଏହାର ଉଦ୍ଦେଶ୍ୟ ଥିଲା ପ୍ରଭାବିତ ସମୁଦାୟ ମଧ୍ୟରେ ଏକ ସ୍ଥିତିସ୍ଥାପକ ଭାବ ସୃଷ୍ଟି କରିବା। ସରଳ ଅର୍ଥରେ ବିପତ୍ତିର ଉପଯୁକ୍ତ ମୁକାବିଲା କରି ପୁଣି ନିଜସ୍ୱ ଉଦ୍ୟମରେ ପାରି ଉଠିବା ଓ ସ୍ୱାଭାବିକ ଭାବେ ବଞ୍ଚିବା।

**ପାଇଲଟ୍ ପ୍ରକଳ୍ପ:** ଏଥିପାଇଁ ମହିଳାଙ୍କ ନେତୃତ୍ୱରେ ଜଳ, ପରିମଳ, ସ୍ୱାସ୍ଥ୍ୟରକ୍ଷା ଓ ସ୍ଥିତିସ୍ଥାପକତା ରକ୍ଷା ଅଭ୍ୟାସ ବା ଡବ୍ଲ୍ୟୁ-ଶାର୍ପ (ଡ-ଝଐଇଜଚ)ପ୍ରକଳ୍ପ ୨୦୧୮ରୁ କାର୍ଯ୍ୟକାରୀ ହେଲା। ଏଥିରେ ସ୍ଥାନୀୟ ଭାବେ ସୃଷ୍ଟ ବିପତ୍ତି ବା ଅସୁବିଧାର ସଫଳ ମୁକାବିଲା ପାଇଁ ମରାଠାୱାଡ଼ାର ଜନସମୁଦାୟଙ୍କୁ ସାମିଲ କରି ପ୍ରସ୍ତୁତ କରିବାର ପ୍ରୟାସ କରାଯାଇଥିଲା। ଏହି ଅଞ୍ଚଳରେ ମାର୍ଚ୍ଚଠାରୁ ଜୁନ୍ ପର୍ଯ୍ୟନ୍ତ ଜଳାଭାବ ସମସ୍ୟା ଉତ୍କଟ ରହୁଥିବାରୁ ସେଇ ସମୟରେ ପରିସ୍ଥିତିକୁ କିପରି ସଫଳତାର ସହ ମୁକାବିଲା କରାଯିବ ସେଥିପାଇଁ ଏହି ପ୍ରକଳ୍ପ ମାଧ୍ୟମରେ ଉଦ୍ୟମ ହୋଇଥିଲା।

ମହାରାଷ୍ଟ୍ରର ଦୁଇଟି ମରୁଡ଼ି ପ୍ରବଣ ବ୍ଲକରେ ଥିବା ୧୦୦ ଗ୍ରାମର ୧୦ହଜାର ପରିବାରଙ୍କୁ ନେଇ ଜଳ, ଜୀବିକା ଓ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବାର ପ୍ରୟାସ ଏହି ପ୍ରକଳ୍ପ ମାଧ୍ୟମରେ ଆରମ୍ଭ ହୋଇଥିଲା। ଡବ୍ଲ୍ୟୁ-ଶାର୍ପ ପକ୍ଷରୁ ମହିଳା ଏବଂ ଗରିବ ପରିବାରର ସଦସ୍ୟଙ୍କୁ ନେଇ ପରିବେଶ ସଂକଟ ମୁକାବିଲା ଗୋଷ୍ଠୀମାନ ଗଠନ କରାଗଲା। ଏଥିରେ ମହିଳାମାନଙ୍କୁ ନିଜ ସମୁଦାୟ ତଥା ଗ୍ରାମସଭା ଜରିଆରେ ପରିବର୍ତ୍ତନର ଓ ସରକାରୀ ସଂସ୍ଥାରେ ପ୍ରମୁଖ ସୂତ୍ରଧର ଭାବେ ତିଆରି କରିବାର ପ୍ରୟାସ କରାଯାଇଥିଲା। ଏହା ଫଳବତୀ ହେଲା ଏବଂ ଦୁର୍ବଳ ପରିବାରର ଓ ମହିଳାମାନେ ବିପତ୍ତି ସହନତନ୍ତ୍ର ବ୍ୟବସ୍ଥା ସହ ସୁପରିଚିତ ହେବା ସହିତ ପରିସ୍ଥିତିର ଉପଯୁକ୍ତ ମୁକାବିଲା କରିବାର କୌଶଳ ଶିଖିଲେ।

ଡବ୍ଲ୍ୟୁ-ଶାର୍ପର କାର୍ଯ୍ୟଶୈଳୀ : ଏହି ଦୁଇ ବ୍ଲକର ୫୦ଟି ବିପର୍ଯ୍ୟୟ ପ୍ରବଣ ଗ୍ରାମକୁ ବଛାଗଲା; ଯେଉଁଠି ମହିଳାମାନେ ବିପତ୍ତି ପରିଚାଳନା ଓ ସ୍ଥିତିସ୍ଥାପକତା ରକ୍ଷା ସମ୍ପର୍କରେ ସଚେତନ ଓ ତାଲିମପ୍ରାପ୍ତ ହୋଇଥିଲେ। ସେହିସବୁ ଗାଁର ମହିଳାଙ୍କୁ ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥାରେ ସମ୍ପୃକ୍ତି କରିବାର ସୁଯୋଗ ମିଳିଲା। ଏହି ଉପାୟରେ ସ୍ଥିରୀକୃତ ପ୍ରତ୍ୟେକ ଗାଁରୁ ସର୍ବାଧିକ ଦୁର୍ବଳ ୧୦୦ ପରିବାରକୁ ବାଛି ସେମାନଙ୍କୁ ଗୋଷ୍ଠୀ ବା ସମୁଦାୟ ବିକାଶ ଯୋଜନାରେ ସଂପୃକ୍ତ କରାଗଲା। ଏଥିରେ ନାମମାତ୍ର ଚାଷୀ, ମହିଳା ପ୍ରଧାନ ପରିବାର ଓ ଭୂମିହୀନ ଶ୍ରମିକଙ୍କୁ ଅଗ୍ରାଧିକାର ଦିଆଗଲା। ସେଇଭଳି ଦୁର୍ବଳ ପରିବାରର ଖାଦ୍ୟ ନିରାପତ୍ତା ଓ ପୁଷ୍ଟିସାଧନ ପାଇଁ ମହିଳା, ଶିଶୁ ଓ କିଶୋରୀଙ୍କ ସ୍ୱାର୍ଥରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଇ ପ୍ରକଳ୍ପରେ ୧୦ହଜାରରୁ ଅଧିକ ପରିବାରକୁ ସାମିଲ କରାଯାଇଛି।

### ଡବ୍ଲ୍ୟୁ-ଶାର୍ପ ପ୍ରୋଜେକ୍ଟ ଟିମ୍

ପ୍ରକଳ୍ପର ବିଭିନ୍ନ କାର୍ଯ୍ୟର ଆଭିମୁଖ୍ୟ ହେଲା ସହଣୀୟତା ଓ ସଶକ୍ତୀକରଣକୁ ପ୍ରୋତ୍ସାହନ। ମହିଳା ଗୋଷ୍ଠୀ ନେତ୍ରୀ ଓ ଆରୋଗ୍ୟସାଥୀଙ୍କୁ ୟୁନିସେଫ୍ ପକ୍ଷରୁ ବଛାଯାଇ ତାଲିମ ପ୍ରଦାନ କରାଗଲା।




ସେଇଭଳି ରୂପାୟନକାରୀ ଅଂଶୀଦାରମାନେ ସ୍ୱାସ୍ଥ୍ୟସେବା, ଜଳ ନିରାପତ୍ତା ଏବଂ ଜଳବାୟୁ ଅନୁକୂଳ କୃଷି ପଦ୍ଧତି ଅବଲମ୍ବନ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ନିୟୋଜିତ ହେଲେ। ପ୍ରତ୍ୟେକ ଗ୍ରାମରେ ତାଲିମପ୍ରାପ୍ତ ଲୋକଙ୍କୁ ନେଇ ଗୋଟିଏ ଲେଖାଏଁ ଟାସ୍କଫୋର୍ସ ଗଠିତ ହେଲା। ସେମାନଙ୍କ ଉପରେ ଗାଁବାଲାଙ୍କୁ ସଚେତନ ଓ ବିବିଧ ପ୍ରସଙ୍ଗରେ ଶିକ୍ଷିତ କରାଇବାର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏକ ସୋପାନୀକୃତ ଢାଞ୍ଚାରେ ଉପରୁ ତଳକୁ ପାହାଚ ପାହାଚ କରି ୧୦୦ ମହିଳା ସଖୀ ଅନ୍ୟ ମହିଳାମାନଙ୍କୁ ତାଲିମ ଦେଲେ। ଏହା ଫଳରେ ଜଳ ପରିଚାଳନା ଏବଂ ପୋଷଣ ସମ୍ବେଦନଶୀଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ୫୦୦ ରୁ ଅଧିକ ତାଲିମପ୍ରାପ୍ତ ମହିଳା ଏବେ ବିଭିନ୍ନ ସ୍କୁଲ ଓ ଅଙ୍ଗନବାଡ଼ି ସହିତ ସହଯୋଗ ଭିତ୍ତିରେ କାମ କରୁଛନ୍ତି। ଏହି ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହେଲା ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାରେ ସଂପୃକ୍ତ ହେବାକୁ ସମୁଦାୟ ବା ଗୋଷ୍ଠୀକୁ ପ୍ରୋତ୍ସାହନ ଏବଂ ଉପଯୁକ୍ତ ସରକାରୀ ଅନୁଷ୍ଠାନ ତଥା ନାଗରିକ ସମାଜ ସହିତ ଅଂଶୀଦାରୀ ସ୍ଥାପନ କରିବା। ଏହା ଫଳରେ ଡବ୍ଲ୍ୟୁ-ଶାର୍ପ ସାଥୀ-ଶିକ୍ଷା (ପିୟର ଲର୍ଣ୍ଣିଂ) ବିନିମୟ କାର୍ଯ୍ୟକ୍ରମ ଓ ଆଲୋଚନା ମଞ୍ଚ ପ୍ରସ୍ତୁତ କରିବାର ସୁଯୋଗ ପାଇଲା। ନିର୍ଦ୍ଦିଷ୍ଟ ସମୁଦାୟର ନେତାଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଶେଷତମ ବ୍ୟକ୍ତି ଓ ସମୁଦାୟ ପାଖରେ ପହଞ୍ଚିବା ପାଇଁ ଉଦ୍ୟମ କରାଗଲା। ଏହା ଫଳରେ ସାମୁଦାୟିକ ସମାନତା ପ୍ରୟାସ ନିଶ୍ଚିତ ହୋଇପାରିଲା। ଏଇ ପ୍ରକ୍ରିୟାରେ ବିଭିନ୍ନ ଗୋଷ୍ଠୀ ବା ସମୁଦାୟଙ୍କୁ ଠାବ କରିବା, ସେମାନଙ୍କ ଗୋଷ୍ଠୀଗତ ବ୍ୟବହାରକୁ ଅନୁଧ୍ୟାନ କରିବା ସହ ଆବଶ୍ୟକସ୍ଥଳେ ପରିବର୍ତ୍ତନ କରିବାକୁ ସାତସୂତ୍ରୀ ସାଧନର ଉପଯୋଗ ମଧ୍ୟ କରାଗଲା। ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ଏଥିରେ ସାମିଲ ହୋଇ ଏହାକୁ କାର୍ଯ୍ୟକାରୀ କଲେ। ଏହି ଉଦ୍ୟମର ସଫଳତା ଜଳ ସଚେତନତା, ପରିଚାଳନା ଓ ଜଳ ସରକ୍ଷାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାରେ ସଫଳ ହେବା ସହ ଲୋକେ ଏହାକୁ କାର୍ଯ୍ୟରେ କରି ଦେଖାଇପାରିଛନ୍ତି।

**ପ୍ରମୁଖ ହସ୍ତକ୍ଷେପ:** ଏଥିରେ ପ୍ରଥମଟି ହେଲା ପରିବାରସ୍ତରୀୟ ସଂପୃକ୍ତି। ଆରୋଗ୍ୟ ସଖୀମାନେ ନିଜ ନିଜ ଗାଁରେ ମହିଳା ଗୋଷ୍ଠୀଗୁଡ଼ିକୁ ଏକଜୁଟ୍ କରି ଉତ୍ତମ ଜଳପରିଚାଳନା ନୀତି ବିଷୟରେ ଆଲୋଚନା କରି ପରିବାର ସ୍ତରରେ ସଚେତନତା ସୃଷ୍ଟି କଲେ ଓ ଏହାକୁ ମଧ୍ୟ କାର୍ଯ୍ୟରେ କରିଦେଖାଇଲେ। ମହିଳାମାନେ ବ୍ୟବହୃତ ପାଣିର ପୁନର୍ବ୍ୟବହାର ପ୍ରଣାଳୀ ଶିଖିଲେ ଓ ଏହାକୁ କାର୍ଯ୍ୟକାରୀ କଲେ। ପାଣି ବ୍ୟବହାରରେ ହିସାବ ରଖିବା, ପାଣିବଜେଟ ପ୍ରସ୍ତୁତି, ସୋକ୍‌ପିଟ୍ ଖୋଳି ଭୂତଳ ଜଳସ୍ତରକୁ ଠିକ୍ ରଖିବା ଏବଂ ପାଣି ବଞ୍ଚାଇବାର ଅନ୍ୟାନ୍ୟ କୌଶଳ ସେମାନେ ହାସଲ କରିବାରେ ସଫଳ ହେଲେ।

● ସବୁ ଧାର୍ଯ୍ୟ ପରିବାର ଜଳ ବଜେଟ ନୀତି କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ପରିବାରର ସଦସ୍ୟ ସଂଖ୍ୟା ଓ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ବିଚାରକୁ ନେଇ କେତେ ପାଣି ଦୈନିକ ଦରକାର ତାହାର ହିସାବ ପ୍ରସ୍ତୁତ କରାଯାଉଛି। ଏହାଛଡ଼ା ଏଥିରେ କେଉଁଠି ବ୍ୟବହୃତ ଜଳକୁ ପୁନର୍ବାର ବ୍ୟବହାର କରିହେବ ତାହା ବିଚାର କରି ଦେଖି କାର୍ଯ୍ୟରେ ଲଗାଇବା କଥାଟି ମଧ୍ୟ ରହିଛି। ଏଇ ସରଳ ଅଥଚ ସଫଳ ଉପାୟରେ ବିଭିନ୍ନ ପରିବାର ଜଳର ସୁବିନିଯୋଗ କରିପାରୁଛନ୍ତି।

● ସବୁ ସର୍ବସାଧାରଣ ଜଳ ଉତ୍ସ ପରିମଳ ପର୍ଯ୍ୟବେକ୍ଷଣ ଯୋଜନାର ଅନ୍ତର୍ଭୁକ୍ତ ହୋଇଛି।

● ସବୁ ଧାର୍ଯ୍ୟ ଗ୍ରାମରେ ୧୩୯୨ଟି ସୋକ୍‌ପିଟ୍ ଖନନ କରାଯାଇ ବ୍ୟବହୃତ ଜଳକୁ ସଂଗ୍ରହ କରାଯାଉଛି ଏବଂ ତାହାର ପୁନଃବ୍ୟବହାର ବ୍ୟବସ୍ଥା ହୋଇଛି। ୨ଟି ବ୍ଲକ୍‌ର ବିଭିନ୍ନ ସ୍କୁଲରେ ୨୮ଟି ଗୋଷ୍ଠୀ ହାତଧୁଆ କେନ୍ଦ୍ର ସ୍ଥାପନ କରାଯାଇଛି।

ଗୋଷ୍ଠୀ ସମୁଦାୟ-ସ୍ତରୀୟ ସମ୍ପୃକ୍ତି : ଜଳବାୟୁ-ସ୍ଥିତିସ୍ଥାପକ ନୀତି ଓ ବିକଳ୍ପ ଜୀବିକା ଭଳି ଆଲୋଚନାରେ ଜନସମୁଦାୟଙ୍କୁ ସମ୍ପୃକ୍ତ କରାଯାଉଛି। ସେମାନଙ୍କୁ ଏଥିରେ ନୂଆ ବା ବିକଳ୍ପ ସହଣୀୟ ନିରନ୍ତର କୃଷି ଓ ଜୀବିକା ନିର୍ବାହ ପଦ୍ଧତି, ଜୈବସାରର ବ୍ୟବହାର, ମାଟିର ଉର୍ବରକ ବୃଦ୍ଧି, ଜୈବ ବିବିଧତାର ସଂରକ୍ଷଣ ଏବଂ କମ୍ ଜଳ ବ୍ୟବହାର ହେଉଥିବା ଟେକ୍‌ନୋଲୋଜି ବ୍ୟବହାର କରିବାକୁ ଶିକ୍ଷା ଦିଆଯାଉଛି।

● ଗୋଷ୍ଠୀ ନେତା ଓ ୨୦୦୦ ମହିଳା ଚାଷୀ ପରିବର୍ତ୍ତିତ ଜଳବାୟୁ ଅନୁକୂଳ ଚାଷ ପଦ୍ଧତି ସମ୍ପର୍କରେ ତାଲିମ ନେଇଛନ୍ତି।

● ୧୭୩୫ ମହିଳା ଚାଷୀ ଏବେ ମିଶ୍ରିତ ଫସଲ ଚାଷ କରୁଛନ୍ତି।

● ୧୨୪ଟି ଖତସାର ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

● ୨୬୫୦ ପରିବାର ଗୃହପାଳିତ ପଶୁଙ୍କ ପାଇଁ ସ୍ୱଳ୍ପ ଜଳ ଲୋଡୁଥିବା ଘାସ ଓ ପଶୁଖାଦ୍ୟ ଚାଷ କରୁଛନ୍ତି। ସେଇଭଳି ପଶୁ ସମ୍ପଦର ଜଳ ଆବଶ୍ୟକତା ପୂରଣ କରିବାକୁ ସେମାନେ ନୂଆ କୌଶଳ ଆପଣାଇଛନ୍ତି।

● ୧୪୭୦ ପରିବାର ନିଜର ପୌଷ୍ଟିକ ଆବଶ୍ୟକତା ପୂରଣ ପାଇଁ ପରିବା ବଗିଚା କରିଛନ୍ତି।

ସମୁଦାୟର ଆଶୁଚିତ୍ର (କମ୍ୟୁନିଟି ସ୍ନାପ୍‌ଶଟ୍): ଗୋଟିଏ ଗାଁରେ ଗୋଷ୍ଠୀ ସ୍ୱେଚ୍ଛାସେବୀ ପ୍ରାୟ ୮୦ ପରିବାରକୁ ଯାଇ ୨୦୦୦ ଟଙ୍କା ଲେଖାଏଁ ସଂଗ୍ରହ କରିବା ସହ ଏକ ସାଜି (ମିଳିତ) ଗଭୀର ନଳକୂପ ବସାଇଛନ୍ତି। ଏଥିରୁ ପ୍ରତ୍ୟେକ ପରିବାରକୁ ଦୈନିକ ଅତି କମ୍ ମୂଲ୍ୟରେ ଚାରି ବାଲ୍‌ଟି ପାଣି ଦିଆଯାଉଛି। ପାନୀୟ ଓ ଘରୋଇ ଆବଶ୍ୟକତା ପାଇଁ ନିକଟସ୍ଥ ଉତ୍ସରୁ ଭୂପୃଷ୍ଠ ଜଳକୁ ସଂଗୃହୀତ କରି ଅଲଗା ଭଣ୍ଡାର କରାଯାଉଛି। ଏଥିପାଇଁ ସମୁଦାୟକୁ ଅଭ୍ୟସ୍ତ କରାଯାଇଛି। ଭୂତଳ ଜଳସ୍ତରର ଉନ୍ନତି ଓ ଚାଷକାମ ପାଇଁ ପାଣି ସଂଗ୍ରହ କରିବା ନିମନ୍ତେ ୩୦୦ ମହିଳା ୧୨୦,୦୦୦ବର୍ଗ ମିଟରର ନାଳ ଖୋଳିବାରେ ସକ୍ଷମ ହୋଇଛନ୍ତି।

ପ୍ରଶାସନିକ ଅଭିସରଣ : ଏହି ପ୍ରକଳ୍ପର ବିଶେଷତ୍ୱ ହେଲା ଜାତୀୟ ଧ୍ୱଜାଧାରୀ କାର୍ଯ୍ୟକ୍ରମକୁ ଏହା ଉପଯୋଗ କରି ଗୋଷ୍ଠୀ ଓ ସମୁଦାୟକୁ ସଶକ୍ତ କରୁଛି। ଏହାଦ୍ୱାରା ସଂପୃକ୍ତ ଲୋକଙ୍କର ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ପାଉଛି। ଶୌଚାଳୟ ଓ ସୋକ୍‌ପିଟ୍ ନିର୍ମାଣ, ନୂଆ କୃଷି ପଦ୍ଧତି ଓ କୌଶଳ ଅବଲମ୍ବନ ଆଦି ପାଇଁ ଯେଉଁ ଅର୍ଥ ବ୍ୟୟ ହେଉଛି ତାହା କେନ୍ଦ୍ରୀକୃତ ପାଣ୍ଠିରୁ ଅଣାଯାଉଛି। ଏହା ଫଳରେ ପ୍ରଶାସନିକ ଅଭିସରଣ (କନ୍‌ଭରଜେନ୍ସ) ପ୍ରକ୍ରିୟା ସୁସଂହତ ହେଉଛି। ଗ୍ରାମୀଣ ସ୍ୱଚ୍ଛଭାରତ ମିଶନ, ଏମ୍‌ଜିନରେଗା, ଆତ୍ମା ଆଦି ବିଭିନ୍ନ ଯୋଜନା ପାଇଁ ଯେଉଁ ପାଣ୍ଠି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ମିଳିତ ଭାବେ ଅଂଶ ଭିତ୍ତିରେ ଯୋଗାଇଦେଉଛନ୍ତି ସେଥିରୁ ୬୫କୋଟି ୩୫ଲକ୍ଷ ଟଙ୍କା ଏବାବଦରେ ଖର୍ଚ୍ଚ କରାଯାଉଛି।

**ଅନେକ ପଦ୍ମ ପୁରସ୍କାରପ୍ରାପ୍ତ କୃଷକ ପାରମ୍ପରିକ କୃଷି ପଦ୍ଧତି ଛାଡ଼ି ଆନ୍ତଃଫସଲ, ପର୍ଯ୍ୟାୟକ୍ରମିକ ଫସଲ ଏବଂ ବିବିଧ ଫସଲ ଉତ୍ପାଦନ ଲାଗି ମନୋନିବେଶ କରି ସଫଳ ହୋଇଛନ୍ତି। ନିଜସ୍ୱ ତଥା ସ୍ୱତନ୍ତ୍ରଶୈଳୀରେ ନୂଆ ନୂଆ କିସମର ଫସଲ ଉତ୍ପାଦନ କରିବା ନିଜର ଆୟ ବୃଦ୍ଧି କରିବା ସହିତ ସ୍ଥାନୀୟ ଯୁବକଯୁବତୀଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ଏଭଳି କୃଷିନେତୃତ୍ୱଙ୍କ ନବସୃଜନ ଓ ପଦକ୍ଷେପକୁ ଏକ ବୃହତ୍ ଚାଷୀସମାଜ ପସନ୍ଦ କରିଛି। ସେମାନଙ୍କ ଜ୍ଞାନକୌଶଳରେ ପରିବର୍ତ୍ତନ, ଉନ୍ନତ କୃଷି ପଦ୍ଧତିର ବ୍ୟବହାର, ବିବିଧ ଫସଲ, ପୋଷକ ତତ୍ତ୍ୱକୁ ଦେଖି ଚାହିଦା ଅନୁଯାୟୀ ଫସଲ ଉତ୍ପାଦନ, କିଚେନ୍ ଗାର୍ଡେନ୍ ଭଳି ଛୋଟ ଛୋଟ ପ୍ରୟାସ ଜରିଆରେ ସହରାଞ୍ଚଳରେ କୃଷିକୁ ଗୁରୁତ୍ୱ ଆଦି ସାଧାରଣ ତଥା ଚାଷୀ ଗୋଷ୍ଠୀଙ୍କ ଉତ୍ସାହ ବଢାଇଛି। ଏଥିସହ ସେମାନଙ୍କ ଆୟକୁ ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇପାରିଛି।**

**୧୦୦ ସ୍ଥିତିସ୍ଥାପକ ଗ୍ରାମ ନିରନ୍ତରତା ଦିଗରେ ଏକଶତ ପଦକ୍ଷେପ:**

ଡବ୍ଲୁ-ଶାର୍ପକୁ ସ୍ୱଚ୍ଛଭାରତ ମିଶନ ଓ ଜଳଶକ୍ତି ଅଭିଯାନ ଢାଞ୍ଚାରେ ଶ୍ରେଣୀଭୁକ୍ତ କରାଯାଇ ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ବଳର ସୁବିନିଯୋଗ ଗୋଷ୍ଠୀଗତ ନେତୃତ୍ୱରେ କରାଯାଉଛି। ପାଇଲଟ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଏହି ଦୁଇ ବ୍ଲକ୍‌ରେ ଡବ୍ଲୁ-ଶାର୍ପ ଯୋଜନାର ସ୍ଥିତି ଓ ସଫଳତାକୁ ରାଜ୍ୟ ସରକାର ନିରୀକ୍ଷଣ କରୁଛନ୍ତି। ଏହା ସଫଳ ହେଲେ ରାଜ୍ୟର ଅନ୍ୟାନ୍ୟ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯିବ। ଜଳ, ଉର୍ଜା, ଜମି ଓ ଖାଦ୍ୟ ମଧ୍ୟରେ ଥିବା ସମ୍ପର୍କ ଓ ସମନ୍ୱୟ ଉପରେ ଏହି ପ୍ରକଳ୍ପ ତଥା କାର୍ଯ୍ୟକ୍ରମର ଭବିଷ୍ୟତ ନିର୍ଭର କରେ। ଏଥିରୁ ଯେଉଁ ଶିକ୍ଷା ମିଳିବ ତା' ଉପରେ ଅନେକ କିଛି ନିର୍ଭର କରେ। ଭବିଷ୍ୟତରେ ଏହା ସହିତ ଜଳଜୀବନ ମିଶନ ଓ ଜଳବିଭାଜିକା କାର୍ଯ୍ୟକ୍ରମକୁ ମିଶାଇବାକୁ ମଧ୍ୟ ଚିନ୍ତା କରାଯାଉଛି। ଆଶା କରାଯାଉଛି ଏହି କାର୍ଯ୍ୟକ୍ରମ ଏସ୍‌ଡିଜି-୬ ପୂରଣରେ ସହାୟକ ହେବା ସହିତ ପରିବେଶ ସୁରକ୍ଷା ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।

ଡବ୍ଲୁ-ଶାର୍ପର ଲକ୍ଷ୍ୟ ହେଲା ଲିଙ୍ଗ ଉତ୍ତରଦାୟୀ ଏବଂ ଏକ ସ୍ଥିତି ସ୍ଥାପକ ଜନ ସମୁଦାୟ ସୃଷ୍ଟି କରିବା ଓ ଜଳକ୍ଲିଷ୍ଟ, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଲୋକଙ୍କୁ ଖାଦ୍ୟ ଓ ଜଳ ସୁରକ୍ଷା ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମର ସବୁଠୁ ବଡ଼ ଉପଲବ୍ଧି ହେଲା ମହିଳା ନେତ୍ରୀ ସୃଷ୍ଟି। ଏଥିରେ ଯେଉଁସବୁ ସଫଳତା ମିଳିଛି ତାହା ମୁଖ୍ୟତଃ ମହିଳାନେତ୍ରୀ ଓ ମହିଳା ଏଜେଣ୍ଟଙ୍କ ଦ୍ୱାରା ସମ୍ଭବ ହୋଇଛି। ସେମାନେ ପରିବର୍ତ୍ତନର ବାହକ ସାଜିଛନ୍ତି। ଜଳବାୟୁ ଅସ୍ଥିରତା ଜନିତ ପରିସ୍ଥିତିରେ ସୃଷ୍ଟି ହୋଇଥିବା ସଂକଟ କାଳରେ ପରିବାରର ମହିଳାମାନେ ସବୁଠୁ ଅଧିକ କଷ୍ଟ ଭୋଗ କରନ୍ତି। ତେଣୁ ସେମାନେ ଯଦି ସମର୍ଥ ଓ ଦକ୍ଷ ହୋଇ ପରିସ୍ଥିତିର ଉପଯୁକ୍ତ ସାମ୍ନା କରିପାରିବେ ତା'ଠାରୁ ବଡ଼ ସଫଳତା ଆଉ କିଛି ନାହିଁ। ଡବ୍ଲୁ-ଶାର୍ପ ତାହାର ଛୋଟିଆ ପଦକ୍ଷେପ ମାଧ୍ୟମରେ ଏ ଦିଗରେ ଏକ ବଡ଼ ସଫଳତା ଆଡ଼କୁ ଆଗେଇ ଚାଲିଛି। ଏ ଦିଗରେ ଏଭଳି ପଦକ୍ଷେପ ସମୂହ ଏକ ସୁସ୍ଥ, ସଶକ୍ତ ଓ ଅଧିକ ସ୍ଥିତିସ୍ଥାପକ ସମୁଦାୟ/ଗୋଷ୍ଠୀ ଗଠନରେ ନିଶ୍ଚିତ ସଫଳ ହେବ।

**ୟୁସୁଫ କବୀର, ପ୍ରେମା ଗୋପାଳନ, ଓଁକାର ଖରେ, ନସିମ ଶେଖ, ଉପମନ୍ୟୁ ପାଟିଲ, କୃତ୍ତିକା କଡ଼କି, ଆଣ୍ଡ୍ର୍ୟୁ ଉଇଲିୟମସନ୍-**
**ଏହି ଲେଖକଗଣ ୟୁନିସେଫ୍, ଜଳ, ପରିବେଶ, କୃଷି, ଗ୍ରାମ୍ୟ ଉନ୍ନୟନ ଓ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ**

# ପରିବେଶ ଓ ଶାସନ: ରାଜସ୍ଥାନରେ ଫ୍ଲୋରୋସିସ ପ୍ରଶମନ କାହାଣୀ

ରାଜସ୍ଥାନ ମୁଖ୍ୟତଃ ଏକ ନିପାଣିଆ ରାଜ୍ୟ। ଏହାର ଅଧିକାଂଶ ଭାଗ ମରୁ ଓ ଅର୍ଦ୍ଧ ମରୁ ଅଞ୍ଚଳ। ଏଠାରେ ପାନୀୟ ଜଳ ଅଭାବ ଏକ ସବୁଦିନିଆ ସମସ୍ୟା। ପାଣି ଅଭାବରୁ ଚାଷବାସର ସ୍ଥିତି ମଧ୍ୟ ଭଲ ନୁହେଁ। ଅତଏବ ଜଳାଭାବ ପ୍ରବଣ ଏହି ରାଜ୍ୟର ସାମାଜିକ, ଆର୍ଥିକ ଓ ପରିବେଶଗତ ସ୍ଥିତି ମଧ୍ୟ ଦେଶର ଅନ୍ୟଭାଗ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ରାଜସ୍ଥାନର ଲୋକେ ପାଣି ପାଇଁ ମୁଖ୍ୟତଃ ଭୂତଳ ଜଳ ଉତ୍ସ ଉପରେ ନିର୍ଭର କରନ୍ତି। ଏହା ଉଭୟ ପାନୀୟ ଓ କୃଷି ଆବଶ୍ୟକତା ପୂରଣ କରିଥାଏ। ଏହି ରାଜ୍ୟରେ ଚିରସ୍ରୋତା ନଦୀ କିମ୍ବା ଭୂପୃଷ୍ଠ ଜଳ ଉତ୍ସର ଅଭାବ ରହିଛି। ଶୁଷ୍କ ଏବଂ ମରୁ ଅଞ୍ଚଳୀୟ ଜଳବାୟୁ ଯୋଗୁଁ ଏଠାକାର ସ୍ଥିତି ଜୀବଜଗତ ପାଇଁ ଅନୁକୂଳ ନୁହେଁ। ଏହି ରାଜ୍ୟର ଲୋକେ ପାହାଚଥିବା ବଡ଼ ବଡ଼ ବାଙ୍ଗି ଖୋଳି ପାଣିର ବ୍ୟବହାର କରିଆସୁଥିଲେ। ତେବେ ଫିତାକୃମି (ଗିନିଓ୍ୱର୍ମ) ବ୍ୟାପିବାରୁ ଲୋକେ ଏସବୁ ବାଙ୍ଗିର ପାଣିକୁ ବ୍ୟବହାର କରିବା ବନ୍ଦ କରିଦେଲେ ଏବଂ ସଂକ୍ରମିତ ବାଙ୍ଗି, କୂପଗୁଡ଼ିକୁ ପୋତି ପକାଇଲେ। ଫଳରେ ଲୋକଙ୍କ ଜଳସଂକଟ ଉତ୍କଟ ହେଲା। ଦୂରଦୂରାନ୍ତ ଗ୍ରାମାଞ୍ଚଳରେ ଲୋକେ ପାଣି ପାଇଁ ଚୂଆ ଖୋଳି ସେଇ ପାଣିକୁ ବ୍ୟବହାର କରୁଛନ୍ତି। ବିଭିନ୍ନ ସ୍ଥାନରେ ନଳକୂପମାନ ବସାଯାଇ ଲୋକଙ୍କ ଜଳ ଆବଶ୍ୟକତା ପୂରଣ କରିବାକୁ ଉଦ୍ୟମ ଜାରି ରହିଛି। ମୋଟାମୋଟି ଭାବେ ରାଜ୍ୟରେ ଭୂତଳ ଜଳର ମାତ୍ରାଧିକ ବ୍ୟବହାର ଯୋଗୁ ତାହା ଚାପଗ୍ରସ୍ତ ଏବଂ ଜଳସ୍ତର କ୍ରମଶଃ ହ୍ରାସ ପାଉଛି।

ଏବେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ରାଜ୍ୟର ଭୂତଳ ଜଳସ୍ତର ଅଧିକ ଚାପଗ୍ରସ୍ତ ହୋଇଛି। ଏହାର ସ୍ତର କ୍ରମଶଃ ହ୍ରାସ ପାଉଛି। ବାରମ୍ବାର ମରୁଡ଼ି, ପ୍ରଚଣ୍ଡ ଉତ୍ତାପ ପଥର ସ୍ତରର ବ୍ୟାପକ ଖନନ ଯୋଗୁଁ ଫ୍ଲୋରାଇଡ୍ ସୃଷ୍ଟି ହୋଇ ଏହା ଜଳଉତ୍ସରେ ମିଶୁଛି। ଫ୍ଲୋରାଇଡ୍ ଏକ ପ୍ରକାର ହାଇଡ୍ରୋ ଫ୍ଲୁରିକ ଅମ୍ଳ ଯାହା ପାଣିରେ ମିଶିଲେ ଏହାକୁ ବିଷାକ୍ତ କରେ। ଫ୍ଲୋରାଇଡ୍ ମିଶ୍ରିତ ପାଣି ପିଇଲେ ମଣିଷର ଦାନ୍ତ, ନଖ ଓ ହାଡ଼ ଦୁର୍ବଳ ହୋଇଥାଏ। ଏଭଳି ଜଳ ପାନୀୟ ଅନୁପଯୁକ୍ତ। ଏହା ଫଳରେ ରାଜସ୍ଥାନରେ ଜଳର ଦ୍ୱୈତ ସମସ୍ୟା ସୃଷ୍ଟି ହୋଇଛି। ଏକ ପକ୍ଷରେ ପାନୀୟ ଜଳ ସଂକଟ ଓ ଅନ୍ୟ ପକ୍ଷରେ ଯେଉଁ ଜଳ ମିଳୁଛି ତାହା ଫ୍ଲୋରାଇଡ୍‌ଯୁକ୍ତ ହୋଇଥିବାରୁ ତାହାର ସୁପରିଚାଳନା ସମ୍ଭବ ହେଉନାହିଁ। ୨୦୧୯ ଡିସେମ୍ବର ସୁଦ୍ଧା ଦେଶରେ ଫ୍ଲୋରାଇଡ୍ ପ୍ରବଣ ଗ୍ରାମର ସଂଖ୍ୟା ଥିଲା ୭୭୫୨। ସେଥିମଧ୍ୟରୁ ୩୭୪୮ଟି ଗ୍ରାମ କେବଳ ରାଜସ୍ଥାନରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁସାରେ ପାନୀୟ ଜଳରେ ୧.୫ ପିପିଏମ୍‌ଠାରୁ ଅଧିକ ଫ୍ଲୋରାଇଡ୍ ରହିଲେ ତାହା ପାନୀୟ ଉପଯୁକ୍ତ ନୁହେଁ। ଏହି ମାତ୍ରାରୁ ଅଧିକ ଫ୍ଲୋରାଇଡ୍ ଥିବା ପାଣି ଅଧିକ ଦିନ ପିଇଲେ ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଫ୍ଲୋରୋସିସ୍ ଦ୍ୱାରା ପିଲାମାନେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ସେମାନଙ୍କ ଦାନ୍ତ, ମେରୁଦଣ୍ଡ, ଅସ୍ଥି ଓ ଶରୀରର ଅନ୍ୟାନ୍ୟ ଅଙ୍ଗ ରୁଗ୍‌ଣ ହୋଇଥାଏ। ବୟସ୍କମାନେ ମଧ୍ୟ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ଆକ୍ରାନ୍ତ ଲୋକଙ୍କ ଗଣ୍ଠି ଓ ଖଞ୍ଜା ସଂକ୍ରମିତ, କ୍ଷୟଶୀଳ ହୋଇ ଅସହ୍ୟ ଯନ୍ତ୍ରଣା ଦେଇଥାଏ। ଆକ୍ରାନ୍ତ ବ୍ୟକ୍ତି ଚାଲିବୁଲି ପାରନ୍ତିନି। ଅବଶେଷରେ ପଙ୍ଗୁ ହୋଇ ପଡ଼ି ରହନ୍ତି। ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଯେଉଁ ସ୍ୱାସ୍ଥ୍ୟଗତ ସମସ୍ୟାମାନ ଦେଖାଦେଇଛି ସେଥିମଧ୍ୟରୁ ଫ୍ଲୁରୋସିସ୍ ବ୍ୟାଧି ଗୋଟିଏ। ତେଣୁ ମିଳିତ ଜାତିସଂଘ ଯେଉଁ ଏସ୍‌ଡିଜି-୬ ନିର୍ଦ୍ଧାରଣ କରିଛି ସେଥିରେ ଭାରତରେ ଫ୍ଲୁରୋସିସ୍ ଦୂରୀକରଣ ସ୍ଥାନ ପାଇଛି। ସରକାର ମଧ୍ୟ ଏ ଦିଗରେ ତତ୍ପରତାର ସହ କାର୍ଯ୍ୟ କରୁଛନ୍ତି।



ବିପୁଳ ଅର୍ଥ ଖର୍ଚ୍ଚ କରି ଫ୍ଲୋରୋସିସ୍‌ର ନିରାକରଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିଲେ ମଧ୍ୟ ଦେଶରେ ଏମିତି କିଛି ଇଲାକା ରହିଛି ଯେଉଁଠି ଫ୍ଲୋରାଇଡ୍ ସମସ୍ୟା ଉତ୍କଟ। ଫ୍ଲୋରାଇଡ୍ ମିଶ୍ରିତ ଜଳକୁ ବିଶୋଧନ କରିବାକୁ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଲୋକେ ବାଧ୍ୟ ହୋଇ ତାହାକୁ ପିଉଛନ୍ତି। ଏଭଳି ପରିସ୍ଥିତି ଦୁଇଟି ବିଷୟ ଉପରେ ବିଶେଷ ଗୁରୁତ୍ୱ ରଖୁଛି। ଗୋଟିଏ ହେଲା ଫ୍ଲୋରାଇଡ୍ ମିଶ୍ରିତ ଜଳର ବ୍ୟବହାର ବନ୍ଦ କରିବା ପାଇଁ ଜନସଚେତନତା ସୃଷ୍ଟି ଓ ଦ୍ୱିତୀୟଟି ହେଲା ଲୋକଙ୍କୁ ନିରାପଦ ପିଇବା ପାଣି ଯୋଗାଇଦେବା।

ଏବେ ସରକାର ଫ୍ଲୋରାଇଡ୍ ସମସ୍ୟାର ଦୂରୀକରଣ ପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପାଇଁ ଅତୀତର ଅଭିଜ୍ଞତାକୁ ମଧ୍ୟ ବିନିଯୋଗ କରାଯାଉଛି। ୨୦୦୭ରେ ସମନ୍ୱିତ ଫ୍ଲୋରାଇଡ୍ ପ୍ରଶମନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମେ ମଧ୍ୟପ୍ରଦେଶର ଧର୍ ଓ ଝାବୁଆ ଜିଲାରେ ଏହା ଆରମ୍ଭ ହୋଇଥିଲା। ଜାତୀୟ ପରିବେଶ ଇଂଜିନିୟରିଂ ଗବେଷଣା ପ୍ରତିଷ୍ଠାନ ଓ ୟୁନିସେଫ୍ ସହାୟତାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମଧ୍ୟପ୍ରଦେଶର ଅନ୍ୟ କେତେକ ଜିଲା ସମେତ ରାଜସ୍ଥାନକୁ ମଧ୍ୟ ସଂପ୍ରସାରିତ ହେଲା। ମଧ୍ୟପ୍ରଦେଶରେ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରକଳ୍ପରେ ପ୍ରଥମେ ପିଲାଙ୍କୁ ଫ୍ଲୋରୋସିସ୍ ସଂକ୍ରମଣରୁ ଭଲ କରିବାର ସଫଳତା ମିଳିଥିଲା। ଏଥିପାଇଁ ରାଜ୍ୟ ସରକାର ମଧ୍ୟ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇଥିଲେ। ପରେ ତେଲଙ୍ଗାନାରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ତେବେ ରାଜସ୍ଥାନରେ ଏହି ଯୋଜନା କ୍ରମାଗତ ଭାବେ ଭଲ ଫଳ ଦେବାରେ ଲାଗିଛି। ଏଥିପାଇଁ ସେଠାକାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ମଡେଲ ପ୍ରସ୍ତୁତ କରିଛନ୍ତି। ଏହି ସଫଳତାକୁ

ଦେଶର ଅନ୍ୟ ଅଞ୍ଚଳରେ ମଧ୍ୟ ପ୍ରୟୋଗ କରାଯାଇପାରିବ।

**ପ୍ରଶମନ ଉଦ୍ୟମର ଇତିହାସ:**

୨୦୦୧ରେ ପାନୀୟ ଜଳରେ ମାତ୍ରାଧିକ ଫ୍ଲୋରାଇଡ୍ ଥିବା ଜଣାପଡ଼ିବା ପରେ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ, ୟୁନିସେଫ୍ ସହାୟତାରେ 'ରାଜସ୍ଥାନ ସମନ୍ୱିତ ଫ୍ଲୋରୋସିସ୍ ପରିଚାଳନା କାର୍ଯ୍ୟକ୍ରମ' ୨୦୦୪ରେ ଆରମ୍ଭ କରିଥିଲା। ଏହି କାର୍ଯ୍ୟକ୍ରମର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଘରୋଇ ଉଦ୍ୟମରେ ନିର୍ମିତ ଫ୍ଲୋରୋସିସ୍‌ମୁକ୍ତ ୟୁନିଟ୍ (ଡିଏଫ୍‌ୟୁ)ମାନ ଏନ୍‌ଜିଓମାନଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଅବଶୋଷଣ ଟେକ୍‌ନୋଲୋଜି ବ୍ୟବହୃତ ହୋଇଥିଲା। ଏହାର ବ୍ୟବହାର ସମ୍ପର୍କରେ ଏନ୍‌ଜିଓ କର୍ମଚାରୀମାନେ ଲୋକଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ବେଶ୍ ଅର୍ଥ ଓ ଶ୍ରମ ବିନିଯୋଗ ହେବା ସତ୍ତ୍ୱେ ଏହା ବିଶେଷ ସଫଳତା ହାସଲ କରିପାରି ନ ଥିଲା। ଏହି ଦୁଇ ପର୍ଯ୍ୟାୟର ଅଭିଜ୍ଞତାକୁ ପୁଞ୍ଜି କରି ସରକାର ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ହାତକୁ ନେଇଥିଲେ। ଏହି ପର୍ଯ୍ୟାୟରେ ସରକାର ହ୍ୟାଣ୍ଡ୍‌ପମ୍ପ ଓ କୂପରେ ଡିଏଫ୍‌ୟୁକୁ ଲଗାଇ ଉତ୍ତୋଳିତ ଜଳକୁ ଫ୍ଲୋରାଇଡ୍‌ମୁକ୍ତ କରିବାକୁ ଉଦ୍ୟମ କଲେ। ଏସବୁ କାମ ଘରୋଇ ସଂସ୍ଥାମାନଙ୍କ ଦ୍ୱାରା କରାଗଲା। ଦଶବର୍ଷ ପାଇଁ ଏହି ସବୁ ୟୁନିଟର ରକ୍ଷଣାବେକ୍ଷଣ ଦାୟିତ୍ୱ ସେସବୁ ସଂସ୍ଥାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଏହା ସହିତ ଫ୍ଲୋରୋସିସ୍ ପ୍ରବଣ ଅଞ୍ଚଳରେ ନିୟମିତ ଭାବେ ଜଳର ମାନ ମଧ୍ୟ ପରୀକ୍ଷା କରାଗଲା। ଏହି କାର୍ଯ୍ୟ ସହିତ ଲୋକଙ୍କୁ ବିକଳ୍ପ ପାନୀୟ ଜଳ ଯୋଗାଣ ସୁବିଧା ଯୋଗାଇଦେବାକୁ ସରକାରଙ୍କ ପକ୍ଷରୁ  ଜାତୀୟ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ, ବର୍ଷା ଜଳ ଅମଳ କାର୍ଯ୍ୟକ୍ରମ ଓ ଭୂତଳ ଜଳ ସ୍ତର ବୃଦ୍ଧି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ଏକ ସମୟରେ ଆରମ୍ଭ କରାଗଲା। ତେବେ ବର୍ଷା ଜଳକୁ ପାନୀୟ ଭାବେ ବ୍ୟବହାର କରିବାର ଉଦ୍ୟମ ଅଧିକାଂଶ ଜିଲାରେ ବିଶେଷ ସଫଳ ହେଲା ନାହିଁ। ଏଥିରେ ଲୋକଙ୍କର ସାମାଜିକ-ସାଂସ୍କୃତିକ ବିଚାର ପ୍ରତିବନ୍ଧକ ସୃଷ୍ଟି କରିଥିଲା। ତେଣୁ ରାଜସ୍ଥାନ ସରକାର ତାଙ୍କର ନୀତି ବଦଳାଇ ଭୂପୃଷ୍ଠରେ ମିଳୁଥିବା ଜଳକୁ ସଂଗ୍ରହ କରି ଲୋକଙ୍କୁ ଯୋଗାଇବାକୁ ଗୁରୁତ୍ୱ ଦେବା ସହ ପାଇପଦ୍ୱାରା ଜଳଯୋଗାଣ ବ୍ୟବସ୍ଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାଯାଏ ଭୂତଳ ଜଳର ବିଶୋଧନ ଉପରେ ଗୁରୁତ୍ୱ ଦେଲେ। ଏବେ ଏସ୍‌ଡିଜି-୬ ଲକ୍ଷ୍ୟ ପୂରଣ ପାଇଁ ଏହି କାର୍ଯ୍ୟ ଜାରି ରହିଛି।

**ଆହ୍ୱାନ ଅବ୍ୟାହତ:**

ରାଜସ୍ଥାନରେ ପିଇବା ପାଣିରେ ଫ୍ଲୋରାଇଡ୍ ଏକ ଅସରନ୍ତି ସମସ୍ୟା ଭାବେ ରହିଛି। ବିଶୁଦ୍ଧ ଜଳଉତ୍ସର ଅଭାବ ଏ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି। ତେଣୁ ଲୋକେ ଫ୍ଲୋରାଇଡ୍ ମିଶା ଭୂତଳ ଜଳ ପିଇ ଅଧିକରୁ ଅଧିକ ସଂଖ୍ୟାରେ ରୋଗାକ୍ରାନ୍ତ ହେଉଛନ୍ତି। ତେବେ ସରକାର ତାଙ୍କ ଉଦ୍ୟମରୁ ବିରତ ହୋଇନାହାନ୍ତି। ନିରାପଦ ଜଳ ଉତ୍ସ ଠାବ କରିବା ସହ ଫ୍ଲୋରାଇଡ୍‌ମୁକ୍ତ ଜଳ ପାଇପ ଯୋଗେ ସବୁ ଘରକୁ ଯୋଗାଇ ଦେବାକୁ କାମ ଚାଲିଛି। ଦ୍ୱିତୀୟ ସମସ୍ୟାଟି ହେଉଛି ଯେଉଁମାନେ ଫ୍ଲୋରୋସିସ୍‌ରେ ଆକ୍ରାନ୍ତ ହୋଇଛନ୍ତି ସେମାନେ ଆରୋଗ୍ୟ ହେବା ସହଜ ନୁହେଁ। ଯେଉଁମାନେ ଫ୍ଲୋରାଇଡ୍ ପ୍ରବଣ ଅଞ୍ଚଳରେ ବାସ କରୁଛନ୍ତି ସେମାନଙ୍କ ଶରୀରରେ ଖାଦ୍ୟ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ ଯଥେଷ୍ଟ ଫ୍ଲୋରାଇଡ୍ ପ୍ରବେଶ କରିସାରିଛି ଯାହାକୁ ବାହାର କରିବା ସହଜ ନୁହେଁ। ତେଣୁ ସେମାନେ ଏବେ ନିରାପଦ ପାନୀୟଜଳ ବ୍ୟବହାର କଲେ ମଧ୍ୟ ବ୍ୟାଧିରୁ ନିସ୍ତାର ପାଇବାର ସମ୍ଭାବନା ନାହିଁ। ଫ୍ଲୋରାଇଡ୍ ଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥିବାରୁ ଏହାର ପ୍ରତିକାର ବିଧାନର ସମୟ ଆସିଛି। ଏଥିପାଇଁ ଅତ୍ୟାଧୁନିକ ପ୍ରଯୁକ୍ତି, ବିପୁଳ ସମ୍ବଳ, ସମନ୍ୱୟ ଓ ସହଯୋଗର ଆବଶ୍ୟକତା ରହିଛି। ଲୋକଙ୍କୁ ମଧ୍ୟ ଏଥିରେ ସାମିଲ କରିବାକୁ ପଡ଼ିବ।

**ବର୍ତ୍ତମାନ ଓ ଭବିଷ୍ୟତ:**

କେବଳ ଫ୍ଲୋରାଇଡ୍‌ମୁକ୍ତ ଜଳ ଯୋଗାଇ  ଦେଲେ ଫ୍ଲୋରୋସିସ୍ ପ୍ରଶମିତ ହେବ ନାହିଁ। ଏଥିପାଇଁ ଏକ ପୂର୍ଣ୍ଣାଙ୍ଗ ଯୋଜନା କାର୍ଯ୍ୟକାରୀ କରିବାକୁ ପଡ଼ିବ। ଏଥିରେ ପାନୀୟ, ଖାଦ୍ୟ, ପୋଷଣ, ସ୍ୱାସ୍ଥ୍ୟ ଓ ପରିବେଶ ଆଦି ସମସ୍ୟାକୁ ମିଶାଇ ମିଳିତ ଭାବେ ବହୁମୁଖୀ ପଦକ୍ଷେପ ନେବାକୁ ହେବ। ତେଣୁ ଗୋଟିଏ ମଞ୍ଚରେ ସବୁ ସଂପୃକ୍ତ ପକ୍ଷଙ୍କୁ ଏକଜୁଟ୍ ହେବାକୁ ପଡ଼ିବ। ସମ୍ପୃକ୍ତ ବିଭାଗ ସେମାନଙ୍କର  ଯୋଜନାରେ ଗୋଷ୍ଠୀ, ସମୁଦାୟଙ୍କ ଅଂଶଗ୍ରହଣ, ଜଳବାୟୁ ସ୍ଥିତିସ୍ଥାପକ ଜଳ ନିରାପତ୍ତା ବ୍ୟବସ୍ଥାକୁ ସାମିଲ କରିବାର ଉଚିତ।

ରାଜସ୍ଥାନରେ ସେଠା ସରକାରଙ୍କ ଫ୍ଲୋରୋସିସ୍ ପ୍ରଶମନ କାର୍ଯ୍ୟକ୍ରମରେ ୟୁନିସେଫ୍ ୨୦୧୮ରେ ସାମିଲ ହୋଇଥିଲା। ଡୁଙ୍ଗରପୁରରେ ଆରମ୍ଭ ହୋଇଥିବା ଏ ସଂକ୍ରାନ୍ତ ପ୍ରଥମ ପାଇଲଟ୍ ପ୍ରୋଜେକ୍ଟକୁ ୟୁନିସେଫ୍ ସହଯୋଗ ଯୋଗାଇଥିଲା। ଏହା ଏକ ଲୋକଭିତ୍ତିକ ମଞ୍ଚ ଯାହାର ନେତୃତ୍ୱ ଜିଲାପାଳ ନେଉଛନ୍ତି। ପାଣିରୁ ଫ୍ଲୋରାଇଡ୍ ହ୍ରାସ କରିବା ପାଇଁ ଚାଲିଥିବା ଜିଲାବ୍ୟାପୀ କାର୍ଯ୍ୟକ୍ରମ ନିମନ୍ତେ ଜିଲାପାଳ ଅର୍ଥ ଓ ଅନ୍ୟାନ୍ୟ ସାଧନ ସଂଗ୍ରହ କରି ତାହାକୁ କାମରେ ଲଗାଉଛନ୍ତି। ଏହା ଏକ ଆଦର୍ଶ ପ୍ରକଳ୍ପ ଭାବେ ଉଭା ହୋଇଛି। ଜିଲାପାଳ ଏହାର ନେତୃତ୍ୱ ନେଉଥିବାରୁ ଜିଲାର ସବୁ ବିଭାଗ ଏଥିପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ କରୁଛନ୍ତି। ଫ୍ଲୋରାଇଡ୍ ନିବାରଣ ପାଇଁ ନୂଆ ନୂଆ ମଡେଲ ମଧ୍ୟ ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟକ୍ରମଟି ଡୁଙ୍ଗରପୁର ଜିଲାରେ ସଫଳ ହୋଇଥିବାରୁ ରାଜସ୍ଥାନ ସରକାର ରାଜ୍ୟର ଅନ୍ୟାନ୍ୟ ଜିଲାକୁ ଏହାକୁ ସଂପ୍ରସାରିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟ ହାତକୁ ନିଆଯିବ। ଏଥିରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଖାଦ୍ୟ, ପୋଷଣ ଓ ପରିବେଶ ସୁରକ୍ଷା ଆଦି ସାମିଲ ହୋଇଛି। ବିଶେଷ କରି ଜନ୍ମରୁ ୧୨ବର୍ଷ ବୟସ ବର୍ଗର ପିଲାଙ୍କ ଫ୍ଲୋରୋସିସ୍ ସମସ୍ୟା ଦୂର କରିବାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି।

ପରିବେଶର ସୁରକ୍ଷା ପାଇଁ ଜଳର ସୁପରିଚାଳନା ଏକାନ୍ତ ଅପରିହାର୍ଯ୍ୟ। ଜଳଉତ୍ସ ଏବଂ ଜଳଭର (ଆକ୍ୟୁଫର)ଗୁଡ଼ିକୁ ଚିହ୍ନଟ କରିବା ସହ ତାହାର ସଂରକ୍ଷଣ, ଜଳର ପୁନର୍ବ୍ୟବହାର, ଭୂତଳ ଜଳ ସ୍ତରକୁ ପୁନଃ କ୍ଷରଣ ଚକ୍ରରେ ସ୍ଥିର ରଖିବା ଦ୍ୱାରା ପରିବେଶ ସୁରକ୍ଷିତ ରହିପାରିବ। ଏହାଦ୍ୱାରା ଜଳଉତ୍ସରୁ ଉତ୍ତମମାନର ଜଳ ମିଳିବ। ସାଂପ୍ରତିକ ଜଳ ଶକ୍ତି ଅଭିଯାନ ଏ ଦିଗରେ ସରକାରଙ୍କର ଏକ ଉତ୍ତମ ପଦକ୍ଷେପ। ଜଳର ସମନ୍ୱିତ ପରିଚାଳନା ପାଇଁ ସବୁ ବିଭାଗକୁ ଗୋଟିଏ ମଞ୍ଚରେ ଏକାଠି କରି କାମ କରିବାକୁ ସରକାର ଏହି ଅଭିଯାନ ମାଧ୍ୟମରେ ଯେଉଁ ପଦକ୍ଷେପ ନେଉଛନ୍ତି ତାହାର ଉଦ୍ଦେଶ୍ୟ ମହତ୍।

**ଲେଖକ ଶ୍ରୀ ନାନକ ସନ୍ତଦଶନି ହେଉଛନ୍ତି ୟୁନିସେଫ୍‌ର ଜଳ, ପରିମଳ ବିଶେଷଜ୍ଞ ଏବଂ ଶ୍ରୀ ଅନିରୁଦ୍ଧ ଖାନ୍ନା ହେଉଛନ୍ତି ଟାଟା ସାମାଜିକ ପ୍ରତିଷ୍ଠାନରେ ଜଣେ ଯୁବ ପେସାଦାର**

# ପରିବେଶ ଓ ଆନ୍ତଃବିଭାଗୀୟତା: ଭାରତର ସ୍ୱାସ୍ଥ୍ୟ ପରିବେଶ ଉପରେ ଜଳ ଓ ପରିଚ୍ଛନ୍ନତା ନୀତିର ପ୍ରଭାବ

ନିରାପଦ ପାନୀୟ ଜଳ ସ୍ୱାସ୍ଥ୍ୟ ପରିବେଶର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଭାବେ ସ୍ୱୀକୃତ। ଏହା ସୁସ୍ଥ ଜୀବନଯାପନ ପାଇଁ ଅପରିହାର୍ଯ୍ୟ। ତେବେ ନିରାପଦ ପାନୀୟ ଜଳ ସହିତ ଏବେ ପରିଷ୍କାର ପରିଚ୍ଛନ୍ନତା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଉ ଏକ ଅପରିହାର୍ଯ୍ୟ ଆବଶ୍ୟକତା ଭାବେ ଯୋଡ଼ି ହୋଇଯାଇଛି। ପରିବେଶ ପରିଷ୍କାର ପରିଚ୍ଛନ୍ନ ନ'ରହିଲେ ନିରାପଦ ପାନୀୟ ଜଳ ମିଳିବା ସହଜ ହେବନାହିଁ। ବାହାରେ ମଳମୂତ୍ର ତ୍ୟାଗ କରିବା ଦ୍ୱାରା ସେସବୁ ବିଭିନ୍ନ ଉପାୟରେ ଜଳ ଉତ୍ସରେ ମିଶି ତାହାକୁ ପ୍ରଦୂଷିତ କରିଥାଏ। ମଳମୂତ୍ରର ଜୀବାଣୁ ପାଣିରେ ମିଶିବା ଫଳରେ ଏହା ଦୂଷିତ ହୁଏ। ସେଇ ପାଣିକୁ ପିଇଲେ ବା ବ୍ୟବହାର କଲେ ମଣିଷ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହୋଇଥାଏ। ତେଣୁ ଜନସ୍ୱାସ୍ଥ୍ୟ ସହିତ ସ୍ୱାସ୍ଥ୍ୟକର ପରିବେଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅନେକ କ୍ଷେତ୍ରରେ ଦେଖାଯାଏ ଯେ ଶୌଚାଳୟଗୁଡ଼ିକ ଠିକ୍ ଭାବେ ତିଆରି ହୋଇ ନ ଥିବାରୁ ଏବଂ ଏହାର ଉପଯୁକ୍ତ ବ୍ୟବହାର ହେଉ ନ ଥିବାରୁ ସେଥିରୁ ମଳମୂତ୍ର ନିର୍ଗତ ହୋଇ ପରିବେଶ, ବିଶେଷ କରି ଜଳ ଉତ୍ସକୁ ପ୍ରଦୂଷିତ କରିଥାଏ। ତେଣୁ ଏଭଳି ଶୌଚାଳୟ ଜନସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିପଜ୍ଜନକ। ଶିଶୁଙ୍କ ମଧ୍ୟରେ ୮୮% ଝାଡ଼ାବାନ୍ତି ଜନିତ ମୃତ୍ୟୁ ଅସୁରକ୍ଷିତ (ପ୍ରଦୂଷିତ) ଜଳ ବ୍ୟବହାର, ଅପରିଚ୍ଛନ୍ନତା ଓ ଅସ୍ୱାସ୍ଥ୍ୟକର କାରଣ ଯୋଗୁଁ ହୋଇଥାଏ। ୨୦୧୭ରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ କରିଥିବା ଏକ ହିସାବ ଅନୁସାରେ ବିଶ୍ୱରେ ବର୍ଷକୁ ପ୍ରାୟ ୫.୨୫ ଲକ୍ଷ ପାଞ୍ଚବର୍ଷରୁ କମ୍ ବୟସର ଶିଶୁ ଡାଏରିଆ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଭାରତରେ ପ୍ରାଣ ହରାଉଥିବା ଶିଶୁଙ୍କ ସଂଖ୍ୟା ୧୧୭,୦୦୦। ଅତଏବ ଉତ୍ତମ ସ୍ୱାସ୍ଥ୍ୟ ପରିବେଶ ଓ ସ୍ଥିତିସ୍ଥାପକତାର ଗୁରୁତ୍ୱ ଅଧିକ। ଏଥିପ୍ରତି ସଚେତନ ରହି ପରିଚ୍ଛନ୍ନତା ଓ ନିରାପଦ ଜଳ ଯୋଗାଣ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିବାକୁ ହେବ।

ଜଳଉତ୍ସ ଓ ପରିବେଶ ପ୍ରଦୂଷଣ ପାଇଁ ମଳମୂତ୍ର ସମେତ ଅନ୍ୟାନ୍ୟ ତରଳ ଓ କଠିଣ ବର୍ଜ୍ୟ ବିଶେଷ ଭାବେ ଦାୟୀ। ଅତଏବ ଏସବୁ ବର୍ଜ୍ୟବସ୍ତୁର ସୁପରିଚାଳନା ଉପରେ ସ୍ୱାସ୍ଥ୍ୟ ପରିବେଶ ନିର୍ଭରଶୀଳ। ୨୦୧୯ ଅକ୍ଟୋବର ୨ ପରେ ସ୍ୱଚ୍ଛ ଭାରତ ପରବର୍ତ୍ତୀ ଯେଉଁ ୧୦ବର୍ଷୀଆ ଜାତୀୟ ପରିଚ୍ଛନ୍ନତା ରଣନୀତି ଓ ଜଳଜୀବନ ମିଶନ ଆରମ୍ଭ କରାଯାଇଛି ତାହା ପ୍ରଣିଧାନଯୋଗ୍ୟ। ଏଥିରେ ଜଳ ମାନର ସଂଶୋଧିତ ନିରୀକ୍ଷଣ କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ। ଏହା ସ୍ୱାସ୍ଥ୍ୟ ପରିବେଶକୁ ଅଧିକ ଉନ୍ନତ ଓ ସାର୍ବଜନୀନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ପଦକ୍ଷେପ। ନିମ୍ନଲିଖିତ ଉପାୟରେ ଏସବୁ କାର୍ଯ୍ୟକ୍ରମ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଲେ ଦେଶର ସ୍ୱାସ୍ଥ୍ୟ ପରିବେଶ ଓ ସମ୍ବଳ ପରିଚାଳନା କ୍ଷେତ୍ରରେ ବିଶେଷ ପ୍ରଗତି ହାସଲ କରାଯାଇ ପାରିବ।

**ପୁନଃସଂଯୋଜନରେ ନିବେଶ ଓ ବର୍ଜ୍ୟ ପରିଚାଳନା:**

୨୦୧୪ରେ ସ୍ୱଚ୍ଛଭାରତ ମିଶନ ଆରମ୍ଭ ହେବା ପରଠାରୁ ଭାରତର ଗ୍ରାମାଞ୍ଚଳରେ ୧୦ କୋଟିରୁ ଅଧିକ ଶୌଚାଳୟ ନିର୍ମିତ ହୋଇଛି। ଏହାଛଡ଼ା ୫.୯ ଲକ୍ଷରୁ ଅଧିକ ଗ୍ରାମ, ୬୯୯ ଜିଲା, ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଜକୁ ବାହ୍ୟ ମଳତ୍ୟାଗମୁକ୍ତ ଘୋଷଣା କରିଛନ୍ତି। ଦଶ ବର୍ଷିଆ ଗ୍ରାମ୍ୟ ପରିଚ୍ଛନ୍ନତା ରଣ କୌଶଳ (୨୦୧୯-୨୯)ର ଉଦ୍ଦେଶ୍ୟ ହେଲା ବାହ୍ୟ ମଳତ୍ୟାଗମୁକ୍ତ ପରବର୍ତ୍ତୀ ଲକ୍ଷ୍ୟ ହାସଲ ଯାହା ଓଡିଏଫ୍+ନାମରେ ପରିଚିତ। ଏଥିରେ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ଧାରାକୁ ବଜାୟ ରଖି ପରିଚ୍ଛନ୍ନତାକୁ ସାର୍ବଜନୀନ କରିବାର ଉଦ୍ଦେଶ୍ୟ ନିହିତ। ଯେଉଁସବୁ ଘର ସ୍ୱଚ୍ଛଭାରତ ମିଶନରେ ବିଭିନ୍ନ କାରଣରୁ ସଂପୃକ୍ତ ହୋଇପାରିନାହିଁ ସେଗୁଡ଼ିକୁ ଏହାର ଅନ୍ତର୍ଭୁକ୍ତ କରିବା ସହ ତରଳ ଓ କଠିଣ ବର୍ଜ୍ୟବସ୍ତୁକୁ ସଂଗ୍ରହ କରି ନିରାପଦ ପରିଚାଳନା ଦ୍ୱାରା ସେସବୁକୁ ନଷ୍ଟ କରିବାର ପ୍ରୟାସ ରହିଛି।

ଭାରତରେ ସ୍ୱଚ୍ଛ ଭାରତ କର୍ଯ୍ୟକ୍ରମରେ ଯେଉଁ ପ୍ରକାର ଶୌଚାଳୟ ସବୁ ନିର୍ମିତ ହୋଇଥିଲା ତାହା ମୁଖ୍ୟତଃ ତିନି ପ୍ରକାର ଥିଲା। ସେଗୁଡ଼ିକ ହେଲା ସିଙ୍ଗଲ ଲିଚ୍ ପିଟ. ଟ୍ୱିନ୍ ଲିଚ୍ ପିଟ୍ ଓ ସେପ୍ଟିକ୍ ଟ୍ୟାଙ୍କ୍। ସିଙ୍ଗଲ ପିଟ୍ ଶୌଚାଳୟଗୁଡ଼ିକ ପାଇଁ ପୁନଃ ସଂଯୋଜନ ବା ରେଟ୍ରୋଫିଟିଙ୍ଗର ଆବଶ୍ୟକତା ରହିଛି। ଏଥିରେ ଟ୍ୱିନ୍ ପିଟ୍ ବା ପିଟ୍‌କୁ ମଝିରେ ମଝିରେ ସଫା କରିବାର ବ୍ୟବସ୍ଥା କରାଯିବା ଉଚିତ। ପିଟ୍ (ମଳ ଜମା ହେଉଥିବା କୋଠରୀ) ଦୁଇଟିକିଆ ହେଲେ ତାହାର ଲାଭ ଅଛି। ଗୋଟିଏ ପିଟ୍ ଭର୍ତ୍ତି ହୋଇଗଲେ ତାକୁ ବନ୍ଦ କରିଦେଇ ଅନ୍ୟ ପିଟ୍‌କୁ ମଳ ଛଡ଼ାଯାଇପାରିବ। ପୂର୍ଣ୍ଣ ହୋଇଥିବା ପିଟ୍‌ଟି ଶୁଖିଗଲେ ସେଥିରୁ ପ୍ରାକୃତିକ ଉପାୟରେ ସୃଷ୍ଟି ହୋଇଥିବା ଜୈବ ଖତ ସାରକୁ ଚାଷ ଜମିରେ ବ୍ୟବହାର କରିହେବ।



ସେଇଭଳି, ସେପ୍ଟିକ୍ ଟ୍ୟାଙ୍କରୁ କୌଣସି ପରିସ୍ଥିତିରେ ଆବର୍ଜନା ବା ମଳକୁ ଖୋଲା ନାଳ, ନର୍ଦ୍ଦମା ବା ଜଳ ଉତ୍ସକୁ ଛଡ଼ାଯିବା ଅନୁଚିତ। ଏହାଦ୍ୱାରା ପରିବେଶ ଓ ଜଳ ଉତ୍ସ ପ୍ରଦୂଷିତ ହୋଇଥାଏ। ଅବଶ୍ୟ ବିଶୋଧନ ପରେ ଏସବୁ ବର୍ଜ୍ୟକୁ ଅନ୍ୟତ୍ର ପକାଯାଇପାରେ। ଅଭିଜ୍ଞତା କହୁଛି ଯେ ଆମ ଦେଶରେ ନିର୍ମିତ ଅଧିକାଂଶ ସେପ୍ଟିକ୍ ଟ୍ୟାଙ୍କର ନିର୍ମାଣଜନିତ ଓ ଢାଞ୍ଚାଗତ ତ୍ରୁଟି ରହିଛି। ଏଥିରେ ଉଭୟ ଘରର ଆବର୍ଜନା ପାଣି ସମେତ ମଣିଷ ମଳକୁ ମଧ୍ୟ ଛଡ଼ାଯାଇଥାଏ। ଆହୁରି ମଧ୍ୟ କେତେକ ସ୍ଥାନରେ ସେପ୍ଟିକ୍ ଟ୍ୟାଙ୍କ ସବୁ ଖୋଲା ନାଳ ନର୍ଦ୍ଦମା, ଚାଷଜମି, ନଦୀ, ପୋଖରୀ ଓ ଖୋଲା ଯାଗା ସହିତ ସଂଯୁକ୍ତ ହୋଇଥାଏ। ଏହା ଫଳରେ ଜଳ, ମାଟି, କୃଷିଜାତ ସାମଗ୍ରୀ ପ୍ରଦୂଷିତ ହୋଇ ମଣିଷ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ। ସେପ୍ଟିକ୍ ଟ୍ୟାଙ୍କ ନିର୍ମାଣ ପାଇଁ ଭାରତରେ ଯେଉଁ ସାଧାରଣ ମାନକ ରହିଛି ତାହା ଏତେ ପରିବେଶ ଅନୁକୂଳ ନୁହେଁ। ଏହାର ଡିଜାଇନ୍, ନିର୍ମାଣ ଶୈଳୀ, ରକ୍ଷଣାବେକ୍ଷଣ ବ୍ୟବସ୍ଥା ଆଦୌ ସନ୍ତୋଷଜନକ ନୁହେଁ। ଏହା ମଣିଷ ସ୍ୱାସ୍ଥ୍ୟ ଓ ପରିବେଶର ପରିପନ୍ଥୀ।

ତେଣୁ ସଂପୃକ୍ତ କର୍ତ୍ତୃପକ୍ଷ ସେପ୍ଟିକ୍ ଟ୍ୟାଙ୍କ ନିର୍ମାଣ ପାଇଁ ନୂଆ ମାନ ଓ ସୁରକ୍ଷା ବ୍ୟବସ୍ଥା ନିର୍ଦ୍ଧାରଣ କରି ତାହାକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ମଣିଷ ମଳ ଓ ସେପ୍ଟେଜ ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛଭାରତ ଅଭିଯାନ କାଳରେ ଯେଉଁ ନୀତି ଓ ମାନ ଅନୁସୃତ ହେଉଥିଲା ତାହା ଆଉ ଗ୍ରହଣୀୟ ନୁହେଁ। ତାହାକୁ ବଦଳାଇବାର ସମୟ ଆସିଛି। ସବୁ ପ୍ରକାର ବର୍ଜ୍ୟର ନିରାପଦ ଓ ଅଲଗା ଅଲଗା ସଂଗ୍ରହ ସହିତ ସେଗୁଡ଼ିକୁ ବିଶୋଧନ କରି ଅନ୍ୟତ୍ର ପକାଇବାର ବ୍ୟବସ୍ଥା ନ'କଲେ ସ୍ୱାସ୍ଥ୍ୟ ପରିବେଶରେ ସେଭଳି ଉଲ୍ଲେଖନୀୟ ଉନ୍ନତି ହାସଲ କରିହେବ ନାହିଁ। ଫଳରେ ପରିବେଶ, ଜଳ, ସ୍ଥଳ ଓ ଆକାଶ ସେମିତି ମାନବିକ ବର୍ଜ୍ୟ ଯୋଗୁଁ ପ୍ରଦୂଷିତ ହେଉଥିବ।

**ଜଳଜୀବନ ମିଶନ ଓ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା:**

ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ମାର୍ଚ୍ଚରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ତଥ୍ୟ ଅନୁସାରେ ଭାରତରେ ଏବେ ମାତ୍ର ୧୮.୩୩ ଶତାଂଶ (୩.୨୭କୋଟି) ଗ୍ରାମ୍ୟ ଘରକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ଅଛି। ଗ୍ରାମାଞ୍ଚଳରେ ମୁଣ୍ଡପିଛା ଦୈନିକ ୫୫ ଲିଟର ଜଳ ଯୋଗାଇଦେବାକୁ ହେଲେ ୨୦୨୪ସୁଦ୍ଧା ୧୬ କୋଟି ୬୦ଲକ୍ଷ ପରିବାରକୁ କାର୍ଯ୍ୟକ୍ଷମ ପାଣିଟ୍ୟାପ୍ ଯୋଗାଇଦେବାକୁ ପଡ଼ିବ। ଜଳଜୀବନ ମିଶନ ମାଧ୍ୟମରେ ଏହି କାର୍ଯ୍ୟ କରିବାକୁ ହେବ।

ଏହା ଏକ ମହତାକାଂକ୍ଷୀ ଲକ୍ଷ୍ୟ। ଏବେ ଗ୍ରାମାଞ୍ଚଳରେ ଘରକୁ ପାଇପ୍ ଜଳ ସଂଯୋଗ ବ୍ୟବସ୍ଥା ଦେବାକୁ ୧୮ ଶତାଂଶ ଚାହିଦା ରହିଛି। ଏହାକୁ ଶତପ୍ରତିଶତରେ ପହଞ୍ଚାଇବାକୁ ହେଲେ ବିପୁଳ କୁଶଳି ଲୋକଶକ୍ତି, ଆନୁଷ୍ଠାନିକ ଦକ୍ଷତା, ରଣନୀତିଭିତ୍ତିକ ଯୋଜନା, କ୍ଷେତ୍ର ପରିଦର୍ଶନ, କାର୍ଯ୍ୟକ୍ରମର ଉପଯୁକ୍ତ ନିରୀକ୍ଷଣ ଓ ସବୁ ସ୍ତରରେ ଜନସହଯୋଗର ଆବଶ୍ୟକତା ରହିଛି। ଏହା ସହିତ କିଛି ଅତିରିକ୍ତ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରିବାକୁ ପଡ଼ିବ। ଘରକୁ ପାଣି ବୋହି ନେଉଥିବା ଲୋକ ନିଜର ଶୌଚାଳୟକୁ ଜଳ ସଂଯୋଗ ଚାହିଁବେ ଏବଂ ପୁରୁଣା ଶୌଚାଳୟର ବିକାଶ କରିବାକୁ ମଧ୍ୟ ଆଗ୍ରହୀ ହେବେ। ସେଥିପାଇଁ ମଧ୍ୟ ଜଳଜୀବନ ମିଶନ ମାଧ୍ୟମରେ କାମ କରିବାକୁ ପଡ଼ିବ। ତା' ନ'ହେଲେ ସ୍ୱଚ୍ଛଭାରତ ପରବର୍ତ୍ତୀ ଆବଶ୍ୟକତା ପୂରଣ ହୋଇପାରିବ ନାହିଁ। ଆହୁରି ମଧ୍ୟ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ବିଶ୍ୱସ୍ତ ଜଳଉତ୍ସକୁ ଠାବ କରିବାକୁ ହେବ। ଘରୁ ବ୍ୟବହୃତ ଜଳ ଏବଂ ଶୌଚାଳୟର ବର୍ଜ୍ୟଜଳ ଏବଂ ମଇଳାର ନିରାପଦ ପରିଚାଳନା କାର୍ଯ୍ୟ ଅତିରିକ୍ତ ଭାବେ କରିବାକୁ ପଡ଼ିବ। ଏହା ଏକ ସମନ୍ୱିତ ଜଳ ସମ୍ପଦ ପରିଚାଳନା ବ୍ୟବସ୍ଥା ହୋଇଥିବାରୁ ରୂପାୟନକାରୀ ସଂସ୍ଥାଙ୍କ ପାଇଁ ଏକ ଅଗ୍ରାଧିକାର କାର୍ଯ୍ୟ ହେବ।

ଜଳର ମାନ ନିର୍ଦ୍ଧାରଣ ଓ ପରୀକ୍ଷା ବ୍ୟବସ୍ଥା : ପାନୀୟ ଜଳର ମାନ ଓ ଗୁଣ ନିର୍ଦ୍ଧାରଣ ଓ ପରୀକ୍ଷା ଏକ ବିଶ୍ୱବ୍ୟାପୀ ବ୍ୟବସ୍ଥା। ଏଥିପାଇଁ ବିଭିନ୍ନ ଯନ୍ତ୍ରପାତି ଓ ପଦ୍ଧତି ରହିଛି। ଜଳ ଉତ୍ସଠାରୁ ଆରମ୍ଭ କରି ବିଶୋଧନାଗାର, ପାଇପ୍ ଯୋଗେ ଜଳ ପ୍ରେରଣ ବ୍ୟବସ୍ଥା ଏବଂ ଖାଉଟି ଠାରୁ ଆରମ୍ଭ କରି ପ୍ରତ୍ୟେକ ସ୍ତରରେ ଏହାର ମାନ ପରୀକ୍ଷା କରିବାର ବ୍ୟବସ୍ଥା ରହିଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ଏଥିପାଇଁ ମାନ ଓ ପଦ୍ଧତି ନିର୍ଦ୍ଧାରଣ କରିଛି ଯାହା ଅଲଂଘନୀୟ। ସାରାଦେଶରେ ପାନୀୟଜଳର ମାନ ଯେପରି ସମାନ ରହିବ ସେଥିପାଇଁ କ'ଣ କରାଯିବ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ମାର୍ଚ୍ଚରେ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏସବୁ ନିର୍ଦ୍ଦେଶାବଳୀ ପାଳନ କରିବାକୁ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳମାନେ ବାଧ୍ୟ। ଗ୍ରାମପଞ୍ଚାୟତରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଏଥିପାଇଁ ଯନ୍ତ୍ରପାତି (କିଟ୍) ଯୋଗାଣ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣର ବ୍ୟବସ୍ଥା କରାଯାଇଛି। ଜଳର ମାନ ନିର୍ଦ୍ଧାରଣ ପାଇଁ ପରୀକ୍ଷାଗାରର ବ୍ୟବସ୍ଥା ରହିଛି ଯେଉଁଠି ନିୟମିତ ଭାବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହା କରାଯିବା ବାଧ୍ୟତାମୂଳକ। ଏସବୁ କରିବାର ଉଦ୍ଦେଶ୍ୟ ହେଲା ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ନିରାପତ୍ତା ଓ ଗୁଣବତ୍ତା ସହ ଯେପରି ସାଲିସ୍ ନ'ହୁଏ ଏବଂ ଲୋକେ ବିଶୁଦ୍ଧ ପାନୀୟ ଜଳ ପିଇବାକୁ ଯେପରି ସମସ୍ତ ସୁବିଧା ପାଆନ୍ତି ତାହା ସୁନିଶ୍ଚିତ କରିବା।

**ଉପସଂହାର:**

ଭାରତ ଏବେ ବାହ୍ୟ ମଳତ୍ୟାଗ ମୁକ୍ତ ହୋଇଥିବାବେଳେ ଶୌଚାଳୟରୁ ବାହାରୁଥିବା ମଳ ଓ ବର୍ଜ୍ୟ ଜଳର ପରିଚାଳନା ବିଶେଷ ଗୁରୁତ୍ୱପୂର୍ଣ୍ଣ। ତା' ନ ହେଲେ ଜଳ ଉତ୍ସ ପ୍ରଦୂଷିତ ହୋଇ ନିରାପଦ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ବ୍ୟାହତ ହେବ। ଆହୁରି ମଧ୍ୟ ଲୋକେ ଯେପରି ନିରନ୍ତର ପାଇପଜଳର ସୁବିଧା ପାଇବେ ସେଥିପାଇଁ ଜଳଉତ୍ସ, ପମ୍ପହାଉସ୍, ପାଇପଲାଇନ୍ ଓ ବିଜୁଳି ଯୋଗାଣ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ପାଇପ୍ ଜଳ ସହ ଅପରିଷ୍କାର ପାଣି ବା ଦୂଷିତ ଉପାଦାନ ଯେପରି ନମିଶେ ସେଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। ଖାଲି ଘରକୁ ପାଇପ୍ ପହଞ୍ଚାଇଦେଲେ ଚଳିବ ନାହିଁ। ପାଣିର ଚାପ ଯେପରି ଠିକ୍ ରହିବ ଓ ଲୋକେ ଚାହିଦା ମୁତାବକ ପାଣି ପାଇବେ ସେ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିବ।

ମୋଟାମୋଟି ଜଳଜୀବନ ମିଶନ ବା ଗ୍ରାମାଞ୍ଚଳ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ସେଭଳି କିଛି କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଗ୍ରାମପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଗ୍ରାମ୍ୟ ଜଳ ଓ ପରିଚ୍ଛନ୍ନତା କମିଟିକୁ ସାମିଲ କରାଯିବା ଆବଶ୍ୟକ। ଜନସମୁଦାୟ ବା ଗ୍ରାମବାସୀ ଥରେ କୌଣସି ଏକ ଉପକାରୀ ପ୍ରକଳ୍ପ ଉପରେ ମାଲିକାନା ଭାବ ପ୍ରଦର୍ଶନ କଲେ ତାହାର କାର୍ଯ୍ୟକାରିତା ସୁଗମ ହୋଇଥାଏ ଓ ଏହା ସ୍ଥାୟୀ ଭାବେ କାର୍ଯ୍ୟ କରେ। ଆବଶ୍ୟକସ୍ଥଳେ ସେମାନେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ନିଜେ ବହନ କରିଥାନ୍ତି। ସ୍ଥାନୀୟ ନେତା, ବିଭିନ୍ନ ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ସଂଗଠନର ପ୍ରତିନିଧି ସର୍ବୋପରି ଗ୍ରାମବାସୀଙ୍କୁ ଏହି କାମରେ ଅଗ୍ରଭାଗରେ ରଖିଲେ ଗ୍ରାମ୍ୟ ଜଳଯୋଗାଣ ଲକ୍ଷ୍ୟ ସହଜ ହେବ ଏବଂ ଏହା ସର୍ବାଧିକ ଲାଭ ଲୋକଙ୍କୁ ଯୋଗାଇବ।

**ବିରଜା କବି ଶତପଥୀ ହେଉଛନ୍ତି 'ୟୁନିସେଫ୍' ଛତିଶଗଡ଼ର ଜଳ, ପରିମଳ ଓ ସ୍ୱାସ୍ଥ୍ୟରକ୍ଷା ବିଶେଷଜ୍ଞ**

**Email ID: smanchikanti@unicef.org**

# ବିପର୍ଯ୍ୟୟ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ଯୋଗାଯୋଗ କ୍ଷେତ୍ରରେ କମ୍ୟୁନିଟି ରେଡିଓର ଭୂମିକା

ନୁତି ନମିତା

ଭାରତରେ କମ୍ୟୁନିଟି ରେଡ଼ିଓ ଗୋଷ୍ଠୀ ଜୀବନ ତଥା ଜନ ସମୁଦାୟଙ୍କ ଦୈନନ୍ଦିନ ଜୀବନକୁ ନେଇ ଆସୁଥିବା ସମସ୍ୟା ତଥା ପ୍ରସଙ୍ଗ ଉତ୍ଥାପନ ସହିତ ବିଭିନ୍ନ କ୍ଷେତ୍ରରେ ମିଳୁଥିବା ସୁବିଧା ସୁଯୋଗକୁ ଉପସ୍ଥାପନ କରିଥାଏ କମ୍ୟୁନିଟି ରେଡିଓ। କମ୍ୟୁନିଟି (ଗୋଷ୍ଠୀ, ସମୁଦାୟ)କୁ ତଥ୍ୟ ଓ ସୂଚନା ପ୍ରଦାନ କରିବା, ସେମାନଙ୍କୁ ବିଭିନ୍ନ ପ୍ରସଙ୍ଗ ସଂପର୍କରେ ଅବଗତ କରାଇବା ହିଁ କମ୍ୟୁନିଟି ରେଡିଓର ଦାୟିତ୍ୱ ଓ କର୍ତ୍ତବ୍ୟ। ଗୋଷ୍ଠୀ ଜୀବନକୁ ବ୍ୟାପକ ସୁବିଧା ସୁଯୋଗ ତଥା ସଚେତନ କରିବା ଦିଗରେ କମ୍ୟୁନିଟି ରେଡିଓର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡିସେମ୍ବର ୨୦୦୨ରେ ଭାରତ ସରକାର ଏ ସଂପର୍କରେ ଏକ ନୀତିଗତ ନିଷ୍ପତ୍ତି ନେଇଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କମ୍ୟୁନିଟି ରେଡିଓ ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାର ଅନୁମତି ପ୍ରଦାନ ପୂର୍ବକ ନୀତି ପ୍ରଣୟନ କରିଥିଲେ। ବିକାଶ ସହ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେବାଥିଲା ଏହାର ଉଦ୍ଦେଶ୍ୟ। ନଭେମ୍ବର ମାସ ୨୦୦୬ ମସିହାରେ ଭାରତ ସରକାର ନୂତନ କମ୍ୟୁନିଟି ରେଡିଓ ମାର୍ଗଦର୍ଶିକା ଜାରି କରିଥିଲେ। ଯେଉଁଥିରେ କୁହାଯାଇଥିଲା ଯେ, କୌଣସି ଅଣଲାଭଜନକ ସଂସ୍ଥା ମଧ୍ୟ କମ୍ୟୁନିଟି ରେଡିଓ ଷ୍ଟେସନ୍ ପ୍ରତିଷ୍ଠା କରି ଏହାର ମାଲିକ ହୋଇ ତାହାକୁ ଚଳାଇପାରିବେ। ଏହି ନୂତନ ନୀତି ଆସିବା ଫଳରେ ଗୋଷ୍ଠୀ ଓ ଜନସମୁଦାୟର ବିଭିନ୍ନ ପ୍ରସଙ୍ଗ, ସମସ୍ୟା, ବିକାଶ, ସାମାଜିକ ପରିବର୍ତ୍ତନ ଓ ଉକ୍ତ କମ୍ୟୁନିଟିର ସ୍ୱରକୁ ସଠିକ୍ ଢଙ୍ଗରେ ପରିପ୍ରକାଶ କରାଯିବାର ସୁଯୋଗ ସୃଷ୍ଟି ହୋଇଛି।

ସଂପ୍ରତି ଭାରତରେ ମୋଟ ୨୭୬ଟି କମ୍ୟୁନିଟି ରେଡିଓ ଷ୍ଟେସନ୍ କାର୍ଯ୍ୟକ୍ଷମ ରହିଛି। ସେଥିରୁ ୧୨୯ଟି ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ହେଉଥିବା ବେଳେ ୧୩୨ଟି ଗୋଷ୍ଠୀଗତ ସଂସ୍ଥା ଓ ୧୫ଟି କୃଷି ବିଜ୍ଞାନ କେନ୍ଦ୍ର/ ରାଜ୍ୟ କୃଷି ପ୍ରତିଷ୍ଠାନ ଦ୍ୱାରା ଚାଲିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଶରେ ୭୮ଟି ଉପକୂଳ ଜିଲା ରହିଛି। ତେବେ ସମସ୍ତ ଉପକୂଳ ଜିଲାରେ କମ୍ୟୁନିଟି ରେଡିଓ ଷ୍ଟେସନ୍ କାର୍ଯ୍ୟକ୍ଷମ ହୋଇପାରିନି। ୨୬ଟି ଜିଲାରେ ୫୧ଟି କମ୍ୟୁନିଟି ରେଡିଓ ଷ୍ଟେସନ୍ ସଂପ୍ରତି ଚାଲିଛି। ଫିଲିପାଇନ୍ସ, ନେପାଳ ଓ ବାଂଲାଦେଶରେ ଗ୍ରାମୀଣ ବିକାଶ ଲାଗି କମ୍ୟୁନିଟି ରେଡିଓ ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ଉପଯୋଗୀ ରହିଥିବାବେଳେ କାନାଡା, ଆମେରିକା, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ର ଗୁଡ଼ିକରେ ଏହା ବେଶ୍ ଲୋକପ୍ରିୟ ହୋଇପାରିଛି। ଜ୍ଞାନର ପରିସୀମା ବୃଦ୍ଧି ରୂପେ କମ୍ୟୁନିଟି ରେଡିଓ ଅନେକାଂଶରେ ସମାଜ ଓ ଗୋଷ୍ଠୀ ଜୀବନର ହିତସାଧନ କରୁଛି। ସେଗୁଡ଼ିକ ମଧ୍ୟରେ-

- ସ୍ଥାନୀୟ ଲୋକ ବ୍ୟବହାର କରୁଥିବା କଥିତ ଭାଷା, ବୋଲି ଓ ରୁଢ଼ିକୁ ପ୍ରୟୋଗ କରି ଅତ୍ୟନ୍ତ ସାବଲୀଳ ଢଙ୍ଗରେ ଏବଂ ସ୍ଥାନୀୟ ଲୋକ ବୁଝିପାରିବା ଭଳି ଭାଷାରେ କମ୍ୟୁନିଟି ରେଡିଓ ତା'ର କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ। ସ୍ଥାନୀୟ ତଥା ଅଞ୍ଚଳର ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟାକୁ ଉତ୍ଥାପନ କରିବା ସହିତ ଏନେଇ ଜନସଚେତନତା ସୃଷ୍ଟି କରିଥାଏ।
- ଶ୍ରୋତା କ୍ଲବ୍, କଲ୍-ଇନ୍ ଶୋ' ଏବଂ ଭାବବିନିମୟ ଲାଗି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜରିଆରେ ଏହା ଉଭୟ ଶ୍ରୋତା ଓ ବକ୍ତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଭାବବିନିମୟ ଓ ପ୍ରଶ୍ନୋତ୍ତର କରିବାରେ ସହାୟକ ହୋଇଥାଏ।
- ସ୍ଥାନୀୟ ଲୋକଙ୍କ ଆବଶ୍ୟକତା, ଚାହିଦା ସଂପର୍କରେ ବିଭିନ୍ନ ମହଲରୁ ପ୍ରସ୍ତାବ ଗ୍ରହଣ କରିଥାଏ। ବିଭିନ୍ନ ସରକାରୀ ଯୋଜନା, ନୀତି, ଗବେଷଣା ଓ ଅନ୍ୟାନ୍ୟ ଗୋଷ୍ଠୀର କଥାକୁ ମଧ୍ୟ ବେଶ୍ ସକାରାତ୍ମକ ଢଙ୍ଗରେ କମ୍ୟୁନିଟି ରେଡିଓ ଉପସ୍ଥାପନ କରିଥାଏ।
- ଯେଉଁଠାରେ ପ୍ରମୁଖ ଗଣମାଧ୍ୟମ ଅପହଞ୍ଚ; ସେସବୁ ସ୍ଥାନରେ ଜ୍ଞାନ ବିତରଣ ଓ ସୂଚନା ପ୍ରଦାନ ଲାଗି କମ୍ୟୁନିଟି ରେଡିଓ ହିଁ ଏକମାତ୍ର ଗଣମାଧ୍ୟମ ରୂପେ କାର୍ଯ୍ୟ କରିଥାଏ।
- ଯେଉଁମାନେ ସମାଜର ମୁଖ୍ୟସ୍ରୋତରୁ ଦୂରରେ ରହିଯାଉଛନ୍ତି, ଯେଉଁମାନଙ୍କ କଥା ସଠିକ୍ ରୂପେ ଶୁଣାଯାଇପାରୁନି, ସେମାନଙ୍କ ଲାଗି ଏହା ଶାଣିତ ସ୍ୱର ରୂପେ କାର୍ଯ୍ୟ କରେ। ଜୀବନ ଜୀବିକା, ଗୋଷ୍ଠୀ ନେତୃତ୍ୱ, ସଂଗଠନ ଓ ଶାସନ ବ୍ୟବସ୍ଥା ସହ ଏମାନଙ୍କ ଲାଗି ସଂଯୋଗର ସେତୁବନ୍ଧ ରୂପେ କାର୍ଯ୍ୟ କରେ କମ୍ୟୁନିଟି ରେଡିଓ।




*ସୂତ୍ର: ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଭାରତ ସରକାର*

**କମ୍ୟୁନିଟି ରେଡ଼ିଓ ଏବଂ ବିପର୍ଯ୍ୟୟ ପରିଚାଳନା**

ପ୍ରତ୍ୟେକ ବିପର୍ଯ୍ୟୟ ସମୟରେ କମ୍ୟୁନିଟି ରେଡିଓର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ବିପର୍ଯ୍ୟୟ ଆଶଙ୍କା ଓ ଆଭାସ ଠାରୁ ବିପର୍ଯ୍ୟୟ ପରିଚାଳନା, ପ୍ରସ୍ତୁତି, ଆଗୁଆ ସତର୍କ ସୂଚନା, ଏହାର ମୁକାବିଲା, ବିପତ୍ତିରୁ ମୁକୁଳିବା ପରେ ଏବଂ ପୁନଃଥଇଥାନ ପର୍ଯ୍ୟନ୍ତ ବହୁ ଅତ୍ୟାବଶ୍ୟକ, ସମୟ ଉପଯୋଗୀ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ତଥ୍ୟ କମ୍ୟୁନିଟି ରେଡିଓ ପ୍ରଦାନ କରିଥାଏ। ଗୋଷ୍ଠୀ ଜୀବନକୁ ଅଧିକ ଦକ୍ଷ ଓ ସଶକ୍ତ କରିବା ସହିତ ଆତ୍ମ ଦକ୍ଷତାକୁ ବୃଦ୍ଧି କରିବାରେ ଏହା ବେଶ୍ ସହାୟକ ହୋଇଥାଏ। ଭାବ ବିନିମୟ ଓ ମୁକାବିଲା ରଣକୌଶଳ ମଧ୍ୟ ପାରସ୍ପରିକ ଆଲୋଚନା, ବିତର୍କ ଜରିଆରେ ଏହା ସଂପୃକ୍ତ ଅଞ୍ଚଳରେ ପହଞ୍ଚାଇବାରେ ସମର୍ଥ ହୋଇଥାଏ। ଜଳବାୟୁ ଓ ପରିବେଶ ପରିବର୍ତ୍ତନ ସଂକ୍ରାନ୍ତ ବିଭିନ୍ନ ସମସ୍ୟା, ଏହାର ସୁରକ୍ଷା ଲାଗି ଗ୍ରହଣ କରାଯାଉଥିବା ପଦକ୍ଷେପ, ହେଉଥିବା ଉଦ୍ୟମ, ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଭାବେ ଏହାର ମୁକାବିଲା ଏବଂ ଦୀର୍ଘମିଆଦୀ ସୂତ୍ରରେ କ'ଣ କରିପାରିବ ସେ ସଂକ୍ରାନ୍ତରେ ବିଭିନ୍ନ ବୃତ୍ତଚିତ୍ର (ଡକ୍ୟୁମେଣ୍ଟାରୀ), ଆଳାପ-ଆଲୋଚନା (ଟକ୍ ଶୋ'), ନାଟକ ଓ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ଆଦି କମ୍ୟୁନିଟି ରେଡିଓ ଜରିଆରେ ପ୍ରସାରଣ କରାଯାଇଥାଏ। କିଭଳି ଏହାର ମୁକାବିଲା କରିବେ ଏବଂ ଏହାର ପ୍ରଭାବ ସଂପର୍କରେ ପ୍ରତ୍ୟକ୍ଷ ଅନୁଭୂତି ଆଦି ଭଳି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ଅବଗତ କରାଯାଇଥାଏ।

ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗକୁ କମ୍ୟୁନିଟି ରେଡିଓ ଜରିଆରେ ଯୋଡିବା ଲାଗି କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷକରି ଚାଷୀମାନଙ୍କୁ ସ୍ୱଳ୍ପ ଓ ମଧ୍ୟମ ପାଣିପାଗ ପୂର୍ବାନୁମାନ ସଂପର୍କରେ କମ୍ୟୁନିଟି ରେଡିଓ ଜରିଆରେ ତଥ୍ୟ ଓ ସୂଚନା ପ୍ରଦାନ କରାଯାଇଥାଏ। କମ୍ୟୁନିଟି ରେଡିଓର ପ୍ରମୁଖ ଶ୍ରୋତାଙ୍କ ମଧ୍ୟରେ କୃଷକ ସମାଜ ରହିଥିବାରୁ ସେମାନଙ୍କୁ ବିଗିଡୁଥିବା ପାଣିପାଗ ସଂପର୍କରେ ତଥ୍ୟ, ସୂଚନା ଓ ବାର୍ତ୍ତା ଆଗୁଆ ଜଣାଇ ଦିଆଯାଇଥାଏ। ପରିବେଶକୁ ବିଗାଡୁଥିବା ବ୍ୟବସ୍ଥାକୁ ନିରୁତ୍ସାହିତ କରିବା ସଂକ୍ରାନ୍ତରେ ମଧ୍ୟ କମ୍ୟୁନିଟି ରେଡିଓ ସଚେତନତା ସୃଷ୍ଟି କରିଥାଏ। ପରିବର୍ତ୍ତିତ ସ୍ଥାନୀୟ ଜଳବାୟୁକୁ କିଭଳି ଉପଯୋଜିତ କରିହେବ ଅର୍ଥାତ୍ ଜଟିଳ ପରିସ୍ଥିତିରେ ମଧ୍ୟ କିଭଳି ବଞ୍ଚିହେବ ସେଥିନେଇ ସଚେତନତାଧର୍ମୀ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ବାର୍ତ୍ତା କମ୍ୟୁନିଟି ରେଡିଓ ଲୋକମାନଙ୍କୁ ଜଣାଇଥାଏ। ଗୋଷ୍ଠୀ ଜୀବନରେ ସୂଚନା, ତଥ୍ୟ ଓ ଜ୍ଞାନର ଆଦାନ ପ୍ରଦାନରେ କମ୍ୟୁନିଟି ରେଡିଓର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଏହା ଗୋଷ୍ଠୀଗତ ସ୍ୱରକୁ ମଜବୁତ୍ କରିଥାଏ। ପାରସ୍ପରିକ ତଥ୍ୟ ଓ ସୂଚନା ବିନିମୟ ଘଟିଥାଏ। ସ୍ଥାନୀୟ, ସଂସ୍ଥାଗତ ଏବଂ ସଂଗଠନାତ୍ମକ ଦକ୍ଷତା ବୃଦ୍ଧିକରି ବ୍ୟକ୍ତି ଓ ଗୋଷ୍ଠୀଙ୍କ ମଧ୍ୟରେ ସମ୍ବାଦ ଆଦାନ ପ୍ରଦାନ ବଢାଇବାରେ କମ୍ୟୁନିଟି ରେଡିଓର ଭୂମିକା ପ୍ରଶଂସନୀୟ।

**ସୁଯୋଗ:**

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କମ୍ୟୁନିଟି ରେଡିଓର ଉତ୍ତରଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତିନିଟି ପର୍ଯ୍ୟାୟରେ ଏହା କମ୍ୟୁନିଟି (ଗୋଷ୍ଠୀ ଜୀବନ)କୁ ସହାୟତା ଦେଇଥାଏ।

**ବିପର୍ଯ୍ୟୟ ପୂର୍ବ ସମୟ:**

ବିପର୍ଯ୍ୟୟ ପୂର୍ବ ସମୟ ବେଳେ କମ୍ୟୁନିଟି ରେଡିଓ ଷ୍ଟେସନ୍ ଗୁଡିକ ପ୍ରସ୍ତୁତି ସଂପର୍କରେ ମାର୍ଗଦର୍ଶନ କରାଇଥାନ୍ତି। କେଉଁ କେଉଁ ସ୍ଥାନରେ ସୁରକ୍ଷିତ



ତଥା ନିରାପତ୍ତା ଆଶ୍ରୟସ୍ଥଳ ରହିଛି ସେ ସଂପର୍କରେ ଲୋକଙ୍କୁ ତଥ୍ୟ ପ୍ରଦାନ କରିଥାନ୍ତି। ଏପରିକି ପରିମଳ ବ୍ୟବସ୍ଥା ଓ ପ୍ରାଥମିକ ଚିକିତ୍ସା ସଂପର୍କରେ ମଧ୍ୟ କାର୍ଯ୍ୟକ୍ରମ ପ୍ରସାରିତ କରାଯାଇଥାଏ। ଆଗରୁ ସୁରକ୍ଷା ଡ୍ରିଲ୍ ମଧ୍ୟ କରାଯାଇଥାଏ। ଜରୁରୀକାଳୀନ ଯୋଜନା ଓ ପ୍ରତିକ୍ରିୟା ସଂପର୍କରେ ମଧ୍ୟ ଲୋକଙ୍କୁ ଶିକ୍ଷା ଦିଆଯାଇଥାଏ। ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା ରହିଥାଏ, ସେଥିନେଇ ବିଭିନ୍ନ ପ୍ରକାର ସଙ୍କେତ (ସିଗ୍ନାଲ୍) ବାବଦରେ ମଧ୍ୟ ଜନତାଙ୍କୁ ଅବଗତ କରାଯାଇଥାଏ। ଯେଉଁ ସବୁ ଦୁର୍ଗମ ସ୍ଥାନକୁ ଯାଇ ତଥ୍ୟ ଓ ସୂଚନା ଦେବାରେ ସମସ୍ୟା ସୃଷ୍ଟି ହୋଇଥାଏ, ସେସବୁ ସ୍ଥାନକୁ କମ୍ୟୁନିଟି ରେଡିଓ ହିଁ ବାର୍ତ୍ତା ପଠାଇବାର ଏକମାତ୍ର ବିକଳ୍ପ ବୋଲି କୁହାଯାଇପାରେ। ବିଶେଷକରି ବିପତ୍ତି ସମୟରେ ସେଠାକାର ଲୋକଙ୍କୁ ତୁରନ୍ତ ସୂଚନା ପ୍ରଦାନ କରିବାରେ କମ୍ୟୁନିଟି ରେଡିଓ ହିଁ ସକ୍ଷମ ହୋଇଥାଏ। ବ୍ୟକ୍ତିର ଶିକ୍ଷାଗତ ଯୋଗ୍ୟତା ଓ ଆର୍ଥିକ ସ୍ଥିତି ଯାହାଥାଉନା କାହିଁକି କମ୍ୟୁନିଟି ରେଡିଓରେ ପ୍ରସାରିତ କାର୍ଯ୍ୟକ୍ରମ, ସୂଚନା ଓ ତଥ୍ୟକୁ ସମସ୍ତେ ବୁଝିବାକୁ ସମର୍ଥ ହୋଇଥାନ୍ତି। କାରଣ ଏହା ସ୍ଥାନୀୟ ଅଞ୍ଚଳରେ ବ୍ୟବହୃତ ସରଳ ଭାଷାକୁ ତା'ର କାର୍ଯ୍ୟକ୍ରମ ଓ ସୂଚନା ପ୍ରଦାନ ଲାଗି ବ୍ୟବହାର କରିଥାଏ।

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଟେଲିଭିଜନ୍ ନେଟୱାର୍କ ଭାଙ୍ଗି ପଡୁଥିବାବେଳେ ରେଡିଓ ହିଁ ଏହି ସମୟରେ ଯାହାକିଛି ସୂଚନା ଲୋକଙ୍କୁ ପ୍ରଦାନ କରିବାରେ ବିଶେଷ ସକ୍ଷମ ହୋଇଥାଏ। ଯେ କୌଣସି ବିପତ୍ତି କାଳରେ ରେଡିଓ ହିଁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ବିପର୍ଯ୍ୟୟ ଦ୍ୱାରା ଅନ୍ୟାନ୍ୟ ସ୍ଥାନରେ ସ୍ଥିତି କିଭଳି ରହିଛି ତାହା ସ୍ଥାନୀୟ ଲୋକଙ୍କୁ ରେଡିଓ ଜରିଆରେ ହିଁ ଖବର ମିଳିପାରେ। ପାଣିପାଗ ବିଭାଗରୁ ଜାରି ବୁଲେଟିନ୍, ଆଗୁଆ ସୂଚନା ଓ ସତର୍କତା, ପ୍ରତି ଘଣ୍ଟାର ସଦ୍ୟ ସୂଚନା, ବଦଳୁଥିବା ପାଣିପାଗ ଚିତ୍ର, ରିଲିଫ ଓ ଥଇଥାନ କାର୍ଯ୍ୟ ଆଦି ଲୋକଙ୍କ ନିକଟରେ



ପହଞ୍ଚାଇବାରେ କମ୍ୟୁନିଟି ରେଡିଓ ସ୍ୱତନ୍ତ୍ର ଭୂମିକା ନିର୍ବାହନ କରିଥାଏ।

**ବିପର୍ଯ୍ୟୟ ସମୟରେ:**

ବିପର୍ଯ୍ୟୟ ସମୟରେ କେବଳ ରେଡିଓକୁ ବାଦ୍ ଦେଇ ଯୋଗାଯୋଗର ଅବଶିଷ୍ଟ ସମସ୍ତ ମାଧ୍ୟମ ବ୍ୟାହତ ହୋଇପଡିଥାଏ। କେବଳ ରେଡିଓ ସିଗ୍ନାଲ (ସଂକେତ) ହିଁ କାର୍ଯ୍ୟକ୍ଷମ ରହିଥାଏ। ଏଭଳି ସ୍ଥିତିରେ ରିଲିଫ୍ ସଂସ୍ଥା, ସରକାରଙ୍କ ନିୟନ୍ତ୍ରଣ କକ୍ଷ ସହିତ କେବଳ କମ୍ୟୁନିଟି ରେଡିଓ ଜରିଆରେ ହିଁ ଯୋଗସୂତ୍ର ରକ୍ଷା କରିଥାଏ। ଲୋକଙ୍କୁ ତଦନୁଯାୟୀ ସୂଚନା ମଧ୍ୟ ଦିଆଯାଇଥାଏ। କମ୍ୟୁନିଟି ରେଡିଓର ଦୁଇଟି ପ୍ରମୁଖ ସୁବିଧା ହେଲା, ଏହା ସିଧାସଳଖ ପ୍ରଭାବିତ/ କ୍ଷତିଗ୍ରସ୍ତ /ପୀଡିତ ଗୋଷ୍ଠୀକୁ ଅଧିକ ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ୟା ଓ ଅଭାବ-ଅସୁବିଧା କଥା ସ୍ଥାନୀୟ ଭାଷାରେ ପ୍ରସାରିତ କରିଥାଏ। ଏହାକୁ ଭିତ୍ତିକରି ତଦନୁଯାୟୀ, ଉଦ୍ଧାର ଓ ରିଲିଫ୍ ଅପରେସନ୍ କରାଯିବାରେ ସହଜ ହୋଇଥାଏ। ସ୍ଥଳବିଶେଷରେ ଥିବା ରେଡିଓ ଷ୍ଟେସନ୍ ଗୁଡିକ ଏହି ସୂଚନା ଆଦାନ ପ୍ରଦାନ କରିଥାନ୍ତି। ଦ୍ୱିତୀୟ କଥାଟି ହେଉଛି, ସ୍ଥାନୀୟ ଭାଷା ଓ ବୋଲିରେ ଏହା ପ୍ରସାରିତ ହେଉଥିବାରୁ ଲୋକଙ୍କୁ ଏହା ସିଧାସଳଖ ବାର୍ତ୍ତା ପହଞ୍ଚାଇପାରେ। କୌଣସି ସୂଚନା ଓ ତଥ୍ୟ ଲୋକଙ୍କୁ ଅବୁଝା ରୁହେନାହିଁ। ଶ୍ରୋତାଙ୍କ ମନରେ କୌଣସି ସୂଚନା ଓ ତଥ୍ୟ ବୁଝିବାରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ନ ଥାଏ। ହଠାତ୍ କୌଣସି ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା, ନିରାପଦ ଆଶ୍ରୟସ୍ଥଳକୁ ନେବା ଲାଗି ପ୍ରଶାସନ ପକ୍ଷରୁ କରାଯାଉଥିବା ଘୋଷଣା ଓ ସୂଚନାକୁ କମ୍ୟୁନିଟି ରେଡିଓ ହିଁ ସେଠାକାର ଲୋକଙ୍କ ନିକଟରେ ପ୍ରଥମେ ପହଞ୍ଚାଇଥାଏ। ପ୍ରଶାସନର ଉଦ୍ଧାର ଓ ଥଇଥାନ କାର୍ଯ୍ୟ, କେଉଁ ଅଞ୍ଚଳରେ କ'ଣ କ'ଣ କରାଯାଉଛି, ସେ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ କମ୍ୟୁନିଟି ରେଡିଓ ସୂଚନା ପ୍ରଦାନ କରିଥାଏ। ପ୍ରଭାବିତ ଅଞ୍ଚଳର ଲୋକଙ୍କ ପ୍ରାଥମିକ ସୂଚନା ପ୍ରଦାନ କରିବାରେ କମ୍ୟୁନିଟି ରେଡିଓ ବେଶ୍ ସକ୍ରିୟ ଭୂମିକା ନିର୍ବାହ କରିଥାଏ।

**ବିପର୍ଯ୍ୟୟ ପର ସ୍ଥିତି:**

ବିପର୍ଯ୍ୟୟ ପରର ସ୍ଥିତି ସବୁଠୁ ଜଟିଳ। ଏହା ସଠିକ୍ ଥଇଥାନ କରିବାର ପର୍ଯ୍ୟାୟ। ପୀଡିତ ଓ କ୍ଷତିଗ୍ରସ୍ତମାନଙ୍କୁ ସର୍ବାଧିକ ସହାୟତା ପ୍ରଦାନ କରିବାର ସମୟ। ବିଶେଷକରି ବିପର୍ଯ୍ୟୟ ପୀଡିତ ମାନଙ୍କୁ ସହାୟତା ପ୍ରଦାନ ସହିତ ସେମାନଙ୍କ ମାନସିକ ସ୍ଥିତିକୁ ମଜବୁତ କରି ଆଗାମୀ ସମୟକୁ ସାମ୍ନା କରିବାର ଧୈର୍ଯ୍ୟ ପ୍ରଦାନ କରିବାରେ କମ୍ୟୁନିଟି ରେଡିଓର ଭୂମିକା ବେଶ୍ ପ୍ରଶଂସନୀୟ। ସେମାନଙ୍କ ଭାଷା ଓ ବୋଲିକୁ ଆଧାର କରି ସରକାରୀ ଯୋଜନା, ସୁବିଧା

ସୁଯୋଗ ଓ ନୈତିକତାର ସଂଯୋଗ ସ୍ଥାପନ କରାଇବାରେ କମ୍ୟୁନିଟି ରେଡିଓର ବିଭିନ୍ନ କାର୍ଯ୍ୟକ୍ରମ ଓ ସୂଚନା ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ । ବିପର୍ଯ୍ୟୟ ବେଳେ ଅନେକ କିଛି ହରାଇ ଗଭୀର ମାନସିକ ଆଘାତ ପାଇଥିବା ପୀଡିତ/ କ୍ଷତିଗ୍ରସ୍ତଙ୍କ କାଉନସେଲିଂ କରିବା, ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ସଂପର୍କରେ ସଚେତନ ଓ ଅବଗତ କରାଇବା ଜରୁରୀ । ଗୋଷ୍ଠୀ ଭିତରେ ଏଭଳି କାର୍ଯ୍ୟକ୍ରମ ଓ ତଥ୍ୟ ପ୍ରସାରଣ କରିଥାଏ କମ୍ୟୁନିଟି ରେଡିଓ । ବର୍ଜ୍ୟ ବିଶୋଧନ, ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ ପରିମଳ ବ୍ୟବସ୍ଥା ପରିଚାଳନା ସଂପର୍କରେ କମ୍ୟୁନିଟି ରେଡିଓ ଜରିଆରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇବାରେ ଏହା ଉଲ୍ଲେଖନୀୟ ଦାୟିତ୍ୱ ନିଭାଇଥାଏ । ଦେଶରେ ଏହି ସମୟରେ ଅଧିକାଂଶ ଲୋକ ସାମ୍ନା କରୁଥିବା ସମସ୍ୟାର ସ୍ୱଦେଶୀ ସମାଧାନ ସଂପର୍କରେ ସଚେତନତା ସୃଷ୍ଟି କରୁଛି କମ୍ୟୁନିଟି ରେଡିଓ । ଉଦ୍ଧାର, ରିଲିଫ୍ ଓ ଥଇଥାନ ପଦକ୍ଷେପର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । କମ୍ୟୁନିଟି ରେଡିଓରେ କାର୍ଯ୍ୟରତ ବ୍ୟକ୍ତିବିଶେଷ କିଭଳି ଏଭଳି ବିପର୍ଯ୍ୟୟ ସମୟରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହକରି ତାହାକୁ ବିସ୍ତାରିତ କରିବ ସେଥିନେଇ ନିଜକୁ ପ୍ରସ୍ତୁତ କରିବା ଦରକାର । ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଜରୁରୀ । ଏହିପରି ଭାବେ ସ୍ଥାନୀୟ ଗୋଷ୍ଠୀ ଜୀବନ କମ୍ୟୁନିଟି ରେଡିଓର ପ୍ରଭାବରେ ନିଜକୁ ଅଧିକ ଦକ୍ଷ, ତାଲିମଯୁକ୍ତ ଏବଂ ଭିତ୍ତିଭୂମି ସୁଦୃଢ କରିପାରିବେ ।



**ବିପର୍ଯ୍ୟୟ ପରିଚାଳନାରେ କମ୍ୟୁନିଟି ରେଡିଓ କର୍ମଚାରୀଙ୍କ ତାଲିମ**

ବିପର୍ଯ୍ୟୟ ପରିଚାଳନା ସମୟରେ କମ୍ୟୁନିଟି ରେଡିଓକୁ କିଭଳି ପ୍ରଭାବୀ ଢଙ୍ଗରେ କାର୍ଯ୍ୟକ୍ଷମ କରାଯାଇପାରିବ ସେଥିପାଇଁ ଏଥିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସଠିକ୍ ତାଲିମ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି । ବିପର୍ଯ୍ୟୟ ପ୍ରତିକାର, ପ୍ରଶମନ ଓ ପରିଚାଳନା ଯୋଗାଯୋଗ କ୍ଷେତ୍ରରେ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଓ ବ୍ୟବସ୍ଥିତ ଢଙ୍ଗରେ ତାଲିମ ପ୍ରଦାନ କରିବା ଦରକାର । କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏକାଧିକ ମନ୍ତ୍ରଣାଳୟ ଓ ବିଭାଗ ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯୋଗାଯୋଗର ଏହି ବୃହତ୍ ମଞ୍ଚ କମ୍ୟୁନିଟି ରେଡିଓର ସହାୟତା ଲୋଡିଥାନ୍ତି । କମ୍ୟୁନିଟି ରେଡିଓର କର୍ମଚାରୀ ଓ ବିଭାଗ/ମନ୍ତ୍ରଣାଳୟ ଅଧିକାରୀ ପରସ୍ପର ସହଯୋଗ ରକ୍ଷାକରି ଏ ଦିଗରେ କାର୍ଯ୍ୟ କରିବା ଦରକାର ।

**ଉପସଂହାର:**

ପରିବେଶ ପରିବର୍ତ୍ତନ ସଂକ୍ରାନ୍ତ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା ଅଧିକାଂଶ ଗ୍ରାମୀଣ ଅଞ୍ଚଳ କରିଥାଏ । ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ (ବନାଗ୍ନି), ବର୍ଷାଦିନରେ ଭୂସ୍ଖଳନ ଓ ପାହାଡ଼ ଧସିବା, ବନ୍ୟା, ବାତ୍ୟା ଆଦି ଘଟିବାରୁ ଗ୍ରାମାଞ୍ଚଳରେ ଅଶେଷ କ୍ଷୟକ୍ଷତି ହୋଇଥାଏ । ଗ୍ରାମାଞ୍ଚଳର ଲୋକ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇପଡନ୍ତି । ଏହି ସବୁ ଅଞ୍ଚଳବାସୀଙ୍କ ସମସ୍ୟାକୁ ଉପସ୍ଥାପନ କରି ସେମାନଙ୍କୁ କିଭଳି ସହାୟତା ଓ ରିଲିଫ ପ୍ରଦାନ କରାଯାଇପାରିବ ସେଦିଗରେ କମ୍ୟୁନିଟି ରେଡିଓର କ୍ଷମତା ଅଧିକ । କମ୍ୟୁନିଟି ରେଡିଓ ସ୍ଥାନୀୟ ଭାଷାରେ ଖବର ଓ ସୂଚନା ପ୍ରଦାନ କରୁଥିବାରୁ ବିପର୍ଯ୍ୟୟ ମୁକାବିଲା ଓ କ୍ଷୟକ୍ଷତିକୁ ନେଇ ଅନ୍ୟାନ୍ୟ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରସାରିତ ଭୁଲ୍ ତଥ୍ୟ ଦ୍ୱାରା ସୃଷ୍ଟି ହେଉଥିବା ଅଯଥା ଭୟଭୀତ ସ୍ଥିତିକୁ ଦୂର କରିପାରିଥାଏ । କମ୍ୟୁନିଟି ରେଡିଓରେ ଏକାଧିକ ଉଦ୍ୟମ କରାଯାଇଛି ଓ ନବସୃଜନ ଘଟୁଛି । କିଭଳି ଏହା ଅଧିକ ସମନ୍ୱିତ ଢଙ୍ଗରେ କାର୍ଯ୍ୟକରି ତା'ର ସେବା ଉଦ୍ଦେଶ୍ୟ ସାଧନ କରିବ ସେ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛି ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଶ୍ରୀ ଭେଙ୍କଟେଶ୍ୱର ମହାବିଦ୍ୟାଳୟରେ ନୁତି ନମିତା ଜଣେ ସହାୟକ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ
**Email ID: namita.nuti@gmail.com**

# କାର୍ବନ ଫୁଟ୍ ପ୍ରିଣ୍ଟର ପ୍ରଶମନ

ଡ. ଟି.ଭି. ରାମଚନ୍ଦ୍ର, ଭରତ ସେଟ୍ଟୁର ଓ ଭରତ ଅଇଠାଳ

ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ପ୍ୟାରିସ ଚୁକ୍ତିରେ ଭାରତ ସ୍ୱାକ୍ଷର କରିବା ସହ ୨୦୩୦ ସୁଦ୍ଧା ଏହାର ଅଙ୍ଗାରକାମ୍ଳ ଓ ଅଙ୍ଗାର ନିର୍ଗମନ ସ୍ତରକୁ ୩୩ ରୁ ୩୫% ହ୍ରାସ କରିବାକୁ ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ଭାରତକୁ ତାହାର ଜମି, ଜଙ୍ଗଲ ଓ ଜଳର ସୁରକ୍ଷା ସହିତ ପ୍ରଦୂଷଣକାରୀ ଇନ୍ଧନ ଓ ଯନ୍ତ୍ରପାତି ବଦଳରେ ବିକଳ୍ପ ବ୍ୟବସ୍ଥା କରିବାକୁ ହେବ । ଅଙ୍ଗାରକାମ୍ଳ ନିର୍ଗମନକୁ ରୋକିବା ସହ ଅଙ୍ଗାରର ନିୟନ୍ତ୍ରଣ କ୍ଷେତ୍ରରେ ଜଙ୍ଗଲର ଭୂମିକା ବେଶ୍ ଅଧିକ । ଏହି ପ୍ରବନ୍ଧରେ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସଂବେଦନଶୀଳ ପଶ୍ଚିମଘାଟ ଅଞ୍ଚଳ ସଂପର୍କରେ ସବିଶେଷ ଆଲୋକପାତ କରାଯାଇଛି ।

ପରିବେଶକୁ ବିଗାଡୁଥିବା ଗ୍ରୀନ ହାଉସ୍ ଗ୍ୟାସ୍ ନିର୍ଗମନର ପରିମାଣ ମାତ୍ରାଧିକ ଭାବେ ବୃଦ୍ଧି ପାଉଥିବାରୁ ବିଶ୍ୱର ତାପମାତ୍ରା ବଢୁଛି । ଏହାଫଳରେ ଜଳବାୟୁ ପରିବର୍ତ୍ତନ ସହ ପରିବେଶ ଓ ପରିତନ୍ତ୍ର ବିପନ୍ନ ହେଉଛି । ମାଟିର ଉର୍ବରତା ଏବଂ ଉତ୍ପାଦତା କମୁଛି ଓ ଜଳାଭାବ ସମସ୍ୟା ଉତ୍କଟ ହେଉଛି । ସର୍ବୋପରି ଏହା ମଣିଷର ଜୀବନ ଓ ଜୀବିକାକୁ ବିପନ୍ନ କରୁଛି । ଗ୍ରୀନ୍ ହାଉସ୍ ଗ୍ୟାସ୍ ପରିମାଣ ବୃଦ୍ଧି ଏକ ମନୁଷ୍ୟକୃତ ବିପତ୍ତି । ଏହା ଏକାଧିକ ଗ୍ୟାସର ସମାହାର ଜନିତ ଏକ ସ୍ଥିତି । ଭୂପୃଷ୍ଠରେ ଅଙ୍ଗାରକାମ୍ଳ, ଜଳୀୟବାଷ୍ପ, ମିଥେନ ଗ୍ୟାସ୍, ନାଇଟ୍ରସ୍ ଅକ୍ସାଇଡ୍ ପରିମାଣ ବଢ଼ିଲେ ତାହା ବାୟୁମଣ୍ଡଳରେ ଓଜୋନସ୍ତରକୁ ଦୁର୍ବଳ କରେ । ଫଳରେ ସୂର୍ଯ୍ୟରୁ ଆସୁଥିବା କ୍ଷତିକାରୀ ଅଲଟ୍ରା ଭାୟୋଲେଟ୍ ରଶ୍ମି ଦୁର୍ବଳ ଓଜୋନସ୍ତରକୁ ଭେଦ କରି ଭୂପୃଷ୍ଠରେ ପଡ଼େ । ଏହି ଗ୍ୟାସ୍ ଅତି ପ୍ରଖର ତାପ ବିକିରଣ କରୁଥିବାରୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଏ ଯାହା ଗ୍ରୀନ୍ ହାଉସ୍ ପ୍ରଭାବ ନାମରେ ପରିଚିତ । ଗୋଟିଏ କାଚଘର ଭିତରେ ଥିବା ସବୁଜ ଗଛପତ୍ର ସୂର୍ଯ୍ୟର ପ୍ରଚଣ୍ଡ କିରଣ ଯୋଗୁ ଯେପରି ଉତ୍ତାପ ଜନିତ ପ୍ରଭାବରୁ ସନ୍ତୁଳି ହୋଇଯାଏ ଏହି ଗ୍ରୀନ୍‌ହାଉସ୍ ଗ୍ୟାସ୍‌ର ପ୍ରଭାବରୁ ପୃଥିବୀର ଅବସ୍ଥା ସେହିଭଳି ହୋଇଥାଏ । ଶିଳ୍ପାୟନ ପୂର୍ବରୁ ଏହି ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜି.ଏଚ୍.ଜି) ନିର୍ଗମନ ପରିମାଣ ଯାହା ଥିଲା ଏବେ ସେଥିରେ ଆକାଶ ପାତାଳ ପରିବର୍ତ୍ତନ ଘଟିଛି । ଜୈବିକ ଇନ୍ଧନ କଳକାରଖାନାରେ ବହୁଳ ଭାବେ ବ୍ୟବହୃତ ହେଉଥିବାରୁ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ବିପଜ୍ଜନକ ଭାବେ ବଢ଼ିଛି । ଫ୍ରିଜ, ଏସି ଭଳି ବୈଦ୍ୟୁତିକ ସାମଗ୍ରୀରୁ ନିର୍ଗତ କ୍ଷତିକାରକ ଗ୍ୟାସ୍ ମଧ୍ୟ ଜିଏଚ୍‌ଜି ବୃଦ୍ଧିରେ ସହାୟକ ହେଉଛି । ଏହାଛଡ଼ା ଶକ୍ତି ଉତ୍ପାଦନ, କୃଷି, ଶିଳ୍ପ, ଯାନବାହନ ଚଳାଚଳ ଯୋଗୁ ସେଥିରୁ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧି ପାଉଛି । ମନୁଷ୍ୟକୃତ କାରଣ ଯୋଗୁଁ ଅଙ୍ଗାରକାମ୍ଳ ସ୍ତର ବଢୁଥିବାବେଳେ



ଏହାକୁ ହ୍ରାସ କରିବା ବା ଏ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରିବା ନିମନ୍ତେ ସବୁଠୁ ବଡ଼ ଆବଶ୍ୟକତା ହେଲା ଜଙ୍ଗଲ ଓ ସବୁଜିମା ସୃଷ୍ଟି। ଜଙ୍ଗଲ ସବୁଠୁ ଅଧିକ ୪୫ ଶତାଂଶ ଅଙ୍ଗାରକାମ୍ଳ ଶୋଷଣ କରିଥାଏ। ତେଣୁ ବିଶ୍ୱ ତାପାୟନ ପରିପ୍ରେକ୍ଷୀରେ ଅଧିକ ଜଙ୍ଗଲ ଓ ସବୁଜିମା ସୃଷ୍ଟି ସମୟର ଆବଶ୍ୟକତା।

ଭୂମିର ବ୍ୟବହାର ଓ ଭୂମି ଉପରେ ଥିବା ଆବରଣ ଉପରେ ତାପମାତ୍ରା ଓ ଗ୍ୟାସ ନିର୍ଗମନର ପରିମାଣ ନିର୍ଭର କରିଥାଏ । ବୃକ୍ଷ ଓ ସବୁଜିମା ବିହୀନ ଭୂପୃଷ୍ଠ ଅଧିକ କ୍ଷୟ ପ୍ରବଣ । ଖରା, ବର୍ଷା ଓ ପବନର ପ୍ରଭାବରେ ଏ ପ୍ରକାର ଜମିର ରୂପ ବଦଳି ଏହା ଟାଙ୍ଗରା ମରୁଭୂମି ପାଲଟେ । ମୃତ୍ତିକାକ୍ଷୟ ଘଟି ଜଙ୍ଗଲ ନଷ୍ଟ ଓ ପରିବେଶ କ୍ଷତିଗ୍ରସ୍ତ ହୁଏ । ଏହାଛଡ଼ା ମଣିଷ ତାହାର କୃଷିକାର୍ଯ୍ୟ, ପଶୁପାଳନ, ଶିଳ୍ପ, ଆବାସ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ନାନା ଭାବରେ ଜମିକୁ ବ୍ୟବହାର କରେ । ଏହାଫଳରେ ଜଳ, ଜଙ୍ଗଲ ଓ ଜମି ଚାପଗ୍ରସ୍ତ ଓ ପ୍ରଦୂଷିତ ହୋଇଥାଏ । ପ୍ରକୃତିର ନିଜର ପରିବେଶ ଭାରସାମ୍ୟ ବ୍ୟବସ୍ଥା ରହିଛି। ଜୀବଜଗତ ପାଇଁ ଆବଶ୍ୟକ ଉପାଦାନ ଏହା ଯୋଗାଇବା ସହ ଅଙ୍ଗାରକାମ୍ଳ ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରକୃତି ଜଙ୍ଗଲ ଓ ସବୁଜିମାର ବ୍ୟବସ୍ଥା କରିଥାଏ । ମାନବିକ ହସ୍ତକ୍ଷେପ ଓ ଅତିକ୍ରିୟା ଫଳରେ ଯେତେବେଳେ ଜମି, ଜଙ୍ଗଲ ଓ ଜଳ ନଷ୍ଟ / ପ୍ରଦୂଷିତ ହୁଏ ତାହା ପ୍ରାକୃତିକ ଭାରସାମ୍ୟକୁ ବିଗାଡ଼େ । ଏହାର ପ୍ରଭାବ ସିଧାସଳଖ ପରିବେଶ ଓ ଜଳବାୟୁ ଉପରେ ପଡ଼ିଥାଏ । ଭାରତର ପଶ୍ଚିମଘାଟ ପର୍ବତମାଳା ବିଶ୍ୱର ପ୍ରମୁଖ ୩୬ ଟି ଜୈବ ବିବିଧତା ମଣ୍ଡଳ ମଧ୍ୟରୁ ଅନ୍ୟତମ ଯାହା ଅଙ୍ଗାରକାମ୍ଳ ଶୋଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏସବୁ ଜୈବମଣ୍ଡଳ ବିଶ୍ୱ ଜଳବାୟୁକୁ ସ୍ୱାଭାବିକ କରିବାରେ ସହାୟକ ହୋଇଥାନ୍ତି। ପଶ୍ଚିମଘାଟରେ ୪୬୦୦ ରୁ ଅଧିକ ପ୍ରଜାତିର ପୁଷ୍ପିତ ବୃକ୍ଷ ରହିଛି । ସେଥିମଧ୍ୟରୁ ୩୮ ଶତାଂଶ ସ୍ଥାନୀୟ ପ୍ରଜାତିର । ସେଇ ଅଞ୍ଚଳରେ ୧୧% ସ୍ଥାନୀୟ ପ୍ରଜାତି ସହ ୩୩୦ ପ୍ରକାରର ପ୍ରଜାପତି, ୧୫୬ ପ୍ରଜାତିର ସରୀସୃପ (୬୨% ସ୍ଥାନୀୟ), ୪% ସ୍ଥାନୀୟ ସହ ୫୦୮ ପ୍ରଜାତିର ପକ୍ଷୀ, ୧୨୦ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ (୧୨% ସ୍ଥାନୀୟ), ୪% ସ୍ଥାନୀୟ ସହ ୨୮୯ ପ୍ରଜାତିର ମାଛ ଓ ୭୫% ସ୍ଥାନୀୟ ପ୍ରଜାତି ସହ ମୋଟ ୧୩୫ ପ୍ରକାରର ଉଭୟଚର ପ୍ରାଣୀ ଦେଖାଯାନ୍ତି । ପଶ୍ଚିମଘାଟର ମୋଟ ଭୌଗୋଳିକ ଅଞ୍ଚଳ ପ୍ରାୟ ୧୬୦ ହଜାର ବର୍ଗ କିଲୋମିଟର । ଏହି ପର୍ବତମାଳାରୁ ଅନେକ ନଦୀ ଓ ଝରଣା ବାହାରି ଥିବାରୁ ଏହାକୁ ଭାରତର ଜଳ ମିନାର ବା ୱାଟର ଟାୱାର କୁହାଯାଏ । ପଶ୍ଚିମଘାଟରୁ ଉତ୍ପତ୍ତି ଲାଭ କରିଥିବା ନଦୀ ଝରଣା ସମୂହ ଦକ୍ଷିଣ ଭାରତର ପ୍ରାୟ ୨୫ କୋଟି ଲୋକଙ୍କ ପାଇଁ ଖାଦ୍ୟ ଓ ଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି। ଏହି ଅଞ୍ଚଳରେ କ୍ରାନ୍ତୀୟ ଚିରହରିତ୍ ଅରଣ୍ୟ, ଆର୍ଦ୍ର ପର୍ଣ୍ଣପାତି (ପତ୍ରଝଡ଼ା) ଜଙ୍ଗଲ, ବୁଦୁବୁଦିଆ ଜଙ୍ଗଲ ତଥା ମୋଲ ଓ ସାଭାନ୍ନା ଜାତୀୟ ତୃଣଭୂମି ରହିଛି । ଏସବୁ ଜଙ୍ଗଲ ମଧ୍ୟରୁ ମାତ୍ର ୧୦ ଶତାଂଶ ପାଇଁ ଆଇନଗତ ସୁରକ୍ଷା ବ୍ୟବସ୍ଥା ଅଛି।

୨୦୧୮ ରେ ଲ୍ୟାଣ୍ଡସ୍ୟାଟ୍ ଦ୍ୱାରା ଏହି ଅଞ୍ଚଳର ଭୂମିର ବ୍ୟବହାର ଓ ଏହାର ଗତିବିଧି ସଂପର୍କରେ ଦୂରସଂବେଦୀ ଚିତ୍ର ଉତ୍ତୋଳନ ଦ୍ୱାରା ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ତଥ୍ୟ ସହ ୧୯୮୫ ରୁ ୨୦୦୦ ଯାଏ ପ୍ରତି ୧୦ ବର୍ଷରେ ଥରେ କରାଯାଇଥିବା ଭୂମି ବ୍ୟବହାର ସଂକ୍ରାନ୍ତ ସର୍ଭେ ତଥ୍ୟକୁ ମିଶାଇ ପରୀକ୍ଷା କରି ଦେଖାଯାଇଥିଲା । ଆଇଜିବିପି, ଗୁଗୁଲଆର୍ଥ, ସର୍ଭେ ଅଫ୍ ଇଣ୍ଡିଆ, କର୍ଣ୍ଣାଟକ ସରକାର ଓ ଆଉ କେତେକ ସଂସ୍ଥାର ମିଳିତ ଉଦ୍ୟମରେ କରାଯାଇଥିବା ଏହି ସର୍ଭେର ତଥ୍ୟାବଳୀ ପ୍ରସ୍ତୁତ ହୋଇଛି ।

ଏହି ତଥ୍ୟ ଅନୁସାରେ ମଣିଷ କୃତକାର୍ଯ୍ୟ ଓ ଚାପ ଯୋଗୁଁ ପଶ୍ଚିମଘାଟ ପର୍ବତମାଳାର ଜଙ୍ଗଲ ହ୍ରାସ ଯାଉଛି। ୧୯୮୫ ରେ ଏହି ଅଞ୍ଚଳରେ ଘନ ଜଙ୍ଗଲ ପରିମାଣ ୧୬.୨୧ ଶତାଂଶ ଥିବାବେଳେ ୨୦୧୮ ରେ ଏହା ୧୧.୩% କୁ ହ୍ରାସ ପାଇଛି । ଏହି ଅଞ୍ଚଳ ଏବେ ବିଭିନ୍ନ କାର୍ଯ୍ୟପାଇଁ ବ୍ୟବହୃତ ହେଉଛି । ସେଥିମଧ୍ୟରୁ ୧୭.୯୨% ଜମିରେ ପ୍ଲାଣ୍ଟେସନ ହୋଇଥିବାବେଳେ ୩୭.୫୩ ଶତାଂଶ ଜମିରେ ଚାଷବାସ ଓ ୪.୮୮ ଶତାଂଶ ଜମିରେ ଖଣିଖନନ ଓ ନିର୍ମାଣ କାର୍ଯ୍ୟ ହୋଇଛି । ଯେଉଁ ଜମିରେ ବୃକ୍ଷରୋପଣ କରାଯାଇଛି ସେଥିରେ ମୁଖ୍ୟତଃ ଆକାସିଆ, ୟୁକାଲିପ୍ଟସ୍, ଶାଗୁଆନ ଓ ରବର ଜାତିର ଏକ ପ୍ରକାରର ଗଛ ଲାଗିଛି । ତେବେ ଅଧିକାଂଶ ଜମିରେ ଚାଷ ବାସ ହେଉଛି । ୧୯୮୫ ରୁ ୨୦୧୮ ମଧ୍ୟରେ ଏହି ଅଞ୍ଚଳରେ ମୋଟ ୧.୨ ଶତାଂଶ ଆଭ୍ୟନ୍ତରୀଣ ଜଙ୍ଗଲ ନଷ୍ଟ ହୋଇଛି । ଏହାଫଳରେ ମୋଟ ଅଣଜଙ୍ଗଲ ଅଞ୍ଚଳ ପରିମାଣ ୧୧ ଶତାଂଶ ବଢ଼ିଛି । ଘନଜଙ୍ଗଲ ମୁଖ୍ୟତଃ ସୁରକ୍ଷିତ ଅଞ୍ଚଳ ମଧ୍ୟରେ ରହିଛି ଯେଉଁଠି ଗଛକଟା ଓ ଜଙ୍ଗଲ ନଷ୍ଟ କରିବା ଦଣ୍ଡନୀୟ ଅପରାଧ । ତେବେ ଯେଉଁ ଅଞ୍ଚଳରେ ମଣିଷଙ୍କ ଆତଯାତ ଓ ପହଞ୍ଚ ସହଜ ତଥା ଅବାଧ ସେଠାରେ ଜଙ୍ଗଲକ୍ଷୟ ସର୍ବାଧିକ। ୧୯୮୫ ସର୍ଭେ ଅନୁସାରେ ଏବେ ଘନ ଜଙ୍ଗଲାଞ୍ଚଳର ପରିମାଣ ମାତ୍ର ୨୫% । ଗୋଆରେ ଅବିଚାରିତ ଖଣିଖନନ ଫଳରେ ଘନ ଜଙ୍ଗଲାଞ୍ଚଳ ବେଶୀ କ୍ଷତିଗ୍ରସ୍ତ ହୋଇଛି। ଜଙ୍ଗଲ କାଟି ଲୋକେ ଅଧିକରୁ ଅଧିକ ଚାଷ ଜମି ସୃଷ୍ଟି କରୁଥିବାବେଳେ ଏହି ପରିମାଣ ୩୯% ରେ ପହଞ୍ଚିଛି। ସେହିଭଳି ନିର୍ମାଣ ଅଞ୍ଚଳ ପରିମାଣ ୫% ବଢ଼ିଛି । କୃଷି ଓ ନିର୍ମାଣ ଜନିତ ଭୂମି ବ୍ୟବହାର ପରିବର୍ତ୍ତନ ସଂକ୍ରାନ୍ତ ତଥ୍ୟ ଅଧିକ ଦେଖାଯାଏ। ଏହା ମୁଖ୍ୟତଃ ପଶ୍ଚିମଘାଟର ପୂର୍ବ କେରଳ, ତାମିଲନାଡୁ ଓ ମହାରାଷ୍ଟ୍ରରେ ଅଧିକ । ଏହି ଧାରା ଅବ୍ୟାହତ ରହିଲେ ଏସବୁ ଅଞ୍ଚଳରେ ପଶ୍ଚିମଘାଟର ଚିରହରିତ୍ ଜଙ୍ଗଲ ଅଞ୍ଚଳର ଆୟତନ ଆଉ ୧୦ ଶତାଂଶ କମିଯିବ । ଏହାର କୁପ୍ରଭାବ ସିଧାସଳଖ ପରିବେଶ ଉପରେ ପଡ଼ିବ ଏବଂ ଅନ୍ୟାନ୍ୟ ପ୍ରାକୃତିକ ସଂପଦର ସ୍ଥିତି ନିଶ୍ଚିତ ବିପନ୍ନ ହେବ। ପରିଣାମରେ ଏହା ହେବ ଯେ ଦକ୍ଷିଣ ଭାରତର ଉପଦ୍ୱୀପ ଇଲାକାରେ ଲୋକଙ୍କ ଜୀବନ ଓ ଜୀବିକା ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ।

**ଅଙ୍ଗାରକାମ୍ଳ ପୃଥକୀକରଣ:**

ପଶ୍ଚିମଘାଟ ପର୍ବତମାଳାର ଅଙ୍ଗାରକାମ୍ଳ ନିଃଶୋଷଣ ଓ ଅଙ୍ଗାର ପୃଥକୀକରଣ କ୍ଷମତା ବେଶ୍ ଭଲ । ଏହା ଜୈବିକ ବାଷ୍ପ ଓ ଅଙ୍ଗାରକାମ୍ଳକୁ ବାୟୁମଣ୍ଡଳରୁ ଶୋଷଣ କରି କ୍ଷତିସାଧନକାରୀ ଅଙ୍ଗାରକୁ ଧାରଣ କରିଥାଏ । ଏହାଫଳରେ ବାୟୁମଣ୍ଡଳରେ ଥିବା ଅଙ୍ଗାର ଓ



ଅଙ୍ଗାରକାମ୍ଳ ଗ୍ୟାସର ସ୍ତର ହ୍ରାସ ପାଇଥାଏ । ବିଶ୍ୱତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ ପଶ୍ଚିମଘାଟର ଦକ୍ଷିଣ ଓ କେନ୍ଦ୍ରୀୟଭାଗ ଘନ ଜଙ୍ଗଲରେ ପରିପୂର୍ଣ୍ଣ । ସେଥିରେ ସ୍ଥାନୀୟ ପ୍ରଜାତିର ଗଛ ବେଶୀ ଦେଖାଯାଏ । ଏହି ଜଙ୍ଗଲ ଅଧିକ ଅଙ୍ଗାରକାମ୍ଳ ଗ୍ରହଣ କରୁଥିବାରୁ ଏସବୁ ଅଞ୍ଚଳର ମୃତ୍ତିକାରେ ଅଙ୍ଗାର ଉପାଦାନ ଅଧିକ । କର୍ଣ୍ଣାଟକ ଓ କେନ୍ଦ୍ରୀୟ କେରଳ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ଏବେ ମୃତ୍ତିକାର ଅଙ୍ଗାର ପରିମାଣ ବଢୁଛି । ଏହାର ଅର୍ଥ ଏହି ପର୍ବତମାଳା ବାୟୁମଣ୍ଡଳରୁ ଅଙ୍ଗାର ଓ ଅଙ୍ଗାରକାମ୍ଳ ଶୋଷଣ ତଥା ପୃଥକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ପ୍ରମାଣିତ ହେଉଛି । ମାଟିରେ ପ୍ରତିବର୍ଷ ଏହି ଅଙ୍ଗାର ଅନୁପାତ ବଢୁଛି । ମୃତ୍ତିକାର ଏହି କ୍ରମବର୍ଦ୍ଧିଷ୍ଣୁ ଅଙ୍ଗାର ଉପାଦାନ ବୃଦ୍ଧି ବାର୍ଷିକ ୩୭୫୦୭.୩ ଜିଜି । ମାଟିରେ ଅଙ୍ଗାର ଓ ଅଙ୍ଗାରକାମ୍ଳର ଅନୁପାତ ବୃଦ୍ଧି ଚାଷ ପାଇଁ ସହାୟକ ହୋଇଥାଏ । ଏହା ମାଟିକୁ ଉର୍ବର କରିବା ସହ ଉତ୍ପାଦକତା ବଢ଼ାଏ । ଅତଏବ ଜମି ବ୍ୟବହର ଜନିତ କାରଣରୁ ଜଙ୍ଗଲ ପରିମାଣ ହ୍ରାସ ପାଇଲେ ପରିବେଶ ନାନା ଭାବେ କ୍ଷତିଗ୍ରସ୍ତ ହେବ। ଏଭଳି ପରିସ୍ଥିତିରେ ପଶ୍ଚିମଘାଟର ସ୍ଥିତିକୁ ଦୁଇଟି ଦିଗରୁ ବିଚାର କରି ଦେଖାଯାଇପାରେ । ସେଗୁଡ଼ିକ ହେଲା (୧) ରକ୍ଷଣାବେକ୍ଷଣ ଦୃଶ୍ୟପଟ ଓ (୨) ଯେମିତି ଚାଲିଛି ସେମିତି ଚାଲୁ ସ୍ଥିତି । ଯେମିତି ଚାଲିଛି ସେମିତି ଚାଲିଲେ ବର୍ତ୍ତମାନର ସ୍ଥିତିରେ ଜଙ୍ଗଲ ଓ ପରିବେଶ ନଷ୍ଟ ହେବ। ଏହାଫଳରେ ସେ ଅଞ୍ଚଳର କାର୍ବନ ଭଣ୍ଡାରଣ ଓ ଶୋଷଣ ସ୍ଥିତିରେ ବଡ଼ ଧରଣର ପରିବର୍ତ୍ତନ ଆସିବ। ପଶ୍ଚିମଘାଟ ପର୍ବତମାଳା ଆଖପାଖ ବାୟୁମଣ୍ଡଳରେ ଏବେ ୧.୩% ଏମ୍.ଜି.ଜି.ର ଜୈବିକ ଗ୍ୟାସ୍ ଥିବାବେଳେ ୦.୬୫ ଏମ୍.ଜି.ଜି କାର୍ବନ ଜମା ହୋଇ ଚାଲିଛି । ସେଠାକାର ମୃତ୍ତିକାରେ ଏବେ ୦.୩୪ କାର୍ବନ ମିଶୁଛି । ଜଙ୍ଗଲ ବିଲୋପ ହେଲେ ପରିସ୍ଥିତି କି ପ୍ରକାର ରୂପ ନେବ ଏଥିରୁ ଅନୁମେୟ ।

**କାର୍ବନ ଫୁଟ ପ୍ରିଣ୍ଟ (ଅଙ୍ଗାର ପଦଚିହ୍ନ):**

ଅଙ୍ଗାର ପଦଚିହ୍ନ ବା 'କାର୍ବନ ଫୁଟ୍ ପ୍ରିଣ୍ଟ'ର ସରଳ ଅର୍ଥ ହେଲା ବାୟୁମଣ୍ଡଳରୁ ଛଡ଼ାଯାଉଥିବା ଅଙ୍ଗାରକାମ୍ଳ ଓ ଅଙ୍ଗାର ପରିମାଣର ମାପ । କାର୍ବନ ଫୁଟ ପ୍ରିଣ୍ଟ ମୁଖ୍ୟତଃ ଉର୍ଜା ଉଦ୍ୟୋଗ ଦ୍ୱାରା ବ୍ୟବହୃତ ଇନ୍ଧନରୁ ବାହାରୁଥିବା ଅଙ୍ଗାରକାମ୍ଳ, ଧୂଆଁ, ଧୂଳି ଓ ଅଙ୍ଗାର ଯୋଗୁଁ ସୃଷ୍ଟି ହୋଇଥାଏ । ଭାରତର କାର୍ବନ ଫୁଟ୍ ପ୍ରିଣ୍ଟରେ ଏହି ଉଦ୍ୟୋଗର ଅଂଶ ୬.୮% । ସେହିଭଳି କୃଷିକ୍ଷେତ୍ର, ଶିଳ୍ପକାରଖାନା, ଭୂମି ଉପଯୋଗ ଓ ଅନ୍ୟାନ୍ୟ କାରଣରୁ ଯଥାକ୍ରମେ ୧୯.୬%, ୬%, ୩.୮% ଓ ୧.୯% କାର୍ବନ ଫୁଟ ପ୍ରିଣ୍ଟ ସୃଷ୍ଟି ହେଉଛି।

**ପଶ୍ଚିମଘାଟ ଅନ୍ତର୍ଗତ ବିଭିନ୍ନ ରାଜ୍ୟରେ ବାର୍ଷିକ କାର୍ବନ ନିର୍ଗମନ (ଏମିଶନ)**

| ରାଜ୍ୟ/କେନ୍ଦ୍ରଶାସିତ | ବାର୍ଷିକ ନିର୍ଗମନ ଅଞ୍ଚଳ (ଜିଜିରେ) | | | | | |
|---|---|---|---|---|---|---|
| | ସି.ଏଚ୍ ୪ ସିଓ ସିଓ ୨ ଇକୁଭାଲେଣ୍ଟ | ସିଓ ୨ ସିଓ ୨ ଇକୁଭାଲେଣ୍ଟ | ସିଓ ୨ | ମୋଟ(ଜିଜି) | ପଶ୍ଚିମଘାଟର ବାର୍ଷିକ କାର୍ବନ ଅସ୍ତରଣ (ଜିଜି) | % ନିଶ୍ବାସ |
| ଗୋଆ | ୨୩୩ | ୩୩୭ | ୩୮୮୧ | ୪୪୫୧ | ୮୭୨ | ୨୦ |
| ଗୁଜୁରାଟ | ୧୫୫୪୬ | ୧୪୪୯୮ | ୭୯୧୩୮ | ୧୦୯୧୮୨ | ୧୯୪୭ | ୨ |
| କର୍ଣ୍ଣାଟକ | ୧୫୬୬୧ | ୧୫୨୩୯ | ୫୪୩୭ | ୮୫୨୩୭ | ୧୦୪୦୧ | ୧୨ |
| କେରଳ | ୩୧୬୭ | ୬୧୦୮ | ୨୬୦୪୭ | ୩୫୩୨୧ | ୭୬୧୭ | ୨୨ |
| ମହାରାଷ୍ଟ୍ର | ୨୩୧୨୯ | ୨୬୪୯୭ | ୧୦୫୨୬୦ | ୧୫୪୮୮୬ | ୧୧୦୨୦ | ୭ |
| ତାମିଲନାଡୁ | ୧୫୭୬୧ | ୧୯୧୯୦ | ୭୧୧୦୭ | ୧୦୬୦୫୮ | ୫୩୭୫ | ୫ |
| ଦାଦ୍ରା ଓ ନଗରହାବେଳି | ୪୬ | ୬୩ | ୧୪୫୮ | ୧୫୬୭ | ୬୦୧ | ୩୮ |
| **ମୋଟ ନିର୍ଗମନ (ଜିଜି)** | | | | **୪୯୬୭୦୩** | **୩୭୮୩୩** | ୮ |

ଭାରତରେ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ୨୦୧୭ ରେ ଥିଲା ପ୍ରାୟ ୩.୧ ଏମ୍‌ଜିଜି । ମୁଣ୍ଡପିଛା ଏହାଥିଲା ୨.୫୬ ମେଟ୍ରିକଟନ । ଭାରତ ପ୍ରମୁଖ ନଗରୀ ଓ ମହାନଗରୀଗୁଡ଼ିକରୁ ୧୦୩ ଏମ୍‌ଜିଜି ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୋଇଥାଏ । ରାଜଧାନୀ ଦିଲ୍ଲୀରେ ଏହାର ପରିମାଣ ୩୮୬୩୩.୨୦ ଜିଜି, ବୃହତ୍ ମୁମ୍ବାଇରେ ୨୨୭୮୩.୦୮ ଜିଜି, ଚେନ୍ନାଇରେ ୨୨୦୯୦.୫୫ ଜିଜି, ବେଙ୍ଗାଲୁରୁରେ ୧୯୭୯୬.୬ ଜିଜି ଓ କଲକାତାରେ ୧୪୮୧୨.୧ ଜିଜି । ଏହା ମୁଖ୍ୟତଃ ଉର୍ଜା, ପରିବହନ, ଶିଳ୍ପୋଦ୍ୟୋଗ, କୃଷି, ପ୍ରାଣୀସଂପଦ ପରିଚାଳନା ଓ ବର୍ଜ୍ୟବସ୍ତୁରୁ ବାହାରିଥାଏ ।

ପରିବେଶ ଦୃଷ୍ଟିରୁ ସଂବେଦନଶୀଳ ପଶ୍ଚିମଘାଟ ବନାଞ୍ଚଳ କାର୍ବନ ଫୁଟ ପ୍ରିଣ୍ଟ ଜନିତ ସମସ୍ୟାକୁ ଲାଘବ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ । ଏହା ସମଗ୍ର ଦକ୍ଷିଣ ଭାରତୀୟ ନଗରୀଗୁଡ଼ିକର ଏକ ବଡ଼ ପ୍ରାକୃତିକ ବାୟୁ ବିଶୋଧକ ଭାବେ କାମ କରେ । ପଶ୍ଚିମଘାଟ ପରିବ୍ୟାପ୍ତ ହୋଇଥିବା ସମସ୍ତ ରାଜ୍ୟର ମୋଟ ଅଙ୍ଗାରକାମ୍ଳ ଓ ଅଙ୍ଗାର ନିର୍ଗମନ ପରିମାଣ ୩୫୨୯୨୨.୩ ଜିଜି । ସେଇ ଅଙ୍ଗାରକାମ୍ଳ ଓ ଅଙ୍ଗାର ନିର୍ଗମନରେ ୧୧ ଶତାଂଶକୁ ଏକା ପଶ୍ଚିମଘାଟର ବନାଞ୍ଚଳ ଅଲଗା କରି ପ୍ରଶମିତ କରିଥାଏ । ଏଥିରୁ ଏହାର ଗୁରୁତ୍ୱ ସହଜରେ ଅନୁମେୟ । ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ସ୍ୱାକ୍ଷର କରିଛି ଏବଂ ଏହାର ସର୍ତ୍ତ ପାଳନ କରିବାକୁ ଅଙ୍ଗୀକୃତ । ତଦନୁସାରେ ୨୦୩୦ ସୁଦ୍ଧା ଭାରତ ତାହାର କ୍ଷତିକାରକ ଗ୍ୟାସ ଓ ଉପାଦାନ ନିର୍ଗମନ ହାରକୁ ୩୩ ରୁ ୩୫% ହ୍ରାସ କରିବାକୁ ଚୁକ୍ତିବଦ୍ଧ । ତେଣୁ ଏହି ଲକ୍ଷ୍ୟ ପୂରଣ ପାଇଁ ଭାରତକୁ କାର୍ବନ ନିୟନ୍ତ୍ରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏଥିପାଇଁ ବ୍ୟାପକ ବନୀକରଣ, ପତିତ ଓ ବୃକ୍ଷଶୂନ୍ୟ ଜମିରେ ବୃକ୍ଷରୋପଣ, ସ୍ଥାନୀୟ ଭାବେ ମିଳୁଥିବା ଶୀଘ୍ର ବଢୁଥିବା ପ୍ରଜାତିର ଗଛ ଲଗାଇବା ତଥା ଜୈବ ଇନ୍ଧନ ପରିବର୍ତ୍ତେ ବିକଳ୍ପ ସ୍ୱଚ୍ଛ ଇନ୍ଧନକୁ ଅଧିକ ବ୍ୟବହାର କରିବାକୁ ହେବ । ଏଥିପାଇଁ କଠୋର ବିକଳ୍ପ ସ୍ୱଚ୍ଛ ଇନ୍ଧନକୁ ଅଧିକ ବ୍ୟବହାର କରିବାକୁ ହେବ । ଏ ସଂପର୍କରେ କେତେକ ପଦକ୍ଷେପ ସଂପର୍କରେ ବିଚାର କରାଯାଇପାରେ । ସେଗୁଡ଼ିକ ହେଲା: ପରିବେଶ ଦୃଷ୍ଟିରୁ ବିପନ୍ନ ଓ ସମ୍ବେଦନଶୀଳ ଅଞ୍ଚଳର ସୁରକ୍ଷା, ପ୍ରଦୂଷଣକାରୀ ବ୍ୟବସ୍ଥାକୁ ନିରୁତ୍ସାହିତ କରିବା, ପରିବେଶର କ୍ଷତି କରୁଥିବା ଲୋକଙ୍କଠାରୁ ମୋଟା ଅଙ୍କର କ୍ଷତିପୂରଣ ଆଦାୟ, ବିକାଶ ପ୍ରକ୍ରିୟାକୁ ବିକେନ୍ଦ୍ରୀତ କରି କ୍ଲଷ୍ଟର ଭିତ୍ତିକ କରିବା, କ୍ଷତିକାରକ ନିର୍ଗମନ ବନ୍ଦ କରିବାପାଇଁ ପ୍ରୋତ୍ସାହନ ଯୋଗାଣ ଆଦି ଅନ୍ୟତମ । ଅଙ୍ଗାର କାରବାର ଏବେ ବିଶ୍ୱବ୍ୟାପୀ ଏକ ଲାଭଜନକ ବ୍ୟବସାୟ ହୋଇଛି । ପଶ୍ଚିମଘାଟ ପର୍ବତମାଳାର ବନାଞ୍ଚଳରେ ଆସ୍ତରଣ ଜମାଇଥିବା ପାଉଁଶ ଓ ଅଙ୍ଗାରକୁ ଯଦି ଟନ ପିଛା ୩୦ ଡଲାରରେ ବିକ୍ରି କରାଯାଏ ତେବେ ଭାରତ କାର୍ବନ ବିକ୍ରି ବାବଦରେ ୧୦୦ ବିଲିୟନ ଟଙ୍କା ଆୟ କରିପାରିବ । କାର୍ବନ କ୍ରେଡିଟ୍ ବ୍ୟବସ୍ଥାକୁ ଏଥିପାଇଁ ସୁସଂହତ କରିବାକୁ ହେବ । ଏହାଫଳରେ ଜଙ୍ଗଲର ଦୁରୁପଯୋଗ ଦୂର ହେବ ଓ ଚାଷୀମାନେ ନିଜ ବାଡ଼ି ବଗିଚାରେ ଅଧିକ ଗଛ ଲଗାଇ ନିଜ ଜମିର ସର୍ବୋତ୍ତମ ଉପଯୋଗ କରିପାରିବେ ।

**ସୁସ୍ଥ ଜୀବନ ପାଇଁ ଜଳ ଓ ଖାଦ୍ୟ ନିରାପତ୍ତା:** ପୂର୍ବରୁ କୁହାଯାଇଛି ଯେ, ପଶ୍ଚିମଘାଟ ଦକ୍ଷିଣ ଭାରତର ଜଳମିନାର । ଏଠାରୁ ବହୁ ନଦନଦୀ ବାହାରି ସଂଯୁକ୍ତ

ଅଞ୍ଚଳକୁ ଶସ୍ୟଶ୍ୟାମଳା କରିବା ସହ ଲୋକଙ୍କ ଜୀବନ ଜୀବିକା ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଏହି ବନାଞ୍ଚଳର ନଷ୍ଟସାଧନ ଫଳରେ ଏହାର ବୃକ୍ଷରାଜି ଲୋପ ପାଇବା ସହ ଅଞ୍ଚଳର ଜଳଧାରଣା କ୍ଷମତା ହ୍ରାସ ପାଉଛି । ଜଳାଗମ କ୍ଷେତ୍ର ଶୁଷ୍କ ଏବଂ ପତିତ ହୋଇ ଜଳାଶୟ ଶୁଖି ଯାଉଛି । ଏହାର ପ୍ରଭାବ ଭୂତଳ ଜଳସ୍ତର ଉପରେ ମଧ୍ୟ ପଡୁଛି । ତେଣୁ ମାଟିତଳ ଜଳସ୍ତର ଅତି ତଳକୁ ଚାଲିଯାଉଛି । ବ୍ୟାପକ ମୃତ୍ତିକାକ୍ଷୟ ଫଳରେ ଏହି ଅଞ୍ଚଳରେ ଭୂମି ରୂପରେ ପରିବର୍ତ୍ତନ ଘଟୁଛି । ତେଣୁ ଏଥିରୁ ବାହାରିଥିବା ଝରଣା ଓ ନଦନଦୀ ଆଉ ଚିରସ୍ରୋତା ନାହାନ୍ତି । ମାଟି ଶୁଷ୍କ ଓ ନିରସ ହୋଇ ଉର୍ବରତା ହରାଇବାରୁ ଚାଷକାର୍ଯ୍ୟ ବ୍ୟାହତ ହେଉଛି ଓ ଉତ୍ପାଦନ କମୁଛି । ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ଏହି ଅଞ୍ଚଳର ଜଳ, ଜମି, ଜଙ୍ଗଲ ଓ ପରିବେଶର ସୁରକ୍ଷାକୁ ନିଶ୍ଚିତ କରିବାକୁ ପଡ଼ିବ । ଏହାଦ୍ୱାରା ଉଭୟ ଜଳ ଓ ଖାଦ୍ୟ ନିରାପତ୍ତା ସମ୍ଭବ ହେବ । ଏଇ ଅଞ୍ଚଳରେ ନୂଆ କୃଷି ପଦ୍ଧତିରେ ଅଳ୍ପ ପାଣି ବ୍ୟବହାର କରି ବିଭିନ୍ନ ପ୍ରକାର ଅର୍ଥକରୀ ଫସଲ ଚାଷ ବ୍ୟବସ୍ଥା ଆରମ୍ଭ କରାଗଲେ ଚାଷୀ ଲାଭବାନ ହୋଇପାରିବେ । ଗୁଆ, ନଡ଼ିଆ, ପାନ, ମରିଚ, ଭଳି ଚାଷ କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଉଥିବାରୁ ଓ କମ୍ ପାଣି ଲୋଡୁଥିବାରୁ ଏହାକୁ ପ୍ରୋତ୍ସାହିତ କଲେ ଚାଷୀମାନେ ଉପକୃତ ହେବେ । ବିଭିନ୍ନ ଫଳଗଛ ଲଗାଇ ପାହାଡ଼ିଆ ଅଞ୍ଚଳରେ ବଗିଚା ତିଆରି କରାଗଲେ ଏହା ମୃତ୍ତିକାକ୍ଷୟ ରୋକିବା ସହ ପରିବେଶ ସୁରକ୍ଷାରେ ସହାୟକ ହେବେ ଓ ଲୋକେ ସେଥିରୁ ରୋଜଗାର ପାଇବେ । ଏବେ ବାଗବଗିଚା ଜନିତ ଫସଲ ବେଶ୍ ଲାଭଜନକ ସାବ୍ୟସ୍ତ ହୋଇଛି । ଏଥିରୁ ଭଲ ଲାଭ ମିଳୁଥିବାରୁ ଏହାକୁ ଅଧିକ ପ୍ରୋତ୍ସାହିତ କରିବାକୁ ସରକାରୀ ସ୍ତରରେ ନୀତି ପ୍ରସ୍ତୁତି କରାଯିବା ଆବଶ୍ୟକ । ଏଇ କେତେକ କାର୍ଯ୍ୟ ହୋଇପାରିଲେ ଜଳ, ଜମି, ପରିବେଶ, ଖାଦ୍ୟ, ଆବାସ, ଜୀବଜନ୍ତୁ, ନଦୀ, ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ସବୁ ସୁରକ୍ଷିତ ହୋଇପାରିବ । ଏବେ ଭାରତର ପ୍ରାୟ ୨୮୦ ଜିଲ୍ଲା ଉତ୍କଟ ଜଳ କଷ୍ଟର ସମ୍ମୁଖୀନ । ଜଳ ଉତ୍ସର ସୁରକ୍ଷା ଓ ଜଳର ସୁପରିଚାଳନା ଦ୍ୱାରା ତାହାର ସମାଧାନ ହୋଇପାରିବ । ଜଙ୍ଗଲ ଓ ପରିବେଶ ସୁରକ୍ଷିତ ନ ରହିଲେ ଜଳ କଷ୍ଟରୁ ମୁକ୍ତି ମିଳିବା ସମ୍ଭାବନା କ୍ଷୀଣ । ସାଂପ୍ରତିକ ଜଳବାୟୁ ପରିବର୍ତ୍ତନ କାଳରେ ପଶ୍ଚିମଘାଟର ସୁରକ୍ଷା ଓ ବିକାଶ ବିଶେଷ ମହତ୍ୱ ରଖେ ।

ପଶ୍ଚିମଘାଟ ପର୍ବତମାଳା ଓ ତତ୍‌ସଂଲଗ୍ନ ଜଙ୍ଗଲର ବ୍ୟାପ୍ତି ୧,୬୦,୦୦୦ ବର୍ଗ କିଲୋମିଟର । ଏହା ଭାରତର ମୋଟ ଭୌଗୋଳିକ ଅଞ୍ଚଳର ୪.୮୬ ଶତାଂଶ । ତେବେ ଏହାର ୧.୯୪% ଅଞ୍ଚଳ ଏବଂ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଓ ବିପନ୍ନ ହୋଇପଡ଼ିଛି । ଏହି ବନାଞ୍ଚଳ ଉପଦ୍ୱୀପ ଭାରତରେ ୧୦୦ ନିୟୁତ ହେକ୍ଟର ଜମିକୁ ଚାଷବାସ ପାଇଁ ପାଣି ଯୋଗାଏ । ନିକଟରେ କେରଳ, କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଯେଉଁ ଅଭୂତ ପୂର୍ବ ବନ୍ୟା ଓ ମରୁଡ଼ି ବିଭୀଷିକା ଦେଖା ଦେଇଥିଲା ତାହା ପଶ୍ଚିମଘାଟ ବନାଞ୍ଚଳର କୁପରିଚାଳନା ଓ ଧ୍ୱଂସ ସାଧନର ପରିଣାମ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସଂବେଦନଶୀଳ ଅଞ୍ଚଳର ସୁରକ୍ଷା ଅଗ୍ରାଧିକାର ଲୋଡ଼େ । ୨୦୨୫ ସୁଦ୍ଧା ପାଞ୍ଚ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ ହେବାକୁ ଭାରତର ଯେଉଁ ଲକ୍ଷ୍ୟ ରହିଛି ତାହାକୁ ପୂରଣ କରିବା ପାଇଁ ଉପଦ୍ୱୀପୀୟ ଭାରତର କୃଷି, ଅର୍ଥନୀତି, ପରିବେଶ ଓ ଜଙ୍ଗଲ ସଂପଦର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେଇ ଅଞ୍ଚଳରେ ଯଦି ବିନାଶକାରୀ ବିକାଶ ପ୍ରକ୍ରିୟା ଚାଲିବ ତାହା ପ୍ରଳୟ ରଚିବା ସହ ଦେଶକୁ ଦୋହଲାଇ ଦେବ । ତେଣୁ ପଶ୍ଚିମଘାଟରେ ସକ୍ରିୟ ଜଳ, ଜମି, ଜଙ୍ଗଲ ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏ ଅଞ୍ଚଳକୁ ସୁରକ୍ଷିତ କରିବାକୁ ହେବ । ତେବେ ଯାଇ ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ମୁକ୍ତି ମିଳିବ ।

ପରିବେଶକୁ ବିଗାଡୁଥିବା ଗ୍ରୀନ ହାଉସ୍ ଗ୍ୟାସ୍ ନିର୍ଗମନର ପରିମାଣ ମାତ୍ରାଧିକ ଭାବେ ବୃଦ୍ଧି ପାଉଥିବାରୁ ବିଶ୍ୱର ତାପମାତ୍ରା ବଢୁଛି । ଏହାଫଳରେ ଜଳବାୟୁ ପରିବର୍ତ୍ତନ ସହ ପରିବେଶ ଓ ପରିତନ୍ତ୍ର ବିପନ୍ନ ହେଉଛି । ମାଟିର ଉର୍ବରତା ଏବଂ ଉତ୍ପାଦତା କମୁଛି ଓ ଜଳାଭାବ ସମସ୍ୟା ଉତ୍କଟ ହେଉଛି । ସର୍ବୋପରି ଏହା ମଣିଷର ଜୀବନ ଓ ଜୀବିକାକୁ ବିପନ୍ନ କରୁଛି । ଗ୍ରୀନ୍ ହାଉସ୍ ଗ୍ୟାସ୍ ପରିମାଣ ବୃଦ୍ଧି ଏକ ମନୁଷ୍ୟକୃତ ବିପତ୍ତି । ଏହା ଏକାଧିକ ଗ୍ୟାସ୍‌ର ସମାହାର ଜନିତ ଏକ ସ୍ଥିତି । ଭୂପୃଷ୍ଠରେ ଅଙ୍ଗାରକାମ୍ଳ, ଜଳୀୟବାଷ୍ପ, ମିଥେନ ଗ୍ୟାସ୍, ନାଇଟ୍ରସ୍ ଅକ୍ସାଇଡ୍ ପରିମାଣ ବଢ଼ିଲେ ତାହା ବାୟୁମଣ୍ଡଳରେ ଓଜୋନସ୍ତରକୁ ଦୁର୍ବଳ କରେ । ଫଳରେ ସୂର୍ଯ୍ୟରୁ ଆସୁଥିବା କ୍ଷତିକାରୀ ଅଲଟ୍ରା ଭାୟୋଲେଟ୍ ରଶ୍ମି ଦୁର୍ବଳ ଓଜୋନସ୍ତରକୁ ଭେଦ କରି ଭୂପୃଷ୍ଠରେ ପଡ଼େ । ଏହି ଗ୍ୟାସ୍ ଅତି ପ୍ରଖର ତାପ ବିକିରଣ କରୁଥିବାରୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଏ ଯାହା ଗ୍ରୀନ୍ ହାଉସ୍ ପ୍ରଭାବ ନାମରେ ପରିଚିତ । ଗୋଟିଏ କାଚଘର ଭିତରେ ଥିବା ସବୁଜ ଗଛପତ୍ର ସୂର୍ଯ୍ୟର ପ୍ରଚଣ୍ଡ କିରଣ ଯୋଗୁ ଯେପରି ଉତ୍ତାପ ଜନିତ ପ୍ରଭାବରୁ ସନ୍ତୁଳି ହୋଇଯାଏ ଏହି ଗ୍ରୀନ୍‌ହାଉସ୍ ଗ୍ୟାସ୍‌ର ପ୍ରଭାବରୁ ପୃଥିବୀର ଅବସ୍ଥା ସେହିଭଳି ହୋଇଥାଏ । ଶିଳ୍ପାୟନ ପୂର୍ବରୁ ଏହି ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜି.ଏଚ୍.ଜି) ନିର୍ଗମନ ପରିମାଣ ଯାହା ଥିଲା ଏବେ ସେଥିରେ ଆକାଶ ପାତାଳ ପରିବର୍ତ୍ତନ ଘଟିଛି । ଜୈବିକ ଇନ୍ଧନ କଳକାରଖାନାରେ ବହୁଳ ଭାବେ ବ୍ୟବହୃତ ହେଉଥିବାରୁ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ବିପଜ୍ଜନକ ଭାବେ ବଢ଼ିଛି । ଫ୍ରିଜ, ଏସି ଭଳି ବୈଦ୍ୟୁତିକ ସାମଗ୍ରୀରୁ ନିର୍ଗତ କ୍ଷତିକାରକ ଗ୍ୟାସ୍ ମଧ୍ୟ ଜିଏଚ୍‌ଜି ବୃଦ୍ଧିରେ ସହାୟକ ହେଉଛି ।

**ଡକ୍ଟର ରାମଚନ୍ଦ୍ର ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରେ କାର୍ଯ୍ୟରତ, ଭରତ ସେଟ୍ଟୁର ହେଉଛନ୍ତି ଜଣେ ଗବେଷକ ଓ ଶ୍ରୀ ଅଇଠାଳ ହେଉଛନ୍ତି ଖଡ଼ଗପୁରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଜଣେ ସହାୟକ ପ୍ରାଧ୍ୟାପକ । Email ID: tvr@iisc.ac.in**

# ବିକାଶ ଓ ପରିବେଶ: ଉତ୍ତମ ସମନ୍ୱୟ ରକ୍ଷା

ଡ. ଏସ.ସି. ଲାହିରୀ

ଉନବିଂଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ଆରମ୍ଭ ହେବା ପରେ ବିଶ୍ୱବ୍ୟାପୀ ବିକାଶ ଓ ଅଭିବୃଦ୍ଧି ଘଟିବାକୁ ଲାଗିଲା। ଲୋକଙ୍କ ଜୀବନଧାରଣର ମାନ ଦ୍ରୁତଗତିରେ ବିକଶିତ ହେବାରେ ଲାଗିଲା। ଗୋଟିଏ ପଟେ ଅଭିବୃଦ୍ଧି ଘଟୁଥିବାବେଳେ, ଏହି କାଳଖଣ୍ଡରେ ଅନ୍ୟପଟେ ଆମ ପରିବେଶ ଓ ଜଳବାୟୁର ସମସ୍ତ ଶୁଦ୍ଧତା ନଷ୍ଟ ହେବାରେ ଲାଗିଛି। ୧୯୭୨ ମସିହାରେ ଷ୍ଟକ୍‌ହୋମ୍ ସମ୍ମିଳନୀରେ ପରିବେଶଗତ ସମସ୍ୟା କିଭଳି ମାନବ ସମାଜ ପାଇଁ ବିପଦ ସୃଷ୍ଟି କରିବାକୁ ଯାଉଛି, ସେଥିନେଇ ଚିନ୍ତାବ୍ୟକ୍ତ କରାଗଲା। ପରିବେଶ ସଂକ୍ରାନ୍ତ ସମସ୍ୟା ଗୁଡିକର ତୁରନ୍ତ ମୁକାବିଲା କିଭଳି ଭିନ୍ନ ଭିନ୍ନ ପଦକ୍ଷେପ ଜରିଆରେ କରାଯାଇପାରିବ ସେଥିନେଇ ହ୍ୟୁମାନ୍ ଏନ୍‌ଭିରନ୍‌ମେଣ୍ଟ(ମାନବ ପରିବବେଶ) ପ୍ରସଙ୍ଗ ସେବେଠୁ ସାମ୍ନାକୁ ଆସିଥିଲା। ଆମ ବିକାଶ ପ୍ରକ୍ରିୟା ଓ ଜୀବନଧାରଣର ମାନକୁ ନିରନ୍ତର ଉନ୍ନତ କରିବା କ୍ଷେତ୍ରରେ ସବୁଠୁ ବଡ଼ ଆହ୍ୱାନ ହେଉଛି ପରିବେଶ ସମସ୍ୟା। ଆମର ସଂଖ୍ୟାଧିକ ବଡ଼ ବଡ଼ ସହରରେ ଏବେ ପ୍ରଦୂଷଣର ସ୍ତର ଓ ମାତ୍ରା ଅତ୍ୟନ୍ତ ଭୟାନକ ସ୍ଥିତିରେ ପହଞ୍ଚିଛି। ଯଦି ଆମେ ଆମ ପରିବେଶକୁ ବର୍ତ୍ତମାନ ବିକାଶ ସ୍ଥିତିରେ ସୁରକ୍ଷିତ ରଖିପାରିବାନି, ତେବେ ଆମ ବୃହତ୍ ବିକାଶର ଲକ୍ଷ୍ୟ ଆଗକୁ ମୂଲ୍ୟହୀନ ହୋଇପଡିବ। ଦେଶର ବିଭିନ୍ନ ପ୍ରାନ୍ତରେ ଏବେ ଭୂତଳ ଜଳସ୍ତର ତଳକୁ ତଳକୁ ଚାଲିଯିବା ଆମ ଭବିଷ୍ୟତ ଅସ୍ତିତ୍ୱ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ଭାରତରେ ଗୁଣାତ୍ମକ ଜୀବନଧାରଣ ଓ ଉତ୍ପାଦନ କ୍ଷମତା ଉପରେ ଜଳବାୟୁ ପରିବର୍ତ୍ତନ ଏକ ଗୁରୁତର ପ୍ରଭାବ ସୃଷ୍ଟି କଲାଣି। ତେଣୁ ବିଗିଡୁଥିବା ପରିବେଶ ଓ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଏବେ ଆମକୁ ଆଗକୁ ଆସି ଏହାର ମୁକାବିଲା ଲାଗି କାର୍ଯ୍ୟ କରିବାକୁ ହେବ। ଯେ କୌଣସି ଅଞ୍ଚଳର ଅର୍ଥନୈତିକ ବିକାଶର ଉଦ୍ଦେଶ୍ୟ ହେଉଛି ସେଠାକାର ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଓ ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା। ଶିଳ୍ପ ବିପ୍ଳବ ନିଶ୍ଚିତ ଭାବେ ଯେକୌଣସି ସ୍ଥାନରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ; କିନ୍ତୁ ପ୍ରକାରାନ୍ତରେ ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ବଢାଇଥାଏ। ତାପଜ ଶକ୍ତି କେନ୍ଦ୍ର, କୋଇଲା ଖଣି, ସିମେଣ୍ଟ, ସ୍ପଞ୍ଜ ଆଇରନ୍, ଇସ୍ପାତ ଓ ଫେରୋ ଆଲୟେଜ୍, ପେଟ୍ରୋଲିୟମ୍ ଓ ରସାୟନ ଆଦି କଳ କାରଖାନା ସ୍ଥାପନ ଦ୍ୱାରା ଏଥିରୁ ବାହାରୁଥିବା ଧୂଳି, ଧୂଆଁ, ପାଉଁଶ, ନିର୍ଗତ ବିଷାକ୍ତ ବାଷ୍ପ ପରିବେଶ ପ୍ରଦୂଷଣକୁ ବଢାଇଥାଏ। ଏସବୁ ବିଷାକ୍ତ ପଦାର୍ଥ କେବଳ ବିପଜ୍ଜନକ ନୁହେଁ; ବରଂ ଆମ ପରିବେଶ ଓ ପରିସଂସ୍ଥାର ଅପୂରଣୀୟ କ୍ଷତି ସାଧନ କରିଥାଏ। ପରିବେଶ ଯେତିକି ପରିମାଣର ପ୍ରଦୂଷଣକୁ ସହ୍ୟ କରିପାରେ, ଏସବୁ କଳ କାରଖାନା ସ୍ଥାପନ ଦ୍ୱାରା ପ୍ରଦୂଷଣ ମାତ୍ରା ବହୁତ ବଢିଯାଇଥାଏ; ଯାହାକି



ପରିବେଶର ସହନଶୀଳତାରେୁ ହ୍ରାସ ଘଟାଏ।

ଶିଳ୍ପ ବିପ୍ଳବ ବିକାଶ ଓ ଜୀବନଧାରଣ ମାନରେ ଉନ୍ନତି ଘଟାଇବା ଲାଗି ଯେତିକି ଆବଶ୍ୟକ; ପରିବେଶ ସୁରକ୍ଷା ଲାଗି ପଦକ୍ଷେପ ଗ୍ରହଣ କରିବା ମଧ୍ୟ ଅନୁରୂପ ଜରୁରୀ। ଭାରତରେ ଲୋକମାନଙ୍କ ଆବଶ୍ୟକତା ପୂରଣ ଲାଗି ଅର୍ଥନୈତିକ ଅଭିବୃଦ୍ଧି ନିଶ୍ଚିତ ରୂପେ ଏକ ଆବଶ୍ୟକତା। ତେବେ ଅର୍ଥନୈତିକ ପ୍ରଗତି ନାଁରେ ମନଇଚ୍ଛା ପରିବେଶକୁ ନଷ୍ଟ କରିବା ଆଦୌ ଗ୍ରହଣୀୟ ନୁହେଁ। ଅତଏବ ଶିଳ୍ପ ପ୍ରଗତି ପାଇଁ ସୃଷ୍ଟି ହେଉଥିବା ଶିଳ୍ପଜନିତ ପ୍ରଦୂଷଣ ଓ ପରିବେଶ ଅଧୋଗତି ମଧ୍ୟରେ ଏକ ଉତ୍ତମ ତାଳମେଳ ତଥା ସମନ୍ୱୟ ରହିବା ଦରକାର। ଦୀର୍ଘସ୍ଥାୟୀ ପରିବେଶ ଓ ସମ୍ୱଳ ବ୍ୟବସ୍ଥାରେ ଦୀର୍ଘସୂତ୍ରୀ ବିକାଶ ସରିଯାଏ ନାହିଁ; ଏଥିପାଇଁ ଦୀର୍ଘସ୍ଥାୟୀ ଆର୍ଥିକ ଓ ସାମାଜିକ ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଛି। ଉତ୍ତମ ସମନ୍ୱୟ ରଖି ବିକାଶ ଓ ପରିବେଶ ସୁରକ୍ଷା ପରସ୍ପର ଏକାଠି କରାଯାଇପାରିବ। ଏଥିପାଇଁ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ନୂଆ ନୂଆ ପ୍ରକଳ୍ପ ପ୍ରତିଷ୍ଠା କରିବା ଦରକାର। ପରିବେଶ କ୍ଷୟକ୍ଷତିକୁ ଆକଳନ ନ କରି ତରବରିଆ ଭାବେ ପ୍ରକଳ୍ପ ପ୍ରତିଷ୍ଠା କଲେ ଭବିଷ୍ୟତରେ ଏଥିପାଇଁ ପଶ୍ଚାତାପ ତଥା ଅନୁଶୋଚନା କରିବାକୁ ପଡିଥାଏ। ପରିବେଶ ସୁରକ୍ଷା ବିନା ଯେକୌଣସି ପ୍ରକଳ୍ପ ହିଁ ଆଗାମୀ ଦିନରେ ଉତ୍ପାଦନ ଓ ବିକାଶ ବିରୋଧୀ ସାବ୍ୟସ୍ତ ହୋଇଥାଏ। ଭୋପାଳର ୟୁନିୟନ୍ କାର୍ବାଇଡ୍ ଗ୍ୟାସ୍ ଲିକ୍ ଦୁର୍ଘଟଣାର ବିଷଜ୍ୱାଳା ଆଜି ବି ଲୋକଙ୍କ ମନରୁ ଲିଭିନାହିଁ। ଦୁର୍ଭାଗ୍ୟଜନକ କଥାଟି ହେଲା, ଏଭଳି ଭୟଙ୍କର ଘଟଣା ସତ୍ତ୍ୱେ ଆଜି ଦିନରେ ବି ବିଭିନ୍ନ କାରଖାନାରେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ଆଶଙ୍କା ରହିଛି। ଏପରି ଅନୁପେକ୍ଷିତ ଦୁର୍ଘଟଣା ଆଗକୁ ଘଟିଲେ କିଭଳି ଜୀବନହାନି ରୋକିହେବ ସେଥିଲାଗି କୌଣସି ପୂର୍ଣ୍ଣ ନିରାପତ୍ତା ବ୍ୟବସ୍ଥା କରିବା କ୍ଷେତ୍ରରେ ଶିଳ୍ପ କର୍ତ୍ତୃପକ୍ଷ ଅସମର୍ଥ ରହିଛନ୍ତି। ତେଣୁ କାରଖାନାରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀ ଏବଂ କାରଖାନା ଆଖପାଖ ଅଞ୍ଚଳରେ ରହୁଥିବା ଅଧିବାସୀ ମାନଙ୍କ ସ୍ୱାସ୍ଥ୍ୟ ଓ ଆବଶ୍ୟକ ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ।



ରାୟପୁର-ଦୁର୍ଗ, କୋର୍ବା-ବିଳାସପୁର, ଆଗ୍ରା-କାନ୍‌ପୁର, ଭାପି-ଅଙ୍କଲେଶ୍ୱର, ଧାନବାଦ-ବୋକାରୋ, ଭାଇଜାଗ୍, ତାରାପୁର, ଲୁଧିଆନା ଭଳି ଏକାଧିକ ବିଭିନ୍ନ ଶିଳ୍ପ କ୍ଲଷ୍ଟର ଗୁଡିକରେ ଏଇ କାରଣ ପାଇଁ ପ୍ରଦୂଷଣ ସ୍ତର ବଢିଛି। ଏକାଧିକ ପାୱାର ପ୍ଲାଣ୍ଟ ଗୁଡିକରେ ଉତ୍ତମ ଟେକ୍ନୋଲୋଜି(ଜ୍ଞାନକୌଶଳ)କୁ ଗ୍ରହଣ କରାଯାଇ କାରଖାନା ଚାଲୁଥିବା ସତ୍ତ୍ୱେ ବି ପ୍ରଦୂଷଣ ସ୍ତର ଅଧିକ ରହୁଛି। ଇସ୍ପାତ, ସିମେଣ୍ଟ, ରସାୟନ ଏବଂ ତୈଳ ବିଶୋଧନାଗାର ଆଦି ପ୍ଲାଣ୍ଟ ଗୁଡିକରେ ନୂତନ ଜ୍ଞାନକୌଶଳକୁ ଗ୍ରହଣ କରାଯାଇଛି। ବିଶେଷକରି ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏହି ଟେକ୍ନୋଲୋଜିକୁ ଆପଣା ଯାଇଛି। ଏହାଦ୍ୱାରା ପ୍ରଦୂଷଣ ସ୍ତରକୁ କିଛିମାତ୍ରାରେ ହ୍ରାସ କରାଯାଉଛି। ତେବେ ଏକ ଆବଶ୍ୟକ ଓ ପ୍ରଭାବୀ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ଶିଳ୍ପ ପ୍ରତିଷ୍ଠା ସମୟରେ ସ୍ୱତନ୍ତ୍ର ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ଉପରେ ଉଦ୍ୟମ କରାଯାଉଛି। ପ୍ରଦୂଷଣ କ୍ଷେତ୍ରରେ ତୁଳନାତ୍ମକ ସଫଳତା ଲାଗି ନିର୍ଦ୍ଧାରିତ ଶିଳ୍ପ ଭିତ୍ତିକ କ୍ଲଷ୍ଟର ସ୍ଥାପନ ପାଇଁ ସ୍ୱତନ୍ତ୍ର ରଣକୌଶଳ ଉପଯୋଗ ଉପରେ ପୁନର୍ବିଚାର ଓ ପୁନଃକାର୍ଯ୍ୟ ଆରମ୍ଭ କରିବାର ଆବଶ୍ୟକତା ରହିଛି। ଭାରତରେ ମୋଟ ଗ୍ରୀଡ୍ ସଂଯୋଗ କ୍ଷମତା ଯେତିକି ରହିଛି ତା'ର ଏକ ତୃତୀୟାଂଶ ଶକ୍ତି କେବଳ ଡିଜେଲ ଜେନେରେଟିଂ(ଡିଜି) ସେଟ୍‌ରୁ ଆସୁଛି। ତେବେ ବିଜୁଳି ଶକ୍ତି ଲାଗି ଡିଜି ସେଟ୍ ଚାଲିବା ଦ୍ୱାରା ଯେଉଁ ବିଷାକ୍ତ ବାଷ୍ପ ନିର୍ଗମନ ହେଉଛି ତାହା ପରିବେଶ ଓ ମଣିଷଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ଏପରିକି ଏଥିରୁ ମିଳିଥିବା ଶକ୍ତି ମଧ୍ୟ ଅପେକ୍ଷାକୃତ ବ୍ୟୟବହୁଳ। ତେଣୁ ବିକଳ୍ପ ଶକ୍ତି ଉତ୍ପାଦନ ପାଇଁ ସୌରଶକ୍ତି ଯନ୍ତ୍ରାଂଶ ଉତ୍ପାଦନ, ବିକ୍ରି କ୍ଷେତ୍ରରେ ପୁଞ୍ଜିଲଗାଣ ଓ ଛାତ ଉପରେ ସୌର ପ୍ୟାନେଲ ଲଗାଇବା ଲାଗି ଗ୍ରାହକମାନଙ୍କୁ ମଧ୍ୟ ସରକାର ବେଶ୍ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଏଭଳି ପଦକ୍ଷେପ କେବଳ ଜୈବ ଇନ୍ଧନକୁ ସଂରକ୍ଷଣ କରିବନି; ବରଂ ପରିବେଶ ପ୍ରଦୂଷଣକୁ ବହୁମାତ୍ରାରେ ହ୍ରାସ କରିପାରିବ। ପ୍ରଦୂଷଣ ରୋକିବା ସହ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏହା ଏକ ପ୍ରଭାବୀ ଭୂମିକା ତୁଲାଉଛି। କିଭଳି କମ୍ ଖର୍ଚ୍ଚରେ ଅଧିକ ଶକ୍ତି ଉତ୍ପାଦନ କରିପାରିବା ସେଥିପ୍ରତି ବ୍ୟାପକ ନୀତି ପ୍ରସ୍ତୁତ ହୋଇ ତାହାକୁ କାର୍ଯ୍ୟକାରୀ କରାଯାଉଛି। ଶକ୍ତି ଉତ୍ପାଦନ ଖର୍ଚ୍ଚ ହ୍ରାସ ସହିତ ପରିବେଶ ପ୍ରଦୂଷଣ ରୋକିବା

ସରକାରଙ୍କ ଲକ୍ଷ୍ୟ ଓ ଆଭିମୁଖ୍ୟ। କେନ୍ଦ୍ର ସରକାର ସୌରଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି ଯେଉଁ ସବୁ ପଦକ୍ଷେପ ଓ ନୀତି ଅବଲମ୍ବନ କରିଛନ୍ତି ତାହା ଦ୍ୱାରା ଏହାର ଉତ୍ପାଦନ ବୃଦ୍ଧି ଘଟିଛି। ସବୁଜ ଗୃହ ବାଷ୍ପ (ଜିଏଚଜି) ନିର୍ଗମନ ଅପେକ୍ଷାକୃତ ହ୍ରାସ ଘଟିଛି। ତାପଜ ଶକ୍ତି ଓ ସୌରଶକ୍ତି ଉତ୍ପାଦନ ମଧ୍ୟରେ ପୂର୍ବରୁ ଯେଉଁ ବୃହତ୍ ବ୍ୟବଧାନ ଥିଲା ତାହା କ୍ରମଶଃ କମି ଆସୁଛି। ୨୦୧୮ ମସିହାରେ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟି ସଂପ୍ରତି ୭୩ ଗିଗାୱାଟ୍‌ରେ ପହଞ୍ଚିଛି। ୩୧ ଅକ୍ଟୋବର ୨୦୧୯ ସୁଦ୍ଧା ଦେଶବ୍ୟାପୀ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ପ୍ରତିଷ୍ଠା କ୍ଷମତା ୮୩.୪ ଗିଗାୱାଟ୍‌ରେ ପହଞ୍ଚିପାରିଛି। ତେବେ ଏହି ସମୟରେ ପବନକଳରୁ ୩୭ ଜିଗାୱାଟ୍ ଓ ସୌରଶକ୍ତି ଉତ୍ସର ଉତ୍ପାଦନ କ୍ଷମତା ୩୧.୭ ଗିଗାୱାଟ୍ ରହିଛି। ସବୁଜ ଶକ୍ତି ଉତ୍ପାଦନ ଅଂଶ ବଢ଼ିବାରେ ଲାଗିଛି। ଜୀବାଶ୍ମ ଇନ୍ଧନରେ ଚାଳିତ ପ୍ଲାଣ୍ଟ ଗୁଡ଼ିକରେ ସଦ୍ୟ ଜ୍ଞାନକୌଶଳକୁ ଉପଯୋଗ କରାଯାଉଛି। ଏହାଦ୍ୱାରା କୋଇଲା ଓ ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ କାର୍ବନ୍ ଫୁଟ୍‌ପ୍ରିଣ୍ଟକୁ ଭାରତରେ ହ୍ରାସ କରିବାକୁ ଯୋଜନା କରାଯାଇଛି। ନବୀକରଣଯୋଗ୍ୟ ଦୁଇ ଅଣଜୀବାଶ୍ମ ଇନ୍ଧନ ଆଗାମୀ ଦୀର୍ଘ ଦଶନ୍ଧି ଧରି ଭାରତର ଶକ୍ତି ଚାହିଦା ପୂରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବା ଆଶା କରାଯାଉଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ଦିଗରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ମଧ୍ୟ ରହିବ।

ସ୍ୱଚ୍ଛ ଜ୍ଞାନକୌଶଳ ବ୍ୟବହାର ହେଉଛି ଏକ ପଦ୍ଧତି, ଯେଉଁଥିରେ କମ୍ କଞ୍ଚାମାଲ ବ୍ୟବହାର ସହ ସର୍ବନିମ୍ନ ବର୍ଜ୍ୟ ଉତ୍ପନ୍ନ ହୋଇଥାଏ। ବୈଶ୍ୱିକ ସ୍ତରରେ ପରିବେଶ ସଂକ୍ରାନ୍ତ ସମସ୍ୟାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବାରୁ ଶିଳ୍ପ କ୍ଷେତ୍ରରେ ଆଧୁନିକ ତଥା ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ କରାଯାଉଛି। ବିଶ୍ୱବ୍ୟାପୀ କିଭଳି ସ୍ୱଚ୍ଛ ଜ୍ଞାନକୌଶଳ ବ୍ୟବହାର ହେଉଛି ତାହାର ଅନେକ ଉଦାହରଣ ଦେଖିବାକୁ ମିଳିବ। ଉନ୍ନତ ତଥା ସ୍ୱଚ୍ଛ ଜ୍ଞାନକୌଶଳ ଶିଳ୍ପ ପ୍ରତିଷ୍ଠା କରାଗଲେ ନିଶ୍ଚିତ ରୂପେ ଭବିଷ୍ୟତ ପୀଢ଼ି ଲାଗି ପରିବେଶର ଦୀର୍ଘସ୍ଥାୟୀ ସୁରକ୍ଷା କରାଯାଇପାରିବ। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା(ଇଣ୍ଟରନେସନାଲ ଏନର୍ଜି ଏଜେନ୍ସି- ଆଇଇଏ) ସ୍ୱଚ୍ଛ ଜ୍ଞାନକୌଶଳର ଉପଯୋଗ ସହ ଏ ସଂକ୍ରାନ୍ତ ନୀତି ନିର୍ଦ୍ଧାରଣକୁ ଗୁରୁତ୍ୱ ଦେଉଛି। ଏହାଦ୍ୱାରା ପ୍ରଭାବୀ ଢଙ୍ଗରେ ବହୁମୁଖୀ ଉଦ୍ଦେଶ୍ୟ ସାଧିତ ହୋଇପାରିବ। ଉଦାହରଣ ସ୍ୱରୂପ, ଦୀର୍ଘସ୍ଥାୟୀ ଭ୍ରାମ୍ୟମାଣ ସମାଧାନ ବ୍ୟବସ୍ଥା ସେବା କ୍ଷେତ୍ରରେ ଭିଡ଼ ହ୍ରାସ କରିବା ସହ ଉତ୍ପାଦନତା ମଧ୍ୟ ବଢ଼ାଇଥାଏ। ଦକ୍ଷ କୋଠା ନିର୍ମାଣ ଜ୍ଞାନକୌଶଳ କେବଳ ଶକ୍ତି ଚାହିଦାକୁ ହ୍ରାସ କରେନି; ବରଂ ଅଧିବାସୀଙ୍କୁ ଅଧିକ ଆରାମ ପ୍ରଦାନ କରିଥାଏ। ସ୍ଥାନୀୟ ଶକ୍ତି ଉତ୍ସ ଏବଂ ସମନ୍ୱିତ ବିତରଣ ବ୍ୟବସ୍ଥା ଦ୍ୱାରା ଖର୍ଚ୍ଚ ହ୍ରାସ ହେବା ସହିତ ବିଭିନ୍ନ ସେବାକୁ ଉତ୍ତମ ରୂପେ ଯୋଗାଇବାରେ ସକ୍ଷମ ହୋଇଥାନ୍ତି। ଭାରତ ସରକାର ଏବେ ଦୀର୍ଘମିଆଦୀ ସୂତ୍ରରେ ସମୟଭିତ୍ତିକ ନେସନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ୍(ଏନସିଏପି) ଅର୍ଥାତ୍ 'ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ' ଆରମ୍ଭ କରିଛନ୍ତି। ଜାତୀୟ ସ୍ତରରେ ଏନେଇ ରଣକୌଶଳ ପ୍ରସ୍ତୁତ ହୋଇଛି। ୨୦୨୪ ମସିହା ସୁଦ୍ଧା ପିଏମ୧୦ (ପ୍ରଦୂଷଣ ସ୍ତର ପ୍ରତି ନିୟୁତର ଏକଭାଗ) ଏବଂ ପିଏମ୨.୫ ସାନ୍ଦ୍ରତା ସ୍ତରରେ ୨୦ରୁ ୩୦ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ମୋଟାମୋଟି ଭାବେ ଏନସିଏପିର ଲକ୍ଷ୍ୟ ହେଉଛି ବାୟୁ ପ୍ରଦୂଷଣର ନିରାକରଣ, ନିୟନ୍ତ୍ରଣ ଓ ଅପସମନ(ନ୍ୟୁନତମ) କରିବା। ଦେଶବ୍ୟାପୀ ବାୟୁର ଗୁଣାତ୍ମକ ମାନକୁ ବଢ଼ାଇବା ଲାଗି ଏକ ମନିଟରିଂ ନେଟୱାର୍କ ପ୍ରସ୍ତୁତ କରିବା। ଏପରିକି ପ୍ରଦୂଷଣ ରୋକିବା ଲାଗି ସାଧାରଣରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ଦକ୍ଷତା ବୃଦ୍ଧି ଲାଗି କାର୍ଯ୍ୟକ୍ରମ ଚଳାଇବା।

ଏନଏସିପି ପ୍ରାଥମିକ ଭାବେ ଏକ ୫ ବର୍ଷିୟା ଆକ୍ସନ୍ ପ୍ଲାନ୍। ୨୦୧୯ରୁ ଏହାର ପ୍ରଥମ ବର୍ଷ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନସିଏପିର ଆଭିମୁଖ୍ୟ ହେଉଛି ସମ୍ମିଳିତ ଓ ବହୁବ୍ୟାପୀ। କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ସ୍ଥାନୀୟ ପୌର, ବିଜ୍ଞପିତ ଅଞ୍ଚଳ ଓ ପଞ୍ଚାୟତ ସ୍ତର ମଧ୍ୟରେ ଉତ୍ତମ ତଥା ବହୁକ୍ଷେତ୍ରୀୟ ସହଯୋଗ ରଖି ଏହାକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ରାଷ୍ଟ୍ରୀୟ କ୍ରିୟାନୁଷ୍ଠାନ ଯୋଜନା ଭଳି ଏକାଧିକ ପ୍ରଚଳିତ ନୀତି ଓ କାର୍ଯ୍ୟକ୍ରମକୁ ଏଥିରେ ସାମିଲ କରିବା ସହିତ ଏହାକୁ ଦୁଇଗୁଣ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏନସିଏପି କାର୍ଯ୍ୟକାରୀ କରିବା ସମୟରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ



ଅନ୍ୟାନ୍ୟ ସରକାରୀ ପଦକ୍ଷେପକୁ ମଧ ଏଥିରେ ସାମିଲ କରିବାକୁ ନିର୍ଦ୍ଦେଶ ରହିଛି।

ଜଳବାୟୁ ପରିବର୍ତ୍ତନର ସଂଜ୍ଞା ପ୍ରଦାନ କରି ୟୁନାଇଟେଡ୍ ନେସନ୍ସ ଫ୍ରେମ୍ୱାର୍କ କନ୍‌ଭେନ୍‌ସନ୍ ଅନ୍ କ୍ଲାଇମେଟ୍ ଚେଞ୍ଜ (ୟୁଏନଏଫସିସିସି) ପକ୍ଷରୁ କୁହାଯାଇଛି ଯେ, ମଣିଷର ଯେଉଁ କାର୍ଯ୍ୟକଳାପ ଯୋଗୁଁ ବୈଶ୍ୱିକ ବାୟୁମଣ୍ଡଳ ସଂଗଠିତ ଅବସ୍ଥା ପ୍ରତ୍ୟକ୍ଷ ତଥା ପରୋକ୍ଷରେ ପ୍ରଭାବିତ ହୋଇଥାଏ, ତାହାକୁ ଜଳବାୟୁ ପରିବର୍ତ୍ତନ କୁହାଯାଏ। ପ୍ରାକୃତିକ ଉପାୟରେ ଯେଉଁଭଳି ମାତ୍ରାରେ ଜଳବାୟୁ ପରିବର୍ତ୍ତନ ହୋଇଥାଏ ତାହାକୁ ମଣିଷର କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ହେଉଥିବା ଜଳବାୟୁ ପରିବର୍ତ୍ତନ ସ୍ଥିତି ସହିତ ତୁଳନା କଲେ ଏହା ଜଣାପଡେ। ଜଳବାୟୁ ପରିବର୍ତ୍ତନ ସ୍ଥିତି ପ୍ରାକୃତିକ ଉପାୟରେ କେତେ ଓ ମଣିଷ ଦ୍ୱାରା କରାଯାଉଥିବା ବିଭିନ୍ନ ପରିବେଶ ବିରୋଧୀ କାର୍ଯ୍ୟକଳାପ ଦ୍ୱାରା କେତେ ଘଟିଥାଏ ତାହାର ତୁଳନାତ୍ମକ ଚିତ୍ର ଦ୍ୱାରା ଏହା ବୁଝିହୁଏ। ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରକ ଗୁଡିକ ମଧ୍ୟରେ ବୈଶ୍ୱିକ ତାପମାତ୍ରାରେ ହାରାହାରି ବୃଦ୍ଧି, ବରଫ ତରଳିବା, ଜଳୀୟବାଷ୍ପ ଘନୀଭୂତ ହେବା ପାଇଁ ଘଟୁଥିବା ପରିବର୍ତ୍ତନ, ସମୁଦ୍ରର ତାପମାତ୍ରା ବୃଦ୍ଧି ଯୋଗୁଁ ମହାସାଗର ଗୁଡିକର ଜଳପତ୍ତନ ବଢିବା ଆଦି ଅନ୍ୟତମ। ଜଳବାୟୁ ପରିବର୍ତ୍ତନ ରୋକିବା ତଥା ନିରାକରଣ ଲାଗି ସବୁଜ ଗୃହ ବାଷ୍ପ (ଜିଏଚସି) ନିର୍ଗମନକୁ ହ୍ରାସ କରିବା ପାଇଁ ପ୍ରଥମେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦରକାର। ଏହା ସହିତ ଅନ୍ୟାନ୍ୟ ଅନୁକୂଳ କ୍ଷମତା ଭିତ୍ତିକ ବ୍ୟବସ୍ଥା ତିଆରି କରିବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନର ମୁକାବିଲା ଲାଗି ଭାରତ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ସମ୍ମତି ଲାଭ କରିଥିବା ୟୁଏନଏଫସିସିସି ଏବଂ କ୍ୟାଟୋ ପ୍ରୋଟୋକଲକୁ କାର୍ଯ୍ୟକାରୀ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଏକାଧିକ ଜଳବାୟୁ ଅନୁକୂଳ ପଦକ୍ଷେପ ଗ୍ରହଣ କରିବାକୁ ଆଇନଗତ ଓ ସଂସ୍ଥାଗତ ବ୍ୟବସ୍ଥା ଏହି ଚୁକ୍ତିରେ ରହିଛି। ଆମ ଶକ୍ତିଚାହିଦା ପୂରଣ ଦିଗରେ ଅତିକମ୍‌ରେ ନବୀକରଣଯୁକ୍ତ ଶକ୍ତି କ୍ଷେତ୍ରକୁ ଅଧିକରୁ ଅଧିକ ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ଭାରତ ୨ ଅକ୍ଟୋବର ୨୦୧୬ରେ ପ୍ୟାରିସ୍ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଏକ ଐତିହାସିକ ଚୁକ୍ତି କରିଛି। ଏଥିରେ ସମସ୍ତ ରାଷ୍ଟ୍ରଙ୍କୁ ଜଳବାୟୁ ପରିବର୍ତ୍ତନ ବିରୋଧରେ ମିଳିତ ଲଢେଇ କରିବା ସହିତ ବୈଶ୍ୱିକ ତାପମାତ୍ରାକୁ ଅତିକମ୍‌ରେ ୨ ଡିଗ୍ରୀ ସେଲ୍‌ସିୟସ୍ କମାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଘଟଣାଚକ୍ରରେ ୧୯୫ଟି ରାଷ୍ଟ୍ରଙ୍କ ଦ୍ୱାରା ୨୦୧୫ରେ ପ୍ୟାରିସ୍ ଚୁକ୍ତି ଗ୍ରହଣ କରାଯାଇଛି। ସବୁଜ ଗୃହ ବାଷ୍ପ ପ୍ରଦୂଷଣକାରୀ ପ୍ରମୁଖ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ଏଥିରୁ ବାହାରି ଯାଇଥିଲେ ମଧ ଶିଳ୍ପ କ୍ଷେତ୍ର ଦ୍ୱାରା ସୃଷ୍ଟ ବିଶ୍ୱ ତାପାୟନକୁ ୧.୫ ଡିଗ୍ରୀ କମାଇବା ଲାଗି ଏଥିରେ ନିଷ୍ପତ୍ତି ହୋଇଥିଲା। ପ୍ୟାରିସ୍ ଏହି ଆଧାରରେ ଏକ ବିଶ୍ୱ ସମ୍ମିଳନୀ (ୱାନ୍ ପ୍ଲାନେଟ୍ ସମ୍ମିଟ୍)କୁ ୧୨ ଡିସେମ୍ବର ୨୦୧୭ରେ ଆୟୋଜନ କରିବା ସହିତ ଏଥିରେ ପ୍ରମୁଖ ଭୂମିକା ତୁଲାଇଥିଲା। ଜଳବାୟୁ ପରିବର୍ତ୍ତନ ରୋକିବାକୁ ଏକ ଦୀର୍ଘସ୍ଥାୟୀ କାର୍ଯ୍ୟାନୁଷ୍ଠାନକୁ ଅଧିକ କ୍ଷିପ୍ର କରିବା ଲାଗି ନାଗରିକ ସମାଜ, ଘରୋଇ କ୍ଷେତ୍ର, ଜାତୀୟ, ଆଞ୍ଚଳିକ ଏବଂ ସ୍ଥାନୀୟ ସରକାରୀ ପ୍ରଶାସନିକ କ୍ଷେତ୍ର ସମସ୍ତେ ଏକାଠି ହେବାକୁ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଥିଲା। ଜଳବାୟୁ ପରିବର୍ତ୍ତନ ହ୍ରାସ ଲାଗି ଶିଳ୍ପ କ୍ଷେତ୍ରକୁ ବ୍ୟବସ୍ଥିତ କରିବା, ଏଥିଯୋଗୁଁ ହେବାକୁ ଥିବା ଆର୍ଥିକ କ୍ଷୟକ୍ଷତିକୁ ମଧ ସମ୍ଭାଳିବା ପାଇଁ ସମସ୍ତ ରାଷ୍ଟ୍ରର ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ର ପ୍ରସ୍ତୁତ ରହିବାକୁ ସ୍ଥିର ହୋଇଥିଲା। ସବୁଜ ଗୃହ ବାଷ୍ପ ନିର୍ଗମନ ଓ ଅଙ୍ଗାରକାମ୍ଳ ହ୍ରାସ ପ୍ରତିଶ୍ରୁତିବଦ୍ଧତାକୁ କାର୍ଯ୍ୟକାରୀ କରିବା ହିଁ ଥିଲା ମୁଖ୍ୟ ଆଭିମୁଖ୍ୟ। ସମ୍ମିଳନୀରେ ୬୦ଟି ରାଷ୍ଟ୍ରର ମୁଖ୍ୟ ଓ ବ୍ୟାବସାୟିକ ନେତୃତ୍ୱ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏପରିକି ଏଥିପାଇଁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ ସହମତି ପ୍ରକାଶ କରିଥିଲେ। ୨୦୨୦ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ର ଗୁଡିକ ବାର୍ଷିକ ୧୦୦ ବିଲିୟନ୍ ଡଲାର ଅନୁଦାନ ଯୋଗାଇବାକୁ ୟୁରୋପୀୟ ରାଷ୍ଟ୍ର ସଂଘ(ଇୟୁ) ପକ୍ଷରୁ ଘୋଷଣା କରାଯାଇଥିଲା। ଗ୍ଲୋବାଲ୍ କ୍ଲାଇମେଟ୍ ଫଣ୍ଡ (ଜିସିଏଫ) ଅର୍ଥାତ୍ ବିଶ୍ୱ ଜଳବାୟୁ ପାଣ୍ଠିକୁ ଜାପାନ ଆର୍ଥିକ ସହାୟତା ଯୋଗାଇବା ସହିତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ପ୍ରଦୂଷଣ ବୃଦ୍ଧି କରୁଥିବା ଇଲାକା ଗୁଡିକୁ ପୋଷ୍ୟ ଅଞ୍ଚଳ ରୂପେ ଗ୍ରହଣ କରିବା ଲାଗି ଯୋଜନା କରିଛି। ସ୍ୱଚ୍ଛ ଶକ୍ତି ଆଡ଼କୁ ବିଶ୍ୱ ଅର୍ଥନୀତିକୁ ମୁହାଁଇବା ଲାଗି ବିଶ୍ୱ ବ୍ୟାଙ୍କ ପକ୍ଷରୁ ସହାୟତା ପ୍ରଦାନ ଲାଗି ଏହି ସମ୍ମିଳନୀରେ ଘୋଷଣା କରାଯାଇଥିଲା। ଏପରିକି ତୈଳ ଓ ପ୍ରାକୃତିକ ବାଷ୍ପ ସନ୍ଧାନ ଓ ଉତ୍ତୋଳନ ଲାଗି ବିଶ୍ୱବ୍ୟାଙ୍କ ପ୍ରଦାନ କରୁଥିବା ଆର୍ଥିକ ସହାୟତା ୨୦୧୯ଠାରୁ ବନ୍ଦ କରିବାକୁ କହିଥିଲା। ୨୦୧୫ ପ୍ୟାରିସ୍ ରାଜିନାମାକୁ ସମର୍ଥନ ଓ ସହଯୋଗ କରିବା ଲାଗି ସବୁଜ ଘର ପ୍ରଭାବ ଜନିତ ଅତ୍ୟଧିକ ଅଙ୍ଗାରକାମ୍ଳ ନିର୍ଗମନକାରୀ ରାଷ୍ଟ୍ରଙ୍କୁ ଏଥିରୁ ନିବୃତ୍ତ କରିବା ଏହାର ଉଦ୍ଦେଶ୍ୟ। ଏପରିକି ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନକୁ ଗୁରୁତ୍ୱ ଦେବାକୁ ବିଶ୍ୱବ୍ୟାଙ୍କ ଆର୍ଥିକ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି କରାଯାଇଥିଲା। ଏଭଳି ବ୍ୟବସ୍ଥା ସତ୍ତ୍ୱେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁନାଇଟେଡ୍ ନେସନ୍ ଏନ୍‌ଭିରନ୍‌ମେଣ୍ଟ ପ୍ରୋଗ୍ରାମ- ୟୁଏନଇପି)ର ବାର୍ଷିକ ଅଡିଟ୍ ରିପୋର୍ଟ ଦର୍ଶାଇଛି ଯେ, ପ୍ୟାରିସ୍ ଚୁକ୍ତି ଲାଗି ଯେଉଁସବୁ ରାଷ୍ଟ୍ର ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି, ତାହାର ପରିମାଣ ଜଳବାୟୁ ପରିବର୍ତ୍ତନର ଭୟାବହତା ରୋକିବା ଲାଗି ଆବଶ୍ୟକ ପଡୁଥିବା ପ୍ରଦୂଷଣର ମାତ୍ର ଏକ-ତୃତୀୟାଂଶ। ଯଦି ସମସ୍ତ ରାଷ୍ଟ୍ର ବିନା ସର୍ତ୍ତରେ 'ରାଷ୍ଟ୍ର ନିର୍ଦ୍ଧାରିତ ଯୋଗଦାନ'(ଏନଡିସି) ଦିଅନ୍ତି, ତାହା ସତ୍ତ୍ୱେ ବି ୨୧୦୦ ମସିହା ସୁଦ୍ଧା ବିଶ୍ୱର ତାପମାତ୍ରା ଆଉ ୩ ଡିଗ୍ରୀ ସେଲ୍‌ସିୟସ୍ ବଢିଯିବା ଆଶଙ୍କା ରହିଛି। ଏହାର ଅର୍ଥ ଯେଉଁ ନିଷ୍ପତ୍ତି ନିଆଯାଇଛି ସରକାରମାନେ ତାହାକୁ ତ୍ୱରାନ୍ୱିତ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ପଡିବ। ଏପରିକି ୨୦୨୦ ମସିହାରେ ପ୍ୟାରିସ୍ ଚୁକ୍ତି ସଂଶୋଧିତ କରାଯିବା

ସମୟରେ ଏହାକୁ ସବୁ ରାଷ୍ଟ୍ର ଅଧିକ ଗୁରୁତ୍ୱ ଦେବାକୁ ପଡିବ। ଭାରତ ସରକାରଙ୍କ ପକ୍ଷରୁ ନୂତନ ଜଳବାୟୁ ଯୋଜନା ଘୋଷଣା କରାଯାଇଛି। ଏହାକୁ ଇଣ୍ଟେଡେଡ୍ ନେସନାଲି ଡିଟରମାଇଣ୍ଡ କର୍ଣ୍ଟ୍ରିବ୍ୟୁସନ୍ (ଆଇଏନଡିସି) ୨୦୧୫ ବୋଲି କୁହାଯାଉଛି। ଭାରତର ଆଇଏନଡିସି ଲକ୍ଷ୍ୟ ହେଉଛି ୨୦୨୨ ମସିହା ସୁଦ୍ଧା ୧୭୫ ଗିଗାୱାଟ୍ କ୍ଷମତା ବିଶିଷ୍ଟ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ବ୍ୟବସ୍ଥା ବିକଶିତ କରିବା। ସେଥିରୁ ୧୦୦ ଗିଗାୱାଟ୍ ସୌର ଉତ୍ସରୁ ଏବଂ ୬୦ ଗିଗାୱାଟ୍ ପବନ କଳରୁ ଉତ୍ପାଦନ ଲକ୍ଷ୍ୟ ରହିଛି। ଏଥିରୁ ୩୦ରୁ ୪୦ ପ୍ରତିଶତ ଅଣଜୀବାଶ୍ମ (ନବୀକରଣଯୋଗ୍ୟ) ଶକ୍ତି ୨୦୩୦ ସୁଦ୍ଧା ଉତ୍ପାଦନ କରାଯିବ। ଏପରିକି ୨୦୩୦ ମସିହା ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ସାନ୍ଦ୍ରତା ପ୍ରତି ୟୁନିଟ୍ ଜିଡିପିର ୩୩ରୁ ୩୫ ପ୍ରତିଶତ ହ୍ରାସ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ରହିଛି। ୨.୫ରୁ ୩ ଶହ କୋଟି ଟନ୍ ଅତିରିକ୍ତ ଅଙ୍ଗାରକାମ୍ଳ ବାଷ୍ପ ($CO_2$)କୁ ଅତିରିକ୍ତ ବୃକ୍ଷ ଆଚ୍ଛାଦନ ଜରିଆରେ ହ୍ରାସ କରାଯିବ। ଗତ ଅକ୍ଟୋବର-ନଭେମ୍ବରରେ ନ୍ୟୁୟର୍କଠାରେ ଅନୁଷ୍ଠିତ ଜଳବାୟୁ କ୍ରିୟାନୁଷ୍ଠାନ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ, ଭାରତ ୨୦୨୨ ମସିହା ସୁଦ୍ଧା ୧୭୫ ଗିଗାୱାଟ୍ ଅଣଜୀବାଶ୍ମ ଇନ୍ଧନ ଉତ୍ପାଦନ କରିବା ସହିତ ପରବର୍ତ୍ତୀ ସମୟରେ ଏହାକୁ ୪୫୦ ଗିଗାୱାଟ୍‌କୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ପ୍ୟାରିସ୍ ରାଜିନାମା ଅଧୀନରେ ଭାରତର ଜଳବାୟୁ ଆକ୍ସନ୍ ପ୍ଲାନ୍‌ରେ ଯେଉଁ ପ୍ରସ୍ତାବ ରହିଛି ସେଥିରେ ୫୧ଟି କମ୍ପାନୀର ୮୦ ପ୍ରତିଶତ କାର୍ବନ୍ ଡିସ୍କ୍ଲୋଜର ପ୍ରୋଜେକ୍ଟ(ସିଡିପି) ସଂପର୍କରେ ସୂଚନା ପ୍ରଦାନ କରିବେ। ଭାରତର ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମରେ ଗୋଟିଏ କିମ୍ବା ଏକାଧିକ ପ୍ରକାରର ନିର୍ଗମନ ହ୍ରାସ ଉପରେ ଲକ୍ଷ୍ୟ ରଖାଯାଇଛି। ୨୦୧୭ରୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଉଲ୍ଲେଖଯୋଗ୍ୟ, ୪୦ ପ୍ରତିଶତ କମ୍ପାନୀ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ଲାଗି ପ୍ରତିଶ୍ରୁତିବଦ୍ଧ ଥିବାବେଳେ ସେଥିରୁ ୩ଟି ଶତ ପ୍ରତିଶତ ନବୀକରଣଯୋଗ୍ୟ ଶକ୍ତି ନିର୍ଦ୍ଧାରିତ ସମୟରେ ଉତ୍ପାଦନ କରିବେ ବୋଲି ଘୋଷଣା କରିଛନ୍ତି। ଭାରତୀୟ କମ୍ପାନୀଗୁଡିକ ଇଣ୍ଟରନାଲ କାର୍ବନ୍ ପ୍ରାଇସିଂ(ଆଇସିପି)କୁ ଜଳବାୟୁ ସଂକ୍ରାନ୍ତ ବିପଦ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଗ୍ରହଣ କରିଛନ୍ତି। କେଉଁ କମ୍ପାନୀ କମ୍ ଅଙ୍ଗାରକାମ୍ଳ ନିର୍ଗମନ ଲାଗି ଜ୍ଞାନକୌଶଳ ଉପଯୋଗ କରୁଛନ୍ତି ତାହାକୁ ତଦାରଖ କରି ସେଥିପାଇଁ ଆଇସିପି ପ୍ରୋତ୍ସାହନ ଦେଉଛି। ଭାରତର ବାର୍ଷିକ ୨ ପ୍ରତିଶତ ଅଙ୍ଗାରକାମ୍ଳ ବାଷ୍ପ(କାର୍ବନ୍ ଡାଇଅକ୍ସାଇଡ୍) ନିର୍ଗମନର ମାତ୍ର ୨ ପ୍ରତିଶତ ୪୬୮ ୟୁନିଟ୍ ହ୍ରାସ କରୁଛନ୍ତି। ସିଡିପି ଇଣ୍ଡିଆ ବାର୍ଷିକ ରିପୋର୍ଟ (୨୦୧୮)ରେ ୧୩ଟି କମ୍ପାନୀ ଆଇସିପିକୁ ଉପଯୋଗ କରୁଥିବା ଦର୍ଶାଯାଇଛି। ୨୪ଟି କମ୍ପାନୀ ଏହାକୁ ଆସନ୍ତା ୨ ବର୍ଷ ଭିତରେ କାର୍ଯ୍ୟକାରୀ କରିବା ଆଶା ରହିଛି। ୨୦୧୭ରେ ଯଥାକ୍ରମେ ୧୧ ଓ ୨୦ଟି କମ୍ପାନୀ ଆଇସିପିର ଉପଯୋଗ କରୁଛନ୍ତି। ୨୦୧୯ ମସିହାରେ ଏକ ବୃହତ୍ ସିମେଣ୍ଟ ଉତ୍ପାଦନକାରୀ ସଂସ୍ଥା ସମେତ ଭାରତର ୩୭ଟି କମ୍ପାନୀ ଆଇସିପି ଲାଗୁ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ସର୍ବୋପରି ବ୍ୟାପକ ପରିମାଣରେ ଏବଂ ଏକ ପ୍ରଭାବୀ ପ୍ରଦୂଷଣ ନିୟାମକ ବ୍ୟବସ୍ଥା ଦ୍ୱାରା ସବୁଜ ଗୃହ ପ୍ରଭାବଜନିତ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ଅନେକ ପରିମାଣରେ ହ୍ରାସ କରାଯାଇପାରିବ। କାର୍ଯ୍ୟାନ୍ୱୟନ ସ୍ତରରେ ଶିଳ୍ପ ସଂସ୍ଥା ଗୁଡିକ ଏକ ଉତ୍ତରଦାୟୀ ଓ ଦକ୍ଷ କମିଟି ଦ୍ୱାରା ଅତି ନିକଟରୁ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଏକ ଉତ୍ତମ ନିୟାମକ ପରିବେଶ ସୃଷ୍ଟି କରାଯାଇପାରିବ। ବିକାଶ ସହିତ ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଏହି ବ୍ୟବସ୍ଥାର ଆବଶ୍ୟକତା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପରିବେଶ ସୁରକ୍ଷା ଲାଗି ରହିଥିବା ସଂସ୍ଥା ଓ ପ୍ରତିଷ୍ଠାନ ଗୁଡ଼ିକ ନିଜର ଦକ୍ଷତା ଓ କ୍ଷମତାକୁ ଅଧିକ ମଜବୁତ ତଥା ସଶକ୍ତ କରିବା ଦରକାର। କେନ୍ଦ୍ରୀୟ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁଡ଼ିକରେ ଅଳ୍ପ ସଂଖ୍ୟାକ କର୍ମଚାରୀ ସହିତ ଦୁର୍ବଳ ଭିତ୍ତିଭୂମି ରହିଛି। ଯୁକ୍ତରାଷ୍ଟ୍ର ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସିରେ ୧୪,୦୦୦ କର୍ମଚାରୀ ଥିବାବେଳେ ସେହି ତୁଳନାରେ ଭାରତର କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାତ୍ର କେଇ ଶହ କର୍ମଚାରୀଙ୍କୁ ନେଇଚାଲିଛି। ଏପରିକି ପରିବେଶ ବିଜ୍ଞାନୀଙ୍କ ସଂଖ୍ୟା ମଧ୍ୟ ନଗଣ୍ୟ ରହିଛି। ସେହିଭଳି ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁଡିକର ମଧ୍ୟ ଦୁର୍ବଳ ଭିତ୍ତିଭୂମି ଓ ଏନ୍‌ଫୋର୍ସମେଣ୍ଟ ଷ୍ଟାର୍ଡରେ କାର୍ଯ୍ୟ କରୁଛି। ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟିରେ ୩୦ରୁ କମ୍ ବୈଜ୍ଞାନିକ ଓ ଇଞ୍ଜିନିୟର ରହି ଦିଲ୍ଲୀ ରାଜଧାନୀ ଅଞ୍ଚଳ (ଏନସିଆର)ର ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଲାଗି କାମ କରୁଥିବାବେଳେ ମେକ୍ସିକୋ ସହରରେ ଏହି ସଂଖ୍ୟା ୨୦୦ରୁ ଅଧିକ। ତେଣୁ ଏହି ସବୁ ସଂସ୍ଥାର ଭିତ୍ତିଭୂମି ଦୃଢ଼ କରିବା ସହ ମାନବ ସମ୍ବଳକୁ ମଧ୍ୟ ବଢାଇବାକୁ ପଡିବ। ଅଧିକରୁ ଅଧିକ ଦକ୍ଷ, ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦେବାକୁ ହେବ। କିଭଳି ନୂତନ ଭିତ୍ତିଭୂମି ସଂରଚନା, ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ପ୍ରଦୂଷଣକୁ ରୋକାଯାଇପାରିବ ସେଥିପାଇଁ ଅନୁସନ୍ଧାନ ଓ ବିକାଶକୁ ମଧ୍ୟ ଗୁରୁତ୍ୱ ଦେବାର ଜରୁରୀ ଆବଶ୍ୟକତା ରହିଛି।

ଲେଖକ ଯୋଜନା ଆୟୋଗରେ ଦୀର୍ଘ ୨୫ ବର୍ଷ ଧରି ସମ୍ପୃକ୍ତ।

**Email ID: sclahiry@gmail.com**

# କୃଷିକ୍ଷେତ୍ରରେ ନାଗରିକ ସମାଜର ଉନ୍ନତ ପଦକ୍ଷେପ

ଚନ୍ଦ୍ରଶେଖର ରାଓ ନୁଥାଲାପତି

ଦେଶର ଚାଷୀମାନଙ୍କ ଆୟକୁ ବଢାଇବା, ଖାଦ୍ୟ ସୁରକ୍ଷା ଓ ପୁଷ୍ଟିସାଧନ ନିରାପତ୍ତା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରିବା ଭଳି ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଭାରତର ପ୍ରଖ୍ୟାତ କୃଷିବିତ୍ ଓ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ କୃଷକମାନଙ୍କ ଆଭିମୁଖ୍ୟ ଓ ପରାମର୍ଶ ସଂପର୍କରେ ସଂପୃକ୍ତ ନିବନ୍ଧରେ ଆଲୋଚନା କରାଯାଇଛି।

ଦେଶର କୃଷି କ୍ଷେତ୍ରରେ ଏବେ ଅନେକ ଦୀର୍ଘସ୍ଥାୟୀ ଓ ଦୂରଦୃଷ୍ଟି ସଂପନ୍ନ ପଦକ୍ଷେପ ନିଆଯିବା ଆରମ୍ଭ ହୋଇଛି। ଚାଷୀମାନେ କୃଷି ଉତ୍ପାଦନ ଲାଗି ନୂତନ ଜ୍ଞାନକୌଶଳ ଓ ଆଧୁନିକ କୃଷି ଯନ୍ତ୍ରପାତିର ପ୍ରୟୋଗ କରୁଛନ୍ତି। ଉତ୍ପାଦନ ବୃଦ୍ଧି ସହିତ ଜୀବିକାର୍ଜ୍ଜନକୁ ପରିପୁଷ୍ଟ କରିବା ଲାଗି ଆୟକୁ ମଧ୍ୟ ବଢାଇବା ଲାଗି କୃଷକ ଅଧିକ ଯତ୍ନଶୀଳ ରହିଛନ୍ତି। କୃଷିର ସଂପ୍ରସାରଣ ଓ ଉତ୍ପାଦନର ମାନବୃଦ୍ଧି ଲାଗି ସରକାର ଏବେ ଘରୋଇ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ଘରୋଇ ସଂସ୍ଥାଗୁଡିକ ଉନ୍ନତ କୃଷିକ୍ଷେତ୍ର ଲାଗି କୃଷକମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦେଉଛନ୍ତି। ଶ୍ରେଷ୍ଠ ଓ ସଫଳ କୃଷିକାର୍ଯ୍ୟର ନମୁନାକୁ ସର୍ବଧାରଣରେ ପ୍ରଦର୍ଶିତ କରାଉଛନ୍ତି, ଯାହାଫଳରେ ସମସ୍ତ କୃଷକ ଏହି ବ୍ୟବସ୍ଥା ଓ ଜ୍ଞାନକୌଶଳକୁ ନିଜ ନିଜ କୃଷିକ୍ଷେତ୍ରରେ ପ୍ରୟୋଗ କରିପାରିବେ। ଏଥିପାଇଁ ବ୍ୟାପକ ସଚେତନତା ଚାଷୀମାନଙ୍କ ଭିତରେ ସୃଷ୍ଟି କରାଯାଉଛି। ସେମାନଙ୍କ ଦକ୍ଷତା ବିକାଶ ଲାଗି କାର୍ଯ୍ୟାରମ୍ଭ ହୋଇଛି। କୃଷି ଅଭିବୃଦ୍ଧି ଲାଗି ପରିବର୍ତ୍ତିତ ଚାଷଜମିର ରୂପରେଖକୁ ଦୃଷ୍ଟିରେ ରଖି ସରକାର ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ୨୦୧୯ ମସିହାରେ ଏଥିପାଇଁ କୃଷି କ୍ଷେତ୍ରରେ ନିଜ ନିଜର ବ୍ୟକ୍ତିଗତ ଉଦ୍ୟମ ଓ ସାଧନକୁ ବିନିଯୋଗ କରି ଅନ୍ୟମାନଙ୍କ ଲାଗି ପ୍ରେରଣାଦାୟୀ ପାଲଟିଥିବା ଏଭଳି ୧୨ ଜଣ ବ୍ୟକ୍ତିବିଶେଷଙ୍କୁ କେନ୍ଦ୍ର ସରକାର ପଦ୍ମ ସମ୍ମାନରେ ସମ୍ମାନିତ କରିଛନ୍ତି। ପ୍ରତିଟି ପଦ୍ମ ପୁରସ୍କାର ସମ୍ମାନିତ କୃଷକ ନିଜ ନିଜ ପ୍ରୟୋଗକୁ ସ୍ଥାନୀୟ ଅଞ୍ଚଳ ଓ ବିଶେଷକରି ଦେଶବ୍ୟାପୀ ଅନ୍ୟ କୃଷକଙ୍କ ଲାଗି ମଧ୍ୟ ପ୍ରେରଣା ପାଲଟିବେ।

### କୃଷି କ୍ଷେତ୍ରରେ ନବସୃଜନ

ସମସ୍ତ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ଗୁଡିକରେ ନବସୃଜନ ଦ୍ୱାରା ସଫଳତା ମିଳିଛି। ବିଶେଷକରି କାରଖାନାର କର୍ମଚାରୀ ଓ ଶ୍ରମିକମାନେ ଟେକ୍ନୋଲୋଜିର ପ୍ରୟୋଗ ସହିତ ଏହାର ବିକାଶ ଘଟାଇ କାରଖାନାର ଉତ୍ପାଦନ ବଢାଇ ପାରିଛନ୍ତି। କୃଷିର ବିକାଶ ଲାଗି ମଧ୍ୟ ଅନୁରୂପ ପ୍ରୟୋଗ ସମ୍ଭବ ହୋଇଛି। କୃଷି ଓ କୃଷକଙ୍କ ଦ୍ୱାରା ନବସୃଜନ, ନୂତନ ଜ୍ଞାନକୌଶଳ ଉଦ୍ଭାବନ ଏବଂ ଏହାର ପ୍ରୟୋଗ ଯୋଗୁଁ କୃଷିକ୍ଷେତ୍ରର ବ୍ୟାପକ ଅଭିବୃଦ୍ଧି ହୋଇପାରୁଛି। ସେହିଭଳି ନିଜ ନବସୃଜନ ଦ୍ୱାରା ଜଣେ ପଦ୍ମ ପୁରସ୍କାରପ୍ରାପ୍ତ ଚାଷୀ ଗାଜର ଚାଷରେ ଏକ ନିଆରା ପରିବର୍ତ୍ତନ ଆଣିପାରିଛନ୍ତି। ଗୁଜରାଟର ଜୁନାଗଡ଼ ଜିଲାର ଚାଷୀ ବଲ୍ଲଭଭାଇ ବାସରାମଭାଇ ମାର୍ବଣୀୟ ୧୯୪୦ ଦଶକରୁ ଏକ ସ୍ୱତନ୍ତ୍ର ପ୍ରଜାତିର ଗାଜର ଚାଷ କରିଆସୁଛନ୍ତି। ଉନ୍ନତ କିସମର ଗାଜର ମଞ୍ଜି ପ୍ରସ୍ତୁତି, ସରଂକ୍ଷଣ ଓ ଚାଷ କରି ଅଧିକରୁ ଅଧିକ ଗାଜର ତାଙ୍କ ଚାଷଜମିରେ ଫଳାଇ ଆସୁଛନ୍ତି। ଏହି ବିହନ କେବଳ ଉତ୍ପାଦକତା ବଢାଇନି; ବରଂ





ପାଣିପାଗ ନିରୋଧୀ ମଧ୍ୟ ରହିଛି। ଆକାର, ପ୍ରକାର ଓ ଖାଦ୍ୟ ଗୁଣବତ୍ତା ଦୃଷ୍ଟିରୁ ଏହି ଗାଜର ଯେତିକି ଉନ୍ନତ; ଏହାର ସଂରକ୍ଷଣ ଓ ପ୍ରକ୍ରିୟାକରଣ ମଧ୍ୟ ଅନୁରୂପ ସହଜ। ରାଜସ୍ଥାନ କୃଷି ଅନୁସନ୍ଧାନ ସଂସ୍ଥା ଏହି ପ୍ରଜାତିର ଗାଜରକୁ ପରୀକ୍ଷା କରିବା ପରେ ଏହାକୁ ବହୁଳ ପରିମାଣରେ ଚାଷ କରିବାକୁ ପରାମର୍ଶ ଦେଇଛି। ଏହି ଗାଜର ଗୁଜୁରାଟ, ମହାରାଷ୍ଟ୍ର ଓ ରାଜସ୍ଥାନରେ ଅତ୍ୟନ୍ତ ଲୋକପ୍ରିୟ।

ଫୁଲକୋବି ଚାଷ ଉପରେ ଦୀର୍ଘ ୧୯୭୦ ଦଶକରୁ ପରୀକ୍ଷା ନୀରିକ୍ଷା କରି ନିଜ ଜମିରେ ଉତ୍ତମ ଅମଳ କରୁଥିବା ରାଜସ୍ଥାନର ଚାଷୀ ଜଗଦୀଶ ପ୍ରସାଦ ପାରିଖ ଏବେ ପ୍ରସ୍ତୁତ କରିଛନ୍ତି 'ଅଜିତା ନଗର ସିଲେକ୍ସନ' ଭେରାଇଟିର ଫୁଲକୋବି। ଏହାର ଆକାର ଯେଭଳି ବଡ଼, ଗୁଣାତ୍ମକମାନ ମଧ୍ୟ ଉନ୍ନତ। କମ୍ ରାସାୟନିକ ସାର ଏଥିରେ ପ୍ରୟୋଗ କରାଯାଇଥାଏ। ଏହା ପ୍ରବଳ ଗ୍ରୀଷ୍ମପ୍ରବାହକୁ ସହ୍ୟ କରିପାରିବା କ୍ଷମତା ରଖିଥିବାରୁ ଏଥିପାଇଁ କୀଟନାଶକ ଔଷଧର ଆବଶ୍ୟକତା ପଡି ନଥାଏ।

ନବସୃଜନର ସଂଜ୍ଞା ହେଉଛି କୌଣସି କୌଶଳକୁ ବର୍ଷବର୍ଷ ଧରି ଚାଲୁ ନ ରଖି ଏଥିରେ ସମୟ, ପରିସ୍ଥିତି ଓ ପରିବେଶ ଅନୁଯାୟୀ ପରିବର୍ତ୍ତନ କରିବା। ନୂଆ ନୂଆ ଉତ୍ପାଦ, ସେବାକୁ ଆପଣେଇବା ସହିତ ଏହାକୁ ନିଜ ନିଜ କ୍ଷେତ୍ରରେ ପ୍ରୟୋଗ କରିବା। ମାର୍କଣୀୟ ହୁଅନ୍ତୁ କି ପାରିଖ, ଏଭଳି ଅନେକ ପଦ୍ମ ପୁରସ୍କାରଧାରୀ ଚାଷୀ ରହିଛନ୍ତି ଯେଉଁମାନେ ସ୍ୱକୀୟ ନବସୃଜନରେ ଅନ୍ୟମାନଙ୍କ ଲାଗି ପାଲଟିଛନ୍ତି ପ୍ରେରଣାର ଉତ୍ସ। ଉତ୍ତରପ୍ରଦେଶର ବାରାବାଙ୍କୀ ଜିଲାର ରାମସରଣ ବର୍ମା ହେଉଛନ୍ତି ଏଭଳି ଜଣେ କଦଳୀ ଚାଷୀ ଯିଏକି ଟିସ୍ୟୁ କଲଚର୍ ଜରିଆରେ ବିଭିନ୍ନ ପ୍ରଜାତିର କଦଳୀ ଚାରା ପ୍ରସ୍ତୁତ କରିବାରେ ସଫଳତା ହାସଲ କରିଛନ୍ତି। ୧୯୮୮ ମସିହାରୁ କଦଳୀର ଭିନ୍ନ ଭିନ୍ନ ଚାରାକୁ ନେଇ ନିଜ ଜମିରେ ପ୍ରୟୋଗ କରିଆସୁଥିବା ଶ୍ରୀ ବର୍ମା ଶେଷରେ ଉନ୍ନତ, ଅଧିକ ଉତ୍ପାଦନକ୍ଷମ ଓ ପରିବେଶ ଉପଯୋଗୀ ଟିସ୍ୟୁ କଲଚର୍ କଦଳୀ ଚାରା ପ୍ରସ୍ତୁତ କରିଛନ୍ତି। ଏହି ଚାରା ହଜାର ହଜାର ଚାଷୀ ନିଜ ନିଜ ଅଞ୍ଚଳରେ ଲଗାଇ ଅଧିକ ଅମଳକ୍ଷମ କଦଳୀ ଉତ୍ପାଦନ କରି ନିଜ ଜୀବନଧାରଣର ମାନ ଉନ୍ନତ କରିବା ସହିତ ଆୟକୁ ବଢାଇପାରିଛନ୍ତି। ସେହିଭଳି ହରିୟାଣାର କର୍ଣ୍ଣାଲ ଅଞ୍ଚଳର ଚାଷୀ ସୁଲତାନ୍ ସିଂହ ମାଛ ଚାଷ କ୍ଷେତ୍ରରେ ଆଣିଛନ୍ତି ଏକ ଅଭିନବ ବିପ୍ଳବ। ସେ ରି-ସର୍କ୍ୟୁଲେଟିଙ୍ଗ୍ ଆକ୍ୟୁଆକଲଚର୍ ସିଷ୍ଟମ୍(ଆରଏଏସ) ବ୍ୟବସ୍ଥାକୁ ବିକଶିତ କରି କମ୍ ପାଣିରେ ଏବଂ ପ୍ରତିକୂଳ ପାଣିପାଗରେ ମାଛ ଚାଷ କରିବାର ଜ୍ଞାନକୌଶଳ ପ୍ରସ୍ତୁତ କରିଛନ୍ତି। ଅନୁରୂପ ଭାବେ ହରିୟାଣାର ପାନିପତ୍‌ର ନରେନ୍ଦ୍ର ସିଂହ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ପାଲଟିଛନ୍ତି ନବସୃଜନର ଜଣେ ସଫଳ ମାର୍ଗଦର୍ଶକ।

**ରାସାୟନିକ ସାର ଓ ଔଷଧ ବ୍ୟବହାର ହ୍ରାସ କରିବା**

କୃଷି କ୍ଷେତ୍ରରେ ରାସାୟନିକ ସାର, କୀଟନାଶକ ଆଦି ବ୍ୟବହାରକୁ ହ୍ରାସ କରିବା ସହ ଜୈବିକ ପଦ୍ଧତିରେ ଚାଷ ଆପଣାଇବା ଲାଗି ଏବେ ଉଦ୍ୟମ ଅବ୍ୟାହତ ରହିଛି। ଅନେକ ପଦ୍ମ ସମ୍ମାନିତ କୃଷକ ଜୈବିକ କୃଷି ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଏଥର ପଦ୍ମ ପୁରସ୍କାରରେ ସମ୍ମାନିତ ହୋଇଥିବା ତେଲେଙ୍ଗାନାର ହାଇଦ୍ରାବାଦ କୃଷି ୟାଡଲାପାଲ୍ଲୀ ଭେଙ୍କଟେଶ୍ୱରା ରାଓ; ଉତ୍ତରପ୍ରଦେଶ ବୁଲନ୍ଦସହରର ଭାରତ ଭୂଷଣ ତ୍ୟାଗୀ, ରାଜସ୍ଥାନ ଝଲଓ୍ୱାରର ହୁକୁମଚାନ୍ଦ ପାଟିଦାର, ଓଡ଼ିଶା କୋରାପୁଟର କମଳା ପୂଜାରୀ, ବିହାର ମୁଜାଫରପୁରର କିଶାନ ଚାଚି ରାଜକୁମାରୀ ଦେବୀ ପ୍ରମୁଖ ନିଜ ନିଜ କ୍ଷେତ୍ରରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିଚାଲିଛନ୍ତି। ସେମାନେ କୃଷିକ୍ଷେତ୍ରରେ ରସାୟନର ପ୍ରୟୋଗକୁ ହ୍ରାସ କରିଛନ୍ତି। ସେମାନେ ଆପଣେଇଥିବା ଶ୍ରେଷ୍ଠ କୃଷି ପଦ୍ଧତି ଓ କିଭଳି ପୁରୁଣା ତଥା ଦେଶୀ ଅମଳକ୍ଷମ ପିଣ୍ଡବିହନକୁ ସଂରକ୍ଷିତ କରିରଖିହେବ ସେ ସଂପର୍କରେ କାର୍ଯ୍ୟକ୍ରମ ଆୟୋଜନ କରି ଚାଷୀମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ଉଦାହରଣ ସ୍ୱରୂପ, ମଧ୍ୟପ୍ରଦେଶରେ ଧାନଚାଷ ଓ ପିଣ୍ଡବିହନ ସଂରକ୍ଷଣ ଲାଗି ପଦ୍ମଶ୍ରୀ ବାବୁଲାଲ ଦହିଆ ଏବଂ ଓଡ଼ିଶାର କମଳା ପୂଜାରୀଙ୍କୁ ଧାନ, ହଳଦୀ ଓ ରାଶି ଜୈବିକ ପଦ୍ଧତି ଚାଷ ସହ ଏସବୁ ପୁରାତନ ପିଣ୍ଡବିହନର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ପଦ୍ମଶ୍ରୀ ପ୍ରଦାନ କରାଯାଇଛି। ସେହିଭଳି ଗୋଟିଏ ଜମିରେ ଏକାକାଳୀନ ଆନ୍ତଃଫସଲ ଲାଗି ଉତ୍ତରପ୍ରଦେଶର ଭାରତଭୂଷଣ ଓ ଗୁଜରାଟର ଭି.ଭି ମାର୍କଣୀୟା ସ୍ଥାନୀୟ ଚାଷୀଙ୍କୁ ପ୍ରୋତ୍ସାହିତ କରୁଥିବାବେଳେ ପର୍ଯ୍ୟାୟକ୍ରମିକ ଫସଲ ଉତ୍ପାଦନ କରିବା ସହ ଅନ୍ୟ ଚାଷୀଙ୍କୁ ଏଥିପାଇଁ ସହଜ ଜ୍ଞାନକୌଶଳ ଯୋଗାଇବା କ୍ଷେତ୍ରରେ ଉତ୍ତରପ୍ରଦେଶ ପଦ୍ମଶ୍ରୀ କୃଷକ ଆର.ଏସ ବର୍ମାଙ୍କ ଯୋଗଦାନ କୃଷିକ୍ଷେତ୍ର

ପ୍ରତି ଅତ୍ୟନ୍ତ ପ୍ରଶଂସନୀୟ। ଅନ୍ୟପକ୍ଷରେ କନୱାଲ ସିଂହ ଏକ ଉତ୍ପାଦକ ଗୋଷ୍ଠୀ ଗଠନ କରି ହରିୟାଣାରେ ବେବିକର୍ନ(ମକା) ଚାଷକୁ ଆଗକୁ ବଢାଉଥିବା ବେଳେ କିଛି ମହିଳା ଗୋଷ୍ଠୀଙ୍କୁ ନେଇ ରାଜକୁମାରୀ ଉନ୍ନତ କୃଷି ପ୍ରଣାଳୀ ସଂପର୍କରେ ସୃଷ୍ଟି କରିଛନ୍ତି ଅଭୂତପୂର୍ବ ସଚେତନତା। ଶହ ଶହ ଚାଷୀ ଏହି କୃଷି ପ୍ରଣାଳୀକୁ ଗ୍ରହଣ କରି ଅଧିକ କୃଷି ଉତ୍ପାଦ ଅମଳ କରିପାରୁଛନ୍ତି। ସେହିଭଳି ଉତ୍ତରପ୍ରଦେଶର ଚାଷୀ ଆର.ଏସ ବର୍ମା ଜଣେ ଚାଷୀ ନେତା ରୂପେ ହଜାର ହଜାର ଚାଷୀଙ୍କୁ ନୂତନ କୃଷି ପଦ୍ଧତି ସଂପର୍କରେ ତାଲିମ ପ୍ରଦାନ କରୁଛନ୍ତି। କିଭଳି ଜମିରେ ବିବିଧ ଫସଲ ଉତ୍ପାଦନ କରିବା ସହ ଆଧୁନିକ ଜ୍ଞାନକୌଶଳକୁ ଉପଯୋଗ କରି ଉତ୍ପାଦନ ବଢାଯାଇପାରିବ ସେ ସଂପର୍କରେ ଏହି ପଦ୍ମ ପୁରସ୍କାର ଚାଷୀଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ ରହିଛି।

**କୃଷିର ବିବିଧିକରଣ:**

ଏଇ ପଦ୍ମ ପୁରସ୍କାରଧାରୀ କୃଷକମାନଙ୍କ ମଧ୍ୟରୁ ଅନେକ ପୁରୁଣା ଚାଷ ଓ କୃଷି ପଦ୍ଧତିକୁ ଛାଡ଼ି ଜୀବିକାର୍ଜ୍ଜନର ନୂଆଧାରାକୁ ବିକଶିତ କରିଛନ୍ତି। ସେମାନେ ଏହି ବିବିଧିକରଣ ଚାଷ ପଦ୍ଧତିକୁ ଗ୍ରହଣ କରି କେବଳ କୃଷି ଉତ୍ପାଦନ ବଢାଇନାହାନ୍ତି; ବରଂ ଗ୍ରାମୀଣ ଅଞ୍ଚଳରେ ଯୁବକ-ଯୁବତୀଙ୍କ ଲାଗି ନୂତନ କର୍ମନିଯୁକ୍ତି ସୃଷ୍ଟି କରିପାରିଛନ୍ତି। ରାଜକୁମାରୀ ଏକକ ଫସଲ ତମାଖୁ ଚାଷ ପରିବର୍ତ୍ତେ ବହୁପ୍ରକାର ଖାଦ୍ୟାନ୍ନ ଉତ୍ପାଦନ କରୁଛନ୍ତି। ପାହାଡ଼ିଆ ଜମି ଓ ଏହାର ମାଟି, ତା'ର ଗୁଣବତ୍ତା, ଜଳବାୟୁରେ କେଉଁ ଫସଲ ଅଧିକ ଅମଳ କରାଯାଇପାରିବ ଏବଂ ସ୍ଥାନୀୟ ଅଞ୍ଚଳରେ ତାହାର ବିକ୍ରିୟ ଲାଗି ବିପଣନ ବଜାର ବ୍ୟବସ୍ଥାକୁ ଧ୍ୟାନରେ ରଖି ବିବିଧ ପ୍ରକାର କୃଷିକାର୍ଯ୍ୟ କରୁଛନ୍ତି। ଅନୁରୂପ ଭାବେ ସୋନେପତ୍‌ର କନୱାଲ ସିଂହ ୧୯୯୭ ମସିହାରୁ ବେବିକର୍ନ (ମକା) ଚାଷ ଉପରେ ନିରନ୍ତର ଗବେଷଣା କରୁଛନ୍ତି। ନିଜ ଜମିରେ ଗହମ ଓ ଧାନ ଚାଷ ବଦଳରେ ଅର୍ଥକାରୀ ଫସଲ ବେବିକର୍ନ ଉତ୍ପାଦନ କରୁଛନ୍ତି। ଏହା ତାଙ୍କୁ ବେଶ୍ ଭଲ ରୋଜଗାର ଦେଉଛି। ତାଙ୍କଠାରୁ ପ୍ରେରଣା ପାଇ ପ୍ରାୟ ୫୦୦୦ (ପାଞ୍ଚ ହଜାର) ଚାଷୀ ପ୍ରଥମେ ବେବିକର୍ନ ଏବଂ ଏବେ ବେବିକର୍ନ ସହିତ ଛତୁଚାଷ କରୁଛନ୍ତି। ସବୁ ଚାଷୀ ଏକାଠି ହୋଇ ଏକ ସମବାୟ ସମିତି ଗଠନ କରି ନିଜସ୍ୱ ଉଦ୍ୟମରେ ଏଠାରେ ଏକ ବେବିକର୍ନ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛନ୍ତି। ଏହି ପ୍ଲାଣ୍ଟ ପ୍ରତିଷ୍ଠାରେ ଦେଢ କୋଟି(୧.୫ କୋଟି) ଟଙ୍କା ବିନିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମଧ୍ୟ ଏହି ପ୍ଲାଣ୍ଟରେ ନିଯୁକ୍ତି ଦିଆଯାଇଛି। ଏପରିକି ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଅର୍ଥାତ୍ ୧୧୬ଟି ଜିଲାରେ ପ୍ରାୟ ୧୫୦ଟି ଗ୍ରାମକୁ ନେଇ କ୍ଲଷ୍ଟର ଗଠନ କରି ଏଭଳି ବେବିକର୍ନ ଚାଷ ଓ ଉତ୍ପାଦିତ ଫସଲର ପ୍ରକ୍ରିୟାକରଣ ପ୍ଲାଣ୍ଟ ଓ ଚାଷ ସଂକ୍ରାନ୍ତ ଅନ୍ୟାନ୍ୟ ପ୍ରସଙ୍ଗରେ ତାଲିମ ମଧ୍ୟ ପ୍ରଦାନ କରୁଛନ୍ତି। ଏହାବ୍ୟତୀତ ପଶୁପାଳନ, ଦୁଗ୍ଧ ଉତ୍ପାଦନ ଭଳି କ୍ଷେତ୍ରରେ ହରିୟାଣା ପାନିପତ୍‌ର ନରେନ୍ଦ୍ର ସିଂହଙ୍କ ଉତ୍ତମ କୃଷି ପଦ୍ଧତି ବେଶ୍ ପ୍ରଶଂସନୀୟ। କର୍ଣ୍ଣାଟକର ରାମନଗରସ୍ଥିତ ମରୁଭୂମି ଭଳି ଗାଁ ହୁଲିକଲ୍‌ରେ ୮୦୦୦ (ଆଠ ହଜାର)ରୁ ଅଧିକ ଗଛ ଲଗାଇ ସମଗ୍ର ଅଞ୍ଚଳକୁ ସବୁଜିମାମୟ କରିଥିବା ମହିଳା ସାଲୁମାରଦା ଥିମାକ୍କାଙ୍କ ପରିବେଶପ୍ରୀତି ପ୍ରତିଟି ନାଗରିକଙ୍କ ପାଇଁ ପ୍ରେରଣାଦାୟୀ।

**ଉପଭୋଗ ପଦ୍ଧତିରେ ପରିବର୍ତ୍ତନ:**

ପୂର୍ବରୁ ଖାଦ୍ୟାନ୍ନର ପରିମାଣକୁ ଉଭୟ ଉତ୍ପାଦନକାରୀ ଓ ଉପଭୋକ୍ତା ଗୁରୁତ୍ୱ ଦେଉଥିଲେ। ଏବେ ଏଥିରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଖାଦ୍ୟ ସୁରକ୍ଷା ସହିତ ଏବେ ଖାଦ୍ୟର ପୋଷକ ତତ୍ତ୍ୱକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଚାଷୀ ମଧ୍ୟ ଯେଉଁ ଖାଦ୍ୟରେ ଅଧିକ ପୋଷକ ତତ୍ତ୍ୱ ରହୁଛି ତାହାକୁ ଅଧିକ ପ୍ରାଧାନ୍ୟ ଦେଇ ଉତ୍ପାଦନ କରୁଛି। ବଜାରରେ ଏଭଳି ଖାଦ୍ୟାନ୍ନର ଚାହିଦା ଥିବାରୁ ଚାଷୀଟି ଏଥିରୁ ଭଲ ଆୟ ମଧ୍ୟ କରିପାରୁଛି। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଖାଦ୍ୟାନ୍ନର ପୋଷକ ତତ୍ତ୍ୱକୁ ଉପଭୋକ୍ତା ଅଧିକ ଗୁରୁତ୍ୱ ଦେଉଥିବାରୁ ବାଜରା(ମିଲେଟ୍) ଚାଷକୁ ଅତ୍ୟନ୍ତ ଲୋକପ୍ରିୟ କରିଛନ୍ତି ପଦ୍ମଶ୍ରୀ ୟାଡଲାପାଲ୍ଲୀ ଭେଙ୍କଟେଶ୍ୱର ରାଓ। ବାଜରା ସହ ଚଣା ଭଳି ବିଭିନ୍ନ ଡାଲିଜାତୀୟ ଫସଲରେ ଅଧିକ ପୋଷକ ତତ୍ତ୍ୱ (ନ୍ୟୁଟ୍ରିଏଣ୍ଟ) ରହୁଥିବାରୁ ନୀତି ନିର୍ଦ୍ଧାରକମାନେ ମଧ୍ୟ ଏଭଳି ଚାଷକୁ ପ୍ରୋତ୍ସାହନ ଦେବା ଲାଗି ନୀତି ପ୍ରସ୍ତୁତ କରିଛନ୍ତି। 'ଅର୍ଫାନ୍ କ୍ରପ୍ସ' ରୂପେ ପରିଚିତ ବାଜରା, ଚଣାକୁ ଅଧିକ ଚାଷ କରିବା ସହ ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେବାଲାଗି ୨୦୧୮ ମସିହାକୁ କେନ୍ଦ୍ର ସରକାର ଜାତୀୟ ମିଲେଟ୍ ବର୍ଷ ରୂପେ ଘୋଷଣା କରିଥିଲେ। ଗ୍ରାମୀଣ ଅଞ୍ଚଳରେ ପ୍ରଚଳିତ ଏହି ଖାଦ୍ୟାନ୍ନକୁ ଅଧିକ ବ୍ୟବହାର କରିବାକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। ସର୍ଗୁମ୍, ପର୍ଲ ମିଲେଟ୍, ଫିଙ୍ଗର ମିଲେଟ୍ ଏବଂ ମାଇନର ମିଲେଟ୍ ଭଳି ମୋଟା ଶସ୍ୟ ଉତ୍ପାଦନକୁ ୨୦୧୮ରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏସବୁ ଖାଦ୍ୟାନ୍ନରେ ହାଇ ଫାଇବର ରହିଛି। ଜାତିସଂଘ ଦ୍ୱାରା ପ୍ରସ୍ତୁତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ(ଏସଡିଜି)ରେ ଦଶନ୍ଧି (୨୦୧୬-୨୦୨୫) ପୁଷ୍ଟିସାଧନ କାର୍ଯ୍ୟାନ୍ୱୟନ(ଡିକେଡ୍ ଅଫ୍ ଆକ୍ସନ ଅନ୍ ନ୍ୟୁଟ୍ରିସନ୍) କାର୍ଯ୍ୟକାରୀ କରାଯାଉଛି।

ସରକାରଙ୍କ ଦ୍ୱାରା ଏସବୁ ପଦକ୍ଷେପ ସହିତ ନାଗରିକ ସମାଜ ମଧ୍ୟ ଏକ୍ଷେତ୍ରରେ ଅଧିକ ଯତ୍ନଶୀଳ ରହିଛି। ଲୋକମାନେ କିଭଳି ପୋଷକ ତତ୍ତ୍ୱ ଥିବା ଅଧିକରୁ ଅଧିକ ଖାଦ୍ୟାନ୍ନକୁ ଆପଣାଇବେ ସେ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଲୋକେ ସେମାନଙ୍କ ଖାଦ୍ୟାଭ୍ୟାସ ମଧ୍ୟ ବଦଳାଇଛନ୍ତି। ପଦ୍ମଶ୍ରୀ ଶ୍ରୀ ରାଓ ଓ ତାଙ୍କ ସହଯୋଗୀ ଖାଦେର ବାଳୀ ଏବେ ସେଠାକାର ଲୋକଙ୍କ ପାଇଁ ଏକ ପରିଚିତ ନାଁ ପାଲଟିଛନ୍ତି। ମାଟିଆ ବାଜରା ଉତ୍ପାଦନ ଓ ଏହାକୁ ଖାଇବା ଲାଗି ସ୍ଥାନୀୟ ଲୋକଙ୍କୁ ଉଭୟ ପ୍ରୋତ୍ସାହିତ କରୁଛନ୍ତି। ଏଭଳି କେତେକ ଉନ୍ନତ ଶସ୍ୟକୁ ଖାଦ୍ୟ ରୂପେ ଗ୍ରହଣ କରିବା ନେଇ ସ୍ଥାନୀୟ ଅଞ୍ଚଳରେ କିଛି ଅତିଶୟୋକ୍ତି ରହିଛି। ବାଜରାର ଚାହିଦା କର୍ଣ୍ଣାଟକରେ ପୂର୍ବରୁ ରହିଥିବାବେଳେ ଏବେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଏହାର ଆବଶ୍ୟକତା ବଢୁଛି। ବିଶେଷକରି ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀର ଲୋକେ ବାଜରା ରୁଟି ଖାଇବାକୁ ବେଶୀ ପସନ୍ଦ କରୁଛନ୍ତି। ଏଭଳି ଶସ୍ୟର ଚାହିଦା ବଢିବା ଫଳରେ ଚାଷୀମାନେ ମଧ୍ୟ ଏହାକୁ ଅଧିକରୁ ଅଧିକ ପରିମାଣରେ ଉତ୍ପାଦନ କରିବା ଲାଗି

ଆଗ୍ରହ ପ୍ରକାଶ କରୁଛନ୍ତି । ଅର୍ଥନୀତିର ସରଳ ସୂତ୍ର ହେଉଛି ଯେଉଁ ଜିନିଷର ଅଭାବ ରହିଛି ଓ ଚାହିଦା ବଢୁଛି, ତାହାର ଦର ସ୍ୱାଭାବିକ ଭାବେ ଅଧିକ ରହିଥାଏ । ସେହିଦୃଷ୍ଟିରୁ ବାଜରା ଉତ୍ପାଦନ ଏବେ ଏକ ଅର୍ଥକାରୀ ଫସଲ ରୂପେ ଚାଷୀମାନେ ଗ୍ରହଣ କରୁଛନ୍ତି । ଜଳସେଚନ ଦୃଷ୍ଟିରୁ ବାଜରା ଚାଷରେ କମ୍ ପାଣି ଦରକାର ପଡୁଥାଏ । ପରିବର୍ତ୍ତିତ ପରିବେଶ ସହ ଜଳକ୍ଲିଷ୍ଟ ଅଞ୍ଚଳ ଓ ଜମିରେ ଏହାକୁ ଅଧିକ ପରିମାଣରେ ଚାଷକରି ଅଧିକ ଅମଳ କରିପାରିଲେ ଗରିବ ଚାଷୀମାନେ ବେଶ୍ ଲାଭବାନ୍ ହୋଇପାରିବେ ।

ଷାଠିଏ ଦଶକ ପରଠୁ ବାଜରା ଓ ଚଣା ଉତ୍ପାଦନ କ୍ଷେତ୍ରରେ ସେଭଳି କୌଣସି ଉନ୍ନତି ଘଟି ନଥିଲା । ୧୯୫୦ ଦଶକରେ ହେକ୍ଟର ପିଛା ୭୭୨ କିଲୋଗ୍ରାମ ଗହମ ଓ ହେକ୍ଟର ପ୍ରତି ୭୨୪ କିଲୋ ଧାନ ଉତ୍ପାଦନ ହେଉଥିଲା । ସେତେବେଳେ ଅନୁରୂପ ପରିମାଣର ଚଣା ଓ ବାଜରା ମଧ୍ୟ ଉତ୍ପାଦିତ ହେଉଥିଲା । ଏହି ସମୟରେ ଧାନ, ଗହମ ଓ ବାଜରା ଏବଂ ଚଣାର ଉତ୍ପାଦନ ହେକ୍ଟର ପିଛା ସମାନ ରହିଥିଲା । ତେବେ ୧୯୫୦ରୁ ୧୯୫୪ ମସିହା ପର୍ଯ୍ୟନ୍ତ ଗହମ ଓ ଧାନର ଉତ୍ପାଦନ ୪ ଗୁଣ ବଢିଥିବାବେଳେ ବାଜରା ଓ ଚଣାର ଉତ୍ପାଦନ ମାତ୍ର ଦୁଇଗୁଣ ବଢିପାରିଥିଲା । ହେଲେ ପରବର୍ତ୍ତୀ ସମୟରେ ବାଜରାର ଉତ୍ପାଦନ ଗୁରୁତର ଭାବେ ହ୍ରାସ ପାଇଥିଲା ତାହା ନୁହେଁ; ଜନଜୀବନର ଖାଦ୍ୟଥାଳିରୁ ବାଜରା ଏକପ୍ରକାର ଉଭାନ ହୋଇଗଲା । ତେଣୁ ଏବେ ସରକାର, ନାଗରିକ ସମାଜ, ଗବେଷକ ଓ ବିକଶିତ ଗୋଷ୍ଠୀ ସମସ୍ତଙ୍କ ସାମ୍ନାରେ ଏକ ବୃହତ୍ ଦାୟିତ୍ୱ ରହିଛି । କିଭଳି ବାଜରା ଭଳି ମୋଟା ଶସ୍ୟ ଓ ଅଧିକ ପୋଷକ ତତ୍ତ୍ୱ ଥିବା ଖାଦ୍ୟାନ୍ନକୁ ଅଧିକରୁ ଅଧିକ ପରିମାଣ ବ୍ୟବହାର କରିବା । ତା'ହେଲେ ଯାଇ ଚାଷୀ ଏହାକୁ ଚାଷ କରିବା ଲାଗି ଆଗ୍ରହ ପ୍ରକାଶ କରିବ ।

**ଟେରାସ୍ ଗାର୍ଡେନିଂ ଜରିଆରେ ସହରାଞ୍ଚଳ କୃଷି:** ସହରାଞ୍ଚଳରେ ଲୋକଙ୍କ ଭିତରେ ସ୍ୱାସ୍ଥ୍ୟ ସଂକ୍ରାନ୍ତ ସଚେତନତା ବୃଦ୍ଧି ପାଇଛି । କିଭଳି ସୁଷମ ଓ ନିରାପଦ ଖାଦ୍ୟ ଗ୍ରହଣ କରିବେ ସେଥିପାଇଁ ସହରବାସୀ ଅଧିକ ଯତ୍ନବାନ ରହିଛନ୍ତି । ଜୈବିକ କୃଷିଜାତ ପଦାର୍ଥକୁ ଖାଦ୍ୟ ରୂପେ ଗ୍ରହଣ କରିବା ଲାଗି ସହରିଆଙ୍କ ଭିତରେ ବେଶ୍ ଆଗ୍ରହ ବଢିଛି । ତେବେ ଚାହିଦା ଅନୁଯାୟୀ ଏଭଳି ପୋଷକ ତତ୍ତ୍ୱ ଥିବା ଖାଦ୍ୟଶସ୍ୟ ଓ ପନିପରିବା ଆବଶ୍ୟକ ପରିମାଣରେ ଉତ୍ପାଦିତ ହୋଇପାରୁନି । ତେଣୁ କିଭଳି ଚାହିଦା ପୂରଣ ସହ ଏକ ସୁରକ୍ଷିତ ଖାଦ୍ୟ ଶୃଙ୍ଖଳକୁ ଗ୍ରହଣ କରାଯାଇପାରିବ ସେଥିପାଇଁ ସହରାଞ୍ଚଳରେ ମଧ୍ୟ କୃଷି ପ୍ରତି ଆଗ୍ରହ ସୃଷ୍ଟି ହୋଇଛି । ସହରବାସିନ୍ଦାମାନେ ନିଜ ନିଜ ଛାତ, ବାରଣ୍ଡା ଓ ଅବ୍ୟବହୃତ ସ୍ଥାନରେ କିଚେନ୍ ଗାର୍ଡେନ କରୁଛନ୍ତି । ଏହାଦ୍ୱାରା ସେମାନେ ନିଜ ପରିବାର ଲାଗି ଆବଶ୍ୟକ ପନିପରିବା, ଫଳଫୁଲ ଉତ୍ପାଦନ କରିବା ସହିତ ପରିବେଶର ତାପମାତ୍ରା ବୃଦ୍ଧି କରୁଥିବା ଅଙ୍ଗାରକାମ୍ଳ ବାଷ୍ପ ପରିମାଣକୁ ମଧ୍ୟ ହ୍ରାସ କରିବାରେ ସକ୍ଷମ ହେଉଛନ୍ତି । ଜନସଂଖ୍ୟା ବହୁଳ ପଡୋଶୀ ରାଷ୍ଟ୍ର ଚୀନ୍ ସମେତ ସ୍ୱାସ୍ଥ୍ୟ ସଚେତନ ୟୁରୋପୀୟ ରାଷ୍ଟ୍ରର ସହରାଞ୍ଚଳ ଲୋକେ ଏଭଳି ଟେରାସ୍ ଗାର୍ଡେନିଂକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି । କେବଳ ସେଠାକାର ନଗରବାସୀ ନିଜ ନିଜ ପରିବାରର ଆବଶ୍ୟକତା ପୂରଣ କରୁନାହାନ୍ତି; ବରଂ ଏହାକୁ ବ୍ୟବସାୟ ରୂପେ ମଧ୍ୟ ଅନେକ ଗ୍ରହଣ କରି ଏଥିରୁ ଆର୍ଥିକ ଲାଭ ପାଉଛନ୍ତି । ଭାରତରେ ଅନେକ ନଗରବାସୀ କିଚେନ୍ ଗାର୍ଡେନ୍‌କୁ ନିଜର ଆଗ୍ରହ ଓ ରୁଚି ରୂପେ ଗ୍ରହଣ କରିଛନ୍ତି । ପରିବାର, ବନ୍ଧୁ ଓ ଆତ୍ମୀୟତା ଭିତ୍ତିରେ ମଧ୍ୟ ଏଭଳି କୃଷିକୁ ଅନେକ ଗୁରୁତ୍ୱ ଦେଉଛନ୍ତି । ଜୈବିକ ଉପାୟରେ ବାଡିବଗିଚାରେ ସମସ୍ତେ କିଛି ନା କିଛି ଫସଲ ଅମଳ କରିବା ଆରମ୍ଭ କରିଛନ୍ତି । କେବଳ ସରକାର ଏବଂ ବେସରକାରୀ ସଂସ୍ଥାଗୁଡିକ ନୁହଁ, ବରଂ ଲୋକଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ଏହାକୁ ଏକ ଆବଶ୍ୟକତା ରୂପେ ଗ୍ରହଣ କରି କରିବାକୁ ପଡିବ ।

ଦେଶବ୍ୟାପୀ କୃଷି ପ୍ରତି ସୃଷ୍ଟି ହୋଇଥିବା ଆହ୍ୱାନକୁ ଗ୍ରହଣ କରି ଉପରୋକ୍ତ ସମସ୍ତ ପଦ୍ମ ପୁରସ୍କାରପ୍ରାପ୍ତ ଚାଷୀ ନିଜ ନିଜ ପ୍ରଚେଷ୍ଟାରେ ସ୍ୱତନ୍ତ୍ର କୃଷି ପ୍ରଣାଳୀକୁ ଆରମ୍ଭ କରିଛନ୍ତି । ସରକାରୀ ପ୍ରୋତ୍ସାହନ ମିଳୁ କି ନମିଳୁ; ବେସରକାରୀ ସଂସ୍ଥା ସହଯୋଗ କରୁ କି ନକରୁ, ସେମାନେ ଏହାକୁ ଚାଲୁ ରଖିଛନ୍ତି । ଏହା କିଭଳି ବ୍ୟାପକ ହୋଇପାରିବ ସେଥିଲାଗି ସରକାର ଓ ବେସରକାରୀ ସଂସ୍ଥା, କୃଷି ନେତୃତ୍ୱ, ଚାଷୀ ସମାଜ, ମିଳିତ ଭାବେ ଆଗେଇ ଆସିବାକୁ ପଡିବ । ନୂଆ ନୂଆ ଜ୍ଞାନକୌଶଳର ଉପଯୋଗ ସହ ଉନ୍ନତ ଚାଷ ପଦ୍ଧତିକୁ ଗ୍ରହଣ କରିବାକୁ ପଡିବ । ଜୈବିକ କୃଷି, ଆନ୍ତଃଫସଲ ଉତ୍ପାଦନ ସହିତ ପୋଷକ ତତ୍ତ୍ୱ ଭରି ରହିଥିବା ଖାଦ୍ୟଶସ୍ୟକୁ ପ୍ରଚୁର ପରିମାଣରେ ଉତ୍ପାଦନ କରିବା ଲାଗି ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚାଷୀଙ୍କୁ ଆଗେଇ ଆସିବାକୁ ପଡିବ । ବଦଳୁଥିବା ପାଣିପାଗ, ପରିବର୍ତ୍ତିତ ଭୂମିରୂପ ଓ ଜଳବାୟୁକୁ ଦୃଷ୍ଟିରେ ରଖି ପରିବେଶ ଉପଯୋଗୀ ଫସଲ କରିବାକୁ ହେବ । ଚାଷୀମାନେ ଯେଉଁ ସବୁ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରତିକୂଳ ପାଣିପାଗର ଶିକାର ହୋଇ ଫସଲ ହରାଉଛନ୍ତି ସେମାନେ ନୂତନ ଜ୍ଞାନକୌଶଳ ପ୍ରୟୋଗାତ୍ମକ ଚାଷକୁ ଅଧିକ ମାତ୍ରାରେ ଆପଣେଇବାକୁ ପଡିବ । ଏଥିପାଇଁ ସରକାର ଏବଂ ବେସରକାରୀ କୃଷି ସଂସ୍ଥା ଗୁଡିକ ଚାଷୀମାନଙ୍କୁ ଆବଶ୍ୟକ ସହଯୋଗ କରିବା ସହ ଚାଷୀ ସଚେତନତା ସୃଷ୍ଟି କରିବା ଦରକାର । ବିଭିନ୍ନ ଆହ୍ୱାନକୁ ଦୃଷ୍ଟିରେ ରଖି କୃଷିବିତ୍, ଗବେଷକ ଓ ନୀତି ନିର୍ଦ୍ଧାରଣକାରୀମାନେ ମଧ୍ୟ ଅନୁରୂପ ନୀତି ପ୍ରସ୍ତୁତ କରିବାକୁ ହେବ । ଚାଷ କ୍ଷେତ୍ରରେ ରହିଛି ଅପାର ସମ୍ଭାବନା । ଅଧିକରୁ ଅଧିକ ଲୋକ ଏହି କ୍ଷେତ୍ରରେ ନିଯୁକ୍ତି ପାଇପାରିବେ । କୃଷିର ବିକାଶ ଦ୍ୱାରା ଦେଶର ଏକ ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଘଟିପାରିବ । ଜମି ପରିମାଣ ଓ ଏହାର ରୂପରେଖ, ଜଳର ଉପଲବ୍ଧତା, ପ୍ରତିକୂଳ ପରିବେଶକୁ ଦୃଷ୍ଟିରେ ରଖି କୃଷି ନୀତି ପ୍ରସ୍ତୁତ କରିବା ଦରକାର । କୃଷିର ବିକାଶ ଲାଗି ଏବେ ଅଧିକ ଗୁରୁତ୍ୱ ଦିଆଯିବା ଉପରେ ଆଲୋଚନା ଓ ମାନସ ମନ୍ଥନ ଜରୁରୀ । ଏହାହିଁ ସମୟର ଆହ୍ୱାନ ଓ ଆବଶ୍ୟକତା ।

ଲେଖକ ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକନୋମିକ୍ ଗ୍ରୋଥ୍‌ର ଜଣେ ଅର୍ଥନୀତି ପ୍ରଫେସର ଭାବେ କାର୍ଯ୍ୟରତ

**Email ID: chandra@iegindia.org**

# ଇଲେକ୍‌ଟ୍ରୋନିକ୍ ବର୍ଜ୍ୟ ପରିଚାଳନା

ମଞ୍ଜୁଳା ୱାଧ୍ୱା

ଇଲେକ୍‌ଟ୍ରୋନିକ୍ ଶିଳ୍ପ ଏବେ ବିଶ୍ୱର ସର୍ବବୃହତ୍ ଓ ଦ୍ରୁତତମ ଉତ୍ପାଦନଶୀଳ ଶିଳ୍ପ ରୂପେ ପରିଚିତ। ଏହା ଭାରତ ଭଳି ବିକାଶଶୀଳ ରାଷ୍ଟ୍ରର ସାମାଜିକ-ଅର୍ଥନୈତିକ ଓ ବୈଷୟିକ ଅଭିବୃଦ୍ଧିକୁ ବେଶ୍ ପ୍ରଭାବିତ କରିଛି। ଇଲେକ୍‌ଟ୍ରୋନିକ୍ ଉତ୍ପାଦ ଗୁଡିକ ପ୍ରତି ଭାରତୀୟ ଗ୍ରାହକଙ୍କ ଚାହିଦା ବଢୁଥିବାବେଳେ ବଦଳୁଥିବା ଜ୍ଞାନକୌଶଳ ଆଧାରରେ ନୂଆ ନୂଆ ବଜାରକୁ ଆସୁଥିବା ଇଲେକ୍‌ଟ୍ରୋନିକ୍ ସାମଗ୍ରୀକୁ ଭାରତୀୟ ଉପଭୋକ୍ତା ବଜାର ଗ୍ରହଣ କରି ପୁରୁଣାକୁ ଫିଙ୍ଗିବା ଦ୍ୱାରା ଏବେ ଇଲେକ୍‌ଟ୍ରୋନିକ୍ ବର୍ଜ୍ୟର ପରିମାଣ ଏକ ଗୁରୁତର ସମସ୍ୟା ସୃଷ୍ଟି କରିଛି। 'ଇଲେକ୍‌ଟ୍ରୋନିକ୍ ୱେଷ୍ଟ୍' ଅର୍ଥାତ୍ 'ଇ-ୱେଷ୍ଟ' ଏବେ ପରିବେଶ ଲାଗି ନୂତନ ଆହ୍ୱାନ ସୃଷ୍ଟି କରିଛି। ଅକାମୀ ତଥା ଅବ୍ୟବହୃତ୍ ବୈଦ୍ୟୁତିକ ଓ ଇଲେକ୍‌ଟ୍ରୋନିକ୍ସ ଯନ୍ତ୍ରାଂଶ, କମ୍ପ୍ୟୁଟର ଆଦିକୁ ଇ-ୱେଷ୍ଟ (ଇଲେକ୍‌ଟ୍ରୋନିକ୍ ବର୍ଜ୍ୟ) କୁହାଯାଏ। ଏହି କଠିନ ବର୍ଜ୍ୟ ପରିଚାଳନା ଭାରତ ପାଇଁ ଏକ କଷ୍ଟକର ବ୍ୟାପାର ହୋଇପଡିଛି। ବିଶେଷକରି କମ୍ପ୍ୟୁଟର ଜନିତ ବର୍ଜ୍ୟ ଯେଭଳି ଦିନକୁ ଦିନ ଭାରତରେ ବଢି ବଢି ଚାଲିଛି ତାହା ଏକ ଗୁରୁତର ସଂକଟ ସୃଷ୍ଟି କରିଛି।

ଗତ ଶତାବ୍ଦୀରେ ସୂଚନା ପ୍ରଯୁକ୍ତିବିଦ୍ୟାର ଆଧୁନିକୀକରଣ ଭାରତରେ ବ୍ୟାପକ ପରିବର୍ତ୍ତନ ଘଟାଇଛି। ବିଶେଷକରି ସହରାଞ୍ଚଳ ନାଗରିକମାନଙ୍କ ଜୀବନଶୈଳୀକୁ ଅଧିକ ପ୍ରଭାବିତ କରିଛି। ତେବେ ଏହାର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ପ୍ରଦୂଷଣ ଓ ସଂକ୍ରମଣର ଏକ ନୂତନ ସମସ୍ୟା ସୃଷ୍ଟି କରିଛି। ଉଦାହରଣ ସ୍ୱରୂପ, ବ୍ୟକ୍ତିଗତ କମ୍ପ୍ୟୁଟର(ପିସି)ରେ କ୍ଲୋରିନେଟେଡ୍ ଓ ବ୍ରୋମିନେଟେଡ୍ ଭଳି ଅଧିକ ବିଷାକ୍ତ ପଦାର୍ଥ ରହିଛି। ବିଷାକ୍ତ ବାଷ୍ପ, ବିଷାକ୍ତ ଧାତବ, ଜୈବିକ ରୂପେ ସକ୍ରିୟ ସାମଗ୍ରୀ, ଏସିଡ୍(ଅମ୍ଳ), ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ୍ ମିଶ୍ରିତ ପଦାର୍ଥ ଆଦି ପିସିରେ ରହିଥିବାରୁ ଏହା ଉଭୟ ପରିବେଶ ଓ ସାଧାରଣ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ସଂପ୍ରତି ବୈଶ୍ୱିକ ସ୍ତରରେ ବ୍ୟକ୍ତିଗତ କମ୍ପ୍ୟୁଟର(ପିସି) ବଜାରରେ ପରିପକ୍ୱତା ଆସିସାରିଛି। ଏସବୁ ଯନ୍ତ୍ରାଂଶର ହାରାହାରି କାର୍ଯ୍ୟଦକ୍ଷତା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ପିସିରେ ଥିବା ପ୍ରମୁଖ ଯନ୍ତ୍ରାଂଶ ସେଣ୍ଟ୍ରାଲ ପ୍ରୋସେସିଂ ୟୁନିଟ୍ (ସିପିୟୁ)ର



କାର୍ଯ୍ୟଦକ୍ଷତା(ପରମାୟୁ) ୧୯୯୭ ମସିହାରେ ୪ରୁ ୬ ବର୍ଷ ଥିବାବେଳେ ୨୦୦୫ରୁ ଏହା ୨ ବର୍ଷକୁ ଖସି ଆସିଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହିତ ବଢୁଥିବା ସହରାଞ୍ଚଳ ଓ ଉପଭୋକ୍ତାବାଦର ଚାହିଦା ବୃଦ୍ଧି ଏଭଳି ବୈଦ୍ୟୁତିକ ଓ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଓ ବ୍ୟବହାରକୁ ବଢାଇ ଚାଲିଛି।

ବିଶ୍ୱର ସର୍ବାଧୁନିକ ହାଇଟେକ୍ ସଫ୍ଟୱେର ଓ ହାର୍ଡୱେର ବିକଶିତ ସୁବିଧା ରହିଥିବା ସତ୍ତ୍ୱେ ଭାରତରେ ଏହି ଇଲେକ୍‌ଟ୍ରୋନିକ୍ ବର୍ଜ୍ୟର ପୁନଃପ୍ରକ୍ରିୟାକରଣ କ୍ଷେତ୍ର ତଥାପି ଅବିକଶିତ ହୋଇରହିଛି। ଅଧିକାଂଶ ଲୋକ ଏହି ଯନ୍ତ୍ରାଂଶର ନକାରାତ୍ମକ ଗୁରୁତର ପ୍ରଭାବ ସଂପର୍କରେ ଅନଭିଜ୍ଞ ରହିଛନ୍ତି। କମ୍ପ୍ୟୁଟର, ମନିଟର୍ ଓ ଟେଲିଭିଜନ୍ ଆଦିର ଦ୍ରୁତ ବ୍ୟବହାର ବୃଦ୍ଧି ଦ୍ୱାରା ଏହା ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ଉପରେ କିଭଳି ଭୟଙ୍କର କୁପ୍ରଭାବ ପକାଉଛି ତାହା ଅନେକ ଜାଣନ୍ତିନି। ଯେତେବେଳେ ଏହି ଇଲେକଟ୍ରୋନିକ୍ ଭଙ୍ଗା ଓ ପୁରୁଣା ଯନ୍ତ୍ରାଂଶ ଗୁଡିକୁ ଆମେ ଏଣେ ତେଣେ ଫିଙ୍ଗି ଦେଇଥାଉ, ତାହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। କାରଣ ଏସବୁ ସାମଗ୍ରୀରେ ଥାଏ ଭୟଙ୍କର ବିଷାକ୍ତ ପଦାର୍ଥ। ସଠିକ୍ ଭାବେ ଏହି ଇ-ବର୍ଜ୍ୟକୁ ନଷ୍ଟ ନ କରିବା ଦ୍ୱାରା ଏହା ପରିବେଶର ଗୁରୁତର କ୍ଷତି ଘଟାଇଥାଏ।

ସୂଚନା ପ୍ରଯୁକ୍ତି ଶିଳ୍ପ ଆମ ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ତୁଲାଇଛି। ଗତ ଦଶନ୍ଧିର ଡିଜିଟାଲ କ୍ରାନ୍ତି କ୍ଷେତ୍ରରେ ସୂଚନା ପ୍ରଯୁକ୍ତିବିଦ୍ୟାର ଯୋଗଦାନ

ଉଲ୍ଲେଖନୀୟ। ଆମ ସମାଜର ଓ ବ୍ୟକ୍ତିଗତ ଦୈନନ୍ଦିନ ଜୀବନର ପ୍ରତ୍ୟେକ ଆବଶ୍ୟକତା ଯଥା- ସହଜ ସୂଚନାପ୍ରାପ୍ତି ଓ ବିତରଣ, ଆରାମ ଓ ଭୋଗବିଳାସ, ଯୋଗାଯୋଗ ଆଦି କ୍ଷେତ୍ରକୁ ଏହାର ସହଯୋଗ ସର୍ବାଧିକ ରହିଛି। ୟୁନାଇଟେଡ୍ ନେସନ୍ସ ୟୁନିଭରସିଟି ଦ୍ୱାରା ପ୍ରକାଶିତ 'ଦ ଗ୍ଲୋବାଲ ଇ-ୱେଷ୍ଟ ମନିଟର, ୨୦୧୭' ରିପୋର୍ଟ ଅନୁଯାୟୀ, ଭାରତରେ ବର୍ଷକୁ ୨୦ ଲକ୍ଷ ଟନ୍ ଇ-ବର୍ଜ୍ୟ ଉତ୍ପନ୍ନ ହେଉଥିବାବେଳେ ଏଥିରୁ ୮୨ ପ୍ରତିଶତ କେବଳ ବ୍ୟକ୍ତିଗତ ଭାବେ ବ୍ୟବହୃତ କମ୍ପ୍ୟୁଟର ଯନ୍ତ୍ରାଂଶରୁ ବୋଲି ଜଣାପଡିଛି। ଅନ୍ୟଏକ ଅନୁଧ୍ୟାନ ଅନୁଯାୟୀ, କମ୍ପ୍ୟୁଟର ଯନ୍ତ୍ରାଂଶରୁ କେବଳ ୭୨ପ୍ରତିଶତ ଇ-ବର୍ଜ୍ୟ, ଟେଲିଯୋଗାଯୋଗ ଯନ୍ତ୍ରାଂଶରୁ ୧୨ପ୍ରତିଶତ, ଇଲେକ୍ଟ୍ରିକାଲ (ବୈଦ୍ୟୁତିକ) ଯନ୍ତ୍ରାଂଶରୁ ୮ ପ୍ରତିଶତ ଏବଂ ମେଡିକାଲ ଯନ୍ତ୍ରାଂଶରୁ ୭ ପ୍ରତିଶତ ଇ-ମଳ ସୃଷ୍ଟି ହେଉଛି। ଅବଶିଷ୍ଟ ୩ ପ୍ରତିଶତ ଇ-ବର୍ଜ୍ୟ ଘରର ଅନ୍ୟାନ୍ୟ ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ ସାମଗ୍ରୀରୁ ବାହାରୁ ଥିବା ଜଣାପଡିଛି।

ପରିବେଶ ପ୍ରତି କିଭଳି କୁପ୍ରଭାବ ରହିଛି ତାହା ଉପରେ ମୂଲ୍ୟାୟନ କରିବାର ଆବଶ୍ୟକତା ରହିଛି। ଏହା ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି କିଭଳି ଗୁରୁତର ପ୍ରଭାବ ପକାଉଛି ତାହାର ସମୀକ୍ଷା ମଧ୍ୟ ଜରୁରୀ ହୋଇପଡିଛି। ଇଲେକ୍ଟ୍ରୋନିକ୍ ସାମଗ୍ରୀ ଶହ ଶହ କ୍ଷୁଦ୍ର ଯନ୍ତ୍ରାଂଶରେ ନିର୍ମାଣ କରାଯାଇଥାଏ। ଏହି ଛୋଟ ଛୋଟ ଯନ୍ତ୍ରାଂଶ ଭିତରେ ମାରାତ୍ମକ ରାସାୟନିକ ପଦାର୍ଥ ଭରି ରହିଥାଏ; ଯାହାକି ଉଭୟ ମଣିଷର ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ବିପଦ ସୃଷ୍ଟି କରିଥାଏ। ଇ-ଡିଭାଇସ୍ (ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି)ରେ ସୀସା, କାଡମିୟମ୍, ପାରଦ, ପଲିଭିନାଇଲ କ୍ଲୋରାଇଡ୍ (ପିଭିସି), ବ୍ରୋମିନେଟେଡ୍ ଫ୍ଲେମ୍ ରିଟାର୍ଡାଣ୍ଟ (ବିଏଫଆର), କ୍ରୋମିୟମ୍, ବେରିଲିୟମ୍ ଭଳି ରାସାୟନିକ ପଦାର୍ଥ ରହିଥାଏ। ଟିଭି, ଭିଡିଓ ଏବଂ କମ୍ପ୍ୟୁଟର ମନିଟର୍ ଆଦି ସିଆରଟିରେ ତିଆରି। ସିଆରଟିରେ ଥାଏ ମାତ୍ରାଧିକ ସୀସା। ଏତେ ପରିମାଣର ସୀସାର ପ୍ରୟୋଗ ଯୋଗୁଁ ତାହାର ସଂସ୍ପର୍ଶରେ ମଣିଷ ଆସିବା ଦ୍ୱାରା ତା'ର ସ୍ନାୟୁତନ୍ତ୍ର, ବୃକକ୍ ଓ ଅସ୍ଥି ଆଦି କ୍ଷତିଗ୍ରସ୍ତ ହୋଇଥାଏ। ଏପରିକି ପ୍ରଜନନ କ୍ଷମତା ଓ ଅନ୍ତଃସ୍ରାବୀ ବ୍ୟବସ୍ଥା ମଧ୍ୟ ଏହାଦ୍ୱାରା ଗୁରୁତର ପ୍ରଭାବିତ ହୋଇଥାଏ। ଏହି ରାସାୟନିକ ସାମଗ୍ରୀ ମଧ୍ୟରୁ ଅଧିକାଂଶ ଉଚ୍ଚ କାର୍ସିନୋଜେନିକ୍(କର୍କଟ ରୋଗ ସୃଷ୍ଟିକାରୀ)। ଏହି ଇ-ବର୍ଜ୍ୟକୁ ପୁନଃପ୍ରକ୍ରିୟାକରଣ ନ କରି ଘରୋଇ ବର୍ଜ୍ୟ ସହିତ ମିଶାଇ ଏଣେତେଣେ ଫିଙ୍ଗିବା ଦ୍ୱାରା ଏହା ମାଟି, ପାଣି ଓ ପବନକୁ ସଂକ୍ରମିତ ତଥା ପ୍ରଦୂଷିତ କରିଥାଏ। ସାଧାରଣତଃ ଇଲେକ୍ଟ୍ରୋନିକ୍ ସାମଗ୍ରୀ/ଯନ୍ତ୍ରପାତିକୁ ମୁଖ୍ୟତଃ ତିନିଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଯଥା-

- ଧଳା ସାମଗ୍ରୀ: ଗୃହପୋକରଣ ଯନ୍ତ୍ରାଂଶ/ସାମଗ୍ରୀ
- ବାଦାମୀ ସାମଗ୍ରୀ: ଟିଭି, କ୍ୟାମକୋଡର, କ୍ୟାମେରା
- ଧୂସର ସାମଗ୍ରୀ: କମ୍ପ୍ୟୁଟର, ପ୍ରିଣ୍ଟର, ଫ୍ୟାକ୍ସ ମେସିନ୍, ସ୍କାନର ଆଦି।

ଧଳା ଓ ବାଦାମୀ ରଙ୍ଗର ସାମଗ୍ରୀରେ ଧୂସର ଯନ୍ତ୍ରପାତି ଠାରୁ ଅପେକ୍ଷାକୃତ କମ୍ ବିଷାକ୍ତ ପଦାର୍ଥ ରହିଥାଏ।

ଧୂସର ରଙ୍ଗର ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଆମ ସ୍ୱାସ୍ଥ୍ୟପ୍ରତି କି ବିପଦ ରହିଛି ସେ ସଂପର୍କରେ ସାରଣୀ-୧ରେ ସବିଶେଷ ସୂଚନା ପ୍ରଦାନ କରାଯାଇଛି।

**ବାୟୁ, ପାଣି ଓ ମୃତ୍ତିକା ଉପରେ ପ୍ରଭାବ**

ଇ-ବର୍ଜ୍ୟ ସାଧାରଣ ଭାବେ ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ବାୟୁ ପ୍ରଦୂଷଣ ଘଟାଇଥାଏ। ମେହେନ୍ତର ଓ ଜରି/ପ୍ଲାଷ୍ଟିକ୍ ଗୋଟାଳୀ ଆବର୍ଜନା ପକାଯାଉଥିବା ସ୍ଥାନରେ କାମ କରିଥାନ୍ତି। ସେଠାରେ ପଡିଥିବା ଏଭଳି ଅକାମୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ବିକି ଦୁଇ ପଇସା ପାଇବା ଆଶାରେ ତାହାକୁ ସଂଗ୍ରହ କରିଥାନ୍ତି। ସେଠାରୁ ଭଙ୍ଗା ଯନ୍ତ୍ରପାତି ସଂଗ୍ରହ କରିବା ବେଳେ ଏହି ବିଷାକ୍ତ ପଦାର୍ଥ ସଂସ୍ପର୍ଶରେ ଆସିଥାନ୍ତି। ମୋବାଇଲ ଫୋନ୍ ଓ କମ୍ପ୍ୟୁଟରରେ ସୀସା, ବେରିୟମ୍, ମର୍କ୍ୟୁରୀ, ଲିଥିୟମ୍ ଭଳି ବିଷାକ୍ତ ତଥା ଘାତକ ଧାତବ ପଦାର୍ଥ ବହୁଳ ମାତ୍ରାରେ ବ୍ୟବହାର କରାଯାଇଥାଏ। ମେହେନ୍ତର ତଥା ଜରି ଓ ପ୍ଲାଷ୍ଟିକ୍ ସଂଗ୍ରହକାରୀ ଗରିବ ଲୋକ ସଠିକ୍ ରୂପେ ନଷ୍ଟ କରାଯାଇ ନ ଥିବା ଏହିସବୁ ସାମଗ୍ରୀ ଗୋଟାଇବା ସମୟରେ ଏହାର କୁପ୍ରଭାବର ଶିକାର ହୋଇଥାନ୍ତି। ଅନ୍ୟପକ୍ଷରେ ଏସବୁ ଭଙ୍ଗା ସାମଗ୍ରୀ ମାଟିରେ ମିଶିବା ଦ୍ୱାରା ସେଥିରେ ଥିବା

> ଗତ ଶତାବ୍ଦୀରେ ସୂଚନା ପ୍ରଯୁକ୍ତିବିଦ୍ୟାର ଆଧୁନିକୀକରଣ ଭାରତରେ ବ୍ୟାପକ ପରିବର୍ତ୍ତନ ଘଟାଇଛି। ବିଶେଷକରି ସହରାଞ୍ଚଳ ନାଗରିକମାନଙ୍କ ଜୀବନଶୈଳୀକୁ ଅଧିକ ପ୍ରଭାବିତ କରିଛି। ତେବେ ଏହାର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ପ୍ରଦୂଷଣ ଓ ସଂକ୍ରମଣର ଏକ ନୂତନ ସମସ୍ୟା ସୃଷ୍ଟି କରିଛି। ଉଦାହରଣ ସ୍ୱରୂପ, ବ୍ୟକ୍ତିଗତ କମ୍ପ୍ୟୁଟର(ପିସି)ରେ କ୍ଲୋରିନେଟେଡ୍ ଓ ବ୍ରୋମିନେଟେଡ୍ ଭଳି ଅଧିକ ବିଷାକ୍ତ ପଦାର୍ଥ ରହିଛି। ବିଷାକ୍ତ ବାଷ୍ପ, ବିଷାକ୍ତ ଧାତବ, ଜୈବିକ ରୂପେ ସକ୍ରିୟ ସାମଗ୍ରୀ, ଏସିଡ୍(ଅମ୍ଳ), ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ୍ ମିଶ୍ରିତ ପଦାର୍ଥ ଆଦି ପିସିରେ ରହିଥିବାରୁ ଏହା ଉଭୟ ପରିବେଶ ଓ ସାଧାରଣ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ସଂପ୍ରତି ବୈଶ୍ୱିକ ସ୍ତରରେ ବ୍ୟକ୍ତିଗତ କମ୍ପ୍ୟୁଟର(ପିସି) ବଜାରରେ ପରିପକ୍ୱତା ଆସିସାରିଛି। ଏସବୁ ଯନ୍ତ୍ରାଂଶର ହାରାହାରି କାର୍ଯ୍ୟଦକ୍ଷତା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ପିସିରେ ଥିବା ପ୍ରମୁଖ ଯନ୍ତ୍ରାଂଶ ସେଣ୍ଟ୍ରାଲ ପ୍ରୋସେସିଂ ୟୁନିଟ୍ (ସିପିୟୁ)ର କାର୍ଯ୍ୟଦକ୍ଷତା(ପରମାୟୁ) ୧୯୯୭ ମସିହାରେ ୪ରୁ ୬ ବର୍ଷ ଥିବାବେଳେ ୨୦୦୫ରୁ ଏହା ୨ ବର୍ଷକୁ ଖସି ଆସିଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହିତ ବଢୁଥିବା ସହରାଞ୍ଚଳ ଓ ଉପଭୋକ୍ତାବାଦର ଚାହିଦା ବୃଦ୍ଧି ଏଭଳି ବୈଦ୍ୟୁତିକ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଓ ବ୍ୟବହାରକୁ ବଢାଇ ଚାଲିଛି।

ବିଷାକ୍ତ ରାସାୟନିକ ପଦାର୍ଥ ମାଟି ଜରିଆରେ ଭୂତଳ ଜଳରେ ମିଶି ଏହାକୁ ପ୍ରଦୂଷିତ କରିଥାଏ। ମାଟିର ଉପର ସ୍ତରରେ ଏହି ଇ-ବର୍ଜ୍ୟ ମଧ୍ୟ ଜଳସ୍ରୋତରେ ପ୍ରବାହିତ ହେବା ଦ୍ୱାରା ପୋଖରୀ, ନଦୀ, ନାଳ, ହ୍ରଦ ଓ ସମୁଦ୍ର ଭଳି ଜଳଉତ୍ସକୁ ପ୍ରଦୂଷିତ ତଥା ବିଷାକ୍ତ କରିଥାଏ। ସ୍ଥାନୀୟ ଲୋକମାନେ ବିଶେଷକରି ନଦୀ, ନାଳ ଓ ପୋଖରୀ ପାଣି ଉପରେ ନିର୍ଭରଶୀଳ ରହିଥାନ୍ତି। ସେମାନେ ଏହି ବିଷାକ୍ତ ପାଣିକୁ ବ୍ୟବହାର କରିବା ଦ୍ୱାରା ନାନାବିଧ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାନ୍ତି। ଏହି ରାସାୟନିକ ପଦାର୍ଥ ଜଳଉତ୍ସରେ ମିଶିବା ଦ୍ୱାରା ଜଳଜୀବ ଗୁଡିକ ମଧ୍ୟ ବିଷପ୍ରକ୍ରିୟାର ଶିକାର ହୋଇ ମୃତ୍ୟୁମୁଖରେ ପଡିଥାନ୍ତି।

ଖୋଲା ଡମ୍ପିଂୟାର୍ଡରେ ପଡିଥିବା ଇ-ବର୍ଜ୍ୟରୁ ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ ଧାତବ ପଦାର୍ଥ ପାଇବା ଆଶାରେ ପୋଡିବା ତଥା ଜଳାଇବା ଦ୍ୱାରା ଏଥିରୁ ନିର୍ଗତ ଧୂଆଁ ଶିଶୁମାନଙ୍କ ଠାରେ ହୃଦ୍‌ବକ୍ଷ ଓ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ପବନ ମଧ୍ୟ ଏହାର ବିଷାକ୍ତ ଧୂଳିକଣାକୁ ବୋହିନିଏ। ଏହା ମାଟି ଓ ଫସଲ ଜରିଆରେ ଆସି ଖାଦ୍ୟଶୃଙ୍ଖଳରେ ପ୍ରବେଶ କରିଥାଏ। ଫଳରେ ଉଭୟ ମଣିଷ ଓ ପଶୁମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରାଏ। କମ୍ପ୍ୟୁଟରରେ ଥିବା ମଦରବୋର୍ଡରେ ବହୁ ପରିମାଣର ମର୍କ୍ୟୁରୀ(ପାରଦ) ରହିଥାଏ। ଏହି ବର୍ଜ୍ୟକୁ ସଠିକ୍ ରୂପେ ପରିଚାଳନା ନ କରିବା ଦ୍ୱାରା ଏହା ଚର୍ମ ଓ ଶ୍ୱାସପ୍ରଶ୍ୱାସଜନିତ ରୋଗ ସୃଷ୍ଟି କରେ। ପାନୀୟ ଜଳରେ ସୀସା ମିଶିବା ଦ୍ୱାରା ଏହା ମସ୍ତିଷ୍କର କେନ୍ଦ୍ରୀୟ ସ୍ନାୟୁବିକ ସଂସ୍ଥାକୁ ନଷ୍ଟ କରେ। ଫଳରେ ମସ୍ତିଷ୍କର ସଠିକ୍ ବିକାଶ ଘଟିପାରେନି। ଶ୍ରବଣ ବାଧିତ, ବାମନ(ଉଚ୍ଚତା ନ ବଢିବା), ଅଙ୍ଗପ୍ରତ୍ୟଙ୍ଗ ସଠିକ୍ ଢଙ୍ଗରେ ବିକଶିତ ନ ହେବା, ରକ୍ତକଣିକା କାର୍ଯ୍ୟ ନ କରିବା ଭଳି ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଇ-ବର୍ଜ୍ୟରୁ ନିର୍ଗତ ରାସାୟନିକ ପଦାର୍ଥ ଗୁଡିକ ଜୈବିକ ଉପାୟରେ ପଚନଶୀଳ ହୋଇ ନ ଥିବାରୁ ଏହା ଦୀର୍ଘଦିନ ପଡିରହିବା ଦ୍ୱାରା ପରିବେଶ ପ୍ରଦୂଷଣ କରିବା ସହ ଏହା ମଣିଷ ସମାଜ ପ୍ରତି ବିପଦ ସୃଷ୍ଟି କରିଥାଏ।

ଇ-ବର୍ଜ୍ୟ ଉତ୍ପନ୍ନ ପରିମାଣକୁ ହ୍ରାସ କରିବା ଲାଗି ଏହାର ବ୍ୟବହାର କମାଇବା ଦରକାର। ଏହି ସବୁ ସାମଗ୍ରୀ ଉତ୍ପାଦନ କରୁଥିବା ସଂସ୍ଥା ଏହାର ସ୍ଥାୟିତ୍ୱ ପ୍ରତି ବିଶେଷ ଯତ୍ନବାନ ହେବା ଦରକାର। କିଭଳି ଏହାର ପୁନଃବ୍ୟବହାର, ମରାମତି ଏବଂ ଆଧୁନିକୀକରଣ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଜରୁରୀ। କିଭଳି କମ୍ ବିଷାକ୍ତ ରାସାୟନିକ ପଦାର୍ଥ ଉପଯୋଗ କରି ଏହାର ନିର୍ମାଣ, ସହଜରେ ପୁନଃପ୍ରକ୍ରିୟାକରଣ, ପୁନଃବ୍ୟବହାର, ପୃଥକୀକରଣ ଆଦି କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବା ଦରକାର। ବ୍ୟବହୃତ ପଦାର୍ଥର ପୁନଃପ୍ରକ୍ରିୟାକରଣ ଏବଂ ପୁନଃବ୍ୟବହାର ଲାଗି ବ୍ୟବସ୍ଥା ବିକଶିତ କଲେ ଇ-ବର୍ଜ୍ୟ ପରିମାଣକୁ ହ୍ରାସ କରାଯାଇପାରିବ। ଏହି ଯନ୍ତ୍ରାଂଶରୁ ବ୍ୟବସ୍ଥିତ ଭାବେ ଧାତବ, ପ୍ଲାଷ୍ଟିକ୍, କାଚ ଓ ଅନ୍ୟାନ୍ୟ ସାମଗ୍ରୀକୁ ପୁନଃରୁଦ୍ଧାର କରାଯାଇପାରିଲେ ଇ-ବର୍ଜ୍ୟ ଦ୍ୱାରା ଉତ୍ପନ୍ନ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିପାରନ୍ତା। ଏଭଳି ବିକଳ୍ପ ଦ୍ୱାରା ଆମେ ଶକ୍ତି ସଂରକ୍ଷଣ କରିପାରିବା ଏବଂ ପରିବେଶକୁ ବିଷାକ୍ତ ପଦାର୍ଥ ପ୍ରଭାବରୁ ରକ୍ଷା କରିପାରିବା। ନୀତି ନିର୍ଦ୍ଧାରକମାନେ ଏହିସବୁ ସମସ୍ୟା ପ୍ରତି ଉତ୍ପାଦନଠାରୁ ବିକ୍ରିବଟା ଭଳି ଅନ୍ତିମ ପ୍ରକ୍ରିୟା ପର୍ଯ୍ୟନ୍ତ ସବୁଥି ପ୍ରତି ଯତ୍ନଶୀଳ ହେବାକୁ ପଡିବ। ଏପରିକି ଇଲେକ୍‌ଟ୍ରୋନିକ୍ ବର୍ଜ୍ୟର ପୁନଃପ୍ରକ୍ରିୟାକରଣ ଲାଗି ଦରକାର ପଡିଲେ ବୈଷୟିକ ଜ୍ଞାନକୌଶଳକୁ ମଧ୍ୟ ହସ୍ତାନ୍ତର କରିବାକୁ ହେବ। ସ୍ପଷ୍ଟ ନିୟାମକ ବ୍ୟବସ୍ଥା ଦ୍ୱାରା ଏଭଳି ଯନ୍ତ୍ରପାତିରୁ ସୃଷ୍ଟ ଇ-ବର୍ଜ୍ୟ ଆମଦାନୀ ଓ ରପ୍ତାନୀକୁ ନିୟନ୍ତ୍ରଣ କରିବା ଏବଂ କିଭଳି ପରିବେଶ ଏଭଳି ପ୍ରଦୂଷଣରୁ ନିଜକୁ ସୁରକ୍ଷିତ ରଖିପାରିବ ତାହା ସୁନିଶ୍ଚିତ କରିବାକୁ ହେବ। ଏଥିପାଇଁ ଏକ ସୁନିୟନ୍ତ୍ରିତ ପରିଚାଳନା ବ୍ୟବସ୍ଥାକୁ ଲାଗୁ କରିବାକୁ ପଡିବ। ଏନେଇ ରହିଥିବା ଆଇନଗତ ଦୁର୍ବଳତା ଓ ତ୍ରୁଟିକୁ ମଧ୍ୟ ସୁଧାରିବା ଦରକାର; ଫଳରେ ବିକଶିତ ରାଷ୍ଟ୍ରଙ୍କ ଦ୍ୱାରା ଉତ୍ପନ୍ନ ଇ-ବର୍ଜ୍ୟକୁ ହ୍ରାସ କରିବା ସହିତ ଭାରତ ଭଳି ରାଷ୍ଟ୍ରରେ ସେମାନେ ଏହାକୁ ଅଳିଆ ଗଦା ଭାବି ଫିଙ୍ଗିବା ମାନସିକତାକୁ ମଧ୍ୟ ରୋକାଯାଇପାରିବ।




ଏହି ସାମଗ୍ରୀ ଉତ୍ପାଦନ କରୁଥିବା ସଂସ୍ଥା ଆର୍ଥିକ, ଶାରୀରିକ ଏବଂ ଆଇନଗତ ଭାବେ କିଭଳି ସେମାନଙ୍କ ଉତ୍ପାଦରୁ ସୃଷ୍ଟି ହେଉଥିବା ପରିବେଶ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ଦାୟୀ ରହିବେ, ସେଥିଲାଗି ବିହିତ ବ୍ୟବସ୍ଥା କରିବାକୁ ପଡିବ। ଏକାଦଶ ଅନ୍ତର୍ଜାତୀୟ ବର୍ଜ୍ୟ ପରିଚାଳନା ଏବଂ ଖୋଲା ଡମ୍ପିଂୟାର୍ଡ ସମ୍ମେଳନ ଏବଂ ନିୟାମକ କାର୍ଯ୍ୟକ୍ରମରେ ଇ-ବର୍ଜ୍ୟ ସୁପରିଚାଳନା ଏବଂ ଏଥିରୁ ପରିବେଶକୁ ସୁରକ୍ଷା କରିବା ଲାଗି କିଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିବ ସେଥିଲାଗି ବିଚାର ବିମର୍ଶ ପରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ବିକ୍ରି କରୁଥିବା ଭେଣ୍ଡରମାନେ ଏସବୁ ଉତ୍ପାଦ ଗୁଡିକର ଜୀବନକାଳ ଶେଷ ହେବାପରେ ଏହାକୁ ଫେରାଇ ନେବା ବ୍ୟବସ୍ଥା କରାଯିବ। ସେମାନେ ଏହାକୁ ଅତ୍ୟନ୍ତ ଯତ୍ନଶୀଳତାର

ସହ ସଠିକ୍ ଢଙ୍ଗରେ ଅଲଗା କରି ନଷ୍ଟ କରିବେ। କିଭଳି ଏସବୁ ଅଂଶକୁ ପୁନଃପ୍ରକ୍ରିୟାକରଣ, ପୁନଃଉପଯୋଗ କରାଯିବ, ସେଥିପାଇଁ ସ୍ୱତନ୍ତ୍ର ରିସାଇକ୍ଲିଂ ଡିଭିଜନ୍ କିମ୍ବା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବା ଉଚିତ। ଇ-ବର୍ଜ୍ୟକୁ ସଂଗ୍ରହ କରିବା ଲାଗି ମଧ୍ୟ ବଳିଷ୍ଠ ସଂଗ୍ରହ କେନ୍ଦ୍ର ନିର୍ଦ୍ଧାରିତ ସ୍ଥାନ ଗୁଡିକରେ ପ୍ରତିଷ୍ଠା କରାଯିବ। ସିଧାସଳଖ କିଭଳି ଏହି ବର୍ଜ୍ୟସବୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ପହଞ୍ଚିପାରିବ ସେଥିପାଇଁ ସୁନିଶ୍ଚିତ କରିବାକୁ ପଡିବ। ପ୍ରତିଟି ଇଲେକ୍ଟ୍ରୋନିକ୍ ସାମଗ୍ରୀ ଉତ୍ପାଦନକାରୀ ସଂସ୍ଥା ବର୍ଜ୍ୟସଂଗ୍ରହ କେନ୍ଦ୍ର ସହିତ ସମନ୍ୱୟ ଓ ସହଯୋଗ ରଖିବାକୁ ପଡିବ। କିଭଳି ସହଜ ଓ କମ୍ ଖର୍ଚ୍ଚରେ ଏହାକୁ କାର୍ଯ୍ୟକ୍ଷମ କରାଯିବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡିବ। କେନ୍ଦ୍ର ଗୁଡିକ ବର୍ଜ୍ୟ ସଂଗ୍ରହ ସହ ତାହାକୁ ପରିବହନ କରି କିଭଳି ଉତ୍ତମ ପରିବେଶରେ ପୁର୍ନପ୍ରକ୍ରିୟାକରଣ ଅଥବା ନଷ୍ଟ କରିବେ ସେଥିଲାଗି ଏକ ଉତ୍ତମ ପରିଚାଳନା ବ୍ୟବସ୍ଥା ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ହେବ।

ସବୁଜ ଗୃହ ବାଷ୍ପ ନିର୍ଗମନକୁ ହ୍ରାସ କରିବା, ବିଶ୍ୱ ଜଳବାୟୁ ପରିବର୍ତ୍ତନ ରୋକିବା, ପାଣି, ପବନ ପ୍ରଦୂଷଣ କମାଇବା ସହ ବ୍ୟବହୃତ କଞ୍ଚାମାଲରୁ ପୁନର୍ବାର ନୂତନ ସାମଗ୍ରୀ ଉତ୍ପାଦନ କରିବା ପ୍ରକ୍ରିୟାକୁ ବିକଶିତ କରିବାକୁ ହେବ। ହାଇବ୍ରିଡ୍ ପଦ୍ଧତି ଜରିଆରେ ଏ ସମସ୍ତ ଇ-ବର୍ଜ୍ୟ ସମସ୍ୟାର ସମାଧାନ କରିବାର କ୍ଷମତା ରହିଛି। ଇ-ବର୍ଜ୍ୟରେ ଥିବା ଧାତବ ପଦାର୍ଥକୁ ଅଲଗା କରିବା ଲାଗି ରାସାୟନିକ ଓ ଜୈବିକ ଉତ୍ତୋଳନ କୌଶଳ କାର୍ଯ୍ୟକାରୀ ହେଉଛି। ଏହି କୌଶଳ ଧାତୁକର୍ମ(ମେଟାଲର୍ଜି)ର ନୂତନ ଓ ଆଗାମୀ ସମ୍ଭାବନାକୁ ସମୃଦ୍ଧ କରିବା ସହିତ ସଂପ୍ରତି ଧାତୁପିଣ୍ଡ(ଓର୍)ରୁ ଧାତବ ନିଷ୍କାସନ ପଦ୍ଧତିକୁ ମଧ୍ୟ ଏକ୍ଷେତ୍ରରେ ଗ୍ରହଣ କରାଯାଇପାରିବ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପକ୍ଷରୁ ୧୨ ଅକ୍ଟୋବର ୨୦୧୮ ସୁଦ୍ଧା ୭୨୬ ଜଣ ଉତ୍ପାଦନକାରୀଙ୍କୁ ୫ ବର୍ଷ ପାଇଁ ଦିଆଯାଇଥିବା ନିର୍ଦ୍ଧାରିତ ସ୍ୱତନ୍ତ୍ର ବର୍ଜ୍ୟ ସଂଗ୍ରହ ଲକ୍ଷ୍ୟ ସଂପର୍କରେ ଇପିଆର ପ୍ରାଧିକରଣରେ ପ୍ରଦର୍ଶିତ ହୋଇଛି। ତେବେ ଦୁର୍ଭାଗ୍ୟଜନକ କଥା ହେଉଛି, ଏହିସବୁ ବର୍ଜ୍ୟ ସୃଷ୍ଟିକାରୀ ସଂସ୍ଥା କିଭଳି କାର୍ଯ୍ୟ ସମ୍ପାଦନ କରୁଛନ୍ତି ତାହାକୁ ତଦାରଖ କରିବା ଲାଗି କୌଣସି ସ୍ୱତନ୍ତ୍ର ଓ ସ୍ୱାଧୀନ ବ୍ୟବସ୍ଥା ପ୍ରସ୍ତୁତ କରାଯାଇପାରିନାହିଁ।

ଖୋଲା ଡମ୍ପିଂୟାର୍ଡରେ ପଡିଥିବା ଇ-ବର୍ଜ୍ୟରୁ ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ ଧାତବ ପଦାର୍ଥ ପାଇବା ଆଶାରେ ପୋଡିବା ତଥା ଜଳାଇବା ଦ୍ୱାରା ଏଥିରୁ ନିର୍ଗତ ଧୂଆଁ ଶିଶୁମାନଙ୍କ ଠାରେ ହୃଦ୍‌ବକ୍ଷ ଓ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ପବନ ମଧ୍ୟ ଏହାର ବିଷାକ୍ତ ଧୂଳିକଣାକୁ ବୋହିନିଏ। ଏହା ମାଟି ଓ ଫସଲ ଜରିଆରେ ଆସି ଖାଦ୍ୟଶୃଙ୍ଖଳରେ ପ୍ରବେଶ କରିଥାଏ। ଫଳରେ ଉଭୟ ମଣିଷ ଓ ପଶୁମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରାଏ। କମ୍ପ୍ୟୁଟରରେ ଥିବା ମଦରବୋର୍ଡରେ ବହୁ ପରିମାଣର ମର୍କ୍ୟୁରୀ(ପାରଦ) ରହିଥାଏ। ଏହି ବର୍ଜ୍ୟକୁ ସଠିକ୍ ରୂପେ ପରିଚାଳନା ନ କରିବା ଦ୍ୱାରା ଏହା ଚର୍ମ ଓ ଶ୍ୱାସପ୍ରଶ୍ୱାସଜନିତ ରୋଗ ସୃଷ୍ଟି କରେ। ପାନୀୟ ଜଳରେ ସୀସା ମିଶିବା ଦ୍ୱାରା ଏହା ମସ୍ତିଷ୍କର କେନ୍ଦ୍ରୀୟ ସ୍ନାୟୁବିକ ସଂସ୍ଥାକୁ ନଷ୍ଟ କରେ।

ଇ-ବର୍ଜ୍ୟର ଏକ ସମବିସ୍ତୃତ ସୂଚୀ ଦେଶବ୍ୟାପୀ ପ୍ରସ୍ତୁତ କରିବା ଲାଗି ସଂପ୍ରତି ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି(ଏମଇଆଇଟି-ୱାଇ) ଏକ ମାର୍ଗଦର୍ଶିକା ବିକଶିତ କରିଛି। ସିପିସିବି ଉପଲବ୍ଧ ସୂଚନାନୁଯାୟୀ, ୨୦୧୭-୧୮ ମସିହାରେ ୬୯,୪୧୪ ମେଟ୍ରିକ୍ ଟନ୍ ଇ-ବର୍ଜ୍ୟ ସଂଗ୍ରହ କରାଯାଇ ନଷ୍ଟ ଓ ପୁର୍ନପ୍ରକ୍ରିୟାକରଣ କରାଯାଉଛି।୧୫ ଜୁଲାଇ ୨୦୧୯ ମସିହାରେ ରାଜ୍ୟସଭାରେ ଇ-ବର୍ଜ୍ୟଜନିତ ପ୍ରଦୂଷଣ ସଂକ୍ରାନ୍ତ ପ୍ରଶ୍ନ ଉପରେ ଉପରୋକ୍ତ ଉତ୍ତର ରଖାଯାଇଥିଲା।

**ଆମାଗୀ ଆହ୍ୱାନ**

ଭାରତରେ ଉତ୍ପନ୍ନ ଇ-ବର୍ଜ୍ୟ ମଧ୍ୟରୁ ମାତ୍ର ୧.୫ ପ୍ରତିଶତ ପୁନଃପ୍ରକ୍ରିୟାକରଣ କରାଯାଇପାରୁଛି। ଇ-ବର୍ଜ୍ୟ ସଂକ୍ରାନ୍ତରେ ସାଧାରଣରେ ସଚେତନତାର ଅଭାବ ଯୋଗୁଁ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ଲାଗି ଏହା ଅଧିକ ସମସ୍ୟା ସୃଷ୍ଟି କରିଛି। ଯେଉଁ ମୂଳ ଧାତୁ ଗୁଡିକ ପୁର୍ନବ୍ୟବହାର କରାଯାଇପାରିବା କଥା ତାହା ମାଟିରେ ମିଶି ଭୂତଳ ଓ ଉପର ଜଳ ଉତ୍ସକୁ ସଂକ୍ରମିତ କରୁଛି। ଇଲେକ୍ଟ୍ରିକ୍ କିମ୍ବା ଇଲେକ୍ଟ୍ରୋନିକ ଯନ୍ତ୍ର/ସାମଗ୍ରୀ ବ୍ୟବହାର କରୁଥିବା ଜଣେ ଗ୍ରାହକ ଏହି ଉତ୍ପାଦ ପରବର୍ତ୍ତୀ ସମୟରେ କିଭଳି ସମସ୍ୟା ସୃଷ୍ଟି କରୁଛି ତାହାକୁ ଜାଣିପାରୁନି। ଏପରିକି ଉତ୍ପାଦନକାରୀ ସଂସ୍ଥା ମଧ୍ୟ ଏହାର ବିପଜ୍ଜନକ ଦିଗ ସଂପର୍କରେ ଗ୍ରାହକଙ୍କୁ ଉତ୍ପାଦର ପ୍ୟାକିଂ ଉପରେ କୌଣସି ସୂଚନା ଦେଉନାହାନ୍ତି। କେବଳ ଉତ୍ପାଦକୁ ବିକ୍ରି କରିବା ଯେମିତି ତାଙ୍କ ପାଇଁ ସବୁକିଛି ପାଲଟିଛି। ଉତ୍ପାଦର ଆୟୁ ସମାପ୍ତି ପରେ ଏହାକୁ କିଭଳି ଓ କେଉଁଠି ଗ୍ରାହକ ଦାଖଲ କରିବ ସେଥିନେଇ କୌଣସି ସୂଚନା ଉଲ୍ଲେଖ ରହୁନି। ଏପରିକି ଗ୍ରାହକଙ୍କର ଉତ୍ତରଦାୟିତ୍ୱ କ'ଣ ତାହା ମଧ୍ୟ ସାମଗ୍ରୀର ପ୍ୟାକିଂ କଭରରେ ଉଲ୍ଲେଖ ରହୁନାହିଁ।

ବୈଷୟିକ ଓ ନୀତିଗତ ହସ୍ତକ୍ଷେପ, ସଠିକ୍ କାର୍ଯ୍ୟାନ୍ୱୟନ, ଦକ୍ଷତା ବିକାଶ ଏବଂ ସାଧାରଣରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବେ ସମୟର ଆବଶ୍ୟକତା। ଏହି ଆହ୍ୱାନକୁ ଆମେ ସୁଯୋଗରେ ରୂପାନ୍ତରିତ କରିପାରିବା। ପରିବେଶଗତ ଓ ବୃତ୍ତିଗତ ସ୍ୱାସ୍ଥ୍ୟ ପ୍ରତି ଅଧିକ ଚିନ୍ତାଶୀଳ ହୋଇ ଏଥିପାଇଁ ଏକ ବିଶ୍ୱସ୍ତରୀୟ ମାନକ ସୃଷ୍ଟି କରିବାକୁ ପଡିବ। ଫଳରେ ଇ-ବର୍ଜ୍ୟ ସଂପର୍କିତ ସମସ୍ୟାର ସମାଧାନ ସହ ଏହାର ଭୟଙ୍କର ଦିଗକୁ ମଧ୍ୟ ରୋକିବା ସମ୍ଭବପର ହୋଇପାରିବ।

**ଲେଖକ ଚଣ୍ଡିଗଡ଼ସ୍ଥିତ ନାବାର୍ଡ କାର୍ଯ୍ୟାଳୟର ଜଣେ ସହଯୋଗୀ ମହାପ୍ରବନ୍ଧକ**
**Email ID: manjula.jaipur@gmail.com**

# କୋଠା ଓ ସଡ଼କ ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକ୍

ଡକ୍ଟର ଅଶୋକ ଜୀ ମାତାନି

ସମୁଦ୍ର ଓ ଆବର୍ଜନାସ୍ଥଳରୁ ପ୍ଲାଷ୍ଟିକ୍ ପରିମାଣ ହ୍ରାସ କରିବା ପାଇଁ ଏହାକୁ ତରଳାଇ ବିଭିନ୍ନ ଉପାଦେୟ ବସ୍ତୁ ନିର୍ମାଣ କରାଯାଇପାରିବ। ଏଥିସହ ଏହାକୁ ସଡ଼କ ନିର୍ମାଣରେ ମଧ୍ୟ ଉପଯୋଗ କରାଯାଇପାରିବ। ପାରମ୍ପରିକ ସଡ଼କ ନିର୍ମାଣ ସାମଗ୍ରୀ ଅପେକ୍ଷା ପ୍ଲାଷ୍ଟିକ୍ ଅଧିକ ଦୀର୍ଘସ୍ଥାୟୀ ଓ ଏହାର କାର୍ବନ ଛାପ ମଧ୍ୟ କମ୍।

୫ ଲକ୍ଷ ବା ତତୂର୍ଦ୍ଧ ଜନସଂଖ୍ୟାବିଶିଷ୍ଟ ସହରର ୫୦ କିଲୋମିଟର ପରିଧି ମଧ୍ୟରେ ସ୍ଥିତ ଜାତୀୟ ରାଜପଥ ଆଦିର ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକ୍ ଉପଯୋଗ କରିବାକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ପାଇଁ କେନ୍ଦ୍ର ସଡ଼କ ଯୋଗାଯୋଗ ଓ ରାଜପଥ ମନ୍ତ୍ରଣାଳୟ ତରଫରୁ ୨୬ ହଜାର ବ୍ୟକ୍ତିଙ୍କୁ ନିୟୋଜିତ କରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ୬୧ ହଜାର ଘଣ୍ଟାର ଶ୍ରମଦାନ କରାଯାଇ ବର୍ଜ୍ୟ ପ୍ଲାଷ୍ଟିକ୍ ସଂଗ୍ରହ କରାଯାଇଛି। ଏଥିରେ ପ୍ରାୟ ୧୮ ହଜାର କିଲୋଗ୍ରାମ୍ ବର୍ଜ୍ୟ ପ୍ଲାଷ୍ଟିକ୍ ସଂଗୃହୀତ ହୋଇଛି। ପ୍ରତି ୧୦ ଟନ୍ ପିଚୁ ଉତ୍ପାଦନରେ ୭୧୪୩୨ଟି ପ୍ଲାଷ୍ଟିକ୍ ବୋତଲ କିମ୍ବା ୪୩୫୫୯୨ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହୃତ ହୁଏ।

ବର୍ଜ୍ୟ ପ୍ଲାଷ୍ଟିକ୍‌ର ଅନେକ କୁପ୍ରଭାବ ପଡ଼େ ଜନଜୀବନ, ଜୀବଜନ୍ତୁ, ଏପରିକି ଉଦ୍ଭିଦ ଜଗତ ଉପରେ ମଧ୍ୟ। ଏକ ଉପଯୋଗୀ ପଦାର୍ଥ ହୋଇ ମଧ୍ୟ ପ୍ଲାଷ୍ଟିକ୍ ତିଆରିରେ ଅନେକ ବିଷାକ୍ତ ବସ୍ତୁ ବ୍ୟବହାର ହୁଏ ଯାହା ମଣିଷର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ଆଉ ମଧ୍ୟ ଏହା ସହଜରେ ମାଟିରେ ମିଶିନଥାଏ। କେବଳ ପରିବେଶ ନୁହଁ, ବରଂ ବିଘଟିତ ପ୍ଲାଷ୍ଟିକ୍ ଖଣ୍ଡଗୁଡ଼ିକ ଯୋଗୁଁ ମାଟି ଓ ଜଳ ମଧ୍ୟ ପ୍ରଦୂଷିତ ହୁଏ।

ବିଶ୍ୱ ଜନସଂଖ୍ୟା ବୃଦ୍ଧି ସହ ବର୍ଜ୍ୟବସ୍ତୁ ପରିମାଣରେ ମଧ୍ୟ ବୃଦ୍ଧି ହୋଇଛି। ବ୍ୟସ୍ତବହୁଳ ଜୀବନରେ ଶୀଘ୍ର ବ୍ୟବହାର ଯୋଗ୍ୟ ସାମଗ୍ରୀର ଚାହିଦା ମଧ୍ୟ ବଢୁଛି। ଆଉ ଏଥିସହ ବଢୁଛି ବର୍ଜ୍ୟ ପ୍ଲାଷ୍ଟିକ୍‌ର ପରିମାଣ ଓ ପ୍ରଦୂଷଣ। ତେଣୁ ପ୍ଲାଷ୍ଟିକ୍‌କୁ ତରଳାଇ ଏହାର ଉପଯୋଗ ହେଉ କିମ୍ବା ସଡ଼କ ନିର୍ମାଣରେ ପୁନଃପ୍ରକ୍ରିୟାକୃତ ବର୍ଜ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର ହେଉ- ଏହାଦ୍ୱାରା ବର୍ଜ୍ୟ ପ୍ଲାଷ୍ଟିକ୍ ପରିମାଣ ହ୍ରାସ ପାଇଁ ପ୍ରଚେଷ୍ଟା ଚାଲିଛି। ଏଥିରେ ନିର୍ମିତ ସଡ଼କର ପ୍ରତିରୋଧଶକ୍ତି ଅଧିକ ଓ ରାସ୍ତାରେ ଖାଲ ଆଦି ନିର୍ମିତ ହେବାର ଆଶଙ୍କା ମଧ୍ୟ କମ୍। ନେଦରଲାଣ୍ଡରେ ସମୁଦ୍ରରୁ ବର୍ଜ୍ୟ ପ୍ଲାଷ୍ଟିକ୍ ସଂଗ୍ରହ କରି ଯେଉଁ ରାସ୍ତା ନିର୍ମାଣ କରାଯାଇଥିଲା ତାହାର ଆୟୁ ପ୍ରାୟ ୫୦ ବର୍ଷ ବା ପାରମ୍ପରିକ ସଡ଼କର ଆୟୁ ଅପେକ୍ଷା ୩ଗୁଣ



ଅଧିକ। ଆଉ ମଧ୍ୟ ଏହା ଅତି ବେଶୀ ଖରା ଓ ଥଣ୍ଡା ଜଳବାୟୁରେ ମଧ୍ୟ କ୍ଷତିଗ୍ରସ୍ତ ହୁଏନାହିଁ। ଇଂଲଣ୍ଡରେ ଏକ କାରଖାନାରେ ସଡ଼କ ତିଆରି ପାଇଁ ବର୍ଜ୍ୟ ପ୍ଲାଷ୍ଟିକ୍ ମିଶ୍ରିତ ପିଚୁ ତିଆରି ହେଉଛି। ଭାରତ ସରକାର ମଧ୍ୟ ସଡ଼କ ନିର୍ମାଣରେ ବର୍ଜ୍ୟ ପ୍ଲାଷ୍ଟିକ୍ ଉପଯୋଗ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।

ନିମ୍ନଲିଖିତ ପ୍ରକାରର ବର୍ଜ୍ୟ ପ୍ଲାଷ୍ଟିକ୍‌କୁ ଗ୍ରାମୀଣ ସଡ଼କ ନିର୍ମାଣ କାର୍ଯ୍ୟରେ ଉପଯୋଗ କରାଯାଇପାରିବ।

- ଫିଲ୍ମ, କ୍ୟାରିବ୍ୟାଗ୍, କପ୍- ଯାହାର ମୋଟାଇ ୬୦ ମାଇକ୍ରନ୍ ପର୍ଯ୍ୟନ୍ତ ଥିବ।
- କଠିନ ଫୋମ୍।
- କୋମଳ ଫୋମ୍ ଓ
- ଲାମିନେଟେଡ୍ ପ୍ଲାଷ୍ଟିକ୍- ଯାହାର ଘନତ୍ୱ ୬୦ ମାଇକ୍ରନ୍‌ରୁ କମ୍ ଥିବ।

ତେବେ କୌଣସିମତେ ମଧ୍ୟ ପିଭିସି-୬ ବ୍ୟବହାର କରିବା ଉଚିତ୍ ନୁହଁ। ପୁନଶ୍ଚଃ ଉପଯୋଗ ହେବାକୁଥିବା ବର୍ଜ୍ୟ ପ୍ଲାଷ୍ଟିକ୍‌ରେ ଧୂଳି ନ ରହିବା କଥା ଓ ସେଗୁଡ଼ିକୁ ୨ରୁ ୩ ମିଲିମିଟର ଆକାର ବିଶିଷ୍ଟ ଖଣ୍ଡରେ ପରିଣତ କରାଯିବା ଉଚିତ୍। କେନ୍ଦ୍ର ସଡ଼କ ଗବେଷଣା ଅନୁଷ୍ଠାନ ଅନୁଯାୟୀ ସେହି ପ୍ଲାଷ୍ଟିକ୍ ଖଣ୍ଡଗୁଡ଼ିକ ୩ ମିଲିମିଟର କଣା ଥିବା ଚାଲୁଣି ଦେଇ ଗଳିଯିବା କଥା।

**ରାସ୍ତା ନିର୍ମାଣ ପଦ୍ଧତି**

କେନ୍ଦ୍ର ସଡ଼କ ଗବେଷଣା ଅନୁଷ୍ଠାନ ଅନୁଯାୟୀ ଏହି ବର୍ଜ୍ୟ ପ୍ଲାଷ୍ଟିକ୍‌ର ପରିମାଣ ବିଟୁମେନ୍ ସହ ସହଜ ମିଶ୍ରଣ ସକାଶେ ୮% ହେବା ଦରକାର। ଏଥିରେ ୬୦/୭୦ କିମ୍ବା ୮୦/୧୦୦ ଗ୍ରେଡ୍‌ର ବିଟୁମେନ୍ ଉପଯୋଗ ହେବା ଦରକାର।

ପଥର ମିଶ୍ରିତ ମିଶ୍ରଣକୁ ଏକ ସିଲିଣ୍ଡରେ ରଖି ତାକୁ ୧୬୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ଗରମ



କରାଯାଏ। ପରେ ଏହି ତତଲା ମିଶ୍ରଣକୁ ଏକ ପାତ୍ରରେ ରଖାଯାଏ। ସେହି ସମୟରେ ନିର୍ଦ୍ଦିଷ୍ଟ ପରିମାଣର ପ୍ଲାଷ୍ଟିକ୍ ଗୁଣ୍ଡ ୩୦ ସେକେଣ୍ଡ ମଧ୍ୟରେ ସେହି ମିଶ୍ରଣ ଉପରେ ବିଞ୍ଚି ଦିଆଯାଏ। ଏହାଦ୍ୱାରା ସେହି ପ୍ଲାଷ୍ଟିକ୍ ଗୁଣ୍ଡ ତରଳିଯାଏ ଓ ମିଶ୍ରଣ ଉପରେ ଏକ ତେଲିଆ ଆସ୍ତରଣ ସୃଷ୍ଟିକରେ। ସେହିପରି ବିଟୁମେନ୍‌କୁ ମଧ୍ୟ ୧୬୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ଗରମ କରାଯାଏ ଓ ପୂର୍ବ କଥିତ ମିଶ୍ରଣ ଉପରେ ଢ଼ଳାଯାଇଥାଏ। ଏହି ମିଶ୍ରଣ ସଡ଼କ ତିଆରି କାର୍ଯ୍ୟରେ ଉପଯୋଗ ହୁଏ। ରାସ୍ତାରେ ଏହି ମିଶ୍ରଣକୁ ବିଛାଇବା ପାଇଁ ଏହାକୁ ୧୧୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ୧୨୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ଗରମ କରାଯାଏ। ଏଥିରେ ୮ ଟନ୍ କ୍ଷମତାବିଶିଷ୍ଟ ରୋଲର୍ ବ୍ୟବହାର ହୁଏ।

**ପରିଣାମ**

ବିଟୁମେନ୍ ସହ ପ୍ଲାଷ୍ଟିକ୍ ମିଶାଇ ସଡ଼କ ନିର୍ମାଣରେ ଉପଯୋଗ କଲେ ସେହି ସଡ଼କ କେବଳ ଯେ ଦୀର୍ଘଦିନ ପର୍ଯ୍ୟନ୍ତ ଠିକ୍ ରହେ ସେକଥା ନୁହଁ, ବରଂ ଏହା ପରିବେଶ ଓ ବ୍ୟୟ ଦୃଷ୍ଟିରୁ ମଧ୍ୟ ଉତ୍ତମ। ଏହାଦ୍ୱାରା ସଡ଼କରେ ପାଣି ପଡ଼ିଲେ ମଧ୍ୟ ସେଥିରେ ଗାତ ସୃଷ୍ଟି ହୁଏନାହିଁ। କାରଣ ପ୍ଲାଷ୍ଟିକ୍ ଥିବାଯୋଗୁଁ ସଡ଼କରେ ଛିଦ୍ର ହେବାର ସମ୍ଭାବନା କମ୍ ଥାଏ ଓ ସିପେଜ୍ ନହେବା ଦ୍ୱାରା ସଡ଼କ ମସୃଣ ରହେ ଓ ଟାଣ ମଧ୍ୟ ରହିଥାଏ।

ବର୍ତ୍ତମାନ ସମୟରେ ଆମେ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍‌ମୁକ୍ତ ହୋଇପାରିବା ନାହିଁ। କାରଣ ପ୍ଲାଷ୍ଟିକ୍‌କୁ ବିଭିନ୍ନ ଭାବରେ ଉପଯୋଗ କରାଯାଉଛି। ତେବେ ବିଜ୍ଞାନ ଓ ଭେଷଜ ବିଜ୍ଞାନ କ୍ଷେତ୍ରରେ ପ୍ଲାଷ୍ଟିକ୍‌ର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଙ୍ଗ ପ୍ରତ୍ୟାରୋପଣ, ଆଧୁନିକ ହାଲୁକା ବିମାନ ନିର୍ମାଣ ଓ ନବୀକରଣୀୟ ଶକ୍ତି ଉତ୍ପାଦନ ଆଦି କାର୍ଯ୍ୟରେ ପ୍ଲାଷ୍ଟିକ୍‌ର ସଫଳ ଉପଯୋଗ କରାଯାଇପାରୁଛି।

ଭାରତ ସରକାରଙ୍କ 'ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ' ଅଧିନରେ ସଚେତନତା ସୃଷ୍ଟି କରାଯିବା ସହ ରାଜପଥ ଓ ଟୋଲ୍ ପ୍ଲାଜା ସଫେଇ କାର୍ଯ୍ୟକ୍ରମ କରାଯାଉଛି ଓ ବର୍ଜ୍ୟ ପ୍ଲାଷ୍ଟିକ୍ ସଂଗ୍ରହ କରାଯାଉଛି। ପ୍ଲାଷ୍ଟିକ୍ ପାଣି ବୋତଲର ବ୍ୟବହାରକୁ ହତୋତ୍ସାହିତ କରାଯାଇ ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ ଝୋଟ ବା କପଡ଼ା ବ୍ୟାଗ୍ ବ୍ୟବହାର କରିବାକୁ କୁହାଯାଉଛି। ଦିଲ୍ଲୀସ୍ଥିତ ଜାତୀୟ ରାଜପଥ-୪୮ର ଧଉଲାକୂଆଁ ପାଖରେ ସଡ଼କର ଏକ ଅଂଶକୁ ବର୍ଜ୍ୟ ପ୍ଲାଷ୍ଟିକ୍‌ରେ ନିର୍ମାଣ କରାଯାଇଛି। ସେହିପରି ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ୱେ ଓ ଗୁରୁଗ୍ରାମ୍-ସୋହନା ରାସ୍ତା ମଧ୍ୟ ବର୍ଜ୍ୟ ପ୍ଲାଷ୍ଟିକ୍‌ରେ ନିର୍ମାଣ କରିବାକୁ ସ୍ଥିରୀକୃତ ହୋଇଛି।

ଭବିଷ୍ୟତରେ ମଧ୍ୟ ପ୍ଲାଷ୍ଟିକ୍ ଆମ ପାଇଁ ବେଶ୍ ଉପାଦେୟ ପ୍ରମାଣିତ ହେବ। କିନ୍ତୁ ବର୍ତ୍ତମାନ ଯେଉଁଳି ଭାବରେ ପ୍ଲାଷ୍ଟିକ୍‌ର ଉତ୍ପାଦନ ଓ ଉପଯୋଗ କରାଯାଉଛି ତାହା ବିଶେଷ ଧାରଣକ୍ଷମ ନୁହଁ। ତେଣୁ ଏଥିପ୍ରତି ଅଧିକ ସଚେତନତ ହୋଇ ମଣିଷର ସ୍ୱାସ୍ଥ୍ୟ ଓ ପରିବେଶକୁ ଧ୍ୟାନରେ ରଖି ଆମକୁ ପ୍ଲାଷ୍ଟିକ୍‌ର ଉପଯୋଗ ଓ ବର୍ଜ୍ୟ ପ୍ଲାଷ୍ଟିକ୍‌ର ପ୍ରକ୍ରିୟାକରଣ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ।

ଲେଖକ ହେଉଛନ୍ତି ମହାରାଷ୍ଟ୍ର ଅମରାବତୀସ୍ଥିତ ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରାଧ୍ୟାପକ
Email ID: dragmatani@gmail.com

## ସାମ୍ପ୍ରତୀକି

# ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ



ଓଡିଆ ଜାତି କାହା ଦୟାରେ ନୁହଁ ଲଢେଇ କରି ସ୍ୱୀକୃତି ପାଇବ ବୋଲି ଗତ ଡିସେମ୍ବର ୮ ତାରିଖରେ ଖୋର୍ଦ୍ଧା ବରୁଣେଇ ଠାରେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ଦ୍ୱାରା ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ ହେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପାଇକ ବିଦ୍ରୋହର ସ୍ମୃତିକୁ ଅମର କରି ରଖିବା ପାଇଁ ଖୋର୍ଦ୍ଧାର ଅନତିଦୂରରେ ଥିବା ବରୁଣେଇ ଠାରେ ଏକ ଭବ୍ୟ ସ୍ମାରକ ନିର୍ମାଣ ପାଇଁ ମୋଦି ସରକାର ୨୦୧୭ ମସିହାରେ ଘୋଷଣା କରିଥିଲେ। ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ପାଇକ ବିଦ୍ରୋହର ସଂଗ୍ରାମୀ ପୀଠ ବରୁଣେଇରେ ପାଇକ ବିଦ୍ରୋହର କର୍ଣ୍ଣଧାରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶ୍ରୀ ମୋଦି ପାଇକ ବିଦ୍ରୋହର ୨ ଶତାବ୍ଦୀ ପାଳନ ନାଁରେ ବରେଣ୍ୟ ପାଇକ ବୀରଗଣଙ୍କ ବଂଶଧରଙ୍କୁ ସମ୍ବର୍ଦ୍ଧିତ କରି ରାଷ୍ଟ୍ରୀୟ ସ୍ତରରେ ସମ୍ମାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପାଇକ ବିଦ୍ରୋହ ସ୍ମାରକ ମୁଦ୍ରା, ସ୍ମାରକ ଡାକ ଟିକେଟ୍ ଉନ୍ମୋଚନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ କୋଟି ଟଙ୍କା ବ୍ୟୟରେ ବକ୍ସି ଜଗବନ୍ଧୁ ଚେୟାରକୁ ଆରମ୍ଭ କରି ପାଇକ ବିଦ୍ରୋହକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୧୭ ମସିହାର ତତ୍କାଳୀନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦ୍‌ଘାଟନ କରି ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ-ଉଦଘୋଷଣାର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ । ଏତଦବ୍ୟତିତ, କେନ୍ଦ୍ର ସଂସ୍କୃତି ବିଭାଗ ନେତୃତ୍ୱରେ ଶୌର୍ଯ୍ୟ ପୂର୍ଣ୍ଣ ପାଇକ ବିଦ୍ରୋହକୁ 'ଏନ୍‌ସିଇଆରଟି'ର ପାଠ୍ୟ ପୁସ୍ତକରେ ସମ୍ମିଳିତ କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୮୦୩ ମସିହାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡିଶା ଉପରେ କବଜା କଲା । ଏହି ସମୟରେ ବାଳୁତ ରାଜା ମୁକୁନ୍ଦ ଦେବଙ୍କର ଅଭିଭାବକ ଜୟୀ ରାଜଗୁରୁ ଯୁଦ୍ଧର ରାସ୍ତାକୁ ଓହ୍ଲାଇଲେ। ଜୟୀ ରାଜଗୁରୁଙ୍କ ସହିତ ଓଡିଆ ବୀରମାନେ ବ୍ରିଟିଶ ଓଡିଶାରେ ପାଦ ଦେଉ ଦେଉ ତାଙ୍କର ଆସ୍ଥାନକୁ ଦୋହଲାଇ ଦେଇଥିଲେ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ବରୁଣେଇ ପାହାଡର ପାଦଦେଶରେ ଏହି ସ୍ମାରକୀର ଶୁଭାରମ୍ଭ ହୋଇଯାଇଛି । ଏହି ସ୍ମାରକୀ ଓଡିଆ ଜାତିର ବିଜୟଗାଥାକୁ ବିଶ୍ୱରେ ପ୍ରତିପାଦିତ କରିବ।

# ଓଡିଶା ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍‌କୁ ସାକ୍ଷାତ୍ କଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଜାତୀୟ ମହିଳା ଦୃଷ୍ଟିହୀନ ଟି-ଟ୍ୱେଂଟି କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲରେ ବିଜୟ ହାସଲ କରିବା ଅବସରରେ ଗତ ଡିସେମ୍ବର ୧୯ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶା ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍‌କୁ ନୂଆଦିଲ୍ଲୀ ସ୍ଥିତ ବସଭବନରେ ସାକ୍ଷାତ୍ କରି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଓଡିଶା ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମର ସଦସ୍ୟଙ୍କୁ ସାକ୍ଷାତ୍ କରି ଆନନ୍ଦିତ। ଜାତୀୟ ମହିଳା ଦୃଷ୍ଟିହୀନ ଟି-ଟ୍ୱେଂଟି କ୍ରିକେଟ୍ ପ୍ରତିଯୋଗୀତା ଫାଇନାଲରେ ଓଡିଶା ଦଳ ଜିତିଥିବାରୁ ଅଭିନନ୍ଦନ । ଦୃଢ ଇଚ୍ଛାଶକ୍ତି ଓ ସାହସ ଥିଲେ ସଫଳତାର ମାର୍ଗରେ କୌଣସି ବାଧା ଉପୁଜିବ ନାହିଁ, ଏହି ଝିଅମାନେ ତାହା ପ୍ରମାଣିତ କରିଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟରରେ ଉଲ୍ଲେଖ କରିଛନ୍ତି।

### ଆପଣ ଜାଣନ୍ତି କି ?

# ଭାରତର ବ୍ୟାଘ୍ର କରିଡର

ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ଭାରତୀୟ ଜୀବଜନ୍ତୁ ଅନୁଷ୍ଠାନ ମିଳିତ ଭାବେ ତଥ୍ୟାବଳୀ ପ୍ରକାଶ କରିଛନ୍ତି। 'ଦୀର୍ଘସୂତ୍ରୀ ସଂରକ୍ଷଣ ପାଇଁ ବ୍ୟାଘ୍ର ଜନସଂଖ୍ୟା ସଂଯୁକ୍ତିକରଣ' ନାମରେ ପ୍ରକାଶିତ ଏହି ରିପୋର୍ଟରେ ଦେଶର ୩୨ଟି ବାଘ ଯାତାୟତ କ୍ଷେତ୍ର ସମ୍ପର୍କରେ ତଥ୍ୟ ରହିଛି। ବନ୍ୟଜନ୍ତୁ(ସଂରକ୍ଷଣ) ଅଧିନିୟମ ୧୯୭୨ର ଉପଖଣ୍ଡ ୨୯(୫) ଅଧିନରେ ବ୍ୟାଘ୍ର ସଂରକ୍ଷଣ ଯୋଜନା ଦ୍ୱାରା ଏହି କରିଡରଗୁଡ଼ିକର ପରିଚାଳନା କରାଯାଇଥାଏ।

| ଅଞ୍ଚଳ | ଅଭୟାରଣ୍ୟ/ବ୍ୟାଘ୍ର ଯାତାୟତ ପଥ | ରାଜ୍ୟ/ଦେଶ |
|---|---|---|
| ଶିବଲିକ୍ ପର୍ବତ ଏବଂ ଗାଙ୍ଗେଟିକ୍ ପ୍ଲେନ୍ସ | (କ) ରାଜାଜି- କର୍ବେଟ୍ | ଉତ୍ତରାଖଣ୍ଡ |
| | (ଖ) କର୍ବେଟ୍-ଦୁଧ୍ୱା | ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ନେପାଳ |
| | (ଗ) ଦୁଧ୍ୱା-କିଶନପୁର-କାଟେରିନାଘାଟ୍ | ଉତ୍ତର ପ୍ରଦେଶ, ନେପାଳ |
| ମଧ୍ୟ ଭାରତ ଓ ପୂର୍ବଘାଟ | (କ) ରାନ୍ଥାମ୍ବୋଭୋର-କୁନୋ-ମାଧବ | ମଧ୍ୟ ପ୍ରଦେଶ, ରାଜସ୍ଥାନ |
| | (ଖ) ବାନ୍ଧବଗଡ଼-ଅଚାନକମାର | ମଧ୍ୟ ପ୍ରଦେଶ, ଛତିଶଗଡ଼ |
| | (ଗ) ବାନ୍ଧବଗଡ଼-ସଞ୍ଜୟ ଡୁବ୍ରି-ଗୁରୁ ଘାସିଦାସ | ମଧ୍ୟ ପ୍ରଦେଶ |
| | (ଙ) ଗୁରୁ ଘାସିଦାସ- ପାଲାମାଉ-ଲଓ୍ୱାଲଙ୍ଗ | ଛତିଶଗଡ଼ ଓ ଝାଡ଼ଖଣ୍ଡ |
| | (ଚ) କାହ୍ନା-ଅଚାନକମାର | ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର |
| | (ଛ) ପେଞ୍ଚ-ସାତପୁରା-ମେଲଘାଟ | ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର |
| | (ଜ) କାହ୍ନା-ନାଭେଗାଓଁ ନାଗଜିରା-ତାଡୋବା-ଇନ୍ଦ୍ରାବତୀ | ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ |
| | (ଙ) ଇନ୍ଦ୍ରାବତୀ-ଉଦନ୍ତି ସୀତାନଦୀ-ସୁନାବେଡ଼ା | ଛତିଶଗଡ଼, ଓଡ଼ିଶା |
| | (ଞ) ଶିମିଳିପାଳ-ସାତକୋଶିଆ | ଓଡ଼ିଶା |
| | (ଟ) ନାଗାର୍ଜୁନସାଗର-ଶ୍ରୀ ଭେଙ୍କେଟେଶ୍ୱର ନ୍ୟାସ୍‌ନାଲ୍ ପାର୍କ | ଆନ୍ଧ୍ର ପ୍ରଦେଶ |
| ପଶ୍ଚିମଘାଟ | (କ) ସାୟାଦ୍ରୀ-ରାଧାନଗରୀ-ଗୋଆ | ମହାରାଷ୍ଟ୍ର, ଗୋଆ |
| | (ଖ) ଦନ୍ଦେଲି ଅନ୍‌ସି-ଶ୍ରଭାଥ୍ ଭ୍ୟାଲି | କର୍ଣ୍ଣାଟକ |
| | (ଗ) କୁଦ୍ରେମୁଖ-ଭଦ୍ରା | କର୍ଣ୍ଣାଟକ |
| | (ଘ) ନାଗରହୋଲ-ପୁଷ୍ପଗିରି-ତାଲକାଭେରୀ | କର୍ଣ୍ଣାଟକ |
| | (ଙ) ନାଗରହୋଲ-ବନ୍ଦିପୁର-ମୁଡୁମଲାଇ-ୱାଏନାଡ | କର୍ଣ୍ଣାଟକ, କେରଳ, ତାମିଲନାଡୁ |
| | (ଚ) ନାଗରହୋଲ-ମୁଡୁମଲାଇ-ୱାଏନାଡ | କର୍ଣ୍ଣାଟକ, କେରଳ, ତାମିଲନାଡୁ |
| | (ଛ) ପରମବିକୁଲମ-ଏର୍ଣ୍ଣକୁଲମ-ଇନ୍ଦିରା ଗାନ୍ଧୀ | କେରଳ, ତାମିଲନାଡୁ |
| | (ଜ) କାଲକଡ଼ ମୁଣ୍ଡନାଥୁରାଇ-ପେରିୟର | କେରଳ, ତାମିଲନାଡୁ |
| ଉତ୍ତର-ପୂର୍ବାଞ୍ଚଳ | (କ) କାଜିରଙ୍ଗା-ଇଟାନଗର ଡବ୍ଲୁଏଲ୍‌ଏସ୍ | ଆସାମ, ଅରୁଣାଚଳ ପ୍ରଦେଶ |
| | (ଖ) କାଜିରଙ୍ଗା-କାର୍ବି ଆଙ୍ଗଲଙ୍ଗ | ଆସାମ |
| | (ଗ) କାଜିରଙ୍ଗା-ନାମେରି | ଆସାମ |
| | (ଘ) କାଜିରଙ୍ଗ-ଓରାଙ୍ଗ | ଆସାମ |
| | (ଙ) କାଜିରଙ୍ଗା-ପାପୁମ୍ ପାନେ | ଆସାମ |
| | (ଚ) ମାନସ-ବୁକ୍ସା | ଆସାମ, ପଶ୍ଚିମବଙ୍ଗ, ଭୂଟାନ |
| | (ଛ) ପାକ୍କେ-ନାମେରି-ସୋନାଇ ରୂପେଇ-ମାନସ | ଆରୁଣାଚଳ ପ୍ରଦେଶ, ଆସାମ |
| | (ଜ) ଡିବ୍ରୁ ସାଇଖୋଓ୍ୱା-ଡି'ଇରିଙ୍ଗ-ମେହଓଙ୍ଗ | ଆସାମ, ଅରୁଣାଚଳ ପ୍ରଦେଶ |
| | (ଝ) କମଲାଙ୍ଗ-କେନ-ଟେଲ୍ ଭ୍ୟାଲି | ଅରୁଣାଚଳ ପ୍ରଦେଶ |
| | (ଞ) ବୁକ୍ସା-ଜଳଦାପାରା | ପଶ୍ଚିମବଙ୍ଗ |

# ଭାରତର ବ୍ୟାଘ୍ର କରିଡର



ଏତଦ୍‌ବ୍ୟତୀତ ମଣିଷ-ବାଘ ଦ୍ୱନ୍ଦ୍ୱାତ୍ମକ ସମ୍ପର୍କର ପରିଚାଳନା ପାଇଁ ତିନିମୁଖୀ ରଣନୀତିର ପ୍ରସ୍ତାବ ରହିଛି:-

୧. ବସ୍ତୁ ଓ ଅନ୍ୟାନ୍ୟ ସୁବିଧା- ଦେଶର ବିଭିନ୍ନ ବ୍ୟାଘ୍ର ଅଭୟାରଣ୍ୟଗୁଡ଼ିକୁ କେନ୍ଦ୍ର ପ୍ରାୟୋଜିତ ବ୍ୟାଘ୍ର ପ୍ରକଳ୍ପ ଜରିଆରେ ଆର୍ଥିକ ସମ୍ବଳ ଯୋଗାଇ ଦିଆଯାଏ। ଏହି ସମ୍ବଳକୁ ପ୍ରକଳ୍ପ ପରିଚାଳନା, ଭିତ୍ତିଭୂମି ନିର୍ମାଣ, ଜନସଚେତନତା ସୃଷ୍ଟି, କ୍ଷତିପୂରଣ ଓ ନିଶ୍ଚେତକ ଉପକରଣ, ଔଷଧ, ପ୍ରଶିକ୍ଷଣ ଓ କ୍ଷମତା ବୃଦ୍ଧି ଆଦି କାର୍ଯ୍ୟରେ ବିନିଯୋଗ କରାଯାଇଥାଏ। ଏହି ସମ୍ବଳ ପାଇବା ପାଇଁ ଟାଇଗର ରିଜର୍ଭ ଦ୍ୱାରା ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥାଏ।

୨. ବାଘ ରହୁଥିବା ଅଞ୍ଚଳରେ ହସ୍ତକ୍ଷେପ ହ୍ରାସ- ଏହା ଦ୍ୱାରା ବାଘ ଓ ମଣିଷ ଭିତରେ ଦ୍ୱନ୍ଦ୍ୱ ହ୍ରାସ ପାଇଁ ପ୍ରଚେଷ୍ଟା କରାଯାଏ।

୩. ମାନକ କାର୍ଯ୍ୟପ୍ରଣାଳୀ- ଏହା ଜନସାଧାରଣଙ୍କ ଗୋଚରାର୍ଥେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଦ୍ୱାରା ଜାରି କରାଯାଇଛି-

(କ) ମଣିଷ ରହୁଥିବା ଅଞ୍ଚଳକୁ ବାଘ ପଶିଆସିବାଜନିତ ଆପାତଃକାଳୀନ ପରିସ୍ଥିତିର ମୁକାବିଲା।

(ଖ) ଗୃହପାଳିତ ଗୋରୁଗାଈ ଆଦିଙ୍କ ଉପରେ ବାଘ ଆକ୍ରମଣ ଘଟଣା ହ୍ରାସ।

(ଗ) ବ୍ୟାଘ୍ର ପୁନଃ ଥଇଥାନ କାର୍ଯ୍ୟକ୍ରମ।

ପ୍ରାଧିକରଣ ଦ୍ୱାରା ନାନାବିଧ ପରିବେଶ ଅନୁକୂଳ ପଦକ୍ଷେପ ମଧ୍ୟ ନିଆଯାଇଥାଏ। ଏଥିରେ ଭାରତୀୟ ରେଳବାଇର ଟ୍ରାଫିକ୍ ସେବା, ଶିକ୍ଷାନବୀସ, ଜାତୀୟ ରାଜପଥ ପ୍ରାଧିକରଣ କର୍ମଚାରୀ ଓ ଭାରତୀୟ ରେଳବାଇ ଯନ୍ତ୍ରୀମାନଙ୍କୁ ସଚେତନ କରାଯାଇଥାଏ। ଏହାଫଳରେ ବାଘ ଯାତାୟତ କ୍ଷେତ୍ର ଦେଇ ଗମନାଗମନ କଲାବେଳେ ସେମାନେ ବାଘଙ୍କ ସୁରକ୍ଷା ଓ ସୁବିଧା ପ୍ରତି ଧ୍ୟାନ ଦେବେ।

ବ୍ୟାଘ୍ର ପ୍ରକଳ୍ପ ଅଧୀନରେ ୨୦୧୬-୧୭ରେ ୩୭୦ କୋଟି, ୨୦୧୭-୧୮ରେ ୨୪୫ କୋଟି ଓ ୨୦୧୮-୧୯ରେ ୩୫୦ କୋଟି ଏବଂ ଚଳିତ ଆର୍ଥିକ ବର୍ଷ ୩୫୦ କୋଟି ଟଙ୍କା ଆବଣ୍ଟିତ ହୋଇଛି।

***(ଉତ୍ସ: ପତ୍ର ସୂଚନା କାର୍ଯ୍ୟାଳୟ)***



YOJANA (Odia) : Monthly | January 2020 | RNI No. 57203/93
ISSN 0971-8346 | Total Number of Pages (56)


# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା

## "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

## ଗ୍ରାହକ ଦେୟ ପଠାଇବା ଠିକଣା:

Advertisement & Circulation Manager, YOJANA
Publications Division, Min. of I & B,
Soochna Bhawan, Room 48-53, CGO Complex, Lodi Road, New Delhi - 110003
The Subscription may by sent through IPO/MO or Bank Draft in favour of the
"Director, Publications Division, Ministry of Information & Broadcasting, New Delhi"


Printed and Published by K. Syama Prasad, Director General, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: M/s MGK Printing Works Pvt. Ltd. MGK House, 14, Rama Road, Nazafgarh Road Industrial Area, New Delhi-110015
Editor : Dr. Girish Chandra Dash